# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ (୨୦ପୃଷ୍ଠା) Sambalpur, Friday, January 10 / 2020 ★★

୧୬ଶ ଭାଗ ୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-








**ବରଗଡ଼ ଧନୁଯାତ୍ରା ମହୋତ୍ସବ**

# ନିଶା ଅଭିନୟ, ଜୀବନ ଜୀବିକା ଭିନ୍ନ

**ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଳାକାରଙ୍କ କଳନା ନାହିଁ। ଏଠାରେ କେବଳ ମଞ୍ଚରେ ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଅଭିନେତାମାନେ ଜଣେ ଜଣେ କଳାକାର ତାହା ନୁହେଁ ବରଂ ବରଗଡ଼ ବାହାରୁ ଆସୁଥିବା ପର୍ଯ୍ୟଟକ କଳାକାର ପାଲଟି ଯାଇଥାନ୍ତି। ୧୧ଦିନ ଧରି ନିଜ ଗାଁ, ପରିବାର ଛାଡ଼ି ସିଧାସଳଖ ଧନୁଯାତ୍ରା ଖୋଲାମଞ୍ଚକୁ ଆସି ଅଭିନୟରେ ସମର୍ପିତ କଳାକାରଙ୍କ ଭୂମିକା ସବୁଠାରୁ ଆଗରେ। ସେମାନେ ଜଣେ ଜଣେ ଧନୁଯାତ୍ରା କଳାକାର, ଅଭିନୟ ସେମାନଙ୍କର ନିଶା। ହେଲେ ଜୀବିକା ଭିନ୍ନ। ଏଭଳି କିଛି କଳାକାରଙ୍କୁ ଆମେ ଗୁରୁବାର ଭେଟିଥିଲୁ।**



ବରଗଡ଼ ବ୍ଲକ ଖଣ୍ଡହଥା ଗ୍ରାମର ବାସିନ୍ଦା। ସ୍ଥାନୀୟ ଶୈବାଳୟରେ ପୂଜାର୍ଚ୍ଚନା କରେ। ସେହିପରି ଚାଷବାସ ମଧ୍ୟ ଅଛି। ଧନୁଯାତ୍ରାରେ କଂସଙ୍କ ମହାମନ୍ତ୍ରୀ ଅନାଧୃଷ୍ଟ ଭାବେ ଅଭିନୟ କରୁଛି। ଏଠାରେ ଦୀର୍ଘ ୨୯ବର୍ଷ ହେଲା ଅଭିନୟ କରି ଆସୁଛି। ବିଶ୍ୱପ୍ରସିଦ୍ଧ ଏହି ଖୋଲାମଞ୍ଚରେ ଏଭଳି ଅଭିନୟର ସୁଯୋଗ ନିଶ୍ଚିତ ଭାବେ ମୋର ମାନସ ପଟରେ ସ୍ମୃତି ହୋଇ ରହିବ।

**ନନ୍ଦିଘୋଷ ମହାପାତ୍ର**



ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ପଣ୍ଡରୀପାଣିରେ ଘର। ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ପଦାର୍ଥ ବିଜ୍ଞାନର ଡେମନଷ୍ଟ୍ରେଟର ଭାବେ କାମ କରୁଛି। ୨୦୧୪ରୁ ଏଠାରେ କଂସଙ୍କ ମହାମନ୍ତ୍ରୀ ଶକ୍ରାଜିତ ଚରିତ୍ରରେ ଅଭିନୟ କରିଆସୁଛି। ଏହା ପୂର୍ବରୁ ଉଗ୍ରସେନ, କଳିଙ୍ଗ ସମ୍ରାଟ ବଜ୍ରସେନ, ନାରଦ ଆଦି ଭୂମିକାରେ ଏଠି ଅଭିନୟ କରିଛି । ବରଗଡ଼ ଧନୁଯାତ୍ରାରେ ଦୀର୍ଘ ୨୦ବର୍ଷ ହେଲା ଅଭିନୟ କରିବାର ଯେଉଁ ସୁଯୋଗ ମିଳିଛି।

**ପ୍ରଦୀପ କୁମାର ପଣ୍ଡା**



ବୌଦ୍ଧ ଜିଲା ବାଉଁଶୁଣୀରେ ଘର। ବୌଦ୍ଧ ଏନଏସି ଅଫିସରେ ଅମିନ ପଦବୀରେ ରହିଛି। ୨ବର୍ଷ ହେଲା ବରଗଡ଼ ଧନୁଯାତ୍ରାରେ ସାମିଲ ହୋଇଛି। ଏଥର କଂସଙ୍କ ସେନାପତି ଚନ୍ଦ୍ରକେତୁ ଭୂମିକାରେ ଅଭିନୟ କରୁଛି। ଏହାବାଦ ଗାଁ ରାମଲୀଳା, ଫୁଲବାଣୀରେ ରାବଣ ସମେତ ବିଭିନ୍ନ ଜିଲାର ଉତ୍ସବରେ ଜରାସନ୍ଧ, ରାଜନ୍ୟମଣ୍ଡଳୀର ରାଜା ଭୂମିକାରେ ଅଭିନୟ କରିଛି। ପିଲାବେଳୁ ଅଭିନୟ ପ୍ରତି ରଚି ରହିଥିଲା।

**ସଂଗ୍ରାମ ଦେହୁରୀ**



ବରଗଡ଼ ଜିଲା ଧିରପୁର ଗ୍ରାମରେ ଘର। ବରପାଲିର ଲିଟିଲ ଏଞ୍ଜେଲ ସ୍କୁଲରେ ଶିକ୍ଷକତା କରେ। ୨ବର୍ଷ ହେଲା ବରଗଡ଼ ଧନୁଯାତ୍ରାରେ ସେନାପତି ବଜ୍ରଦ୍ରଷ୍ଟା ଭୂମିକାରେ ଅଭିନୟ କରି ଆସୁଛି। ୧୨ବର୍ଷ ହେଲା ଡ୍ରାମାରେ ଅଭିନୟ କରିଆସୁଥିବାବେଳେ ସେଥିରେ ନିର୍ଦ୍ଦେଶନା ମଧ୍ୟ ଦେଇଛି। ଶିକ୍ଷକତା ଓ ଅଭିନୟ ଅଲଗା। ହେଲେ ଅଭିନୟରୁ ଯେଉଁ ଖୁସି ମିଳେ, ତାହା ଅବର୍ଣ୍ଣନୀୟ।

**ଅନୁପମ ଗଡ଼ତିଆ**



ବରଗଡ଼ ଜିଲା ବରପାଲିର ବାସିନ୍ଦା। ଫଟୋଗ୍ରାଫି ମୋର ପେଷା ହୋଇଥିବା ବେଳେ ଅଭିନୟ ନିଶା ଅଟେ। ବରଗଡ଼ ଧନୁଯାତ୍ରାରେ ୮ବର୍ଷ ହେଲା ପ୍ରଦ୍ୟୁତ ଭୂମିକାରେ ଅଭିନୟ କରି ଆସୁଛି। ବିଜେପୁରରେ ରାବଣ, ବରପାଲିରେ ତାରକାସୁର ଚରିତ୍ରରେ ଅଭିନୟ କରିଥିବାବେଳେ ଅନ୍ୟ ସ୍ଥାନରେ କଂସ ଅଭିନୟ କରିଛି। କିନ୍ତୁ ବରଗଡ଼ ଧନୁଯାତ୍ରାର ଅଭିନୟରୁ ସବୁଠୁ ଅଧିକ ଖୁସି ମିଳିଥାଏ।

**ଗୋଲାପ ଚନ୍ଦ୍ର ଦାଶ**



ବରଗଡ଼ ସହରରେ ଘର। ସ୍ଥାନୀୟ ଟ୍ରଷ୍ଟଫଣ୍ଡ କଲେଜ ଇତିହାସ ବିଭାଗର ଅଧ୍ୟାପକ। ବରଗଡ଼ ଧନୁଯାତ୍ରାରେ ବିଦୂଷକ ଭୂମିକାରେ ଅଭିନୟ କରି ଆସୁଛି । ଧନୁଯାତ୍ରା କଳାକାର ଉପଦେଷ୍ଟା ସମନ୍ୱୟ ସମିତିର ସହ ଉପଦେଷ୍ଟା ମଧ୍ୟ ରହିଛି। ନିଜେ ଅଭିନୟ କରିବା ସହିତ ଅନ୍ୟ କଳାକରଙ୍କୁ ଦିଗ୍‌ଦର୍ଶନ ଦେଉଛି।

**ଅଶୋକ କୁମାର ବେହେରା**



ସୋନପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମରେ ଘର। ଜୀବିକା କହିଲେ ଜଣେ ରେଜିଷ୍ଟର୍ଡ଼ ମେଡ଼ିକାଲ ପ୍ରାକ୍ଟିଶନର(ଆରଏମପି)। ଗତ ୨ବର୍ଷ ହେଲା ଏଠାରେ ନାରଦ ଭୂମିକାରେ ଅଭିନୟ କରିଆସୁଛି । ଏହା ସହିତ ସଂକୀର୍ତ୍ତନ, ଭଜନ ଗାଇବା ମଧ୍ୟ ମୋର ନିଶା। ଅନ୍ୟ ସ୍ଥାନରେ ଅକ୍ରୂର ଭୂମିକାରେ ମଧ୍ୟ ଅଭିନୟ କରିଛି। ମାତ୍ର ବରଗଡ଼ ଧନୁଯାତ୍ରା ଅଭିନୟର ଅନୁଭୂତି ସବୁଠୁ ଅଲଗା।

**ଜଗନ୍ନାଥ ସାହୁ**



ବରଗଡ଼ ବ୍ଲକ ଜମୁର୍ଡ଼ା ଗ୍ରାମରେ ଘର। ଚାଷ ହିଁ ମୋର ଜୀବିକା। କଂସ ମହାରାଜଙ୍କ ପ୍ରଧାନ ସେନାପତି ହଂସଧ୍ୱଜ ଭୂମିକାରେ ଅଭିନୟ କରିଆସୁଛି। ଅନ୍ୟଆଡ଼େ କଂସ, ଜଳନ୍ଧର, ରାବଣ, ଶଙ୍ଖାସୁର, ତାରକାସୁର, ମହିଷାସୁର ଚରିତ୍ରରେ ଅଭିନୟ କରିଛି। ବରଗଡ଼ ଧନୁଯାତ୍ରାରେ ଦୀର୍ଘ ୧୨ବର୍ଷ ହେଲା ଅଭିୟନ କରିବାର ସୁଯୋଗ ପାଇଛି । ଆଗକୁ ଏଠାରେ ଅଭିନୟ ସୁଯୋଗ ମିଳିବ ବୋଲି ଆଶା ରଖିଛି।

**ବୃନ୍ଦାବନ ପ୍ରଧାନ**



ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁରେ ଘର। ଚାଷବାସ ମୋର ଜୀବିକା। ଏଥର ପ୍ରଥମଥର ପାଇଁ ଧନୁଯାତ୍ରାରେ ଅଭିନୟର ସୁଯୋଗ ମିଳିଛି। ଏହା ପୂର୍ବରୁ ବନ୍ଧବାହାଲ, ଅରିଗା ଆସି ସ୍ଥାନରେ ଅନୁଷ୍ଠିତ ଧନୁଯାତ୍ରାରେ ଅଭିନୟ କରିଛି। ହେଲେ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଥିବା ଧନୁଯାତ୍ରାରେ ପ୍ରଥମଥର ଅଭିନୟର ସୁଯୋଗ ପାଇ ବହୁତ ଖୁସି ଅଛି। ସୁଯୋଗ ମିଳିଲେ ଆଗକୁ ମଧ୍ୟ ଏଠାକୁ ଅଭିନୟ ପାଇଁ ଆସିବି।

**ହରିହର ଭୁଏ**

**(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)**


A Well Wisher

HAPPY DHANUYATRA & HAPPY NEW YEAR -2020



ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା, ପୌଷ ପୂର୍ଣ୍ଣିମା ନବବର୍ଷରେ ହାର୍ଦ୍ଦିକ ଅଭିନନ୍ଦନ।

ସଚେତନତା ମାଧ୍ୟମରେ ଦୁର୍ଘଟଣା ରୋକାଯାଇ ପାରିବ।

ପଦ୍ମଲୋଚନ ଭୋସାଗର

ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ

ନିୟନ୍ତ୍ରିତ ବଜାର କମିଟି, ବରଗଡ଼
R.M.C., BARGARH

ଏତଦ୍ୱାରା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ପୂର୍ବକ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୯-୨୦ ବର୍ଷର ଖରିଫ୍ ଋତୁରେ ନିଜର କଷ୍ଟୋପାର୍ଜିତ FAQ ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଅଧୀନସ୍ଥ ସମ୍ପୃକ୍ତ ସ୍ଥାୟୀ ବଜାର ପ୍ରାଙ୍ଗଣମାନଙ୍କରେ ବିକ୍ରୟକରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଇ ଲାଭବାନ ହୁଅନ୍ତୁ।

ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଧାନକୁ ଶୁଷ୍କ, ପରିଷ୍କାର, ପରିଚ୍ଛନ୍ନ କରି ବଜାର ପ୍ରାଙ୍ଗଣକୁ ଆଣିବାକୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ।

ସ୍ଥାୟୀ ବଜାର ପ୍ରାଙ୍ଗଣ:

୧. ବରଗଡ଼, ୨. ବେହେରା, ୩. ଗୁଡ଼େଶିରା, ୪. କଳାପାଣି, ୫. ତୋରା, ୬. ଅଡ଼ଗାଁ, ୭. କୁରୁଆଁ, ୮. କଟାପାଲି, ୯. ବରପାଲି, ୧୦. ସତଲମା, ୧୧. ପାଟକୁଲୁଣ୍ଡା, ୧୨. ଆଗଲପୁର, ୧୩. ବରମକେଲା, ୧୪. ସରଣ୍ଡାପାଲି, ୧୫. ଭଟଲି, ୧୬. କେଲେଣ୍ଡାପାଲି, ୧୭. ଉର୍କୁନା ଓ ୧୮. ଭୁକ୍ତା।

ସ୍ଥାୟୀ ବଜାର ପ୍ରାଙ୍ଗଣମାନଙ୍କରେ ଉପଲବ୍ଧ ବ୍ୟବସ୍ଥା, ଓଜନ ମାପ ଯନ୍ତ୍ର, ଧାନର ଆର୍ଦ୍ରତା ମାପଯନ୍ତ୍ର, ଗୋଦାମ ଗୃହ, ପାନୀୟ ଜଳ, ଚାଷୀ ବିଶ୍ରାମ ଗୃହ ଇତ୍ୟାଦି ସୁବିଧାର ସଦ୍‌ବିନିଯୋଗ କରିବା ପାଇଁ ଅନୁରୋଧ।

ଇ-ନାମ — ଜାତୀୟ କୃଷି ବଜାର — e-NAM

ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ବରଗଡ଼ ସ୍ଥିତ କୃଷକ ବଜାରରେ ଇ-ନାମ ବଜାର (e-NAM) ଜରିଆରେ ଚାଷୀ ଭାଇଭଉଣୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ (ପନିପରିବା)କୁ ବିକ୍ରୟ କରି ଲାଭବାନ ହେବାକୁ ଆମର ଅନୁରୋଧ।

ଚାଷୀ ଭାଇଭଉଣୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ (ପନିପରିବା)କୁ ଇ-ନାମ ମାଧ୍ୟମରେ ବିକ୍ରୟ କରିବା ସକାଶେ ପଞ୍ଜୀକରଣ ପାଇଁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ବରଗଡ଼ ସହ ଯୋଗାଯୋଗ କରନ୍ତୁ।

ପନିପରିବା ବ୍ୟବସାୟୀ (Vegetable Traders) ଭାଇମାନେ ମଧ ଇ-ନାମ ମାଧ୍ୟମରେ କ୍ରୟ କରିବା ପାଇଁ ପଞ୍ଜୀକରଣ ସକାଶେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ବରଗଡ଼ ସହ ଯୋଗାଯୋଗ କରନ୍ତୁ।

ସହଜ, ସୁବିଧା ଓ ଉଚିତ୍ ମୂଲ୍ୟରେ କୃଷିଜାତ ଦ୍ରବ୍ୟର କ୍ରୟବିକ୍ରୟର ଏକ ଉନ୍ନତ ଓ ବ୍ୟବସ୍ଥିତ ମାଧ୍ୟମ/ପ୍ରକ୍ରିୟା।

ଇ-ନାମ ଉତ୍ପାଦିତ ଫସଲକୁ ବିକିବା ପାଇଁ ଅଧିକ ବିକଳ୍ପ ଓ ଅଧିକ ଲାଭ ପ୍ରତିଶ୍ରୁତି ଦିଏ।

ବରଗଡ଼ କୃଷକ ବଜାର ପରିସରରେ ଜିଲ୍ଲାସ୍ତରୀୟ ଦୈନିକ ବଜାର ଯଥାଶୀଘ୍ର ଶୁଭାରମ୍ଭ

ବରଗଡ଼ ଜିଲ୍ଲାର ଚାଷୀମାନଙ୍କ ଦ୍ୱାରା ପ୍ରଚୁର ପରିମାଣରେ ଉତ୍ପାଦିତ ବିଭିନ୍ନ ପ୍ରକାରର ବଜାର ବଳକା ମୁଖ୍ୟତଃ ପନିପରିବା ଗୁଡ଼ିକ ବିଭିନ୍ନ ସ୍ଥାନରେ ଅନିୟନ୍ତ୍ରିତ ଓ ଅସଙ୍ଗଠିତ ଭାବେ ରାସ୍ତାକଡ଼ରେ ଗଢ଼ିଉଠୁଥିବା ଘରୋଇ ବଜାର ଗୁଡ଼ିକୁ ସଂଗଠିତ ଓ ବ୍ୟବସ୍ଥିତ କରି ବରଗଡ଼ କୃଷକ ବଜାରଠାରେ କ୍ରୟ-ବିକ୍ରୟ କରିବାର ଏକ ସୁଯୋଗ ସୃଷ୍ଟି କରିବା ପାଇଁ ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଉଦ୍ୟମରତ।

ଏହି ପ୍ରସ୍ତାବିତ ଜିଲ୍ଲାସ୍ତରୀୟ ଦୈନିକ କୃଷି ବଜାରକୁ ଏକ ମଡ଼େଲ ମାର୍କେଟ (Model Market)ରେ ପରିଣତ କରିବାକୁ ହେଲେ ଆପଣମାନଙ୍କ ସାହାଯ୍ୟ, ସହଯୋଗ ଓ ସହମତି ନିତାନ୍ତ ଆବଶ୍ୟକ ଅଟେ।

ସ୍ଥାନୀୟ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ଚାଷୀ, ଚାଷୀ ସଂଗଠନ, ଖାଉଟି, ପ୍ରଶାସନ ଏବଂ ଜନସାଧାରଣଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଏ ଦିଗରେ ରହିବ ବୋଲି ଆମର ଆଶା ଓ ବିଶ୍ୱାସ।

ସ୍ୱା./- ଶ୍ରୀ ଦୁର୍ଗା ପ୍ରସାଦ ଛୁରିଆ
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼

ସ୍ୱା./- ଶ୍ରୀ ମିର୍ଧା ଟପ୍ପୋ, ଓ.ପ୍ର.ସେ. (S)
ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼

ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.
ମୁଖ୍ୟ କାର୍ଯ୍ୟାଳୟ: ବରଗଡ଼

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଓ ନବବର୍ଷ-୨୦୨୦ ଉପଲକ୍ଷେ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ । ଏହି ଅଞ୍ଚଳର ସମସ୍ତ ପରିବାର ହସଖୁସିରେ ଓ ଆନନ୍ଦ ଉଲ୍ଲାସରେ ଏହି ଯାତ୍ରାକୁ ଉପଭୋଗ କରନ୍ତୁ । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣଙ୍କର ଅକୁଣ୍ଠ ସହଯୋଗ ଆମର ଏକାନ୍ତ କାମ୍ୟ ।



ଶ୍ରୀ ଗୁରୁକୃଷ୍ଣ ଦାସ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀ ଅମରେନ୍ଦ୍ର ଗଙ୍ଗଦେବ
ସଭାପତି

ବିଶ୍ୱପ୍ରସିଦ୍ଧ ବରଗଡ ଧନୁଯାତ୍ରା ଓ ନବବର୍ଷ ୨୦୨୦ରେ ସମସ୍ତ ମଥୁରାବାସୀଙ୍କୁ ଅଭିନନ୍ଦନ।



ସାହିଲ୍ ଅଗ୍ରୱାଲ
ବରଗଡ଼

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

୧. ବିଷାକ୍ତ ଜୀବନାଶକର ସଠିକ ଓ ନିରାପଦ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ।
୨. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ୬୨ଟି କୃଷି ଭିତ୍ତିକ ପ୍ରକଳ୍ପରେ ୪୦-୫୦% ରିହାତି ପାଆନ୍ତୁ।
୩. ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଓ ଅଭିନବ ପରିକଳ୍ପନା ପାଇଁ କୁଶଳୀ କାରିଗରମାନଙ୍କୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସମ୍ମାନ ଓ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲାସ୍ତରରେ (୧ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।
୪. କୃଷି ଯାନ୍ତ୍ରିକରଣ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ସମସ୍ତ କୃଷି ଉପକରଣ ପାଇଁ ୪୦-୫୦% ରିହାତି ବ୍ୟବସ୍ଥା ରହିଛି।
୫. ଠିକ ମାନର ମାଣ୍ଡିଆ ନିକଟସ୍ଥ ମଣ୍ଡିରେ ବିକ୍ରିକରି ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଆନ୍ତୁ। ବରଗଡ଼ ଜିଲ୍ଲାର ୧୦ଗୋଟି PACS (ଏମ. ଶ୍ରୀଗିଡା/ବଡ ବାଉସେନ/କନସିଙ୍ଘା/ବୁଢ଼େନ/ପାଇକମାଳ/ଜାମସେଠ/ଡଭା/ଝାରବନ୍ଧ/କଣ୍ଟାବାହାଲ/କଠଉମାଲ)ରେ ମାଣ୍ଡିଆ କ୍ରୟ କରିବାର ବ୍ୟବସ୍ଥା ରହିଛି।
୬. kalia.co.in Portal ରେ କାଳିଆ ଯୋଜନା ସମ୍ବନ୍ଧିତ ଅଭିଯୋଗ ଦାଖଲ କରନ୍ତୁ।

ସ୍ୱା./-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼




ବିଶ୍ୱପ୍ରସିଦ୍ଧ ବରଗଡ ଧନୁଯାତ୍ରା ଓ ନବବର୍ଷ ଅବସରରେ ଆପଣ ସମସ୍ତଙ୍କୁ ଆମର ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଆପଣଙ୍କୁ ସୁଖ ଶାନ୍ତିରେ ରଖିଥାନ୍ତୁ, ଏହା ହିଁ ଆମର କାମନା।



କୁମୁଦିନୀ ବାଗ — ଚନ୍ଦ୍ରଶେଖର ବାଗ

ଓଡ଼ିଶା ଏଣ୍ଟରପ୍ରାଇଜେସ୍
ବରଗଡ଼

ସମ୍ବଲପୁରୀ ବସ୍ତ୍ରାଳୟ

ମକର ଓ ପୋଙ୍ଗଲ ଉପଲକ୍ଷେ ବିଶେଷ ରିହାତି

୧୦%+୨୦%

ତା.୧୦।୦୧।୨୦୨୦ ରୁ ତା.୧୫।୦୧।୨୦୨୦ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।

| ସ୍ଥାନ | ଅବଧି |
|---|---|
| ୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମନା, ବରଗଡ଼ | ତା.୨୦।୧୨।୨୦୧୯ ରୁ ତା.୧୫।୦୧।୨୦୨୦ |
| ୨. ଏନ୍.ଏଚ୍ ଏକ୍ସପୋ, ଷ୍ଟଲ ନଂ.୪୨, ବରଗଡ଼ | ତା.୨୮।୧୨।୨୦୧୯ ରୁ ତା.୧୯।୦୧।୨୦୨୦ |
| ୩. ଲାଠ ହାର୍ଡୱାର ସାମନା, ଏନ୍ ଏଚ୍-୬, ବରଗଡ଼ | ତା.୦୧।୦୧।୨୦୨୦ ରୁ ତା.୧୧।୦୧।୨୦୨୦ |
| ୪. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୧୦।୦୧।୨୦୨୦ ରୁ ତା.୧୯।୦୧।୨୦୨୦ |

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଓ ନବବର୍ଷ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହା ସହିତ ସମସ୍ତଙ୍କ ସୁଖ, ସମୃଦ୍ଧି କାମନା କରୁଛି।



ଅଙ୍କିତ ଅଗ୍ରୱାଲ
ବରଗଡ଼

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ | Sambalpur, Friday, January 10 / 2020 | ପୃଷ୍ଠା-୧




## ଇଣ୍ଡିଆ 'ବି'କୁ ଫାଇନାଲରେ ପହଞ୍ଚାଇଲେ ସୁଶ୍ରୀ

ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ଚମତ୍କାର ଖେଳି ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ 'ବି'କୁ ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। **୧୭**

**୧୦**

## ଇମ୍ତିୟାଜ୍‌ଙ୍କ ଫିଲ୍ମକୁ ଆୟୁଷ୍ମାନ୍‌ଙ୍କ ନା

ବଲିଉଡ୍‌ର ଟାଲେଣ୍ଟେଡ୍ ହିରୋ ଆୟୁଷ୍ମାନ୍ ଖୁରାନା ଲୋକପ୍ରିୟ ନିର୍ଦ୍ଦେଶକ ଇମ୍ତିୟାଜ୍ ଅଲିଙ୍କ ଆଗାମୀ ଫିଲ୍ମ କରିବାକୁ ମନାକରିଦେଇଥିବା ଜଣାପଡ଼ିଛି।



## ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

### ଉପଚ୍ଛାୟାଜନିତ ହେତୁ ପାଳନୀୟ ନୁହେଁ




**ଭୁବନେଶ୍ୱର,୯।୧(ବ୍ୟୁରୋ):** ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଶୁକ୍ରବାର ରାତିରେ ଦେଖିବାକୁ ମିଳିବ। ଏହି ମହାଜାଗତିକ ଘଟଣା ଓଡିଶା ସମେତ ସମଗ୍ର ଭାରତ ଏବଂ ବିଶ୍ୱର ଅନେକ ରାଷ୍ଟ୍ରରେ ଦେଖାଯିବ। ୧୦ ତାରିଖ ରାତି ୧୦ଟା ୩୭ ମିନିଟରେ ଚନ୍ଦ୍ରଗ୍ରହଣ ଆରମ୍ଭ ହେବ। ଏହି ସମୟରେ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ପ୍ରବେଶ କରିବ। ତେବେ ଏଥର ଗ୍ରହଣ ସମୟରେ ଚନ୍ଦ୍ର ପୃଥିବୀର ପ୍ରଚ୍ଛାୟା(ଗାଢ଼ କଳା ଛାୟା)ରେ ପ୍ରବେଶ କରିବ ନାହିଁ। ତେଣୁ ଏହି ଚନ୍ଦ୍ରଗ୍ରହଣକୁ ଖାଲି ଆଖିରେ ଦେଖିବା କଷ୍ଟକର ହେବ। ଯଦି ଆକାଶ ସମ୍ପୂର୍ଣ୍ଣ ପରିଷ୍କାର ରୁହେ ତା ହେଲେ ଭଲଭାବେ ନିରୀକ୍ଷଣ କଲେ ଏକ ହାଲ୍‌କା ଛାଇ ଦେଖାଯିବ ବୋଲି ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଉପଚ୍ଛାୟାଜନିତ ହୋଇଥିବାରୁ ଏବଂ ଖାଲି ଆଖିରେ ଦେଖାଯାଉ ନ ଥିବାରୁ ଏହାକୁ ପାଳନ କରାଯିବ ନାହିଁ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଛନ୍ତି। ସୂଚନା ମୁତାବକ ୧୦ ତାରିଖ ରାତି ୧୦ଟା ୩୭ରୁ ଚନ୍ଦ୍ରଗ୍ରହଣ ଆରମ୍ଭ ହେବାକୁ ଥିବାବେଳେ ୧୧ ତାରିଖ ଭୋର ୨ଟା ୪୨ ମିନିଟରେ ଛାଇଟି ଚନ୍ଦ୍ର ଉପରୁ ସମ୍ପୂର୍ଣ୍ଣ ଅପସରିଯିବ। ଅର୍ଥାତ୍ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ୧୦ ତାରିଖ ରାତି ୧୦ଟା ୩୭ରୁ ☞ପୃଷ୍ଠା-୨

## ପଦୋନ୍ନତି ଅଦାଲତ ଗଠନ କଲେ ସରକାର

- ଠିକ୍ ସମୟରେ ପ୍ରକ୍ରିୟା ସାରିବାକୁ ଗୁରୁତ୍ୱ
- ଉପକୃତ ହେବେ ସଂଖ୍ୟାଧିକ କର୍ମଚାରୀ

ଭୁବନେଶ୍ୱର,୯।୧(ବ୍ୟୁରୋ)- ରାଜ୍ୟ ସରକାର କର୍ମଚାରୀଙ୍କ ପଦୋନ୍ନତି ସମସ୍ୟା ସମାଧାନ ପାଇଁ 'ପଦୋନ୍ନତି ଅଦାଲତ' ଗଠନ କରିବାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ନିକଟରେ ସରକାର ବିଭିନ୍ନ ବର୍ଗର କର୍ମଚାରୀ ଯେପରି ଠିକ୍ ସମୟରେ ପଦୋନ୍ନତି ପାଇବେ ସେଥିପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ପଦୋନ୍ନତି ସମ୍ପର୍କିତ ପ୍ରକ୍ରିୟା ସାରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଡ଼ା ନିର୍ଦ୍ଦେଶ ମଧ୍ୟ ପ୍ରଶାସନରେ ପ୍ରତିଫଳିତ ହୋଇଥିଲା। ଏହା ଦ୍ୱାରା ରାଜ୍ୟର ୩୧୬୬ କର୍ମଚାରୀ ଗତ ଡିସେମ୍ବର ୩୧ ପୂର୍ବରୁ ପଦୋନ୍ନତି ପାଇଥିଲେ। ଏହି ସମୟ ମଧ୍ୟରେ ଯେଉଁମାନେ ପଦୋନ୍ନତି ପାଇପାରି ନାହାନ୍ତି, ତାହାକୁ ତ୍ୱରାନ୍ୱିତ କରିବାରେ ଏହି ଅଦାଲତ ସହାୟକ ହେବ ବୋଲି ଆଶା କରାଯାଉଛି। ବିଭିନ୍ନ ବିଭାଗର ପ୍ରଶାସନିକ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବମାନଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଦୋହରା ଝଟକା


Vencobb FRESH CHICKEN

09.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 83 | 136 | 146 |
| DKL | 83 | 136 | 146 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 84 | 137 | 147 |
| BHM | 85 | 139 | 149 |

*Conditions Apply

Issued in the Interest of Consumers


## ନିର୍ବାଚନ ବେଳେ ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ପିଟିଶନ

# କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ



**ନୂଆଦିଲ୍ଲୀ,୯।୧(ପି.ଟି.)**

ନିର୍ବାଚନ ବେଳେ ପ୍ଲାଷ୍ଟିକ୍ ବ୍ୟାନର, ହୋର୍ଡିଂ ଇତ୍ୟାଦିର ବ୍ୟବହାରକୁ ବିରୋଧ କରି ଦାଏର ଏକ ପିଟିଶନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ଇସିଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡବ୍ଲ୍ୟୁ. ଏଡୱିନ୍ ୱିଲ୍‌ସନ ଏହି ପିଟିଶନ ଦାଏର କରିଥିଲେ।

ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ଜାରି କଟକଣା କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ତଦାରଖ କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଭାରତର ନିର୍ବାଚନ କମିଶନ ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନରେ ପ୍ରଚୁର ପରିମାଣରେ ପିଭିସି ବ୍ୟାନର ବ୍ୟବହୃତ ହେଉଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ମୁଖ୍ୟ ପ୍ରସଙ୍ଗ ଉପରେ ଏନ୍‌ଜିଟି ପ୍ରଭାବଶାଳୀ ନିର୍ଦ୍ଦେଶନାମା ଜାରି କରି ନ ଥିବା ପିଟିଶନରେ ଦର୍ଶାଯାଇଛି। ଆଇନଜୀବୀ ସଞ୍ଜୟ ଉପାଧ୍ୟାୟ ଏବଂ ସଲିକ୍ ଶଫିକ୍‌ଙ୍କ ଜରିଆରେ ଏହି ପିଟିଶନ ଦାଏର କରାଯାଇଛି। ନିର୍ବାଚନ ପ୍ରଚାର ବେଳେ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ପୋଷ୍ଟର, ବ୍ୟାନର, ହୋର୍ଡିଂ ବ୍ୟବହୃତ ହେଉଛି ଓ ପରେ ତାହା ବର୍ଜ୍ୟରେ ପରିଣତ ହେଉଛି, ଯାହାକି ପରିବେଶ ପାଇଁ ଅତ୍ୟନ୍ତ ହାନିକାରକ ବୋଲି ଆବେଦନକାରୀ ୱିଲ୍‌ସନ ଅଭିଯୋଗ କରିଛନ୍ତି। ତେଣୁ ପିଭିସି, ସିନ୍ଥେଟିକ୍ ପ୍ଲାଷ୍ଟିକ୍ ପଲିମର ଏବଂ କ୍ଲୋରିନେଟେଡ୍ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

ନିର୍ବଚନ ପ୍ରଚାରବେଳେ ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ କହିବା ପରେ ଏନ୍‌ଜିଟି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ। ମନ୍ତ୍ରଣାଳୟ ବିଘଟନ ହେଉଥିବା ପ୍ଲାଷ୍ଟିକ୍, ପ୍ରାକୃତିକ ଫାଇବର, ପୁନଃଚକ୍ରଣଯୋଗ୍ୟ କାଗଜ ଓ ଅନ୍ୟାନ୍ୟ ପରିବେଶ ଅନୁକୂଳ ପଦାର୍ଥକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିବା ଲାଗି ରାଜ୍ୟଗୁଡ଼ିକୁ ପତ୍ର ଲେଖିଥିଲେ ବୋଲି କହିଛନ୍ତି। ନିର୍ବାଚନ ବେଳେ ପ୍ଲାଷ୍ଟିକ ପଦାର୍ଥ ବିଶେଷ କରି ବ୍ୟାନର ଓ ହୋର୍ଡିଂ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନ ଚାହାନ୍ତି। ତେଣୁ ଉପରୋକ୍ତ କଟକଣା/ନିର୍ଦ୍ଦେଶାବଳୀ ଉପଯୁକ୍ତ ଭାବେ ପାଳନ ହେଉଛି କି ନାହିଁ ତାହା ନିର୍ବାଚନ କମିଶନ ଏବଂ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଦାରଖ କରିବା ଠିକ୍ ହେବ ବୋଲି ଟ୍ରିବ୍ୟୁନାଲ କହିଥିଲେ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

## ୨୦୨୧ରେ କାର୍ଯ୍ୟକ୍ଷମ ହେବ ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍‌ପିଟାଲ୍



ସମୀକ୍ଷା ବୈଠକରେ ମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗୀୟ ଅଧିକାରୀମାନେ।

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ, ଝାରସୁଗୁଡ଼ାଠାରେ ପ୍ରସ୍ତାବିତ କାର୍ଡିଆକ୍ କେୟାର ହସ୍ପିଟାଲ୍ ଓ କ୍ୟାପିଟାଲ୍ ହସ୍ପିଟାଲର ବିଭିନ୍ନ ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମଥର ପିପିପି ମୋଡ଼ରେ ଝାରସୁଗୁଡ଼ାଠାରେ ୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୦ ଶଯ୍ୟା ବିଶିଷ୍ଟ କାର୍ଡିଆକ୍ କେୟାର ହସ୍‌ପିଟାଲ୍‌ର ନିର୍ମାଣ ଚାଲିଛି। ଏଥିମଧ୍ୟରୁ ଭିତ୍ତିଭୂମି ପାଇଁ ୩୨କୋଟି ଓ ଯନ୍ତ୍ରପାତି ବାବଦକୁ ୪୦କୋଟି ☞ପୃଷ୍ଠା-୨

## ବାପା,ପୁଅଙ୍କୁ ଆକ୍ରମଣ କରି ୬ ଲକ୍ଷ ଲୁଟ୍

**ଜୁନାଗଡ,୯।୧(ଡି.ଏନ.ଏ.)**



ଆହତ କ୍ଷୀତ ନାଏକ।

- ଚିକିତ୍ସାଧୀନ ଅବସ୍ଥାରେ ପୁଅ ମୃତ
- ୩ ଦୁର୍ବୃତ୍ତ ଫେରାର
- ତନାଘନା ଚଳାଇଛି ପୋଲିସ



ମିଳିଥିବା ବନ୍ଧୁକ

ବାପପୁଅଙ୍କୁ ଲୁହାଛଡରେ ଆକ୍ରମଣ କରି ୬ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଗୁରୁବାର ଅପରାହ୍ନରେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ବଜାର ଚାରିଛକ ନିକଟରେ ଏହି ଘଟଣା ଘଟିଛି । ଦୁର୍ବୃତ୍ତଙ୍କ ଆକ୍ରମଣରେ ଉଭୟ ଗୁରୁତର ହୋଇଥିଲେ। ସେମାନେ ହେଲେ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡା ଗ୍ରାମର କ୍ଷୀତ ନାଏକ (୪୦) ଓ ତାଙ୍କ ପୁଅ ବଳଭଦ୍ର (୨୪) । ଉଭୟଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେଠାରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଛି ।

ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ବୋରଗୁଡା ଗ୍ରାମର କ୍ଷୀତ ନାଏକ ଓ ତାଙ୍କ ପୁଅ ବଳଭଦ୍ର ଗୁରୁବାର ଭବାନୀପାଟଣାର ଏକ ବ୍ୟାଙ୍କକୁ କପା ଟଙ୍କା ଉଠାଇବାକୁ ଯାଇଥିଲେ। ଅପରାହ୍ନରେ ବାଇକ (ନଂ.ଓଡି୦୮ଏଚ୍-୫୫୧୩) ଯୋଗେ ଉଭୟେ ୬ ଲକ୍ଷ ଟଙ୍କା ଧରି ଫେରୁଥିଲେ। ତେନ୍ତୁଲିଖୁଣ୍ଟି ବଜାର ଛକ ନିକଟରେ ପୂର୍ବରୁ ବାଇକ୍‌ରେ ଆସି ଛକି ରହିଥିବା ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ସେମାନଙ୍କୁ ଲୁହାଛଡରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ କ୍ଷୀତ ଓ ବଳଭଦ୍ରଙ୍କ ମୁଣ୍ଡ, ହାତ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଛି । ଦୁର୍ବୃତ୍ତମାନେ ସାଙ୍ଗରେ ଆଣିଥିବା ବନ୍ଧୁକକୁ ଘଟଣାସ୍ଥଳରେ ☞ପୃଷ୍ଠା-୨

## ୧୮ ହଜାର କୋଟିର ୩ ବୃହତ୍ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

- ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ଏନ୍‌ଟିପିସିର ତାଳଚେର ଷ୍ଟେଶନ ସମ୍ପ୍ରସାରଣ ହେବ

ରାଜ୍ୟର ୩ଟି ବୃହତ୍ ଶିଳ୍ପ ପ୍ରକଳ୍ପର ସମ୍ପ୍ରସାରଣ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଗୁରୁବାର ଅନୁମୋଦନ କରିଛନ୍ତି। ଏଥିରେ ସମୁଦାୟ ୧୭ ହଜାର ୮୩୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହିତ ୬ ହଜାର ୫୩୯ ନିଯୁକ୍ତି ସୃଷ୍ଟି ହୋଇପାରିବ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ଉଚ୍ଚସ୍ତରୀୟ କମିଟି ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ରାୟଗଡ଼ା ଜିଲା କାଂସରୀଗୁଡାଠାରେ ବାର୍ଷିକ ୨୦ ଲକ୍ଷ ଟନ ବିଶିଷ୍ଟ ଏକ ଆଲୁମିନା ରିଫାଇନେରି ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିରେ ୮ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୪,୨୫୦ ଜଣଙ୍କୁ ନିଯୁକ୍ତି ଦିଆଯାଇ ପାରିବ। ସେହିପରି ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ(ଏନ୍‌ଟିପିସି) ତା'ର ତାଳଚେର ଥର୍ମାଲ ପାୱାର ଷ୍ଟେଶନର ସମ୍ପ୍ରସାରଣ କରିବ। ଏଥିରେ କର୍ପୋରେଶନ ପକ୍ଷରୁ ୩୬୯୮.୪୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ସେହିପରି ସୁନ୍ଦରଗଡ ଜିଲାର କମନ୍ଦାଠାରେ ରୁଙ୍ଗଟା ମାଇନ୍ସ ଲିମିଟେଡ ତା'ର ସମନ୍ୱିତ ଇସ୍ପାତ ପ୍ରକଳ୍ପର ଉତ୍ପାଦନ କ୍ଷମତା ୦.୨୭ ନିୟୁତ ଟନରୁ ୦.୯ ନିୟୁତ ଟନକୁ ବୃଦ୍ଧି କରିବ। ଏଥିରେ କମ୍ପାନୀ ୨ ହଜାର ୧୩୫ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବ। ଏଥିରେ ୨ ହଜାର ୨୮୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି ବୈଠକରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ବୃହତ୍ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ।

# ବିଦ୍ୟୁତ୍ କାଟ ପାଇଁ ସେସୁ ପ୍ରସ୍ତୁତ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

- ୧୧,୫୯୭ ଗାଁ ଚିହ୍ନଟ
- ଆଦାୟ ହୋଇଛି ୨୧ କୋଟି

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଜାନୁୟାରୀ ୧୬ ତାରିଖ ପରଠାରୁ ବିଦ୍ୟୁତ୍ ବକେୟା ଦେଇ ନ ଥିବା ଉପଭୋକ୍ତାଙ୍କର ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଗଣମାଧ୍ୟମକୁ ସୂଚନା ଦେଇ ସେସୁର ସିଇଓ ଅରୁଣ ବୋଥ୍ରା କହିଛନ୍ତି ଯେ ବିଦ୍ୟୁତ୍ ବିଲ୍ ବାକି ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପାଇଁ ୪୧୩ଟି ସ୍କ୍ୱାଡ ଗଠନ କରାଯାଇଛି। ସ୍ୱତନ୍ତ୍ର ଡ୍ରାଇଭ ଆସନ୍ତା ୧୬ ତାରିଖରୁ ଆରମ୍ଭ କରାଯିବ। ବକେୟା ରଖିଥିବା ୧୧,୫୯୭ଟି ଗାଁକୁ ଚିହ୍ନଟ କରାଯାଇଛି। ସେସୁର ୨୦ଟି ଡିଭିଜନରେ ଥିବା ଏହି ଗ୍ରାମଗୁଡ଼ିକରେ ବିଦ୍ୟୁତ୍ କାଟ ଅଭିଯାନ ଆରମ୍ଭ ହେବ। ବକେୟା ଦେଇ ନ ଥିବା ସମୁଦାୟ ୭ ଲକ୍ଷ ଉପଭୋକ୍ତାଙ୍କ ମଧ୍ୟରୁ ୧.୧୦ଲକ୍ଷ ଗ୍ରାହକ ୨୧ କୋଟି ଟଙ୍କାର ବକେୟା ପ୍ରଦାନ କରିଛନ୍ତି। ବିଦ୍ୟୁତ୍ କାଟ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଏହା ଛଡା ସେସୁ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ଯଦି ଉପଭୋକ୍ତାମାନେ ନିୟମିତ ଭାବେ ବିଦ୍ୟୁତ୍ ବକେୟା ଦେବେ ନାହିଁ ତେବେ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେବାକୁ ପଡୁଛି ବୋଲି ବୋଥ୍ରା କହିଛନ୍ତି।

# ୨ ଶାବକଙ୍କୁ ଜନ୍ମଦେଲା ବାଘୁଣୀ ସ୍ନେହା



**ବାରଙ୍ଗ,୯।୧(ଡି.ଏନ୍.ଏ.)**

**ନନ୍ଦନକାନନ**

ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏକାସଙ୍ଗେ ଦୁଇଟି ନୂଆ ଅତିଥି ମିଳିଛି। ଧଳାବାଘୁଣୀ ସ୍ନେହା ତା'ର ତୃତୀୟ ଗର୍ଭସ୍ଥରୁ ଦୁଇଟି ସନ୍ତାନକୁ ଗୁରୁବାର ବଡ଼ିଭୋର ସମୟରେ ଜନ୍ମ ଦେଇଛି। ପ୍ରଥମ ଶାବକ ୩.୩୮ମିନିଟ ଓ ଦ୍ୱିତୀୟଟି ୫.୪୪ମିନିଟରେ ଜନ୍ମଦେଇଛି। ଆସନ୍ତା ୧୦-୧୨ ତାରିଖରେ ସ୍ନେହା ଛୁଆ ଜନ୍ମ କରିବ ବୋଲି ଏଠାକାର ଡାକ୍ତରମାନେ ପୂର୍ବାନୁମାନ କରିଥିବାବେଳେ ତାହା ଭୁଲ ପ୍ରମାଣିତ ହୋଇଛି। ସ୍ନେହାର ନବଜାତକ ଛୁଆଦ୍ୱୟ ସୁସ୍ଥ ଥିବାବେଳେ ମା' ଠାରୁ କ୍ଷୀର ଖାଉଥିବାର ସିସିଟିଭିରେ ଦେଖିବାକୁ ମିଳିଛି। ଏହି ଛୁଆ ମଧ୍ୟରେ ଗୋଟିଏ ସାଧାରଣ ରଙ୍ଗର ହୋଇଥିବାବେଳେ ଅନ୍ୟଟି ଧଳା ବୋଲି ଜନ୍ତୁବିଭାଗ ଅନୁମାନ କରିଛି। ଗତ ସେପ୍ଟେମ୍ବର ୨୭ ଓ ୨୮ରେ ହାଇଦ୍ରାବାଦରୁ ଆସିଥିବା ଜଙ୍ଗଲୀ ମହାବଳବାଘ ସେଫ୍ ସହ ସ୍ନେହାର ମିଳନ ହୋଇଥିଲା। ତା'ର ରକ୍ତନମୁନା ସଂଗ୍ରହ କରାଯାଇ ଅଗଷ୍ଟରେ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜାଣି ନନ୍ଦନକାନନ କର୍ତ୍ତୃପକ୍ଷ ବାଘୁଣୀ ସ୍ନେହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ଏନକ୍ଲୋଜର ନଂ୨୧ବି ପଛପଟରେ ସ୍ନେହାକୁ ରଖାଯିବା ସହ ୪ଟି ସିସିଟିଭି ଲଗାଯାଇ ତା'ର ଗତିବିଧିକୁ ଲକ୍ଷ୍ୟ କରାଯାଇଥିଲା। ସ୍ନେହା ନନ୍ଦନକାନନ ପାଇଁ ଗୁରୁତ୍ୱବହନ କରିଥିବାବେଳେ ଏହାପୂର୍ବରୁ ମନୀଷ ସହ ମିଶି ସ୍ନେହା ତା'ର ପ୍ରଥମଗର୍ଭସ୍ଥ ସନ୍ତାନକୁ ୨୮ଜୁଲାଇ ୨୦୧୪ରେ କ୍ରିଷ୍ଣା, ସ୍ନେହାଶିଷ, ଆନିନି ଓ ଶୁଭଶ୍ରୀକୁ ମିଶାଇ ୪ଟି ସନ୍ତାନ ଜନ୍ମ ଦେଇଥିଲା। ସେଥିମଧ୍ୟରେ କ୍ରିଷ୍ଣା ଥିଲା କଳାଲୋମଯୁକ୍ତ ବାଘଛୁଆ। ଯାହା ସେ ସମୟରେ ସମସ୍ତଙ୍କ ପାଇଁ ଚର୍ଚ୍ଚାର ବିଷୟ ସାଜିଥିଲା। ପରେ ପୁଣି ମନୀଷ ସହ ମିଶି ସ୍ନେହା ୫ ଅଗଷ୍ଟ୨୦୧୬ରେ ୨ୟ ଗର୍ଭସ୍ଥ ହୋଇ ଭିକି, ଚିନୁ, ମୌସୁମୀକୁ ମିଶାଇ ୩ଟି ଛୁଆ ଜନ୍ମ ଦେଇଥିଲା। ସେଥିରୁ ଭିକି ଥିଲା କଳାଲୋମଯୁକ୍ତ ବାଘଛୁଆ। ଏବେ ନନ୍ଦନକାନନରେ ବାଘ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୧୩ଟି ସାଧାରଣବାଘ ଥିବାବେଳେ ୫ ଅଣ୍ଡିରା ଓ ୮ମାଈ ରହିଛନ୍ତି। ସେହିପରି ୮ଟି ଧଳାବାଘ ଥିବାବେଳେ ୩ ଅଣ୍ଡିରା ଓ ୫ମାଈ ଅଛନ୍ତି। ୪ଟି କଳାଲୋମଯୁକ୍ତ ବାଘଛୁଆ ସହ ଏହି ୨ ନୂଆ ଶାବକର ଲିଙ୍ଗନିରୂପଣ ହୋଇ ନ ଥିବା ଜଣାପଡ଼ିଛି।




**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ନଭେମ୍ବରରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନଯାତ୍ରୀ ଟ୍ରାଫିକରେ ୧୧.୩% ବୃଦ୍ଧି ଘଟିଛି।
– ଇଣ୍ଟରନ୍ୟାଶନାଲ ଏୟାର ଟ୍ରାଫିକ ଆସୋସିଏଶନ

**ଆଜିର ମନ୍ତବ୍ୟ**
ଏକସଙ୍ଗେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭା ନିର୍ବାଚନ କରିବା ନେଇ ରାଜନୈତିକ ଦଳଗୁଡ଼ିକ ବିଚାର କରିବା ଆବଶ୍ୟକ।
–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ହୃଷିକେଶ
ପରିବାରବର୍ଗ


ଜଗବନ୍ଧୁ
ପରିବାରବର୍ଗ


ସନାତନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ୨୦୨୧ରେ କାର୍ଯ୍ୟକ୍ଷମ ହେବ...

ଟଙ୍କା ଖର୍ଚ୍ଚ ହେବ। ୨୦୨୧ ପ୍ରାରମ୍ଭରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହା ବ୍ୟତୀତ ବୈଠକରେ କ୍ୟାପିଟାଲ୍ ହସ୍ପିଟାଲ ପରିସରରେ ବିଭିନ୍ନ ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ରେନାଲ୍ ଟ୍ରାନ୍ସପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ସରକାର ଖୁବ୍‌ଶୀଘ୍ର ଆବଶ୍ୟକ ଯନ୍ତ୍ରପାତିର ବ୍ୟବସ୍ଥା କରିବା ସହ ସମସ୍ତ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ, ବିଭାଗୀୟ ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାସ, ଡିଏମ୍‌ଇଟି ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ଡା. ଚିତ୍ତ କରଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ବାପା, ପୁଅଙ୍କୁ...

ଛାଡି ଚାଲିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣା ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି। ଜୁନାଗଡ଼ ଥାନାଧିକାରୀ ଉତ୍ତମ କୁମାର ସାହୁ ଡାକ୍ତରଖାନାରେ ପହଞ୍ଚି ଆହତ କ୍ଷୀତ ନାଏକଙ୍କ ବୟାନ ରେକର୍ଡ କରି ତଦନ୍ତ ଚଳାଇଛନ୍ତି। ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ଥାନାଧିକାରୀ ସାହୁ ପ୍ରକାଶ କରିଛନ୍ତି।

### ଆଜି ବର୍ଷର...

୧୧ ତାରିଖ ଭୋର ୨ ଟା ୪୨ ମିନିଟ୍ ପର୍ଯ୍ୟନ୍ତ ରହିବ। ଆକାଶ ମେଘମୁକ୍ତ ଥିଲେ ଏହି ଦୃଶ୍ୟକୁ ଖାଲି ଆଖିରେ କିମ୍ବା ଛୋଟ ବାଇନାକୁଲର ସାହାଯ୍ୟରେ ଦେଖିହେବ। ୨୦୨୦ ବର୍ଷରେ ୪ଟି ଚନ୍ଦ୍ରଗ୍ରହଣ ଏବଂ ୨ଟି ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ। ଏ ନେଇ ଡ. ପଟ୍ଟନାୟକଙ୍କ ସୂଚନା ମୁତାବକ, ଚନ୍ଦ୍ରଗ୍ରହଣ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଆକାଶ ମେଘମୁକ୍ତ ରହିଲେ ଏହା ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ପଠାଣି ସାମନ୍ତ ପ୍ଲାନେଟାରିୟମ୍ ତରଫରୁ ଲୋକମାନଙ୍କୁ ସଚେତନ କରାଯିବା ସହ ସୁଯୋଗକୁ ହାତଛଡା ନ କରିବା ପାଇଁ କୁହାଯାଇଛି।

### ପଦୋନ୍ନତି...

ଅଧ୍ୟକ୍ଷତାରେ ପଦୋନ୍ନତି ଅଦାଲତ ଗଠନ କରାଯିବ। ପ୍ରତିବର୍ଷ ଜାନୁୟାରୀ ମାସର ଚତୁର୍ଥ ସପ୍ତାହରେ ପଦୋନ୍ନତି ଅଦାଲତର ବୈଠକ ବସିବ। କୌଣସି କାରଣରୁ ପଦୋନ୍ନତି ପାଇପାରି ନ ଥିବା କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ଅଦାଲତ ଜରିଆରେ କରାଯିବ। ଉଲ୍ଲେଖଯୋଗ୍ୟ, ବିଭିନ୍ନ କାରଣରୁ ପଦୋନ୍ନତି ପାଇ ପାରି ନ ଥିବା କର୍ମଚାରୀମାନେ ଅଦାଲତର ଦ୍ୱାରସ୍ଥ ହୋଇଥାଆନ୍ତି। ତେଣୁ ଏହି ଅଦାଲତ ଗଠିତ ହେବା ଦ୍ୱାରା କର୍ମଚାରୀମାନେ ଶୀଘ୍ର ନ୍ୟାୟ ପାଇପାରିବେ ବୋଲି ଆଶା କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫–ଟି ମନ୍ତ୍ରକୁ ଏହି ପ୍ରକ୍ରିୟାରେ କାର୍ଯ୍ୟ କରାଯିବ। ଏହା ସମ୍ପୂର୍ଣ୍ଣ ପଦୋନ୍ନତିରେ ସଂସ୍କାର ଏବଂ ସ୍ୱଚ୍ଛତା ଆଣିବ ବୋଲି କୁହାଯାଉଛି।

## ଆଜି କ'ଣ କେଉଁଠି

**ଦେବଗଡ଼**
- ସର୍ବଭାରତୀୟ ବହୁଭାଷୀ ନାଟକ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ, ଟାଉନ ହଲ, ସନ୍ଧ୍ୟା ୭ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ କପ୍, ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ଼, ଅପରାହ୍ଣ ୩ଟା।

**ସୁନ୍ଦରଗଡ଼**
- ସୁର ଅନୁଷ୍ଠାନର ବାର୍ଷିକ ଉତ୍ସବ, ପୁଷ୍‌ପୁନି ଭେଟ୍‌ଘାଟ, ମାଡ୍ରିକାଲୋ ଭବନ, ସନ୍ଧ୍ୟା ୬ଟା।

**ଲୋଇସିଂହା**
- ଜନକଲ୍ୟାଣ ଅନୁଷ୍ଠାନ ଡିବିରର ଉଦ୍‌ଘାଟନ କାର୍ଯ୍ୟକ୍ରମ, ଲୋଇସିଂହା ଧର୍ମଶାଳା, ପୂର୍ବାହ୍ଣ ୧୧ଟା।
- ପୌଷପୂର୍ଣ୍ଣମୀ ଉତ୍ସବ, ଦୁର୍ଗା ମଣ୍ଡପ ଲୋଇସିଂହା, ସନ୍ଧ୍ୟା ୭ଟା।
- ତାଳକୁରୀ ପୁଷପୁନି ଭେଟ୍‌ଘାଟ, ତାଳକୁରୀ, ପୂର୍ବାହ୍ଣ ୧୦ଟା।

**ନୂଆପଡା**
- ଇଣ୍ଟରଷ୍ଟେଟ କବାଡି ଟୁର୍ନାମେଣ୍ଟ, ସାହୁ ଭବନ ଖରିଆର ରୋଡ, ଅପରାହ୍ଣ ୫ଟା।

**ବିଜେପୁର**
- ପ୍ରକାଶ ସାଂସ୍କୃତିକ ସଂସଦର ପୁଷପୁନି ଭେଟ୍‌ଘାଟ, ପଡା ଗାଁର ଲକ୍ଷ୍ମୀଲୀଳା ମଣ୍ଡପ, ଅପରାହ୍ଣ ୨ଟା।

**ବୌଦ୍ଧ**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ଟାଉନହଲ ବୌଦ୍ଧ, ସକାଳ ୯ଟା।

**ସମ୍ବଲପୁର**
- ସାଂସ୍କୃତିକ ଶୋଭାଯାତ୍ରା, ହୀରାକୁଦ ସୁବାସ ମଇଦାନ, ପୂର୍ବାହ୍ଣ ୯ଟା ।
- ଭଲ ସିନେମା ଓ ସମାଜ ଶୀର୍ଷକ କର୍ମଶାଳା, ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷ, ପୂର୍ବାହ୍ଣ ୧୧ଟା ।
- ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ଣ ୪ଟା ।
- ହୀରାକୁଦ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସୁବାସ ମଇଦାନ, ସନ୍ଧ୍ୟା ସାଢ଼େ ୫ଟା ।

# କୋଇଲା ବୋଝେଇ ଟ୍ରେନରେ ନିଆଁ


ନିଆଁ ଲାଗିଥିବା କୋଇଲା ବୋଝେଇ ଟ୍ରେନ।

**ନିରାକାରପୁର,୯।୧(ଡି.ଏନ.ଏ.)**

ବ୍ରହ୍ମପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଚଳନ୍ତା କୋଇଲା ବୋଝେଇ ଟ୍ରେନ୍ ଡବାରେ ଗୁରୁବାର ଅପରାହ୍ଣରେ ନିଆଁ ଲାଗିଥିବା ଦେଖାଯାଇଥିଲା। ତେବେ ଲେଭଲ କ୍ରସିଂ ଗେଟ୍ ଜଗୁଆଳିଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

ଅପରାହ୍ଣ ପ୍ରାୟ ୧ଟା ସମୟରେ ୭୦ ଡବାରେ କୋଇଲା ଭର୍ତ୍ତି ହୋଇଥିବା ଟ୍ରେନଟି ଖୋର୍ଦ୍ଧା ରେଳ ଡିଭିଜନର ଭୂଷଣ୍ଡପୁର ଷ୍ଟେଶନ ଅତିକ୍ରମ କରିଥିଲା। ଏହି ସମୟରେ ଭୂଷଣ୍ଡପୁର ଓ ନିରାକାରପୁର ଷ୍ଟେଶନ ମଧ୍ୟରେ ଥିବା ହରିପୁର ଲେଭଲ କ୍ରସିଂ ଗେଟ୍ ଜଗୁଆଳି ଟ୍ରେନ ଇଞ୍ଜିନ ପାଖରୁ ଗୋଟିଏ ଡବା ଛାଡି ଅନ୍ୟ ଡବାର ଚକା ବ୍ରେକରେ ନିଆଁ ଜଳୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନାଲି ପତାକା ଦେଖାଇ ବିପଦ ସୂଚନା ଦେଇଥିଲେ। ପଛରେ ଥିବା ଗାର୍ଡ ଏହା ଦେଖି ବ୍ରେକ ମାରିବା ସହ ଚାଳକଙ୍କୁ ଖବର ଦେଇଥିଲେ। ଅନ୍ୟ ଷ୍ଟାଫ୍‌ଙ୍କ ସହ ଚାଳକମାନେ ଟ୍ରେନରୁ ଓହ୍ଲାଇ ନିଆଁ ଆୟତ୍ତ କରିବାରେ ଲାଗିପଡିଥିଲେ। ପରିସ୍ଥିତି ସ୍ୱାଭାବିକ ହେବାକୁ ପ୍ରାୟ ୫୦ ମିନିଟ ଲାଗିଥିଲା। ପରେ ଟ୍ରେନଟି ଗନ୍ତବ୍ୟ ପଥରେ ଯାତ୍ରା କରିଥିଲା। ଏହା ଦ୍ୱାରା କୋଟି କୋଟି ଟଙ୍କାର କୋଇଲା ପୋଡି ନଷ୍ଟ ହେବାରୁ ରକ୍ଷା ପାଇଯାଇଥିବା କୁହାଯାଉଛି।

# ବାଣ ଭିଡ଼ିବାବେଳେ ବିସ୍ଫୋରଣ: ଜଣେ ମୃତ

**ଚଣ୍ଡିଖୋଲ,୯।୧(ଡି.ଏନ.ଏ)**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଶାଳପଡା କୁଆଁରିଆକୂଳ ଗ୍ରାମରେ ଗୁରୁବାର ଅପରାହ୍ଣରେ ବାଣ ଭିଡୁଥିବା ସମୟରେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ଉକ୍ତ ଗ୍ରାମର ଖଗେଶ୍ୱର ମଲ୍ଲିକ (୪୫) ବୋଲି ଜଣାପଡ଼ିଛି। ଆହତଙ୍କ ପରିଚୟ ମିଳିପାରି ନାହିଁ। ତେବେ ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଖଗେଶ୍ୱରଙ୍କ ଘରେ ଉଭୟ ବାଣ ଭିଡୁଥିବା ସମୟରେ କୌଣସି କାରଣରୁ ସେଠାରେ ବିସ୍ଫୋରଣ ଘଟିଥିଲା। ଫଳରେ ବାଣ ଭିଡ଼ା ଯାଉଥିବା ଚାଳଘରଟି ସମ୍ପୂର୍ଣ୍ଣ ଜଳିଯିବା ସହ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଶବ୍ଦ ଶୁଣି ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କ ଶରୀର ପୋଡିଯାଇଥିବା ବେଳେ ସେମାନଙ୍କୁ ତୁରନ୍ତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ଖଗେଶ୍ୱରଙ୍କୁ ମୃତ ଘୋଷଣା କରିଥିବାବେଳେ ଅଚିହ୍ନା ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଥିଲା। ଖବର ପାଇ ବୈରୀ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ଓ ଏସଆଇ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବାରୁ ଯେଉଁ ଦୁଇଜଣ ବ୍ୟକ୍ତି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ସେମାନଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରୁ ସୁତୁଲି, ବାରୁଦ, ଅଖା ଆଦି ବାଣ ଭିଡାରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ କରିଛି। ଅଧିକ ତଦନ୍ତ ନିମନ୍ତେ ଡିଏସପି ଗୋଚ୍ଛାୟତ ଓ ବଡଚଣା ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରି ଆପଣଙ୍କ ଚେଷ୍ଟା ଓ କର୍ମାନୁସରି ଅର୍ଥପ୍ରାପ୍ତିର ମାର୍ଗ ଉନ୍ମୁକ୍ତ କରିବେ। ଆଶଙ୍କା ଥିଲେ ହେଁ ସାହାଯ୍ୟ, ସହଯୋଗ ଲାଭକରି କାମ ହାସଲରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ସଫଳତା ସାଙ୍ଗକୁ ଯାନବାହନ, ନିର୍ମାଣ, ଘର ସାଜସଜ୍ଜା କାମରେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ।

**ବୃଷ**

ଧନ ସ୍ଥାନରେ ତୃତୀୟାଧିପତି ଯୋଗୁ ବିଭିନ୍ନ ପ୍ରକାରର ମନଗଢା ଲୋଭନୀୟ ପ୍ରତିଶ୍ରୁତିଦେଇ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିପାରିବେ। ପାରିବାରିକ ଓ କର୍ମକ୍ଷେତ୍ରରେ ଅସ୍ଥିରତା ସହ ବିବାଦୀୟ ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ଏଜେନ୍ସିପ୍, ପ୍ରକାଶନ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇପାରିବ।

**ମିଥୁନ**

ଶୁକ୍ର ଭାଗ୍ୟସ୍ଥ ଓ ରାଶିରେ ବଳବାନ୍ ରାହୁଙ୍କ ସ୍ଥିତି ହେତୁ କୌଶଳର ସହ ସ୍ଥଗିତ କାମଗୁଡିକୁ ସମ୍ପାଦନ କରିପାରିବେ। ସଭାସମିତିରେ ବିଶିଷ୍ଟବ୍ୟକ୍ତିମାନଙ୍କର ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ନିଜର ପତିଆରା ଜାହିରକରି ସଫଳ ହେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବଢିଯିବ।

**କର୍କଟ**

ଦ୍ୱାଦଶଭାବକୁ ଗ୍ରହଙ୍କ ଦୃଷ୍ଟି ପ୍ରଭାବରେ ଆପଣ ଖର୍ଚ୍ଚାନ୍ତ ହୋଇ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇପାରନ୍ତି। କର୍ମକ୍ଷେତ୍ର, ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ସମାଜରେ ପ୍ରତିଷ୍ଠା, ବନ୍ଧୁବର୍ଗରେ ଆଦର ସମ୍ମାନ ପ୍ରାପ୍ତି ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ଅନଟନ କିମ୍ବା ତତ୍ ସମ୍ବନ୍ଧିତ କୌଣସି ସମସ୍ୟାର ସମ୍ମୁଖୀନ ହେବାର ସୂଚନା ରହିଛି।

**ସିଂହ**

କର୍ମାଧିପ କେନ୍ଦ୍ରସ୍ଥ ଯୋଗୁ ଆପଣଙ୍କ କୌଣସି କାମ ଅସମ୍ପୂର୍ଣ୍ଣ ରହିବ ନାହିଁ। କିନ୍ତୁ ବିବାଦୀୟ ଘଟଣା ଅମୀମାଂସିତ ରହିବ ଏବଂ ଆତ୍ମୀୟମାନେ ଭିତରେ ଭିତରେ ଚେର କାଟିଲା ଭଳି କାମ କରିପାରନ୍ତି। ଅର୍ଥ ସମ୍ପର୍କିତ କଥାବାର୍ତ୍ତା, ବ୍ୟବସାୟିକ ସମ୍ପର୍କ, ଗବେଷଣା, ଅନୁସନ୍ଧାନ ଓ ବିଦେଶଯାତ୍ରାର ସୁଯୋଗ ପାଇବାର ସମ୍ଭାବନା ରହିଛି।

**କନ୍ୟା**

ମିତ୍ରଗୃହୀ ଧନାଧିପତି ଯୋଗୁ ଅର୍ଥଲାଭ ସାଙ୍ଗକୁ ବନ୍ଧୁଙ୍କ ସହ ସଦ୍‌ଭାବ ବୃଦ୍ଧି ମନରେ ନୂତନ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରିବ। ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ଅଧ୍ୟାପନା ଓ ବିଦେଶ ଯାତ୍ରାରେ ସଫଳତା ହାସଲ କରିବେ। କଳା, କାରିଗରି, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସମାରୋହ ପ୍ରଭୃତି କ୍ଷେତ୍ରରେ ସଫଳତା ଅର୍ଜନ କରିବେ।

**ତୁଳା**

ମଙ୍ଗଳ ସ୍ୱକ୍ଷେତ୍ରବର୍ତ୍ତୀ ହୋଇ ଅର୍ଥ ଓ ଭୂସମ୍ପତ୍ତି ପ୍ରାପ୍ତି, ବିବାଦରେ ବିଜୟ, ଦୂରଯାତ୍ରା, ଧୈର୍ଯ୍ୟର ସହ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ପ୍ରଶାସନିକ ସ୍ତର, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସୁଫଳ ପ୍ରଦାନ କରିବେ। ପରିବହନରେ ଝଗଡ଼ା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କ୍ଷେତ୍ରର ବ୍ୟତିକ୍ରମକୁ ସୁଧାରି ନେଇପାରନ୍ତି।

**ବିଛା**

ଅଭାବ ଅସୁବିଧା ନ ଥିଲେ ମଧ୍ୟ ପାପଯୁକ୍ତ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡ଼ାଇହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଆଇନ ଅଦାଲତରେ ସଫଳତା ହାସଲ କରିବେ।

**ଧନୁ**

ରାଶ୍ୟାଧିପତି ସ୍ୱେକ୍ଷତ୍ରସ୍ଥ ହୋଇ ଏକାଧିକ ଗ୍ରହ ସଙ୍ଗତ୍ୱ ଯୋଗୁ ଆନୁଷ୍ଠାନିକ କାମ, ଗଠନମୂଳକ କାର୍ଯ୍ୟ ଓ ରାଜନୈତିକ ସ୍ଥିତି ବେଶ୍ ଅନୁକୂଳ ରହିବ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମୟାନ୍ତରରେ ସମାଧାନ ହୋଇଯିବ। ଶେୟାରବଜାର, ପ୍ରକଳ୍ପ କାମ, ରପ୍ତାନି ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**ମକର**

ଏକାଦଶସ୍ଥ ମଙ୍ଗଳ ଓ ଧନଭାବସ୍ଥ ଶୁକ୍ର ହେତୁ କୌଣସି ଅଭାବ, ଅସୁବିଧା ରହିବ ନାହିଁ। ପାରିବାରିକ ଜୀବନ, ସାମାଜିକ ସ୍ଥିତି, ଯାନବାହନ, ଲୋକସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗର ଆବଶ୍ୟକତା ଅନୁଭବ କରିପାରନ୍ତି। ପୂର୍ବପରିକଳ୍ପିତ ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**କୁମ୍ଭ**

ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ଦୈହିକ ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଲେ ମଧ୍ୟ ବୃତ୍ତି, ବାଣିଜ୍ୟ ଓ ଲୋକ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ସାମାଜିକ ସ୍ଥିତି ଦୁର୍ବଳରୁ ଦୁର୍ବଳତର ହୋଇପାରେ। ମାଲିମକଦ୍ଦମା, ପ୍ରଶାସନିକ ସ୍ତରରେ, କଳା, ସାହିତ୍ୟରେ ସୁଫଳ ପାଇବେ। ନିର୍ମାଣ, ଆମଦାନୀ, ରେଷ୍ଟୁରାଣ୍ଟ, ହୋଟେଲ ଶିଳ୍ପ ବହୁତ ଭଲ ରହିବ।

**ମୀନ**

କର୍ମକ୍ଷେତ୍ରରେ ଏକାଧିକ ଗ୍ରହ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। ଉପରିସ୍ଥଙ୍କ ଅନୁକମ୍ପା ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବା ସହ ମାନସିକ ସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହେବ।

ଆଜି ଜାନୁୟାରୀ ୧୦ ତାରିଖ, ପୌଷମାସର ଦେବାଭିଷେକ ପୂର୍ଣ୍ଣିମା ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର(ରାଜବେଶ), ସୁନାବେଶ, ପୂଜ୍ୟ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ରାଶିନକ୍ଷତ୍ର–ଆରଦ୍ରା /ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୧୦ମି. ମଧ୍ୟେ ଘ୭।୫୪ମି. ଗତେ, ଘ୧୦।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୮ମି. ଗତେ ଘ୯।୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୩୨ମି. ଗତେ ଘ୧୧।୫୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

Tata Dumper Model 2011, Dala 12CM for sale Rs. 6,50,000, 7008503089. D-59868



**SALE**

2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

ଭୁବନେଶ୍ୱର କଟଣା ଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452. D-68749

Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933. D-16063

Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183. D-68468

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959



Construct your building as per your terms and condition. Contact: 9937064680. D-27284



Shivam logistic packers movers. Household/ car relocation countrywide. 9777044177, 9338461133. D-16087



Rejuvenate and ayurvedic full body massage by smart therapist. 9114402304. D-68946

Sai herbal spa refresh your body with smart, expert therapist. 7608062524. D-68954

Refresh your mind and soul with best therapy at Orchid Salon/Spa. 9937287222. D-68745

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies and gents. Contact: 9861064981. D-68746

Completely stress management therapy, visit us our clinic. Contact: 7852986810. D-68532

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Ayurvedic full body massage ladies & gents smart therapist, 9668814589. D-68750

**AFFIDAVIT**

By virtue of affidavit before Executive Magistrate dt. 24.12.19 state that my name is SK. Abul Basar Sahed, S/o- SK. Abubakar, At/ Po- Sirlo, PS- Kishore Nagar, Dist- Cuttack, 754131, but name has been wrongly mentioned in some of my documents. Henceforth my name will be considered as SK. Abul Basar Sahed for all purposes. D-16112


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ




# ଆଜି ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ, ୯।୧:** ଶୁକ୍ରବାର ପବିତ୍ର ପୌଷ ପୂର୍ଣ୍ଣମୀ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହି ସୁନାବେଶ ଅନ୍ୟତମ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ରାତି ୨ଟାରେ ଦ୍ୱାରଫିଟା, ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଭୋର ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି, ସକାଳ ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ସକାଳ ଧୂପ (କେବଳ କୋଠ ଭୋଗ), ପୂର୍ବାହ୍ନ ୧୧ଟା ୧୫ରେ ମହାଲକ୍ଷ୍ମୀ ବିଜେ, ୧୧ଟା ୩୦ରୁ ଅପରାହ୍ନ ୧ଟା ମଧ୍ୟରେ ଶ୍ରୀପୟର ଲାଗି ଅଭିଷେକ ବେଶ, ୧ଟା ୪୫ରେ ଭୋଗମଣ୍ଡପ, ଅପରାହ୍ନ ୪ଟା ୩୫ରେ ଆଞ୍ଜାମାଳ ପାଇଁ ରଘୁନାଥଦେବ ଲକ୍ଷ୍ମୀମନ୍ଦିରକୁ ବିଜେ, ୫ଟାରେ ଭୋଗମଣ୍ଡପ ପୂଜା ଶେଷ, ରାତି ୭ଟା ୩୦ରେ ସନ୍ଧ୍ୟା ଆଳତି, ୧୦ଟାରେ ଅଭିଷେକ ନୀତି ଶେଷ, ୧୧ଟାରେ ବଡ଼ସିଂହାର ବେଶ, ସାଢେ ୧୧ଟାରେ ବଡ଼ସିଂହାର ଭୋଗ, ୧୧ଟା ୪୫ରେ ଟୋପର ଲାଗି ସରି ରାତି ୧୨ଟାରେ ରାତ୍ର ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୯୩୪୮୨୦୯୫୩୪**

 କ୍ରାଇମବ୍ରାଞ୍ଚ ପକ୍ଷରୁ କର୍ମଶାଳା

# ଅନ୍‌ଲାଇନ୍ ଠକାମି ରୋକିବାକୁ ଗୁରୁତ୍ୱ

କଟକ ଅଫିସ, ୯।୧: ରାଜ୍ୟରେ ଅନ୍‌ଲାଇନ ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ସାଧାରଣତଃ ପୂର୍ବ ଭଳି ଏବେ ଲୋକମାନେ ବ୍ୟାଙ୍କ ଉପରେ ନିର୍ଭରଶୀଳ ହେଉନାହାନ୍ତି। ଘରେ ବସି ନିଜ ମୋବାଇଲ ଫୋନରେ ଟଙ୍କା ନେଣ ଦେଣ କରୁଛନ୍ତି। ଏଥିସହିତ ମୋବାଇଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ବିଭିନ୍ନ ଅନ୍‌ଲାଇନ ସାଇଟ୍‌ରୁ ଜିନିଷ କିଣୁଛନ୍ତି। ତେବେ ଏଥିରେ ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। ଅନ୍‌ଲାଇନ ଠକ ବିଭିନ୍ନ ଉପାୟରେ ଲୋକଙ୍କ ଟଙ୍କା ଠକି ନେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ସାଇବର ସେଲ୍‌ରେ ଅଭିଯୋଗ ହେଉଛି। ହେଲେ ପୋଲିସ ସେମାନଙ୍କ ନିକଟରେ ପହଞ୍ଚିବାରେ ଅନେକାଂଶରେ ବିଫଳ ହେଉଛି। ତେଣୁ ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏବେ ତତ୍ପର ହୋଇଉଠିଛି। ଏ ନେଇ କ୍ରାଇମବ୍ରାଞ୍ଚ ଓ ଆଇସିଆଇସିଆଇ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ଯୋଗ୍ୟତା ନିର୍ମାଣ କର୍ମଶାଳା କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଟିଏମ୍, କ୍ରେଡିଟ୍ କାର୍ଡ ଓ ୟୁପିଆଇ ଠକାମି ସହିତ ଅନ୍ୟାନ୍ୟ ଅନ୍‌ଲାଇନ୍ ଠକାମିର ତଦନ୍ତ କିଭଳି ଭାବେ ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବିଶେଷକରି ଅନ୍‌ଲାଇନ ଠକାମିକୁ ପ୍ରାଥମିକ ସ୍ତରରୁ କିଭଳି ରୋକାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଥାନା ସ୍ତରରୁ ଏଭଳି ଠକାମିକୁ ଚିହ୍ନଟ କରାଯାଇ ଏହାର ନିରାକରଣ କରାଯାଇପାରିବ। ଏହି କର୍ମଶାଳାରେ କମିଶନରେଟ୍ ପୋଲିସ ଓ କେନ୍ଦ୍ରାଞ୍ଚଳ ପୋଲିସ ରେଞ୍ଜର ୩୫ଜଣ ଅଧିକାରୀ, ଆଇସିଆଇସିଆଇ ବ୍ୟାଙ୍କର ବମ୍ବେ ଓ ଭୁବନେଶ୍ୱର ଶାଖାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ନବନିର୍ମାଣ କୃଷକ ସଂଗଠନର ଆଇନଅମାନ୍ୟ ଆନ୍ଦୋଳନ

# କୃଷିମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଲେ ଚାଷୀ

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଭୁବନେଶ୍ୱର, ୯।୧ (ବ୍ୟୁରୋ)

- ଏୟାରଫିଲ୍ଡ଼ ଥାନା ସମ୍ମୁଖରେ ଚାଷୀ-ପୋଲିସ ଧସ୍ତାଧସ୍ତି
- ଅନଶନ ଭାଙ୍ଗିଲେ ଚାଷୀନେତା ଅକ୍ଷୟ କୁମାର
- ମେ' ମାସରେ ମହାସଂଗ୍ରାମ

କାଳିଆ ଯୋଜନାକୁ ନେଇ ଗତ ଡ଼ିସେମ୍ବର ୨୬ରୁ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚାଷୀଙ୍କ ସହ ଅନଶନରେ ବସିଥିଲେ। ସରକାର ଦାବି ପୂରଣ ନ କରିବାରୁ ଗୁରୁବାର ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ମହିଳା ଓ ପୁରୁଷ ଚାଷୀମାନେ ବିଭିନ୍ନ ଦିଗରୁ ରାଜଧାନୀକୁ ପଶିଥିଲେ। କାଳିଆ ଯୋଜନା କାହିଁକି ବନ୍ଦ ହେଲା, ଚାଷୀଙ୍କୁ ଦେଇଥିବା କାଳିଆ ଟଙ୍କାର ପ୍ରତିଶ୍ରୁତି କୁଆଡ଼େ ଗଲା ଆଦି ନାନା ନାରା ଦେଇ ରାଜଧାନୀ ରାଜରାସ୍ତାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସର ସୁରକ୍ଷା ବଳୟକୁ ଭେଦକରି କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ବାସଭବନକୁ ଘେରାଉ କରିବା ସହ ଭିତରକୁ ଧସେଇ ପଶିଥିଲେ। କେତେଜଣ ଚାଷୀ ତଳେ ଶୋଇ ରହି ନାନା ସ୍ଲୋଗାନ ଦେଇଥିଲେ। ଶେଷରେ କ୍ୟାପିଟାଲ ଥାନା ପୋଲିସ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଓ ଚାଷୀଙ୍କୁ ଗିରଫ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଅନ୍ୟପକ୍ଷରେ ଜଟଣୀ-ସୁନ୍ଦରପଦା ରାସ୍ତାର ବୀରବନ୍ଧସ୍ଥିତ ସଂଗଠନର ରାଜ୍ୟ କାର୍ଯ୍ୟାଳୟରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଚାଷୀ ଶୋଭାଯାତ୍ରା ନବୀନ ନିବାସ ଅଭିମୁଖେ ବାହାରିଥିଲା। ଶୋଭାଯାତ୍ରା ଏୟାରଫିଲ୍‌ଡ ଥାନା ସମ୍ମୁଖରେ ପହଞ୍ଚିବା ମାତ୍ରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଚାଷୀ ଓ ପୋଲିସ ମଧ୍ୟରେ ବହୁ ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଏ ସମ୍ପର୍କରେ ଅକ୍ଷୟ କୁମାର କହିଥିଲେ, ଆଗାମୀ ମେ' ମାସରେ ସଙ୍ଗଠନ ତରଫରୁ ଯେଉଁ ମହାସଂଗ୍ରାମ ଆରମ୍ଭ ହେବ, ସେଥିପାଇଁ ସାଙ୍କେତିକ ଯୁଦ୍ଧ ଏବେଠୁ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଭଳି ଭାବେ ଚାଷୀଙ୍କୁ ଅପମାନିତ କରି କାଳିଆ ଯୋଜନାରେ ୬ ହଜାର ଟଙ୍କା ଲେଖାଏ ହ୍ରାସ କଲେ ତାହା ବିରୋଧରେ ଗାଁଗଣ୍ଡାରେ ବ୍ୟାପକ ପ୍ରଚାର ହେବା ଜରୁରୀ। ଚାଷୀ ଏବେ ସଚେତନ ହେବା ଆବଶ୍ୟକ। କେତେଥର ଆଉ ପ୍ରତାରଣା ପାଇବା ପରେ ଚାଷୀ ଚେତିବ। ଏବେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି, ଏକ ହୁଅ ବୋଲି ସେ କହିଥିଲେ। ଆନ୍ଦୋଳନ ସମୟରେ ଚାଷୀନେତା ସ୍ନେହାଂଶୁ ଜେନା, ଦୁର୍ଗା ବାରିକ, ପ୍ରସନ୍ନ କୁଅଁର, ସୁରେଶ ଚନ୍ଦ୍ର ମାନସିଂହ, ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଆସିଥିବା ଚାଷୀଙ୍କୁ ପୋଲିସ ଗିରଫ କରିଥିଲା। ସନ୍ଧ୍ୟାରେ ପୋଲିସ ସମସ୍ତ ଚାଷୀଙ୍କୁ ଛାଡି ଦେଇଥିବା ସୂଚନା ମିଳିଛି।


କୃଷିମନ୍ତ୍ରୀଙ୍କ ବାସଭବନ ପରିସରରେ ଶୋଇରହି ପ୍ରତିବାଦ କରୁଥିବା ଚାଷୀଙ୍କୁ ପୋଲିସ ଉଠାଇ ନେଉଛି।

## ଯୁକ୍ତ୨ କଲେଜଗୁଡ଼ିକୁ କଡ଼ା ଚେତାବନୀ

# ସିସିଟିଭି ନ ଲଗାଇଲେ ପରୀକ୍ଷାକେନ୍ଦ୍ର ବନ୍ଦ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଜାନୁୟାରୀ ୨୭ରୁ ଯୁକ୍ତ୨ ପ୍ରାକ୍ଟିକାଲ ଏବଂ ମାର୍ଚ୍ଚ ୩ରୁ ଥିଓରି ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହାପୂର୍ବରୁ ପରୀକ୍ଷାକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସଜାଡ଼ିବାକୁ କଡ଼ା ଚେତାବନୀ ଦେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)। ଚଳିତବର୍ଷ ସମସ୍ତ ପରୀକ୍ଷାକେନ୍ଦ୍ରରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଥିବାବଳେ ଜାନୁୟାରୀ ୧୦ ବା ଶୁକ୍ରବାର ସୁଦ୍ଧା ସମସ୍ତ ପରୀକ୍ଷାକେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଇବା କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ସମସ୍ତ କଲେଜଗୁଡ଼ିକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଜାନୁୟାରୀ ୭ ସୁଦ୍ଧା ସିସିଟିଭି ଲଗାଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଧିକାଂଶ ପରୀକ୍ଷାକେନ୍ଦ୍ର ଏ ଦିଗରେ ପଦକ୍ଷେପ ନେଇ ନ ଥିବାରୁ ନିର୍ଦ୍ଦେଶାଳୟ ପକ୍ଷରୁ ପୁଣିଥରେ ଚିଠି ଲେଖାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ସିସିଟିଭି ଲଗାଇବା ସମ୍ପର୍କରେ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ସାମ୍ସ ଇ-ସ୍ପେସ୍‌ରେ ଥିବା ସିସିଟିଭି ଲିଙ୍କ୍ ମାଧ୍ୟମରେ ପରିଷଦ ନିକଟରେ ଦାଖଲ କରିବାକୁ କୁହାଯାଇଛି। ପରିଷଦର ଗାଇଡ୍‌ଲାଇନ୍ ଅନୁଯାୟୀ ପରୀକ୍ଷାକେନ୍ଦ୍ରର ସମସ୍ତ ହଲ୍, ସିଲ୍ ପ୍ରଶ୍ନପତ୍ର ରହିଥିବା ସ୍ଥାନ, ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସ୍ଥାନ, ଅଫିସ୍ ରୁମ୍, ପ୍ରବେଶ ପଥର ମୁଖ୍ୟ ଫାଟକ ତଥା ଯାଞ୍ଚସ୍ଥଳରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଛି। ଏହାବ୍ୟତୀତ କ୍ୟାମ୍ପସ୍ ପରିସର, କ୍ଲାସରୁମ୍‌ରୁ ଅଫିସ୍ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା, କ୍ୟାମ୍ପସ୍‌ର ଅନ୍ୟାନ୍ୟ ପ୍ରମୁଖ ସ୍ଥାନ ଏବଂ ଲୋକାରଣ୍ୟ ଅଞ୍ଚଳରେ ସିସିଟିଭି ଲଗାଇବାକୁ କୁହାଯାଇଛି। ଯଦି କୌଣସି କେନ୍ଦ୍ର ସିସିଟିଭି ଲଗାଯିବା ସମ୍ପର୍କିତ ତଥ୍ୟ ନ ଦିଅନ୍ତି, ସେଠାରେ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।




# ଗ୍ରୀଷ୍ମ ଅବକାଶରେ ଅତିରିକ୍ତ କ୍ଲାସ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ଆସନ୍ତା ଗ୍ରୀଷ୍ମ ଅବକାଶରେ ରାଜ୍ୟ ସରକାର ଦୁର୍ବଳ ପିଲାଙ୍କ ପାଇଁ ଅତିରିକ୍ତ କ୍ଲାସ କରିବା ପାଇଁ ଚିନ୍ତା କରୁଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ଏହି ସୂଚନା ଦେଇଛନ୍ତି। ସକାରାତ୍ମକ ଭାବେ ପିଲାମାନଙ୍କୁ ଯେପରି ପାଠପଢାମନସ୍କ କରାଯାଇ ପାରିବ, ସେ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ସେହିପରି ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଦୁର୍ବଳ ପିଲାଙ୍କ ପାଇଁ ଚଳିତ ମାସ ୩୧ ଯାଏ ସ୍ୱତନ୍ତ୍ର କ୍ଲାସ କରାଯିବ ବୋଲି ଜଣାପଡିଛି। ମାଟ୍ରିକ ପରୀକ୍ଷାରେ ପଡୁଥିବା ଭଳି ମକ୍ ପ୍ରଶ୍ନାବଳୀକୁ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଛି। ଦୁର୍ବଳ ପିଲାଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ଗୋଷ୍ଠୀଗତ ଜ୍ଞାନ ଆହରଣ ଏବଂ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରତି ସ୍କୁଲରେ ଉତ୍କର୍ଷ ଏବଂ ଉତ୍‌ଥାନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କଟକ, କେନ୍ଦ୍ରାପଡ଼ା, କନ୍ଧମାଳ ପ୍ରଭୃତି ଜିଲାରେ ଯେପରି କୌଣସି ସ୍କୁଲରେ ଶୂନ ଫଳାଫଳ ନ ହୁଏ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି।

## ସର୍ବସାଧାରଣଙ୍କ ପାଇଁ ଘୋଷଣା

INDIAN READERSHIP SURVEY
Media Research Users Council

**ପୃଥିବୀର ସବୁଠାରୁ ବଡ଼ ପାଠକୀୟ, ଗଣମାଧ୍ୟମ ତଥା ଉତ୍ପାଦ ଉପଯୋଗ ସର୍ବେକ୍ଷଣରେ ଭାଗ ନିଅନ୍ତୁ**

ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି) ପୃଥିବୀର ସବୁଠାରୁ ବଡ଼ ପାଠକୀୟ ଏବଂ ଉପଯୋଗ ସର୍ବେକ୍ଷଣ ଆରମ୍ଭ କରିଛି - **ଭାରତୀୟ ପାଠକୀୟ ସର୍ବେକ୍ଷଣ (ଆଇଆର୍‌ଏସ୍)** । ଆଇଆର୍‌ଏସ୍ ହେଉଛି ଏକ ସର୍ବଭାରତୀୟ **ପାଠକୀୟ ଏବଂ ଉପଯୋଗ ଅଧ୍ୟୟନ**, ଯାହା ଖବରକାଗଜ ଓ ମାଗାଜିନ୍‌ର ପାଠକ; ଟିଭି, ରେଡିଓ, ଇଣ୍ଟରନେଟ୍ ଭଳି **ଅନ୍ୟାନ୍ୟ ଗଣମାଧ୍ୟମର ଉପଯୋଗ** ତଥା **ବିଭିନ୍ନ ଘରୋଇ ଉତ୍ପାଦ ମାଲିକାନା**, ଜୀବନଶୈଳୀ ସମ୍ବନ୍ଧୀୟ ସୂଚନା ଓ **ବ୍ୟକ୍ତିଗତ ଏବଂ ପାରିବାରିକ ଆର୍ଥିକ ଅଭ୍ୟାସ** ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପଲବ୍ଧ କରାଇଥାଏ । ସର୍ବେକ୍ଷଣ ସଞ୍ଚାଳନ ପାଇଁ ଅଞ୍ଚଳ ଓ ପରିବାରଗୁଡ଼ିକୁ ମତଦାତା ସୂଚୀ ସହାୟତାରେ ଯାଦୃଚ୍ଛିକ ଭାବେ ଚୟନ କରାଯିବ। ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବା ଏବଂ ନିଜ ନିଜର ବ୍ୟବସାୟ ଲକ୍ଷ୍ୟକୁ ହାସଲ କରିବାରେ ଆଇଆର୍‌ଏସ୍ ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସକ୍ଷମ କରିଥାଏ । ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସେମାନଙ୍କ ବ୍ୟବସାୟ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବାରେ ଆଇଆର୍‌ଏସ୍ ସକ୍ଷମ କରିଥାଏ । ଏହି ସର୍ବେକ୍ଷଣ **ନୀଲସେନ ଇଣ୍ଡିଆ** - ଭାରତର ଏକ ସୁପ୍ରତିଷ୍ଠିତ ବଜାର ଗବେଷଣା ଏଜେନ୍ସି ଦ୍ୱାରା ସଞ୍ଚାଳନ କରାଯାଉଛି।

**ଦେଶର ସମସ୍ତ ଗଣମାଧ୍ୟମ ତଥା ବିପଣନ କମ୍ପାନୀଗୁଡ଼ିକ ତରଫରୁ ଏହି ଅତି ଗୁରୁତ୍ୱପୂର୍ଣ୍ଣ ସର୍ବେକ୍ଷଣ** ସଞ୍ଚାଳନ ପାଇଁ ଆପଣଙ୍କ ଘରକୁ ଆସିଥିବା **ନୀଲସେନ୍** ସର୍ବେକ୍ଷକଙ୍କୁ ସହଯୋଗ କରିବା ଲାଗି ଆମେ **ଆପଣ** ଓ ଆପଣଙ୍କ ପରିବାର ସଦସ୍ୟ ତଥା **କର୍ତ୍ତୃତ୍ୱଧାରୀ ବ୍ୟକ୍ତିମାନଙ୍କୁ** ଅନୁରୋଧ କରୁଛୁ । ଆପଣ **ପରିଚୟ ଯାଞ୍ଚ** କରିବାକୁ ଚାହିଁଲେ, ନୀଲସେନ ସର୍ବେକ୍ଷକଙ୍କୁ ତାଙ୍କ **ପରିଚୟପତ୍ର** ମାଗିପାରନ୍ତି ।

**ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି)** ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ଶିଳ୍ପ ସଂସ୍ଥା, ଯେଉଁଥିରେ ପ୍ରମୁଖ ବିଜ୍ଞାପନଦାତା, ପ୍ରକାଶକ, ବିଜ୍ଞାପନ ଏଜେନ୍ସି ଓ ପ୍ରସାରଣକାରୀ / ଅନ୍ୟାନ୍ୟ ଗଣମାଧ୍ୟମ ସ୍ୱତ୍ୱାଧିକାରୀଙ୍କ ପ୍ରତିନିଧିତ୍ୱ ରହିଛି । ଅଧିକ ବିବରଣୀ ପାଇଁ ଦୟାକରି www.mruc.netରେ ଲଗ୍ ଅନ୍ କରନ୍ତୁ।






ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# ଦୋହରା ଝଟକା

ଇରାନର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକା ଶୁକ୍ରବାର ବିମାନ ଆକ୍ରମଣ କରି ହତ୍ୟାକରିବା ପରେ ୱାଶିଂଟନ ଓ ତେହେରାନ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାର ଜବାବରେ କ୍ଷୁବ୍ଧ ଇରାନ ବାଗଦାଦସ୍ଥିତ ମାର୍କିନ ବିମାନଘାଟୀଗୁଡ଼ିକ ଉପରେ ଏକ ଡଜନରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରି ଅଞ୍ଚଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଆମେରିକା ସୋଲେମାନୀଙ୍କୁ ହତ୍ୟାକରିବା ଏବଂ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମିନୀଙ୍କ ଦମ୍ଭୋକ୍ତି ପରେ ପରେ ତୁରନ୍ତ ବ୍ରେଣ୍ଟ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୩ ପ୍ରତିଶତ ବୃଦ୍ଧିପାଇ ୬୮.୨୫ ଡଲାରରେ ପହଞ୍ଚିଥିଲା। ଏହା ଫଳରେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ତୈଳ ଦର ୨.୭୧ ପ୍ରତିଶତ ବୃଦ୍ଧିପାଇବା ସହ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମାସକର ସର୍ବନିମ୍ନ ସ୍ତରକୁ ହ୍ରାସ ପାଇ ଟ୭୧.୬୧ରେ ପହଞ୍ଚିଛି। ବଜାରରେ ତୈଳ ସମ୍ପର୍କିତ ଷ୍ଟକ୍ ମଧ୍ୟ ହ୍ରାସ ପାଇଛି। ଭାରତୀୟ ତୈଳ ନିଗମ (ଆଇଓସିଏଲ୍), ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପିସିଏଲ୍) ଓ ଭାରତ ପେଟ୍ରୋଲିୟମ୍ (ବିପିସିଏଲ୍) ପରି ତୈଳ ବିପଣନକାରୀ କମ୍ପାନୀଗୁଡ଼ିକର ବେପାର ହ୍ରାସ ପାଇଛି। ନିବେଶକମାନେ ନିରାପଦ ନିବେଶସ୍ଥଳ ଖୋଜୁଥିବାରୁ ଷ୍ଟକ୍ ବଜାରଗୁଡ଼ିକ ଅନ୍ତେବହୁତେ ମାନ୍ଦା ପଡ଼ିଯାଇଛି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଚଳିତ ସପ୍ତାହରେ ସୁନାର ମୂଲ୍ୟ ୧୦ ଗ୍ରାମ୍ ପିଛା ଐତିହାସିକ ସର୍ବୋଚ୍ଚ ସ୍ତର ୪୧,୦୦୦ ଟଙ୍କାକୁ ଟପିଯାଇଛି। ଯଦି ଏପରି ବାଷ୍ପଶୀଳ ଅବସ୍ଥା ପ୍ରାୟ ମାସେ ଯାଏ ଲାଗିରହେ, ତେବେ ଏହା ଭାରତୀୟ ଅର୍ଥନୀତି ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇବ। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୦ ଡଲାର ବା ତା'ଠୁ ଅଧିକ ହୋଇପାରେ। ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଲାଭ ହ୍ରାସ ପାଇବା ସହ ତାହା ଆର୍ଥିକ ମାନ୍ଦାବସ୍ଥାକୁ ତ୍ୱରାନ୍ୱିତ କରିପାରେ।

ଭାରତ ତା'ର ଅଶୋଧିତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଥିବା ବେଳେ ଏହାର ୬୦ ପ୍ରତିଶତରୁ ଅଧିକ ମଧ୍ୟପ୍ରାଚ୍ୟରୁ ଆମଦାନି କରିଥାଏ। ବର୍ତ୍ତମାନ ଭାରତ ଇରାନରୁ ଖୁବ୍ କମ୍ ବା ନଗଣ୍ୟ ତୈଳ ଆମଦାନି କରୁଛି କାରଣ ଆମେରିକା ତେହେରାନ ଉପରେ କଟକଣା ଲାଗୁକରିବା ପରଠାରୁ ଭାରତ ପରି ଦେଶଗୁଡ଼ିକ ଶିୟା ଦେଶରୁ ତୈଳ ଆମଦାନି କରିବା ଏକପ୍ରକାର ବନ୍ଦ କରିଦେବାକୁ ବାଧ୍ୟ ହୋଇଛନ୍ତି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଭାରତ ନିଜର ଶକ୍ତି ସୁରକ୍ଷା ତଥା ପଶ୍ଚିମ ଏସିଆରେ ରହୁଥିବା ୮ ନିୟୁତରୁ ଅଧିକ ଓ ସୌଦୀ ଆରବରେ ରହୁଥିବା ୨.୫ ନିୟୁତରୁ ଅଧିକ ପ୍ରବାସୀ ଭାରତୀୟଙ୍କ ସ୍ୱାର୍ଥ ବିଷୟରେ ଚିନ୍ତାକରି ଏହା ଉପରେ ସତର୍କତାର ସହ ପ୍ରତିକ୍ରିୟା ପ୍ରକାଶ କରିବା ଦରକାର। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୨୦୧୮ରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୧୬-୧୭ରେ ବିଦେଶରୁ ଭାରତକୁ ଆସିଥିବା ଅର୍ଥ ମଧ୍ୟରୁ ସଂଯୁକ୍ତ ଆରବ ଏମିରେଟ୍‌ସ, ସୌଦୀ ଆରବ, କାତାର, କୁଏତ୍ ଓ ଓମାନ ଏବଂ ପଶ୍ଚିମ ଏସିଆର ସମସ୍ତ ଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନେ ପଠାଇଥିବା ଅର୍ଥ ୫୩.୫ ପ୍ରତିଶତ ଥିଲା। ଏହାଦ୍ୱାରା ଉଭୟ ଫରେନ୍ ଏକ୍ସଚେଞ୍ଜ (ବିଦେଶୀ ମୁଦ୍ରା) ଓ ବିଦେଶରୁ ଆସୁଥିବା ଅର୍ଥ ଉପରେ ନିର୍ଭର କରୁଥିବା ଭାରତୀୟମାନଙ୍କର ଘରୋଇ ଚାହିଦା ପ୍ରଭାବିତ ହୋଇପାରେ।

## ଆଜିର ଅର୍ଥନୀତି

ଆମେରିକା ଓ ଇରାନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଲେ ପାରସ୍ୟ ଉପସାଗରରେ ଥିବା ସାମୁଦ୍ରିକ ପଥ ଏବଂ ତୈଳ ମୂଲ୍ୟ ଓ ଯୋଗାଣ ପ୍ରଭାବିତ ହେବ। ଉଭୟ ଆମେରିକା ଓ ଇରାନ ସହ ଭାରତର ସୁସମ୍ପର୍କ ରହିଆସିଛି। ତେଣୁ ପଶ୍ଚିମ ଏସିଆରେ ଦେଖାଦେଇଥିବା ଉତ୍ତେଜନା ନୂଆଦିଲ୍ଲୀକୁ ଅଡୁଆ ପରିସ୍ଥିତିରେ ପକାଇଦେଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ସ୍ଥିର ଥିବାବେଳେ ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ଯଦି ୧ ଡଲାର ବୃଦ୍ଧି ପାଏ, ତେବେ ବିପଣନ ଲାଭ ଲିଟର ପିଛା ପ୍ରାୟ ୪୫ ପଇସା ହ୍ରାସ ପାଇବ। ଯଦି ଦେଶକୁ ବିଦେଶୀ ମୁଦ୍ରା ଆସିବା କମିଯାଏ, ତେବେ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବା ସହ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଯାହା ଭାରତୀୟ ଅର୍ଥନୀତି ପାଇଁ ଦୋହରା ଝଟକା ସଦୃଶ ହେବ। ଗତ ଚାରିବର୍ଷ ଧରି ତୈଳ ମୂଲ୍ୟରେ ବିଶେଷ ବୃଦ୍ଧି ଘଟି ନ ଥିଲା। ୨୦୧୧-୧୨ରୁ ୨୦୧୩-୧୪ ପର୍ଯ୍ୟନ୍ତ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହିଥିବା ବେଳେ ୨୦୧୫-୧୬ରେ ବ୍ୟାରେଲ ପିଛା ଦର ୫୦ ଡଲାର ତଳକୁ ଖସିଯାଇଥିଲା। ୨୦୧୬-୧୭ରେ ଏହି ଦର ବ୍ୟାରେଲ ପିଛା ୫୬ ଡଲାର ହୋଇଥିବା ବେଳେ ୨୦୧୭-୧୮ ଓ ୨୦୧୮-୧୯ରେ ଏହା ୭୦ ଡଲାର ରହିଥିଲା। ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଶିରୋରେଖା ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିବାବେଳେ ତୈଳଦର ବଢ଼ିଲେ ତାହା ବର୍ତ୍ତମାନର ମୁଦ୍ରାସ୍ଫୀତିଜନିତ ସ୍ଥିତିକୁ ଆହୁରି ବିଗାଡ଼ିଦେବ। ଅଶୋଧିତ ତୈଳଦର ବଢ଼ିଲେ ଚଳନ୍ତି ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଇବ କାରଣ ଏହାଦ୍ୱାରା ତୈଳ ଆମଦାନି ଖର୍ଚ୍ଚ ଉଲ୍ଲେଖନୀୟ ଭାବେ ବଢ଼ିଯିବ। ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ଆର୍‌ବିଆଇ ସୁଧହାର ହ୍ରାସକରିବା ସମ୍ଭାବନା ମଉଳିଯିବ। ସରକାରଙ୍କ ନିଜ ଆକଳନ ଅନୁସାରେ ୨୦୨୦ରେ ଦେଶର ଅଭିବୃଦ୍ଧି ହାର ୫ ପ୍ରତିଶତରେ ସୀମିତ ରହିବାକୁ ଥିବାବେଳେ ଉକ୍ତ ମୁଦ୍ରାସ୍ଫୀତିଜନକ ପରିସ୍ଥିତି ଦେଶର ଅର୍ଥନୀତି ପାଇଁ ଦୋହରା ଝଟକା ସଦୃଶ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଜାନୁୟାରୀ ୧୯୯୫**

- ବମ୍ବେ ବୋମା ବିସ୍ଫୋରଣ ମାମଲାର ବିଚାରପତି ଜେ.ଏନ. ପଟେଲ ଅଭିଯୁକ୍ତ ୫ ଜଣଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।
- ଜଷ୍ଟିସପ୍ରଦୀପ୍ତରାୟଓଡ଼ିଶାହାଇକୋର୍ଟରବିଚାରପତିଭାବେଶପଥନେଲେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 1 | | | | | 7 | | | C | 0 |
| 0 | B | | 8 | 7 | | | | | | | | | | 1 |
| | | 1 | 2 | B | | C | A | | 5 | | | | | |
| | A | | 5 | D | | | 7 | | | | | 6 | | 2 |
| 9 | | 7 | | | | | 2 | 6 | | D | | | | |
| | 9 | | D | 2 | | | 4 | | B | E | 3 | | | |
| C | | | 3 | | | | E | | | | D | 0 | 4 | |
| A | 2 | | | | | 9 | 6 | | | | | | D | |
| | | | | | | B | | | 2 | | 7 | 1 | | 5 |
| | 6 | B | A | | 8 | 0 | | | 1 | | | | | |
| | 5 | | 1 | | | 7 | | | | | E | | | 8 |
| | | 9 | | | | | | | | | C | | | |
| | | | | | | 5 | D | | | | 2 | 9 | 7 | |
| | 0 | | | 9 | 3 | | | C | 4 | | | | 2 | A |
| | | 8 | 7 | | 0 | 6 | | E | | B | 5 | | 1 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | E | D | 7 | B | 2 | 9 | A | 1 | 4 | 0 | 6 | 5 | 8 | C |
| 4 | 1 | 2 | D | 9 | 5 | 7 | 8 | 0 | 3 | C | B | E | A | 6 |
| C | 8 | 5 | A | E | 3 | 6 | 2 | 4 | D | 7 | 1 | 0 | 9 | B |
| 7 | 6 | A | 0 | 8 | C | B | E | D | 5 | 9 | 2 | 1 | 3 | 4 |
| 9 | 0 | B | 6 | 1 | 4 | C | 3 | 5 | E | A | 8 | D | 7 | 2 |
| A | 4 | 7 | 5 | C | 9 | 3 | 6 | 8 | B | 1 | D | 2 | E | 0 |
| D | 9 | E | 4 | A | 0 | 5 | 1 | B | 8 | 2 | C | 7 | 6 | 3 |
| 6 | B | 8 | 1 | 3 | D | 2 | 9 | A | 7 | E | 0 | 4 | C | 5 |
| 0 | 2 | 1 | 8 | 6 | E | 4 | C | 7 | 9 | 5 | 3 | B | D | A |
| 5 | C | 3 | 2 | 7 | B | 0 | D | E | A | 6 | 4 | 9 | 1 | 8 |
| B | A | 9 | 3 | 4 | 7 | 8 | 5 | 6 | 2 | D | E | C | 0 | 1 |
| 1 | 5 | 6 | C | D | 8 | E | 4 | 3 | 0 | B | 7 | A | 2 | 9 |
| 2 | 3 | 0 | E | 5 | A | 1 | 7 | C | 6 | 4 | 9 | 8 | B | D |
| E | D | C | B | 2 | 6 | A | 0 | 9 | 1 | 8 | 5 | 3 | 4 | 7 |
| 8 | 7 | 4 | 9 | 0 | 1 | D | B | 2 | C | 3 | A | 6 | 5 | E |

ଗତକାଲିର ଉତ୍ତର

# ବୈଷମ୍ୟର ପାଚେରି



ନାରାୟଣ ପଣ୍ଡା

"ଈଶ୍ୱର ନାହାନ୍ତି, ଈଶ୍ୱରଙ୍କ ଅସ୍ତିତ୍ୱ ନାହିଁ। ଯେ ଈଶ୍ୱରଙ୍କୁ ସୃଷ୍ଟି କରିଛନ୍ତି ସେ ନିର୍ବୋଧ। ଯିଏ ତାଙ୍କ ମହିମା ପ୍ରଚାର କରନ୍ତି ସେ ଜଣେ ଅସାଧୁ। ଯେ ତାଙ୍କର ପୂଜା କରନ୍ତି ସେ ଅସଭ୍ୟ।'' ତାମିଲନାଡୁର ତ୍ରିଚି ସହରର ବସ୍‌ଷ୍ଟାଣ୍ଡରେ ସ୍ଥାପିତ ପେରିୟାର ଇ.ଭି. ରାମସ୍ୱାମୀଙ୍କ ପ୍ରତିମୂର୍ତ୍ତିର ପାଦପ୍ରସ୍ଥରେ ଏହା ହିଁ ଖୋଦିତ ହୋଇଛି। ଏହାକୁ ବିରୋଧ କରି ଜନୈକ ଈଶ୍ୱରବିଶ୍ୱାସୀ ଭକ୍ତ, ଏହା ତାଙ୍କ ଧାର୍ମିକ ବିଶ୍ୱାସକୁ ଆଘାତ କରୁଛି ଅଭିଯୋଗ କରି ଉକ୍ତ ଲେଖାଟିକୁ ଉଠାଇଦେବା ପାଇଁ ମାଡ୍ରାସ୍ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ବିଚାରପତି ଏସ୍. ମଣିକୁମାର ଓ ସୁବ୍ରମଣ୍ୟମ୍ ପ୍ରସାଦଙ୍କ ଦୁଇଜଣିଆ ବେଞ୍ଚ ଉକ୍ତ ଆବେଦନକୁ ଖାରଜ କରି କହିଥିଲେ- ଯଦି ସମ୍ବିଧାନର ଧାରା ୧୯ ଅନୁସାରେ ଆବେଦନକାରୀଙ୍କର ଧର୍ମ ଓ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ମତ ପ୍ରକାଶ କରିବାର ସାମ୍ବିଧାନିକ ଅଧିକାର ରହିଛି, ସୁପ୍ରିମ୍‌କୋର୍ଟରେ 'ଲାଲାଇ ସିଂ ଯାଦବ' କେସ୍‌ର ଉଦାହରଣ ଦେଇ ସେମାନେ କହିଥିଲେ, ସମାନ ସମ୍ବିଧାନର ଧାରା ଅନୁସାରେ ପେରିୟାରଙ୍କ ସମର୍ଥକ ଓ ଦ୍ରାବିଡ କାଜାଗମ୍‌ର ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାର ଅଧିକାର ମଧ୍ୟ ରହିଛି। ଏହା ନିର୍ବିବାଦୀୟ ସତ୍ୟ, ପେରିୟାର ୧୯୨୮ରୁ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଈଶ୍ୱର ନାହାନ୍ତି, ତାଙ୍କର ଅସ୍ତିତ୍ୱ ନାହିଁ ବୋଲି ତାଙ୍କର ବିଭିନ୍ନ ଲେଖା ଓ ଭାଷଣ ମାଧ୍ୟମରେ ପ୍ରଚାର କରିଆସିଛନ୍ତି। ୧୭ ସେପ୍ଟେମ୍ବର ୧୯୬୭ରେ ପେରିୟାରଙ୍କ ଜୀବଦ୍ଦଶାରେ ଉକ୍ତ ପ୍ରତିମୂର୍ତ୍ତି ରାଜ୍ୟର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସି.ଏନ୍. ଆନ୍ନାଦୁରାଇ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ କେ. କାମରାଜଙ୍କ ଉପସ୍ଥିତିରେ ଅନାବରଣ କରାଯାଇଥିଲା।

ପେରିୟାର ଇ.ଭି ରାମସ୍ୱାମୀ (୧୭।୯।୧୮୭୯-୨୪।୧୨।୧୯୭୩) ତାମିଲନାଡୁର ଜଣେ ବିଶିଷ୍ଟ ସମାଜ ସଂସ୍କାରକ ଥିଲେ। ଏହା ବ୍ୟତୀତ ସେ ଥିଲେ ରାଜ୍ୟର ଜଣେ ଚର୍ଚ୍ଚିତ ସାମାଜିକ କର୍ମୀ, ରାଜନେତା, 'ଆତ୍ମସମ୍ମାନ ଆନ୍ଦୋଳନ' ଓ 'ଦ୍ରାବିଡ ଆନ୍ଦୋଳନ'ର ସ୍ରଷ୍ଟା। ତାମିଲନାଡୁର ସାମାଜିକ କ୍ଷେତ୍ରରେ ବିଶେଷ ଅବଦାନ ରଖୁଥିବା ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ପେରିୟାର ରୂପେ ସମ୍ବୋଧନ କରାଯାଏ। ସମାଜରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ, ଜାତିଗତ ବୈଷମ୍ୟ ଓ ନାରୀମାନଙ୍କ ଉପରେ ଅତ୍ୟାଚାର ବିରୋଧରେ ଆଜୀବନ ସଂଗ୍ରାମ କରିଥିଲେ ସେ। ବ୍ରାହ୍ମଣବାଦର ବିଲୋପ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ବ୍ରତ ଥିଲା। ପ୍ରଥମରୁ ସେ ନାସ୍ତିକ ନ ଥିଲେ। ଅନ୍ୟ ସାଧାରଣ ହିନ୍ଦୁଙ୍କ ପରି ତାଙ୍କ ହୃଦୟରେ ଭଗବତ୍‌ବିଶ୍ୱାସ ରହିଥିଲା। କିନ୍ତୁ ଗୋଟିଏ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇଦେଲା। ଆସ୍ତିକରୁ ନାସ୍ତିକ ପାଲଟିଗଲେ ସେ। ୧୯୦୪ରେ କାଶୀ ବିଶ୍ୱନାଥଙ୍କ ଦର୍ଶନ ପାଇଁ ସେ ଯାଇଥାନ୍ତି। ସେଠାରେ ଅବସ୍ଥାନ କାଳରେ ଥରେ ମନ୍ଦିର ପାଖରେ ଥିବା ଏକ ଦାତବ୍ୟ ଭୋଜନାଳୟ ତାଙ୍କ ଦୃଷ୍ଟିପଥାରୂଢ଼ ହେଲା। ଜଣେ ଭକ୍ତ ଭାବେ ସେ ଭୋଜନାଳୟରେ ପ୍ରବେଶ କରିବା ପାଇଁ ଉଦ୍ୟମ କରିବା ବେଳେ ଦ୍ୱାରପାଳ ରାମସ୍ୱାମୀ ବ୍ରାହ୍ମଣ ନ ଥିବାରୁ ତାଙ୍କ ପ୍ରବେଶକୁ ବାରଣ କଲେ। ହାତରେ ତାଙ୍କର ନ ଥିଲା ପର୍ଯ୍ୟାପ୍ତ ଅର୍ଥ। ଅଗତ୍ୟା ସେ ଅନ୍ୟ ଏକ ଭୋଜନାଳୟ ସନ୍ଧାନରେ ବାହାରିଗଲେ, ଏଥର କିନ୍ତୁ ସେ ଏକ ଯଜ୍ଞୋପବୀତ ଧାରଣ କରିଥିଲେ। କିନ୍ତୁ ତାଙ୍କ ମୁହଁରେ ନିଶ ଥିବାରୁ ଦ୍ୱାରପାଳ ସେ ବ୍ରାହ୍ମଣ ନୁହନ୍ତି ଜାଣିପାରି ତାଙ୍କୁ ବାହାର କରିଦେଲେ।

ଅପମାନ ଓ କ୍ଷୁଧାଜ୍ୱାଳାରେ ଅତିଷ୍ଠ ହୋଇପଡୁଥିଲେ ରାମସ୍ୱାମୀ। ରାସ୍ତାକଡ଼ରେ ପଡ଼ିଥିବା ଅଇଁଠାପତ୍ରରେ ଥିବା ଖାଦ୍ୟର ଅବଶିଷ୍ଟାଂଶରେ ଉଦର ପୂରଣ କଲେ ସେ। ପରେ ସେ ଜାଣିବାକୁ ପାଇଲେ ଯେ, ଉକ୍ତ ଭୋଜନାଳୟଟି ଦକ୍ଷିଣ ଭାରତର ଜଣେ ଅବ୍ରାହ୍ମଣଙ୍କ ଦାନରେ ପରିଚାଳିତ ହେଉଥିଲା। କାଶୀ ପରି ଏକ ପବିତ୍ର ଧର୍ମସ୍ଥାନରେ ମଣିଷଙ୍କୁ ଏପରି ଜାତିଗତ ବୈଷମ୍ୟର ଶିକାର ହେବାକୁ ପଡୁଛି ଏବଂ ଜଣେ କ୍ଷୁଧାର୍ତ୍ତ ପାଇଁ ଅପମାନ ଓ ଅର୍ଦ୍ଧଚନ୍ଦ୍ରର ବ୍ୟବସ୍ଥା ରହିଛି, ଏହା ଦେଖି ତାଙ୍କ ମନରେ ବ୍ରାହ୍ମଣ ଓ ଉଚ୍ଚଜାତି ତଥା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ଘୃଣା ସୃଷ୍ଟି ହେଲା। ସେତେବେଳେ ତାମିଲନାଡୁ ଓ କେରଳ ସମେତ ସମଗ୍ର ଦକ୍ଷିଣ ଭାରତରେ ଦଳିତମାନଙ୍କୁ ଜାତିଆଣ ଆକ୍ଷେପ କରିବା ଏକ ସାଧାରଣ ଘଟଣା ଥିଲା। କେରଳର ମନ୍ଦିରମାନଙ୍କୁ ଯାଉଥିବା ରାସ୍ତାଗୁଡ଼ିକରେ ହରିଜନମାନେ ଚାଲିବାରୁ ବଞ୍ଚିତ ହେଉଥିଲେ। ନିଜ ମାଟିରେ ସେମାନେ ସ୍ୱାଧୀନ ଭାବେ ବିଚରଣ କରିପାରୁ ନ ଥିଲେ। ଅପମାନ ଓ ଅସମ୍ମାନରୁ ତାଙ୍କ ହୃଦୟରେ ଜାତହେଲା ପ୍ରତିଶୋଧର ସ୍ଫୁଲିଙ୍ଗ, ଅନ୍ତରରେ ଜଳିଉଠିଲା ବିଦ୍ରୋହର ନିଆଁ। ଏହି ଅମାନବୀୟ ବୈଷମ୍ୟର ଅବସାନ ପାଇଁ ସେ ଆରମ୍ଭ କଲେ 'ଆତ୍ମସମ୍ମାନ ଆନ୍ଦୋଳନ।' ବ୍ରାହ୍ମଣବିରୋଧୀ ଅଭିଯାନକୁ ତୀବ୍ର କରିବା ପାଇଁ ସେ ପ୍ରତିଷ୍ଠା କଲେ ଦ୍ରାବିଡ କାଜାଗାମ। ଉକ୍ତ ଅଭିଯାନରେ ସାହାଯ୍ୟ କରିବା ପାଇଁ କଂଗ୍ରେସରେ ସେ ଯୋଗଦେଲେ, କିନ୍ତୁ କଂଗ୍ରେସ ବ୍ରାହ୍ମଣବାଦକୁ ସମର୍ଥନ କରିବା ଦେଖି ସେଥିରୁ ମୁହଁ ଫେରାଇଲେ। ଏପରି କି ତାଙ୍କ ନାମ ପଛରେ ଲାଗିଥିବା ନାୟକର ଉପାଧିକୁ ସବୁଦିନ ପାଇଁ ପରିତ୍ୟାଗ କଲେ। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ତଥା ଭାରତର ଜନଜୀବନରେ ଆବିର୍ଭାବର ବହୁ ପୂର୍ବରୁ ରାମସ୍ୱାମୀ ଉକ୍ତ ଆନ୍ଦୋଳନ ଜାରି ରଖିଥିଲେ। ଦେଶ ସ୍ୱାଧୀନତା ପରେ ଏହି ଜାତିଗତ ବୈଷମ୍ୟର ବିଲୋପ ପାଇଁ ଅନେକ ଆଇନ ତିଆରି ହୋଇଛି। ସମ୍ବିଧାନ ଜାତି ଆଧାରରେ କାହାକୁ ଉଚ୍ଚାସନ ଦେଇନାହିଁ ଅଥବା କୌଣସି ନିର୍ଦ୍ଦିଷ୍ଟ ଜାତିକୁ ଛୋଟ କହି ସେମାନଙ୍କୁ ହୀନମନ୍ୟତାର ଗହ୍ୱରକୁ ଠେଲିଦେଇନାହିଁ ବରଂ କଠୋର ଆଇନ ପ୍ରଣୟନ କରି ଜାତିଆଣ ଆକ୍ଷେପ କରୁଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା ରଖିଛି। କିନ୍ତୁ ଭାରତୀୟ ସମାଜ ବ୍ୟବସ୍ଥାରେ ମଣିଷସୃଷ୍ଟ ଏହିପରି ପରମ୍ପରା ଭାରତର ଆତ୍ମାକୁ ଦୀର୍ଘଦିନରୁ କଳୁଷିତ କରିବା ସହ ଦେଶର ଏକତା ଓ ଭାଇଚାରା ପ୍ରତି ଭୟାନକ ଆହ୍ୱାନ ସୃଷ୍ଟି କରିଛି। ଏହି କାରଣରୁ ଦେଶର ବିଭିନ୍ନ ପ୍ରାନ୍ତରେ ଅନେକ ରାମସ୍ୱାମୀ ସୃଷ୍ଟିହୋଇ ଜାତିବାଦ ବିରୋଧରେ ସଂଗ୍ରାମ କରୁଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୭୦ ବର୍ଷ ପରେ ମଧ୍ୟ ଦେଶର ମୋଟ ଜନସଂଖ୍ୟାର ୧୬.୬% ଲୋକଙ୍କୁ ଆଜିପର୍ଯ୍ୟନ୍ତ ଛୋଟଜାତି କହି ସେମାନଙ୍କ ଆତ୍ମସମ୍ମାନକୁ ଭୂଲୁଣ୍ଠିତ କରାଯାଉଛି।

ଦେଶରେ ସର୍ବତ୍ର ଆଜି ବୈଷମ୍ୟର ନିଦାରୁଣ ପାଚେରି। ଏ ପାଚେରି ମଣିଷକୁ ମଣିଷଠାରୁ ବିଚ୍ଛିନ୍ନ କରିରଖୁଛି ଏବଂ ସୃଷ୍ଟି କରିଚାଲିଛି ଘୃଣା। ଏ ପାଚେରିର ଅନ୍ତ ନ ହେଲାଯାଏ ଭାରତ ଏକ ପୁରାତନ ଓ ସମ୍ଭ୍ରାନ୍ତ ସଂସ୍କୃତିର ଦାୟାଦ, ଏ କଥା କହିବାକୁ ଆଜି ସଙ୍କୋଚବୋଧ ହେଉଛି। ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ 'ଅନୁସୂଚିତ ଜାତି ଓ ଜନଜାତି ନୃଶଂସତା ପ୍ରତିରୋଧ ଆଇନ'ର ଏକ ପ୍ରସଙ୍ଗ ବିଚାର କରିବା ସମୟରେ ଅତ୍ୟନ୍ତ କ୍ଷୋଭର ସହିତ କହିଥିଲେ- ଭାରତ ବିଶ୍ୱର ଏକମାତ୍ର ଦେଶ, ଯେଉଁଠି ମଣିଷମାନଙ୍କୁ ମରିବା ପାଇଁ ଗ୍ୟାସ୍ ଚାମ୍ବରକୁ ପଠେଇ ଦିଆଯାଏ। ଆଜିପର୍ଯ୍ୟନ୍ତ ଦେଶରେ ନିନ୍ଦନୀୟ ଜାତିପ୍ରଥା ବଳବତ୍ତର ରହିଛି। ସମ୍ପ୍ରତି ଅସ୍ପୃଶ୍ୟତା ପରି ସମ୍ବେଦନଶୀଳ ପ୍ରଥା ଆଇନରେ ଉଚ୍ଛେଦ କରାଯାଇଛି। କିନ୍ତୁ ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ- ଆପଣ 'ହାତରେ ନର୍ଦ୍ଦମା ସଫା କରୁଥିବା ବ୍ୟକ୍ତି'ଙ୍କ ସହିତ କେବେ କରମର୍ଦ୍ଦନ କରିବାକୁ ଚାହିଁଛନ୍ତି କି? ଉଚ୍ଚତମ ନ୍ୟାୟାଳୟର ଉକ୍ତ ଶାଣିତ କଟାକ୍ଷ ହୃଦୟଙ୍ଗମ କରିବାର ମାନସିକତା ବାସ୍ତବରେ ଆଜି ଆମେ ହରେଇ ବସିଛୁ। କେବଳ ଭାଷଣରେ, ଲେଖନୀରେ ଓ ବିଜ୍ଞାପନରେ ଆମର ଜାତିଗତ ବୈଷମ୍ୟ ଦୂରୀକରଣର ସଂକଳ୍ପ ସୀମିତ। ନିର୍ବାଚନ ଆସିଲେ ଆମ ରାଜନେତାମାନେ ହରିଜନ ଭାଇମାନଙ୍କ ଘରେ ପ୍ରାୟୋଜିତ ଭୋଜନଯଜ୍ଞ ନିର୍ବାହ କରି ଆତ୍ମତୃପ୍ତି ଲାଭ କରନ୍ତି। ଆଜି ଦେଶର ଅନେକ ମନ୍ଦିର ଏମାନଙ୍କ ପାଇଁ ନିଷିଦ୍ଧାଞ୍ଚଳ। ନିକଟରେ ଗୁଜୁରାଟର ଜଣେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଲ୍ମୀକ ସମ୍ପ୍ରଦାୟର ଶିକ୍ଷକ ସବର୍ଣ୍ଣ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ କଳସୀରୁ ଜଳପାନ କରିବାରୁ ତାଙ୍କୁ ଅପମାନିତ କରାଗଲା। ଏପରି କି କିଛିଦିନ ପରେ ତାଙ୍କର ସ୍ଥାନାନ୍ତର ଆଦେଶ ମିଳିଥିଲା। ମହାରାଷ୍ଟ୍ର ପୁରନ୍ଦରର ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଛିଦିନ ପାଇଁ ବନ୍ୟା ସହାୟତା ଲାଗି ସରକାରୀ ଆଦେଶରେ ଅନ୍ୟତ୍ର ଗଲେ। ମାସକ ପରେ ଫେରି ଜାଣିଲେ, ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱ ନିର୍ବାହ କରୁଥିବା ଜଣେ କନିଷ୍ଠ ଅଧିକାରୀ ବିଡିଓଙ୍କ କୋଠରିରେ ବସି କାର୍ଯ୍ୟ କରୁଥିଲେ। ବିଡିଓ ଏଥିରେ ବିରକ୍ତି ପ୍ରକାଶ କରି ସମଗ୍ର କୋଠରିକୁ ଗୋମୂତ୍ର ସିଞ୍ଚନ ଓ ପୂଜାପାଠ କରି ପବିତ୍ର କଲେ। କାରଣ ଉକ୍ତ କନିଷ୍ଠ ଅଧିକାରୀ ଜଣକ ଥିଲେ ଦଳିତ ବର୍ଗର। ଏହା ଆମ ଦେଶରେ ଘଟୁଥିବା ନିତିଦିନିଆ ଘଟଣା। ଭାରତ ଆଜି ଚନ୍ଦ୍ର ଜୟ କରିବାକୁ ପାଦ ବଢ଼ାଇଛି। ଦେଶର ଗଣତନ୍ତ୍ରର ତୂର୍ଯ୍ୟନାଦ ପ୍ରତିଧ୍ୱନିତ ହେଉଛି ସମଗ୍ର ବିଶ୍ୱରେ। କିନ୍ତୁ ମଣିଷ ମଣିଷ ମଧ୍ୟରେ ଏ ଅସମାନତା କଳଙ୍କିତ କରୁଛି ଦେଶକୁ।

ନୂଆବନ୍ଧ ସାହି, ନବରଙ୍ଗପୁର, ମୋ-୯୪୩୭୦୧୮୯୬୨

# ଆତ୍ମହତ୍ୟା: କାରଣ ଓ ନିରାକରଣ

ରମେଶ ଚନ୍ଦ୍ର ସାମଲ

ଆଜିକାଲି ସମାଜରେ ବହୁ ଅପରାଧ ଘଟୁଛି। ନିଜର ସ୍ୱାର୍ଥ ପାଇଁ ଅନ୍ୟର କ୍ଷତି ଓ ହତ୍ୟା କରିବା ଜଣେ ଅପରାଧୀଠାରୁ ଆଶା କରାଯାଇପାରେ, କିନ୍ତୁ ସ୍ୱାର୍ଥ ପୂରଣରେ ବାଧା ଉପୁଜିଲେ ନିଜକୁ ନିଜେ ହତ୍ୟା କରିବା ବା ଆତ୍ମହତ୍ୟା କରିବା ପାଇଁ କେତେକ ଅପରାଧୀ କାହିଁକି ଶ୍ରେୟସ୍କର ମନେକରନ୍ତି? ଏହାର ଗଭୀର ଆଲୋଚନା, ଅନୁସନ୍ଧାନ ଆଜି ନିହାତି ଆବଶ୍ୟକ ମନେହେଉଛି।

ଆତ୍ମହତ୍ୟା ଏକ ଜଘନ୍ୟ ଅପରାଧ। ମଣିଷ ମନରେ ଦୁଇପ୍ରକାର ଭାବନା ଥାଏ, ଗୋଟିଏ ନକାରାତ୍ମକ ଅନ୍ୟଟି ସକାରାତ୍ମକ। ସକାରାତ୍ମକ ଭାବନା ମଣିଷକୁ ବୁଦ୍ଧିମାନ, ବିକାଶମୁଖୀ କରୁଥିବା ବେଳେ ନକାରାତ୍ମକ ଚିନ୍ତାଧାରା ବିନାଶ ପଥରେ ଅଗ୍ରସର ହେବାକୁ ଖୋରାକ ଯୋଗାଇଥାଏ। ଯେତେବେଳେ ନକାରାତ୍ମକ ଭାବନା ପାଖରେ ସକାରାତ୍ମକ ଚିନ୍ତା ହାରିଯାଏ ସେତେବେଳେ ସେ ନାନା କୁକାର୍ଯ୍ୟ, ଅପରାଧ କରିବସେ। ଏଥିରେ ସଫଳ ହୋଇ ନ ପାରିଲେ ସେ ନିଜ ଜୀବନକୁ ତୁଚ୍ଛ ମନେକରି ହରାଇ ଦେବାକୁ ପଶ୍ଚାତ୍‌ପଦ ହୁଏନା। ସେତେବେଳେ ଜୀବନ ତୁଳନାରେ କାର୍ଯ୍ୟର ଅସଫଳତା ତା' ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏହା ଏକ ମାନସିକ ରୋଗ, ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରଏଡଙ୍କ ମତରେ, ଆତ୍ମହତ୍ୟା କରୁଥିବା ଲୋକ ଏହା କରିବା ପୂର୍ବରୁ ତିନୋଟି ପର୍ଯ୍ୟାୟ ଦେଇ ଗତି କରେ। (୧) ଯାହାକୁ ସିଏ ନିଜର କର୍ମସିଦ୍ଧି ପଛରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ଭାବେ ସେ ତାକୁ ହତ୍ୟା କରିବାକୁ ଚେଷ୍ଟାକରେ। (୨) ଏଥିରେ ବିଫଳ ହେଲେ ସେ ନିଜ ଜୀବନକୁ ତୁଚ୍ଛ ମନେକରି ଭାବେ ସେ ଯଦି ତା' ପ୍ରତିପକ୍ଷର କିଛି କ୍ଷତି କରିପାରିଲାନି ତେବେ ତା' ଜୀବନରେ ଲାଭ କ'ଣ। (୩) ଏହି ପରିସ୍ଥିତିରେ ସେ ଆତ୍ମହତ୍ୟା କରିବାକୁ ସିଦ୍ଧାନ୍ତ ନିଏ ଓ ଆତ୍ମହତ୍ୟା କରେ। ଏହି ସମୟରେ ତା'ର ନିକଟ ସମ୍ପର୍କୀୟମାନେ ଏହାକୁ ଅନୁଧ୍ୟାନ କରି ମନ ଉଦାସ ଓ ବିଷଣ୍ଣତାର କାରଣ ଜାଣି ନିଦାନ କରିପାରିଲେ, ତାକୁ ମାନସିକ ସାନ୍ତ୍ୱନା ଦେଇ ମନର ଦୁଃଖକୁ ଲାଘବ କରିପାରିଲେ ଓ ମାନସିକ ଚିକିତ୍ସକଙ୍କ ଦ୍ୱାରା ଉପଯୁକ୍ତ ଚିକିତ୍ସା କରିପାରିଲେ ଆତ୍ମହତ୍ୟା ଇଚ୍ଛୁକ ଲୋକଟିର ମନ ପରିବର୍ତ୍ତନ ହୋଇପାରେ।

ଅନ୍ୟ ଜଣେ ମନୋବିଜ୍ଞାନୀ ଦୁର୍ଖେଇମ୍‌ଙ୍କ ମତରେ, ଜଣେ ଅହଂବାଦୀ ଯିଏ ନିଜକୁ ଖୁବ୍ ବଡ଼ ମନେକରେ ଯିଏ ଭାବେ ସେ ଠିକ୍, ଅନ୍ୟମାନେ ଭୁଲ। ତେଣୁ ଅନ୍ୟମାନେ ତା'ର ନିର୍ଦ୍ଦେଶରେ ପରିଚାଳିତ ହେବା ଉଚିତ। ଏଥିରେ କିଛି ବ୍ୟତିକ୍ରମ ହେଲେ ସେ ଏହା ସହି ନ ପାରି ଅପମାନ ବୋଧରେ ନିଜ ଜୀବନକୁ ତୁଚ୍ଛ ମନେକରି ଆତ୍ମହତ୍ୟା କରେ। କାରଣ ନିଜ ଅହଂତ୍ୱ ତୁଳନାରେ ଜୀବନ ତା' ପାଇଁ ଖୁବ୍ ଗୌଣ ବୋଲି ସେ ମନେକରେ। ଏଣୁ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଚାଷ, ବାଣିଜ୍ୟ ବ୍ୟବସାୟରେ କରଜ କରି ପଇସା ଖଟାଇ ଏଥିରେ କ୍ଷତି ହୋଇଗଲେ କରଜ ଶୁଝି ନ ପାରି ବହୁ ଲୋକ ଆତ୍ମହତ୍ୟା କରିବାର ନଜିର ଏବେ ସମାଜରେ ଦେଖିବାକୁ ମିଳୁଛି। ମଣିଷ ଯେତେବେଳେ ମନ ମୁତାବକ ଯାହା ଭାବେ ସେଭଳି କର୍ମଫଳ ପାଏନି, ସେ ହତୋତ୍ସାହ ହୋଇ ଭାବେ ଏହା ତା'ର ଭାଗ୍ୟର କ୍ରୂର ପରିହାସ। ସେ ନିଜକୁ ହତଭାଗା ମନେକରି ଭାବେ ଯେ, ତା' ଜୀବନରେ କୌଣସି ସଫଳତା ନାହିଁ, ତେଣୁ ଏଭଳି ଜୀବନ ରଖି ଲାଭ କ'ଣ। ଏଭଳି ପରିସ୍ଥିତିରେ ମଣିଷ ଆତ୍ମହତ୍ୟା କରେ।

ଏହିଭଳି ବହୁ ମନୋବିଜ୍ଞାନୀ ଆତ୍ମହତ୍ୟାର ବିଭିନ୍ନ କାରଣ ଦର୍ଶାଇଛନ୍ତି। ଏହିସବୁ କାରଣକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ମଣିଷ ଯେତେବେଳେ ଇଚ୍ଛା ମୁତାବକ କାମରେ ସଫଳତା ପାଏନି କିମ୍ବା ଅସଫଳ ହୁଏ ଓ ଏସବୁର ପଥରେ ଆସୁଥିବା ସମସ୍ତ ଅନ୍ତରାୟକୁ ଦୂରକରିବା ପାଇଁ ସମର୍ଥ ହୋଇପାରେନା, ତା'ର ଜୀବନକୁ ସେ ସେତେବେଳେ ନିରର୍ଥକ ମନେକରି ଆତ୍ମହତ୍ୟା କରେ କିମ୍ବା ଏଭଳି କାମ କରେ ଯାହାର ଫଳାଫଳ ମୃତ୍ୟୁ ହୋଇପାରେ ବୋଲି ସେ ମରିବା ପୂର୍ବରୁ ନିଶ୍ଚିତ ଭାବେ ଜାଣିଥାଏ। ଆତ୍ମହତ୍ୟା କରିବାକୁ ବିଭିନ୍ନ ଲୋକ ବିଭିନ୍ନ ପନ୍ଥା ଅନୁସରଣ କରିଥାନ୍ତି। ବେକରେ ଫାଶୀ ଲଗାଇ, ଘରେ ଫ୍ୟାନରେ କିମ୍ବା ବାହାରେ ଗଛ ଡାଳରେ ଓହଳି କେତେକେ ଆତ୍ମହତ୍ୟା କରୁଥିବା ବେଳେ ଆଉ କେତେକେ ନଦୀ, ପୁଷ୍କରିଣୀର ଗଭୀର ପାଣି କିମ୍ବା ଚଳନ୍ତା ଟ୍ରେନ, ଗାଡି ମୋଟର ଆଗକୁ ଡେଇଁ ଆତ୍ମହତ୍ୟା କରିଥାନ୍ତି। ନିଜ ଦେହରେ କିରୋସିନ, ପେଟ୍ରୋଲ ଢାଳି ନିଆଁ ଲଗାଇ, ବିଷ ପିଇ ଅଥବା ପାଖରେ ଥିବା ବନ୍ଧୁକରୁ ଗୁଳି ଫୁଟାଇ କେତେକେ ମଧ୍ୟ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ସମ୍ବନ୍ଧୀୟ ବିଭିନ୍ନ ଖବର ଅନୁଧ୍ୟାନ କଲେ ଦେଖାଯାଏ ବିଷ ପିଇ, ବେକରେ ରଶି ଲଗାଇ କିମ୍ବା ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ସ୍ତ୍ରୀଲୋକଙ୍କ ସଂଖ୍ୟା ଅଧିକ। କାରଣ ଲୁଚିଛପି ହଠାତ୍ ସେମାନେ ଏଭଳି କାଣ୍ଡ କରିବାକୁ ସକ୍ଷମ ହୋଇଥାନ୍ତି।

ଯେଉଁ ପ୍ରକାରେ ଯିଏ ଆତ୍ମହତ୍ୟା କରୁନା କାହିଁକି ନିଶ୍ଚୟ ଏହା ଏକ ଅକଥନୀୟ ଯନ୍ତ୍ରଣାଦାୟକ ମୃତ୍ୟୁ। କ୍ଷଣିକ ମାନସିକ ଉତ୍ତେଜନା ଓ ଭାବପ୍ରବଣତାରେ ଏହା କେତେକେ ଆପଣେଇ ନେଉଥିଲେ ମଧ୍ୟ ଜୀବନର ଶେଷ ମୁହୂର୍ତ୍ତରେ ସେମାନେ ଅନୁଭବ କରିପାରୁଥିବେ ଏହାର ଗଭୀର ଯନ୍ତ୍ରଣା ଓ ଏଥିରୁ ରକ୍ଷା ପାଇବାକୁ ସଚେଷ୍ଟ ହେଉଥିବେ, କିନ୍ତୁ ସେତେବେଳେ ସମୟ ନ ଥାଏ ନିଜକୁ ରକ୍ଷା କରିବାକୁ। କାରଣ ନେଡି ଗୁଡ଼ କହୁଣିକୁ ବୋହିଯାଇଥାଏ। କୌଣସି ସମାଜରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ।

ପ୍ରାୟ ସମସ୍ତଙ୍କ ଜୀବନରେ କିଛି ଦୁର୍ଦ୍ଦିନ ଆସେ। ସମସ୍ତେ କିନ୍ତୁ ଏଥିରେ କାତର ହୋଇ ଆତ୍ମହତ୍ୟା କରନ୍ତିନି। ଏହା ଏକ ମାନସିକ ରୋଗ। ଏହି ରୋଗର ଲକ୍ଷଣ ମଧ୍ୟ ଆତ୍ମହତ୍ୟାକାରୀଠାରେ ଆତ୍ମହତ୍ୟା କରିବା ପୂର୍ବରୁ ଦେଖାଯାଏ। ସେ ଭାବପ୍ରବଣ, ବିଷଣ୍ଣ ହୋଇ କେତେବେଳେ କ'ଣ କରେ ନିଜେ ମଧ୍ୟ ଜାଣିପାରେନା। ଇତସ୍ତତଃ ହୋଇ ସବୁ ଏପଟ ସେପଟ ଚିନ୍ତା କରେ। ତା'ର ନିକଟ ସମ୍ପର୍କୀୟମାନେ ଏହା ଉପରେ ସାମାନ୍ୟ ନଜର ରଖିଲେ ଖୁବ୍ ସହଜରେ ଏହା ଜାଣିପାରିବେ ଓ ପ୍ରତିକାର ବିଧାନ ମଧ୍ୟ କରିପାରିବେ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା, ମୋ- ୯୪୩୯୮୭୯୦୨୨

## ଏଇ ଭାରତରେ

ଜଣେ ରେଲୱେ ଅଧିକାରୀ ଦାୟିତ୍ୱ ତୁଲାଇବା ସହ ଅସହାୟଙ୍କୁ ସାହାଯ୍ୟ କରି ତାଙ୍କ ସେବା ମନୋବୃତ୍ତିର ପରିଚୟ ଦେଇଛନ୍ତି। ସେ ହେଉଛନ୍ତି ଇଣ୍ଡିଆନ୍ ରେଲୱେ ଟ୍ରାଫିକ୍ ସର୍ଭିସ୍ ଅଧିକାରୀ ସଞ୍ଜୟ କୁମାର। ଟ୍ରେନ୍‌ରେ ଯାଉଥିବା ଗରିବ ଯାତ୍ରୀମାନଙ୍କୁ ପ୍ରବଳ ଶୀତରୁ ରକ୍ଷା କରିବା ଲାଗି ସେ ଶୀତ ପୋଷାକ ବାଣ୍ଟୁଛନ୍ତି। ଗତବର୍ଷ ପ୍ରଥମାର୍ଦ୍ଧରେ ସଞ୍ଜୟଙ୍କୁ ପ୍ରଥମେ ମଧ୍ୟପ୍ରଦେଶର ଝାନ୍ସି ଷ୍ଟେଶନରେ ନିଯୁକ୍ତି ମିଳିଥିଲା। ପରେ ସେ ଉତ୍ତରପ୍ରଦେଶର ଟୁଣ୍ଡଲା ସବ୍‌ଡିଭିଜନରେ ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜରଭାବେ ଯୋଗଦେଇ ଏହି ଉଦାର କାର୍ଯ୍ୟ କରୁଛନ୍ତି। ଏହି ସବ୍‌ଡିଭିଜନ ଅଧୀନରେ ଗାଜିଆବାଦଠାରୁ କାନପୁର ମଧ୍ୟରେ ୫୯ଟି ଷ୍ଟେଶନ ରହିଛି। ଏଥି ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ଷ୍ଟେଶନରେ ସଞ୍ଜୟ ଷ୍ଟଲ୍ ଖୋଲିଛନ୍ତି। ଷ୍ଟଲ୍‌ର ନାମ ରଖିଛନ୍ତି 'ନେକି କି ଦିୱାର' (ୱାଲ୍ ଅଫ୍ ଗଡ୍)। ସବୁ ଷ୍ଟଲ୍‌ରେ ଲୋକେ ସ୍ୱେଟର, ଜ୍ୟାକେଟ, ଶାଲ୍ ଆଦି ଶୀତପୋଷାକ ଦାନ କରୁଛନ୍ତି। ଯେଉଁମାନେ ସାଧାରଣ ବଗିରେ ଯାତ୍ରା କରୁଛନ୍ତି ସେମାନେ ଏଠାରୁ ପୋଷାକ ନେଉଛନ୍ତି। ଏଠାରେ ଯିଏ ପୋଷାକ ଦାନ କରୁଛନ୍ତି କିମ୍ବା ନେଉଛନ୍ତି ସେମାନଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଉଛି। ସଞ୍ଜୟ ସ୍ୱେଟର ଓ ଜ୍ୟାକେଟ୍‌ଠାରୁ ଶାଲ୍ ସଂଗ୍ରହ କରିବା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ସଞ୍ଜୟଙ୍କ ସହକର୍ମୀଙ୍କ ସହ ଅନ୍ୟମାନେ ବି ତାଙ୍କୁ ଏଥିପାଇଁ ସହଯୋଗ କରୁଛନ୍ତି। ଏହି ରୁଟ୍ ଦେଇ ଉତ୍ତରପ୍ରଦେଶ ଓ ବିହାରରୁ ଶ୍ରମିକମାନେ ରାଜସ୍ଥାନ, ଗୁଜରାଟ କିମ୍ବା ମୁମ୍ବାଇକୁ ଯାଉଛନ୍ତି ଓ ସେମାନେ ଏହାଦ୍ୱାରା ବେଶି ଉପକୃତ ହେଉଛନ୍ତି ବୋଲି କୁହନ୍ତି ସଞ୍ଜୟ।

## ଚିରନ୍ତନୀ

ନିତି ଏହି କୌତୁକ    ଦେଖାଇ ଥରକୁ ଥର
ସେହିମିତି ଜର କଫ    ସେହି ତ କୁଡିଆ ଘର।
ସେହି ତ ଖଜଣା ସୁଧ    ଆଗ ପରି ଚଢା ଦରେ
ନାହିଁ ଲାଭ କହି ଖାଲି    ଥିବ ଯାହା ବରାଦରେ!
ଆପଣା ବରାଦ ଆପେ    କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ    କରିବାକୁ ହାଁ ଜୀ ହାଁ ଜୀ!
କରିବାକୁ ହେବ ରଡି    ନାହିଁ ନାହିଁ ଯାହା
କରାମତି ଦେଖାଇବ    ଖାଲି ଘାସକଟା ଦାଆ!
(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରକୁ ମୁଖଶାଳା ବଳି ପଡୁଛି

ମହାଶୟ,

ପ୍ରତିଦିନ ବଳାତ୍କାର, ହତ୍ୟା, ଲୁଣ୍ଠନ ଓ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଖବର ନଜରକୁ ଆସୁଛି। ଏଭଳି ଜଘନ୍ୟ ଘଟଣା ଘଟାଇବାରେ ମଦର ଭୂମିକା ଅଧିକ। ମଦ ନିଶାରେ କବଳିତ ହୋଇ ନିଜର ସମ୍ପର୍କୀୟମାନଙ୍କୁ ହତ୍ୟା, ବଳାତ୍କାର କରିବାକୁ ପଛାଉ ନାହାନ୍ତି। ମଦ ପିଇ ଗାଡି ଚଳାଇ ନିଜର ଭାରସାମ୍ୟ ହରାଇ ଅନେକେ ଜୀବନ ନଷ୍ଟ କରୁଛନ୍ତି। ମଦରୁ କୁଆଡ଼େ ଅଧିକ ରାଜସ୍ୱ ମିଳୁଛି। ମଦ ପିଇ ଓ ସଡକ ଦୁର୍ଘଟଣାରେ ମରୁଥିବା ବ୍ୟକ୍ତିଙ୍କୁ ସରକାର କ୍ଷତିପୂରଣ ଦେଉଛନ୍ତି ଓ ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି। ଦୁର୍ଘଟଣା ଯୋଗୁ ଅକ୍ଷମ ହେଲେ ସରକାର ସାରାଜୀବନ ପାଇଁ ଭତ୍ତା ପ୍ରଦାନ କରୁଛନ୍ତି। ଏ ବାବଦରେ ସରକାର ଖର୍ଚ୍ଚ କରୁଥିବା ଅର୍ଥର ହିସାବ କଲେ ଏହା ମଦରୁ ମିଳୁଥିବା ରାଜସ୍ୱ ଆୟଠାରୁ ଅଧିକ ହେବ। ତେଣୁ ମନ୍ଦିରକୁ ମୁଖଶାଳା ବଳି ପଡୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### ଓଡ଼ିଆ ଭାଗବତ ପଢ଼ନ୍ତୁ

ଜଗନ୍ନାଥ ଦାଶଙ୍କ ରଚିତ ଓଡ଼ିଆ ଭାଗବତ ଏକ ପବିତ୍ର ଧର୍ମଗ୍ରନ୍ଥ। ସମୟ ଥିଲା ପ୍ରତ୍ୟେକ ଘରେ ଏହି ଭାଗବତ ପ୍ରତିଦିନ ଅଧ୍ୟୟନ କରାଯାଉଥିଲା। କିନ୍ତୁ ଆଜିକାଲି ଟିଭିର ବହୁଳ ପ୍ରସାର ଯୋଗୁ ଭାଗବତ ପଢ଼ା ଓଡ଼ିଆ ଘରୁ ଲୋପ ପାଇବାକୁ ବସିଲାଣି। ଫଳରେ ଆମ୍ଭମାନଙ୍କ ମନରୁ ଧର୍ମଭାବନା ଲୋପ ପାଇବାକୁ ବସିଲାଣି। ବସ୍ତୁତଃ ଏହି ପବିତ୍ର ଧର୍ମଗ୍ରନ୍ଥ ପ୍ରତ୍ୟେକ ଓଡ଼ିଆ ଅଧ୍ୟୟନ ପାଇଁ ଅଭ୍ୟାସ କଲେ ଆମ୍ଭମାନଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଧର୍ମଧାରଣା ଉଜ୍ଜୀବିତ ହୁଅନ୍ତା। ଭାଗବତରେ ଅଛି: କୃଷ୍ଣ ଚରିତ ଭାଗବତ। ଅଭ୍ୟାସ କରୁଥିବ ନିତ୍ୟ॥

ପୂର୍ଣ୍ଣଚନ୍ଦ୍ର ସାଥୁଆ, ନାରାୟଣପୁର, ସରସରା, ବୌଦ୍ଧ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ରୁବିସ୍ମିତା ପଣ୍ଡା



ଅରୁଣ କୁମାର ବାଘ



ସୌମେଶ କୁମାର ପଣ୍ଡା



ସୀମା ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ୫-ଟି ସଚିବଙ୍କ କୋଣାର୍କ ଗସ୍ତ

# ସୂର୍ଯ୍ୟମନ୍ଦିର ବୁଲିଲେ, ବିକାଶ ସଂକ୍ରାନ୍ତ ନକ୍ସା ଦେଖିଲେ

**କୋଣାର୍କ, ୯।୧(ଡି.ଏନ୍.ଏ.)**

ପୁରୀ ଏବଂ ଭୁବନେଶ୍ୱର ପରେ ବିଶ୍ୱ ପ୍ରସିଦ୍ଧ ଐତିହ୍ୟ କୀର୍ତ୍ତିରାଜି କୋଣାର୍କ ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ଉପରେ ଫୋକସ କରିଛନ୍ତି ରାଜ୍ୟ ସରକାର। ଏ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ପ୍ରତ୍ୟୁଷରୁ ଅଚାନକ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସେ ଏ ସଂକ୍ରାନ୍ତ ନକ୍ସା ଅନୁଧ୍ୟାନ କରିବା ସହ କୋଣାର୍କର ପାରିପାର୍ଶ୍ୱିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି।

ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହ କୋଣାର୍କକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସହରର ମାନ୍ୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୫-ଟି ସଚିବ ପାଣ୍ଡିଆନ କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି ସମେତ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। କୋଣାର୍କର ପାରିପାର୍ଶ୍ୱିକ ବିକାଶ ପାଇଁ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ନକ୍ସାକୁ ସେ ଦେଖିବା ସହ ପୁରୀ ଜିଲାପାଳ ବଲୱନ୍ତ ସିଂ ଏବଂ ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ସୂର୍ଯ୍ୟମନ୍ଦିର ସମ୍ମୁଖ ଅଞ୍ଚଳ ବୁଲି ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଅନ୍ୟମାନେ।

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଅଭିଯାନ ମାମଲା

# ଜିଲାପାଳଙ୍କ ବିରୋଧରେ ଅବମାନନା ପିଟିଶନ

**ନୂଆଦିଲ୍ଲୀ,୯।୧**



ପଞ୍ଜାବୀ ମଠର ପୂଜକ ପୁରୀ ଜିଲାପାଳଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ଜିଲାପାଳ ଜମି ଅଧିଗ୍ରହଣ ଓ ପୁନଃ ଥଇଥାନ ନେଇ ସର୍ବୋଚ୍ଚ ଅଦାଲତଙ୍କ ରାୟର ଅନୁପାଳନ କରି ନ ଥିବା ଦର୍ଶାଇ ଉକ୍ତ ପିଟିଶନ ଦାଏର କରାଯାଇଛି।

ଅଦାଲତ ଅବମାନନା ଆବେଦନର ଶୁଣାଣି ଗୁରୁବାର ତିନିଜଣିଆ ଖଣ୍ଡପୀଠରେ ହେବାର ଥିଲା। ହେଲେ ଜଷ୍ଟିସ୍ ଅରୁଣ ମିଶ୍ର, ଇନ୍ଦିରା ବାନାର୍ଜୀ ଏବଂ ଭି. ରାମାସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ମଧ୍ୟାହ୍ନଭୋଜନ ପରେ ନ ବସିବାରୁ ଏହାର ଶୁଣାଣି ହୋଇପାରିନାହିଁ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁବିଦତ୍ତ ଏମ୍ଏସ୍ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ ଗତବର୍ଷ ଅଗଷ୍ଟ ୨୭ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ପୁରୀ ଜିଲାପାଳ ଜାଣିଶୁଣି ଅବମାନନା କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯାଉ। ଆବେଦନକାରୀ କହିଛନ୍ତି, ପୁନର୍ବାସ ଓ ପୁନଃ ଥଇଥାନ ଆଇନ, ୨୦୧୩ରେ ପ୍ରଦତ୍ତ କ୍ଷତିପୂରଣ ଅଧିକାର ନିୟମ ଅନୁଯାୟୀ ପ୍ରକ୍ରିୟାର ଅନୁସରଣ ନ କରି ଆଇନାନୁସାରେ କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ ଦର୍ଶାଇଛନ୍ତି। ତେବେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ ସମ୍ପୃକ୍ତ ଆଇନକୁ ମାନିନାହାନ୍ତି। ଏହାସହ ସମ୍ପତ୍ତିଗୁଡ଼ିକୁ ଅତି କମ୍ ଦର (ବଜାର ମୂଲ୍ୟଠାରୁ ଅଧା)ରେ କିଣାଯାଉଥିବା ଆବେଦନକାରୀ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି।

**THE KOSALA SCHOOL, Estd- 1979**
English Medium Residential Public School,
At- Nuakhairpali, Po- Larasara, Via- Attabira, Dist- Bargarh,
Pin- 768027, Email- thekosalaschool1979@gmail.com,
Website-www.thekosalaschool.in,
Mob- 6371537828/ 6371532877/ 7682032632

**KOSALA ENTRANCE TEST 2020-21**

* Admissions open for classes LKG to Std-IX for BOARDERS ONLY.
* Interested candidates are to appear entrance test in English, Mathematics and General Awareness on the 9th February/ 16th February 2020.
* Candidates qualified in entrance test will get admission strictly on merit basis for limited seats available.
* Enquiry time over phone- 10.00 am to 2.00 pm.
* Entrance test timings- 10.30 am to 12.30 pm.
* Selling of Admission Forms will start from 23rd January 2020.

**Sd./- PRINCIPAL**

**LEPRA SOCIETY**

**QUATATION CALL NOTICE**

Sealed quotations are invited from interested parties for asbestos shedding work (Total 950 x 2) at two nos. roof of MNC-LEPRA Society main building. Interested parties may visit hospital campus regarding work details between 11 AM to 5 PM on any working day. Quotations should reach the office of Medical Superintendent on or before 22.01.2020 on below address.

MNC- Lepra Society, At-Pandapali, Po-Birmaharajpur Pin-767018. Mob :Mr Sujit Thappa- 9078056254,9556853432



## ଜିଲା ଚିଠି
## ଜଗତ୍‌ସିଂହପୁର

# ସରୁନି ମାଷ୍ଟର ପ୍ଲାନ୍

୧୯୮୫ ପରଠାରୁ ଜଗତ୍‌ସିଂହପୁର ସହର ସମେତ ଜିଲାରେ ମାଷ୍ଟର ପ୍ଲାନ୍ ହୋଇନାହିଁ। ଏଥିଯୋଗୁ ଦିନକୁ ଦିନ ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ଅସୁବିଧା ହେଉଛି। ୨୦୧୭ରୁ ରାଜ୍ୟ ସରକାର ମାଷ୍ଟର ପ୍ଲାନ୍ କରିବା ନେଇ ଟେଣ୍ଡର କରିଥିଲେ ସୁଦ୍ଧା ବହୁ ବିଳମ୍ବରେ ଏହା ଚୂଡ଼ାନ୍ତ ହୋଇଥିଲା। ବେଙ୍ଗାଲୁରୁର ସ୍କାଏ ଗ୍ରୁପ୍ ନାମକ ସଂସ୍ଥା ଯୋଜନା ପ୍ରସ୍ତୁତ କରିବ ବୋଲି ସ୍ଥିର ହୋଇଛି। ଏହି ସଂସ୍ଥା ଓଡ଼ିଶା ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି) ସହ ରାଜିନାମା ସ୍ୱାକ୍ଷର କରିଛି। ରାଜିନାମା ଅନୁଯାୟୀ, ସ୍କାଏ ଗ୍ରୁପ୍ ୨୦୧୯ ଜୁଲାଇ ଭିତରେ ଯୋଜନା ସାରିବା କଥା। କିନ୍ତୁ ଇତିମଧ୍ୟରେ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରିବା ତ ଦୂରର କଥା ଚିଠା ମାଷ୍ଟର ପ୍ଲାନ୍ ବି ପ୍ରସ୍ତୁତ ହୋଇପାରିନାହିଁ। ୨୬।୫।୧୮ରେ ସ୍କାଏ ଗ୍ରୁପ୍ ଟେଣ୍ଡର ପାଇ ୨୩।୭।୧୯ ଭିତରେ ମାଷ୍ଟର ପ୍ଲାନ୍ ସାରିବ ବୋଲି ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟଠାରୁ ୫ ମାସ ଅଧିକ ଅତିକ୍ରମ ହୋଇସାରିଛି। ଆଗକୁ ଚିଠା ମାଷ୍ଟର ପ୍ଲାନ୍, ବିଭାଗ ପକ୍ଷରୁ ସ୍କାଏ ଗ୍ରୁପ୍ ସହାୟତାରେ ସମସ୍ତ ବିଭାଗ ସହ ବୈଠକ, କର୍ମଶାଳା ତଥା ସେମିନାର ମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେବ। କାହାର କିଛି ଆପତ୍ତି ଅଭିଯୋଗ ଥିଲେ ତା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଏତେ କାମ ବାକି ଥିବା ବେଳେ ସଂସ୍ଥା ମନ୍ଥର ଗତିରେ କାମ କରୁଛି। ଯେଉଁଥିପାଇଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜିନାମା ଅନୁଯାୟୀ, ଏହି ଗ୍ରୁପ୍ ଜଗତ୍‌ସିଂହପୁର ସହର ସମେତ ଜଗତ୍‌ସିଂହପୁର ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳ ଅଧୀନ ୯୩ଟି ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ। ସେଥିମଧ୍ୟରୁ ଜଗତ୍‌ସିଂହପୁର ପୌର ପରିଷଦ ସମେତ ଏହି ବ୍ଲକର ୧୦ଟି ପଞ୍ଚାୟତକୁ ସାମିଲ କରାଯାଇଛି। ଏଥିରେ ରାସ୍ତା, ଡ୍ରେନ୍ ଆଦିର ଭିତ୍ତିଭୂମି, ସହରାଞ୍ଚଳର ସ୍ଥିତି, ସମସ୍ୟା ଓ ଏହାର ସମାଧାନର ବାଟ ବାହାରିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍ ପ୍ଲାଟ୍‌ଫର୍ମରେ ରାଜସ୍ୱ କାଡାଷ୍ଟ୍ରାଲ ମ୍ୟାପ୍‌କୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ହେବ। ସ୍ଥାନ, ପାଣିପାଗ, ପ୍ଲଟ ଅନୁଯାୟୀ ଜମିର ବ୍ୟବହାର, ପରିବେଶଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଲୋକ ସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ଆର୍ଥିକ ସ୍ଥିତି ଓ ନିଯୁକ୍ତି ଯଥା- ପ୍ରଶାସନ, କୃଷି, ଖଣି, ଖାଦାନ ଆଦିକୁ ଦେଖାଯିବ। କେତେ ସାଧାରଣ ଓ ବସ୍ତି ବାସିନ୍ଦାଙ୍କ ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସୁବିଧା ଅଛି ତାହା ଅନୁଧ୍ୟାନ ହେବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ୍ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ପାଣି, ପବନ, ମୃତ୍ତିକା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟଟନ ବିଷୟରେ ଧ୍ୟାନ ଦିଆଯିବ। ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ସମୟରେ ପରିବେଶ ଯଥା- ଜଳାଶୟ, ପ୍ରାକୃତିକ ନାଳ, ଜଙ୍ଗଲ, ବୃକ୍ଷଲତା, ଖାଲୁଆ ଜମି, କୃଷି ଜମି, ପ୍ରଦୂଷଣ ମାତ୍ରା, ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯିବ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ମାଇକ୍ରୋ ଲେଭଲ ଷ୍ଟଡି କରାଯିବ। ଶେଷରେ କେଉଁସବୁ ପ୍ରକଳ୍ପ କରାଯିବା ବାଧ୍ୟତାମୂଳକ ଓ କେଉଁଟା ଇଚ୍ଛାଧୀନ ତାହା ସ୍ପଷ୍ଟ କରାଯିବ। ବାସୋପଯୋଗୀ ଘର, ବ୍ୟବସାୟିକ ସ୍ଥାନ, ପାର୍କ, ସ୍ୱାସ୍ଥ୍ୟକେନ୍ଦ୍ର, କଲୋନୀରେ ବିବାହ, ବ୍ରତ ଘର ପାଇଁ ସ୍ଥାନ, ପାର୍କିଂ ଅଞ୍ଚଳ ଆଦିକୁ ଏକାଧିକ ଜୋନ୍‌ରେ ବିଭକ୍ତ କରାଯିବ। ଏ ସବୁକୁ ଦେଖି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ।

**- ପ୍ରମୋଦ କୁମାର ନାୟକ**

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସପ୍ତଗିରି

■ ମୌଳିକ ସମସ୍ୟାର ସମାଧାନ ପାଇଁ ରଖିଲେ ଦାବି

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନିଜ ସଂସଦୀୟ କ୍ଷେତ୍ର ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୯ ଦଫା ଦାବି ରଖିଥିବା ଜଣାପଡିଛି। ଏହି ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ମଧ୍ୟ ଉଲ୍ଲାକାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସାକ୍ଷାତ୍ ପରେ ସପ୍ତଗିରି ନିଜ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ, ରାୟଗଡାରେ ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ଏଥିସହିତ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛି। ପଦମପୁର ଏବଂ ବିଷମକଟକ ଦେଇ ଗୁଣୁପୁର-ଥେରୁବାଲି ରେଳ ଲାଇନ, କୋଲାବ ନଦୀ ଉପରେ ରେଳ ତଥା ସଡକ ଓଭରବ୍ରିଜ୍ ନିର୍ମାଣ, ରାୟଗଡା, କୋରାପୁଟ ଏବଂ କାକିରଗୁଡାରେ ବାଇପାସ୍ ନିର୍ମାଣ ପାଇଁ ଦାବି କରିଛି। ସେହିପରି ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ସ୍ୱଦେଶ ଦର୍ଶନ ଯୋଜନାରେ କୋରାପୁଟ-ରାୟଗଡାରେ ସ୍ୱତନ୍ତ୍ର ଟୁରିଷ୍ଟ ସର୍କିଟ ସ୍ଥାପନ, ଝୋଡିଆ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି(ଏସ୍‌ଟି)ରେ ସ୍ଥାନ ଦେବା ଭଳି ଦାବି ସପ୍ତଗିରି ଉପସ୍ଥାପନ କରିଥିଲେ।

■ ପେଣ୍ଠ ବେଳାଭୂମି ଅସୁରକ୍ଷିତ

# ଜିଓ ସିନ୍ଥେଟିକ୍ ୱାଲରେ ପୁଣି ଅଗ୍ନିକାଣ୍ଡ

**ରାଜନଗର,୯।୧(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ଗ୍ରାମ ନିକଟରେ ସମୁଦ୍ର ଜୁଆରକୁ ପ୍ରତିହତ କରିବା ପାଇଁ ନିର୍ମାଣ କରାଯାଇଥିବା ଜିଓ ସିନ୍ଥେଟିକ ୱାଲରେ ଗୁରୁବାର ୩ୟ ଥର ପାଇଁ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୩୦ଟି ଗ୍ୟାବିଅନ ବକ୍ସ ନଷ୍ଟ ହୋଇଥିବା ଜଣାପଡିଛି। ନିଆଁ କିପରି ଲାଗୁଛି ତାର ପ୍ରକୃତ ତଥ୍ୟ ଏଯାଏଁ ପଦାକୁ ଆସିନାହିଁ। ଭାରତର ଦ୍ୱିତୀୟ ଏବଂ ଓଡିଶାର ସର୍ବପ୍ରଥମ ଜିଓ ସିନ୍ଥେଟିକ ୱାଲରେ ଅଗ୍ନିକାଣ୍ଡକୁ ନେଇ ପେଣ୍ଠ ସମେତ ସ୍ଥାନୀୟ ସମୁଦ୍ରକୂଳିଆ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ପ୍ରକାଶ ଯେ, ଗୁରୁବାର ସକାଳ ୬ଟା ସମୟରେ ଜିଓ ସିନ୍ଥେଟିକ ୱାଲ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗ ଓ ତଟବନ୍ଧ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଜନଗର ଅଗ୍ନିଶମ ବାହିନୀ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ୨୦ଫୁଟ ଲମ୍ବ ଓ ୧୦ଫୁଟ ଚଉଡା ମଧ୍ୟରେ ଥିବା ପ୍ରାୟ ୩୦ଟି ଗ୍ୟାବିଅନ ବକ୍ସର ଜାଲି ପୋଡି ପାଉଁଶ ହୋଇଯାଇଛି। ଖବରପାଇ ତଟବନ୍ଧ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ଅଗଷ୍ଟ ମାସରେ ଓ ଦୁଇ ବର୍ଷ ତଳେ ଜିଓ ସିନ୍ଥେଟିକ ୱାଲରେ ନିଆଁ ଲାଗିଥିଲା।

**ଓଡ଼ିଶା ସରକାର**

**ବାଣିଜ୍ୟ ଓ ପରିବହନ ବିଭାଗ**

**୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ୨୦୨୦**

**ଅନ୍‌ଲାଇନ୍ ପ୍ରତିଯୋଗିତା ଓ ପୁରସ୍କାର**

| ପ୍ରତିଯୋଗିତାର ପ୍ରକାର | ସମୟ | ବିଷୟ | ପୁରସ୍କାର ରାଶି |
|---|---|---|---|
| କୁଇଜ୍ ପ୍ରତିଯୋଗିତା | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା | ୧ମ - ଟ.୨୦,୦୦୦/-<br>୨ୟ - ଟ.୧୦,୦୦୦/-<br>୩ୟ - ଟ.୬,୦୦୦/- |
| ନୂତନ ଚିନ୍ତାଧାରା ପ୍ରତିଯୋଗିତା (ଭିଡିଓ) | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା ବିଷୟ ବସ୍ତୁ ଆଧାରିତ (୧୧ଟି ବିଭାଗ) | ୧ମ - ଟ.୫୦,୦୦୦/-<br>୨ୟ - ଟ.୩୦,୦୦୦/-<br>୩ୟ - ଟ.୨୦,୦୦୦/-<br>ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ୧୦,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯିବ |
| କାର୍ଟୁନ୍ / ପୋଷ୍ଟର ପ୍ରତିଯୋଗିତା | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା ବିଷୟ ବସ୍ତୁ ଆଧାରିତ (୧୧ଟି ବିଭାଗ) | ୧ମ - ଟ.୧୦,୦୦୦/-<br>୨ୟ - ଟ.୬,୦୦୦/-<br>୩ୟ - ଟ.୪,୦୦୦/-<br>ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ୩,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯିବ |
| ସଡକ ସୁରକ୍ଷା ଲାଗି ମାସକଟ୍ ଡିଜାଇନ୍ | ୧୧ ରୁ ୧୫ ଜାନୁଆରୀ ୨୦୨୦ | | ଟ. ୫୦,୦୦୦/- |
| ସଡକ ସୁରକ୍ଷା ମାସକଟ୍ ର ନାମକରଣ ଲାଗି ଅଭିମତ | ୧୧ ରୁ ୧୫ ଜାନୁଆରୀ ୨୦୨୦ | | ଟ. ୨୦,୦୦୦/- |

**କୁଇଜ୍ ପ୍ରତିଯୋଗିତାର ପ୍ରଣାଳୀ**

୧. ଏହି କୁଇଜ୍ ପ୍ରତିଯୋଗିତା ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହେବ । ଏହା www.odisharoadsafety.org ପ୍ଲାଟ୍‌ଫର୍ମରେ ଉପଲବ୍ଧ ।
୨. ପ୍ରତିଯୋଗି ମାନେ କୁଇଜ୍ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ୱେବ୍‌ସାଇଟ୍ visit କରିବେ ଓ ସଡକ ସୁରକ୍ଷା ପ୍ରତି ଅଙ୍ଗୀକାର ବଦ୍ଧ ହେବେ ।
୩. ଦୟାକରି ଆମର ଟୁଇଟର www.twitter.com /STAOdisha ଅନୁସରଣ କରନ୍ତୁ ଏବଂ ଆମର ଫେସ୍‌ବୁକ୍ ପେଜ୍ www.facebook.com/OdishaSTA କୁ ଲାଇକ୍ କରନ୍ତୁ ।
୪. ଏହି କୁଇଜ୍ ପ୍ରତିଯୋଗିତା ୧୧ ରୁ ୧୫ ଜାନୁୟାରୀ ୨୦୨୦ ପର୍ଯ୍ୟନ୍ତ ଚାଲୁ ରହିବ ।
୫. ପ୍ରତ୍ୟେକ ଦିନ ପ୍ରତିଯୋଗିଙ୍କୁ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବାକୁ ପଡିବ । ୫ଦିନର ମୋଟ ସ୍କୋରକୁ ମିଶାଇ ଶ୍ରେଷ୍ଠ ପ୍ରତିଯୋଗି ମାନଙ୍କୁ ବଛାଯିବ ।
୬. ଯଦି ଏକାଧିକ ପ୍ରତିଯୋଗି ସମାନ ସ୍କୋର ଲାଭ କରି ଟାଇ ଫଳାଫଳ ହୁଏ ତେବେ ଯେଉଁ ପ୍ରତିଯୋଗି ଆମର ଟୁଇଟର ପେଜ୍‌କୁ ଅନୁସରଣ କରିଥିବେ ଏବଂ ଫେସ୍‌ବୁକ୍ ପେଜ୍‌କୁ ଲାଇକ୍ କରିଥିବେ ତାଙ୍କୁ ବିଜୟୀ ଘୋଷଣା କରାଯିବ । ଯଦି ଏଥିରେ ମଧ ଟାଇ ହୁଏ ତେବେ ଲଟେରି ମାଧ୍ୟମରେ ବିଜେତା ଚୟନ କରାଯିବ ।

**ନୂତନ ଚିନ୍ତାଧାରା (ଭିଡିଓ) ଓ କାର୍ଟୁନ୍ / ପୋଷ୍ଟର ପ୍ରତିଯୋଗିତା**

୧. ନୂତନ ଚିନ୍ତାଧାରା (ଭିଡିଓ), କାର୍ଟୁନ୍ ଏବଂ ପୋଷ୍ଟର ସଡକ ସୁରକ୍ଷା ର ନିମ୍ନଲିଖିତ ୧୧ଟି ବିଭାଗ ଉପରେ ଆଧାରିତ ହୋଇଥିବା ଆବଶ୍ୟକ :

(କ) ନିଶାସକ୍ତ ଭାବେ ଗାଡିଚାଳନା (ଖ) ଦ୍ରୁତ ଗତିରେ ଗାଡିଚାଳନା (ଗ) ଗାଡିଚାଳନା ସମୟରେ ମୋବାଇଲ୍ ବ୍ୟବହାର (ଘ) ଟ୍ରାଫିକ୍ ନିୟମ ନ ମାନି ବିପରୀତ ଦିଗରେ ଗାଡିଚାଳନା (ଙ) ସିଟ୍ ବେଲଟ୍ ବ୍ୟବହାର କରିବା (ଚ) ହେଲ୍‌ମେଟ୍ ପିନ୍ଧିବା (ଛ) ଦୁଇ ଚକିଆରେ ୩ଜଣ ଯାତ୍ରା କରିବା (ଜ) ଅଳ୍ପ ବୟସର ସ୍କୁଲ ପିଲାମାନଙ୍କ ଦ୍ୱାରା ଗାଡିଚାଳନା (ଝ) ଟ୍ରାଫିକ୍ ରେଡ୍ ଲାଇଟ୍‌କୁ ଅତିକ୍ରମ କରିବା (ଞ) ଦୁର୍ଘଟଣାରେ ଆଘାତ ଯାତ୍ରୀଙ୍କୁ ସାହାଯ୍ୟ କରିବା (ଟ) ଟ୍ରାଫିକ୍ ନିୟମ ମାନିବା ଓ ନିଜର ସୁରକ୍ଷାକୁ ବଢାଇବା

୨. ପ୍ରତିଯୋଗି ମାନେ ୩୦ ସେକେଣ୍ଡରୁ ୧ମିନିଟ୍ ସମୟ ସୀମା ମଧ୍ୟରେ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିବେ ଏବଂ ଏହି ଭିଡିଓ କୁ www.odisharoadsafety.org site ରେ ଲିଙ୍କ୍ share କରିବେ ।
୩. ପ୍ରତିଯୋଗି ମାନେ ପ୍ରସ୍ତୁତ କରିଥିବା କାର୍ଟୁନ୍/ପୋଷ୍ଟର କୁ www.odisharoadsafety.org ରେ ଅପ୍‌ଲୋଡ୍ କରିବେ ।

**www.odisharoadsafety.org site ୧୧ ଜାନୁୟାରୀ, ୨୦୨୦ ରେ ଖୋଲାଯିବ ।**

**ପୁରସ୍କାର ବିଜୟୀ ପ୍ରତିଯୋଗିଙ୍କ ନାମ ତା.୧୬.୧.୨୦୨୦ ରିଖ ଅପରାହ୍ନ ୫ଟାରେ ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ ।**

**ପରିବହନ ଆୟୁକ୍ତ, ଓଡ଼ିଶା**

**ସୁରକ୍ଷିତ ରୁହନ୍ତୁ, ସୁଖି ରୁହନ୍ତୁ**



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ବଳରାମ



କିଷାନ



କୁବେର



ସୁଭ୍ରାନ୍ତ



ଯୁଗଳ



କେ. ସାହୁ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ୭ ବର୍ଷ ପରେ ପରିବାରକୁ ଫେରିଲା ଝିଅ

- ରାଉରକେଲାରୁ ହଜିଥିଲେ, ପୁରୀରେ ମିଳିଲେ
- ହସ୍ତାନ୍ତର କଲା ସିଡବ୍ଲ୍ୟୁସି
- ସମସ୍ତଙ୍କ ଆଖିରୁ ଝରିଲା ଆନନ୍ଦାଶ୍ରୁ

**ପୁରୀ ଅଫିସ, ୯।୧**

ହଜିଥିଲେ ରାଉରକେଲାରେ, ମିଳିଲେ ପୁରୀରେ। ଏହା ଭିତରେ ବିତିଯାଇଛି ଦୀର୍ଘ ୭ ବର୍ଷ। ଝିଅ ଭୁଲିନି ମା' ବାପାଙ୍କ ସ୍ନେହ, ପରିବାର ବି ଛାଡ଼ିନି ଝିଅକୁ ଫେରିପାଇବାର ଆଶା। ସିଡବ୍ଲ୍ୟୁସି ମାଧ୍ୟମରେ ଗୁରୁବାର ନିଖୋଜ ନାବାଳିକା ଝିଅକୁ ଫେରିପାଇଛନ୍ତି ରାଉରକେଲାର ବିପ୍ର ସାହୁ ଓ ତାଙ୍କ ପରିବାର। ମା', ବାପାଙ୍କୁ ଦେଖି ଝିଅ ଖୁସିରେ ଆତ୍ମହରା ହୋଇଉଠିଥିଲେ। ମା' ବାପାଙ୍କ ଆଖିରୁ ବି ଝରିପଡ଼ିଥିଲା ଆନନ୍ଦାଶ୍ରୁ। ପୁରୀ ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ପରିସରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଝିଅକୁ ଫେରିପାଇବୁ ବୋଲି ଆଶା ଛାଡ଼ି ଦେଇଥିଲୁ, ମାତ୍ର କାଳିଆ ଠାକୁରଙ୍କ ଆଶୀର୍ବାଦରୁ ଝିଅ ମିଳିଲା ବୋଲି ଭାବବିହ୍ୱଳ କଣ୍ଠରେ କହିଛନ୍ତି ବିପ୍ର।

ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ସୂଚନା ଦେଇ କହିଛନ୍ତି, ରାଉରକେଲାର ଉଦିତନଗରରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ରହନ୍ତି ବିପ୍ର। ରାସ୍ତାକଡ଼ରେ ସେ ଏକ ପରିବା ଦୋକାନ ଦେଇଛନ୍ତି। ମୂଳତଃ ସେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳର ହୋଇଥିବାବେଳେ ୩୦ବର୍ଷ ତଳେ ପେଟପାଟଣା ପାଇଁ ରାଉରକେଲା ଚାଲି ଆସିଥିଲେ। ୨୦୧୨ ନଭେମ୍ବରରେ ତାଙ୍କ ଦ୍ୱିତୀୟ ଝିଅ ନିଖୋଜ ହୋଇଯାଇଥିଲେ। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ନିଖୋଜ ନାବାଳିକା ଝିଅ ଭୁଲବଶତଃ ପୁରୀ ଚାଲିଆସିଥିଲେ। ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ ଚାଇଲ୍ଡ ଲାଇନ ଉଦ୍ଧାର କରିଥିଲା। ଜିଲା ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ତାଙ୍କୁ କଣାସସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ 'ନୀଳାଚଳ ସେବା ପ୍ରତିଷ୍ଠାନ'ରେ ରଖାଯାଇଥିଲା। ନାବାଳିକା ସେହି ସମୟରେ ମାନସିକ ସ୍ତରରେ ଦୁର୍ବଳ ଥିବାରୁ କିଛି କହି ପାରୁ ନ ଥିଲେ। ପରବର୍ତ୍ତୀ ସମୟରେ ଶିଶୁ ଯତ୍ନ ଅନୁଷ୍ଠାନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ ମଙ୍ଗଳ କମିଟି କ୍ରମାଗତ ଭାବେ ତାଙ୍କର ପରିଚୟ ପାଇବା ଲାଗି ଉଦ୍ୟମ ଜାରି ରଖିଥିଲେ। ନାବାଳିକା ଧିରେ ଧିରେ କହିବା ଆରମ୍ଭ କରିଥିଲେ। ପ୍ରଥମେ ଗଞ୍ଜାମ ଜିଲା ଓ ପରେ ପୁରୁଷୋତ୍ତମପୁର ବ୍ଲକ ଜାମୁନି ଅଞ୍ଚଳର ବାସିନ୍ଦା ବୋଲି ନିଜକୁ ପରିଚୟ ଦେଇଥିଲେ। ଏ ନେଇ ଗଞ୍ଜାମ ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ସିଡବ୍ଲ୍ୟୁସି, ସିଡିପିଓ, ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜରଙ୍କୁ ଅବଗତ କରାଯାଇଥିଲା। ନାବାଳିକାଙ୍କ ଫଟୋ ଜାରି କରାଯିବା ପରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ତାହାକୁ ଦେଖି ତାଙ୍କ ବାପାଙ୍କ ପରିଚୟ ଦେଇଥିଲେ। ସୁନ୍ଦରଗଡ ଡିସିପିଓଙ୍କଠାରୁ ବିପ୍ରଙ୍କ ଠିକଣା ମିଳିଥିଲା। ଏ ନେଇ ବିପ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଗୁରୁବାର ବିପ୍ର ପରିବାର ସହ ପୁରୀ ସିଡବ୍ଲ୍ୟୁସିରେ ପହଞ୍ଚି ଝିଅ ଫଟୋ ଦେଖାଇବା ସହ ଥାନାରେ ନିଖୋଜ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏହାପରେ ସରକାରୀ ନିୟମ ଅନୁଯାୟୀ, ସିଡବ୍ଲ୍ୟୁସି ପକ୍ଷରୁ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେମାନେ ଝିଅକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ରାଉରକେଲା ଫେରିଯାଇଛନ୍ତି। ଶିଶୁ ସୁରକ୍ଷା ୟୁନିଟ୍‌ର ଅଣଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଶୁଭକାନ୍ତ ଦାଶ କହିଛନ୍ତି, ସମ୍ପୃକ୍ତା ନାବାଳିକାଙ୍କ ଘର ଠିକଣା ପାଇ ଏକ ସ୍ୱତନ୍ତ୍ର ଟିମ୍ ଗଞ୍ଜାମ ଜିଲା ସହ ଲଗାତର ସମ୍ପର୍କରେ ରହିଥିଲା। ଶେଷରେ ତାଙ୍କ ବାପାଙ୍କ ସହ ଯୋଗାଯୋଗ ହୋଇପାରିଥିଲା। ଗତ ୩ ବର୍ଷର ପ୍ରଚେଷ୍ଟା ଯୋଗୁ ସେ ଆଜି ଘରକୁ ଫେରିବାରେ ସଫଳ ହୋଇଛନ୍ତି।

# ଖଟିଆରେ ବୁହା ହେଲେ ଗର୍ଭବତୀ

- ରାସ୍ତା ନ ଥିବାରୁ ଗାଁକୁ ଆସି ପାରିଲା ନାହିଁ ଆମ୍ବୁଲାନ୍ସ

**ସୁନ୍ଦରଗଡ଼/ଲେଫ୍ରିପଡା, ୯।୧ (ଡି.ଏନ୍.ଏ.)**

ଖଟିଆରେ ବୁହା ହୋଇ ଡାକ୍ତରଖାନା ଗଲେ ୬ ମାସର ଗର୍ଭବତୀ ମହିଳା। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ଆଭ୍ୟନ୍ତରୀଣ ଲେଫ୍ରିପଡା ବ୍ଲକ ଅଞ୍ଚଳରେ। ମହିଳା ଓ ଶିଶୁମାନଙ୍କର ବିକାଶ ତଥା ବିଶେଷକରି ଗର୍ଭବତୀ ମହିଳାଙ୍କ ନିରାପଦ ପ୍ରସବ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିଲେ ହେଁ ତାହା କାମରେ ଆସୁନି। ଏହି ଜିଲାର ଆଦିବାସୀ ଅଧ୍ୟୁଷିତ ଲେଫ୍ରିପଡା ବ୍ଲକର ଉପାନ୍ତ ସରଫଗଡ ପଞ୍ଚାୟତର ହାତୀଗୁଳ୍କୁ ଗାଁକୁ ରାସ୍ତା ନ ଥିବା ଯୋଗୁ ଜଣେ ଗର୍ଭବତୀ ମହିଳାଙ୍କୁ ଖଟରେ ବୁହା ହୋଇ ୨କିଲୋମିଟର ଆଣିଲା ପରେ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ଅଣାଯାଇଥିଲା।

ମିଳିଥିବା ସୂଚନା ମୁତାବକ ଏହି ଗାଁର ଏମ୍ବିତା ଆଇନ୍ଦ ୬ମାସର ଗର୍ଭବତୀ ଥିଲେ। ୨ଦିନ ପୂର୍ବେ ରୋଷେଇ କରୁଥିବା ବେଳେ ଡିବିରିରୁ ତାଙ୍କ ପଣତରେ ନିଆଁ ଲାଗି ଯାଇଥିଲା। ସେହି ନିଆଁରେ ତାଙ୍କ ଗୋଡ ପୋଡିଯାଇଥିଲା। ଗାଁରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅଧିକ ଚିକିତ୍ସା ଉଦ୍ଦେଶ୍ୟରେ ଗୁରୁବାର ତାଙ୍କୁ ପରିବାର ଲୋକେ ଡାକ୍ତରଖାନା ନେବା ପାଇଁ ୧୦୨ ଆମ୍ବୁଲାନ୍ସ ଡାକିଥିଲେ। ହେଲେ ଗାଁରେ ଆମ୍ବୁଲାନ୍ସ ପହଞ୍ଚିବା ପାଇଁ ରାସ୍ତା ନାହିଁ। ଚଲାବାଟ ମଝିରେ ଏକ ନାଳ ଅତିକ୍ରମ କରି ଲୋକେ ଯିବା ଆସିବା କରିଥାଆନ୍ତି। ଫଳରେ ଆମ୍ବୁଲାନ୍ସ ସେହି ଗାଁରେ ପହଞ୍ଚି ନ ପାରି ନିକଟସ୍ଥ ଗାଁରେ ଅଟକି ରହିଥିଲା। ପରେ ବାଧ୍ୟ ହୋଇ ପରିବାର ଲୋକେ ଓ ସେଠାକାର ସମିତି ସଭ୍ୟ ଅମୀର ନାଏକ ଗର୍ଭବତୀ ମହିଳାଙ୍କୁ ୨କି.ମି ପର୍ଯ୍ୟନ୍ତ ରାସ୍ତାରେ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ।



ଲେଫ୍ରିପଡା ବ୍ଲକ ଅଞ୍ଚଳରେ ଖଟିଆରେ ବୁହାହୋଇ ଗର୍ଭବତୀଙ୍କୁ ଡାକ୍ତରଖାନା ନିଆଯାଉଛି।

ଘଟଣା ସମ୍ପର୍କରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମ୍‌ଓ) ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି, ଦୁଇ ଦିନ ପୂର୍ବେ ମହିଳାଙ୍କ ଗୋଡ଼ ପୋଡ଼ିଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସମ୍ପୂର୍ଣ୍ଣା ଯୋଜନାରେ ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇଥିଲେ। ଗର୍ଭବତୀ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନା ନେବାକୁ ଆଶା ଓ ଅଙ୍ଗନୱାଡ଼ି କର୍ମୀ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ମହିଳାଙ୍କୁ ଗୁରୁବାର ଡାକ୍ତରଖାନା ଆଣି ଚିକିତ୍ସା କରାଯାଉଛି। ତେବେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ମହିଳାଙ୍କୁ ଡାକ୍ତରଖାନାରେ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ବୋଲି ସିଡ଼ିଏମ୍‌ଓ କହିଥିଲେ।

## ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଜଳେଶ୍ୱର, ୯।୧(ଡି.ଏନ.ଏ./ସ୍ୱ.ପ୍ର.):** ଜଳେଶ୍ୱର ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଇ କୋଟିକୋଟି ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରାଯାଉଛି। ହେଲେ ଏହାର କାରବାର କମିବାର ନାଁ ଧରୁନାହିଁ। ଗୁରୁବାର ଭୋର ସାଢ଼େ ୪ଟା ବେଳେ ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଜଳେଶ୍ୱର ପୌରାଞ୍ଚଳର ଶେଖବାଡ଼ ଅଞ୍ଚଳରେ ଚଢ଼ାଉ କରି ୫୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଯୁବକ ହେଲେ ଶେଖବାଡ଼ ଗ୍ରାମର ଜାହିରୁଦ୍ଦିନ (୨୮)।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଣ୍ଡିବା ଶକ୍ତି ଯାର ଥାଇ
ସେ ପୁଣି କ୍ଷମା ଆଚରଇ।**

ଭଗବାନ ଗଧପାଦ ଧରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ଶକ୍ତିଶାଳୀ ଲୋକ ମଧ୍ୟ ଦରକାର ବେଳେ ବିନୟଭାବ ପୋଷଣ କରିଥାଏ। ମନୁଷ୍ୟର ମହାନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ଉଦାରତା ଓ କର୍ତ୍ତବ୍ୟପରାୟଣତାରୁ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେବାଠାରୁ ପୁଣ୍ୟ ନାହିଁ
ମାଗିବାଠାରୁ ହୀନ ନାହିଁ।**

ଦେବାରେ ଆନନ୍ଦ ଥାଏ। ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବା ଠାରୁ ବଳି ହୀନକାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ରାସ୍ତା କାମ ବିଲ୍ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ

ଭଦ୍ରକ ଅଫିସ,୯।୧-ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ(୧)ର ଡାଟା ଏଣ୍ଟ୍ରି ଅପରେଟର ପ୍ରିୟବ୍ରତ ପଣ୍ଡା ଗୁରୁବାର ପୂର୍ବାହ୍ନରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ନିଜ କାର୍ଯ୍ୟାଳୟରେ ସେ ଜଣେ ଠିକାଦାରଙ୍କଠାରୁ ୮ ଲକ୍ଷ ୨୦ ହଜାର ଟଙ୍କାର ବିଲ୍ କରାଇଦେବା ପାଇଁ ୩୦ ହଜାର ଟଙ୍କା ନେଉଥିଲେ। ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ କେମିକାଲବୋଳା ଲାଞ୍ଚ ଟଙ୍କା ଜବତ ସହ ତାଙ୍କୁ ଧରିଥିଲେ। ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ରଙ୍କ ନେତୃତ୍ୱରେ ବାରିପଦା ଓ ବାଲେଶ୍ୱରର ଏକ ୬ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଭଦ୍ରକ ବ୍ଲକ ଅଧୀନ ଚଢ଼େୟା ଗ୍ରାମର ଠିକାଦାର ଦିଗାମ୍ବର ଦାସ ୨୦୧୭-୧୮ ଆର୍ଥିକବର୍ଷରେ ସାଳନ୍ଦୀବନ୍ଧରୁ ତୁମ୍ବାପଦୀ କଂକ୍ରିଟ ରାସ୍ତା ପାଇଁ ୫ ଲକ୍ଷ ଓ ଦୈସିଂରୁ କୁଡ଼ିଆମାଳ ରାସ୍ତା ଲାଗି ୩ ଲକ୍ଷ ୨୦ ହଜାର ଟଙ୍କାର ବିଲ୍ କରିବାର ଥିଲା। ଏଥିପାଇଁ ପ୍ରିୟବ୍ରତ ତାଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଦିଗାମ୍ବର ଏତେ ଟଙ୍କା ଦେଇପାରିବେ ନାହିଁ କହିବାରୁ ୩୦ ହଜାର ଟଙ୍କା ଦେବାକୁ କଥା ଛିଡ଼ିଥିଲା। ଏହାପରେ ଦିଗାମ୍ବର ଏ ସଂକ୍ରାନ୍ତରେ ଭଦ୍ରକ ଭିଜିଲାନ୍ସ ବିଭାଗର ସହାୟତା ନେଇଥିଲେ। ପୂର୍ବ ଯୋଜନା ଅନୁସାରେ ଗୁରୁବାର ପୂର୍ବାହ୍ନରେ ଦିଗାମ୍ବର କେମିକାଲବୋଳା ଟଙ୍କା ପ୍ରିୟବ୍ରତଙ୍କୁ ଦେଇଥିଲେ। ହେଲେ ପୂର୍ବରୁ ଛକି ରହିଥିବା ଟିମ୍ ପ୍ରିୟବ୍ରତଙ୍କୁ କାବୁ କରିନେବା ସହିତ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହି ଘଟଣା ପରେ ପ୍ରିୟବ୍ରତଙ୍କ ପୈତୃକ ବାସଭବନ ମଉଦାଠାରେ ମଧ୍ୟ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। କିନ୍ତୁ ଆଶାତୀତ ଫଳ ମିଳି ନ ଥିବା ଟିମ୍ ସୂଚନା ଦେଇଛି। ବାରିପଦା ଭିଜିଲାନ୍ସ ଇନ୍ସପେକ୍ଟର ସୁଶୀଲ ଏକ୍କା ଓ ବାଲେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ସବିତା ବେହେରା ଚଢ଼ାଉରେ ସାମିଲ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଅସ୍ଥଳସ୍ଥିତ ଆବାସିକ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165





❝ ନିଜ ଦେଶର ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଇପାରୁନଥିବା ଦେଶ ଅନ୍ୟ ଦେଶକୁ ଉପଦେଶ ଦେବା ଅନୁଚିତ।-
ରବୀଶ କୁମାର,
ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## କଶ୍ମୀରରେ ୧୭ ଜଣିଆ ବିଦେଶୀ ପ୍ରତିନିଧି ଦଳ

# ଗସ୍ତକୁ ନେଇ ବିବାଦ

**ଶ୍ରୀନଗର,୯।୧(ପି.ଟି.)**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରାଯିବା ପରେ ପ୍ରଥମ ଥର ପାଇଁ ସେଠାକୁ ୧୭ଟି ଦେଶର ପ୍ରତିନିଧି ଗୁରୁବାର ଗସ୍ତ କରିଛନ୍ତି। କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର ଚଳାଇଥିବାବେଳେ ଏହାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ୨ ଦିନିଆ ଗସ୍ତରେ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରଦୂତ କେନ୍ନେଥ୍ ଆଇ. ଜଷ୍ଟରଙ୍କ ସମେତ ବାଂଲାଦେଶ, ଭିଏତ୍‌ନାମ, ନରୱେ, ମାଳଦ୍ୱୀପ, ଦକ୍ଷିଣ କୋରିଆ, ମରକ୍କୋ ଓ ନାଇଜେରିଆ କୂଟନୀତିଜ୍ଞ ଅଛନ୍ତି। ଦିଲ୍ଲୀରୁ ଏହି ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ଯାଇ ଶ୍ରୀନଗରର ବୈଷୟିକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ସେନା କ୍ୟାଣ୍ଟନମେଣ୍ଟକୁ ନିଆଯାଇଥିଲା। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ଜି.ସି. ମୁର୍ମୁ, ସିଭିଲ ସୋସାଇଟି ସଦସ୍ୟମାନଙ୍କୁ ଭେଟିବା ସହ ବିଭିନ୍ନ ଏଜେନ୍ସିଠାରୁ ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ ହେବେ।



ଶ୍ରୀନଗର ବିମାନବନ୍ଦରରେ ବିଦେଶୀ ପ୍ରତିନିଧି।

ବିଦେଶୀ ପ୍ରତିନିଧିମାନଙ୍କ ଗସ୍ତକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଗୋଟିଏ ପଟେ ସରକାର ବିଦେଶୀ ପ୍ରତିନିଧିମାନଙ୍କ ପାଇଁ ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରୁଥିବାବେଳେ ଅନ୍ୟପଟେ ଭାରତୀୟ ରାଜନେତାମାନଙ୍କୁ କଶ୍ମୀର ମଧ୍ୟକୁ ଛାଡୁ ନ ଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସରକାରଙ୍କ ଏହି ପ୍ରାୟୋଜିତ କାର୍ଯ୍ୟକ୍ରମକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ରମେଶ କହିଛନ୍ତି, ବିଦେଶୀ ପ୍ରତିନିଧିମାନଙ୍କ ଗସ୍ତକୁ କଂଗ୍ରେସ ବିରୋଧ କରୁନାହିଁ, ତେବେ ଭାରତୀୟ ରାଜନେତାମାନଙ୍କୁ ଗସ୍ତ ଅନୁମତି ମିଳିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଗତ ଅକ୍ଟୋବର ୨୯ରେ ୟୁରୋପୀୟ ସଂଘର ଏକ ସଂସଦୀୟ ପ୍ରତିନିଧିଦଳ କଶ୍ମୀର ଗସ୍ତରେ ଆସିଥିବାବେଳେ ଏହା ସରକାରଙ୍କ ଦ୍ୱିତୀୟ ପ୍ରୟାସ। ସମାଲୋଚନାରୁ ରକ୍ଷାପାଇବା ପାଇଁ ସରକାର ଏଭଳି ପ୍ରୟାସ ଚଳାଇଥିବା କଂଗ୍ରେସ ନେତା କହିଛନ୍ତି।

- ଅନୁଧ୍ୟାନ କରିବେ ବାସ୍ତବ ସ୍ଥିତି
- ଦୋମୁହାଁ ନୀତି ଗ୍ରହଣ କରୁଛନ୍ତି ସରକାର: କଂଗ୍ରେସ
- ରେଡ୍ କାର୍ପେଟ ସ୍ୱାଗତରେ ଅପରାଧ ଧୋଇବନି: ଡି. ରାଜା

ସେହିପରି ସରକାରଙ୍କ ଏହି ପ୍ରାୟୋଜିତ ଗସ୍ତ କାର୍ଯ୍ୟକ୍ରମକୁ ସିପିଆଇ ନେତା ଡି. ରାଜା ସମାଲୋଚନା କରିଛନ୍ତି। ବିଦେଶୀ ପ୍ରତିନିଧିମାନଙ୍କୁ ରେଡ୍ କାର୍ପେଟ ସ୍ୱାଗତ କରିବା ଦ୍ୱାରା ସରକାର ଜମ୍ମୁ-କଶ୍ମୀରରେ ଯେଉଁ ଅପରାଧ କରିଛନ୍ତି ତାହା ଧୋଇହୋଇଯିବନି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଠାଇଦିଆଯିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଜମ୍ମୁ-କଶ୍ମୀରକୁ ସେନାଛାଉଣୀରେ ପରିଣତ କରାଯାଇଥିଲା ଓ ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ ବା ଅଟକ ରଖାଯାଇଥିଲା। ୫ ମାସ ମଧ୍ୟରେ ଅଳ୍ପ କେତେଜଣଙ୍କୁ ଛଡ଼ାଯାଇଥିବାବେଳେ ଅଧିକାଂଶ ଏବେ ବି ଅଟକ ରହିଛନ୍ତି। କଶ୍ମୀର ସ୍ଥିତିରେ ଏବେ ବି ସୁଧାର ଆସିନାହିଁ। କୌଣସି ଦଳୀୟ ନେତାଙ୍କୁ ସେଠାକୁ ଛଡାଯାଉନାହିଁ। ଏପରିସ୍ଥଳେ ବିଦେଶୀ ପ୍ରତିନିଧିମାନଙ୍କୁ ସେଠାକୁ ପଠାଇ ସେମାନଙ୍କ ମୁହଁରେ ସରକାର ନିଜ କଥା କହିବାକୁ ଉଦ୍ୟମ କରୁଥିବା ସମାଲୋଚନା ହେଉଛି।

## ସିଏଏ ମାମଲା: ତ୍ୱରିତ ଶୁଣାଣିକୁ ମନାକଲେ ସୁପ୍ରିମକୋର୍ଟ

# 'ଦେଶ କଠିନ ସମୟ ଦେଇ ଗତି କରୁଛି'

**ନୂଆଦିଲ୍ଲୀ,୯।୧(ପି.ଟି.)**



ଦେଶ ଏବେ କଠିନ ସମୟ ଦେଇ ଗତିକରୁଛି। ହିଂସା ଏତେ ବଢ଼ିଯାଇଛି ଯେ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସାମ୍ବିଧାନିକ ଘୋଷଣା କରିବା ପାଇଁ ଦାଏର ହୋଇଥିବା ଆବେଦନର ତ୍ୱରିତ୍ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ମନାକରିଦେବା ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କୌଣସି ଆଇନକୁ ସାମ୍ବିଧାନିକ ଘୋଷଣା କରିବା ପାଇଁ କେହି ଆବେଦନ କରିବା ପ୍ରଥମ ଘଟଣା ବୋଲି ଖଣ୍ଡପୀଠ କହିଛନ୍ତି। ସିଏଏର ବୈଧତାକୁ ଚାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଛି। ଦେଶରେ ହିଂସା ବନ୍ଦ ହେବା ପରେ ସେଗୁଡ଼ିକର ଶୁଣାଣି ହେବ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଆଇନର ବୈଧତା ପରଖିବା ଅଦାଲତଙ୍କ କାର୍ଯ୍ୟ, ଏହାକୁ ସାମ୍ବିଧାନିକ ଘୋଷଣା କରିବା ନୁହେଁ ବୋଲି ସିଜେଆଇ କହିଥିଲେ। ସିଏଏକୁ ଦେଶବ୍ୟାପୀ ବିରୋଧ କରାଯାଉଥିବାବେଳେ ଏହାକୁ ସାମ୍ବିଧାନିକ ଘୋଷଣା କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆଇନଜୀବୀ ବିନୀତ ଧଣ୍ଡା ଆବେଦନ କରିଥିଲେ।

## ୧୩ରେ ସିଏଏ ବିରୋଧୀ ମେଳି

# ବିରୋଧୀଙ୍କ ସହ ଯୋଗଦେବେନି ମମତା

**କୋଲକାତା,୯।୧**



କ୍ୟାମ୍ପସ୍ ହିଂସା ଓ ସିଏଏକୁ ବିରୋଧକରି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆଗାମୀ ୧୩ରେ ଡାକିଥିବା ବିରୋଧୀ ନେତାଙ୍କ ବୈଠକରେ ଟିଏମ୍‌ସି ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯୋଗଦେବେ ନାହିଁ। ସେ ଏନେଇ ସଫା ସଫା ମନାକରିଛନ୍ତି। ଫଳରେ ବିରୋଧୀ ମେଣ୍ଟରେ ଫାଟ ରହିଥିବା ସ୍ପଷ୍ଟ ବାରିହୋଇଛି। ବାମପନ୍ଥୀ ଓ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ବେଳେ ପଶ୍ଚିମବଙ୍ଗରେ ହୋଇଥିବା ହିଂସାକାଣ୍ଡ ଓ ପୋଡ଼ାଜଳା ଘଟଣାକୁ ମମତା ତୀବ୍ର ସମାଲୋଚନା କରିଛନ୍ତି। ହିଂସାକୁ ପ୍ରଶ୍ରୟ ଦିଆଯିବା ଠିକ୍ ନୁହେଁ ବୋଲି ମମତା ବିରକ୍ତି ପ୍ରକାଶ କରି କହିଛନ୍ତି। ସିଏଏ ଓ ଏନ୍‌ଆର୍‌ସି ନେଇ ପ୍ରସ୍ତାବ ଗ୍ରହଣ କରାଯାଇସାରିଛି। ପୁଣି ଏନେଇ ପ୍ରସ୍ତାବ ଅଣାଯିବାର କୌଣସି ଆବଶ୍ୟକତା ନାହିଁ । ଏହି ଅବସରରେ ସେ କଂଗ୍ରେସ ଓ ବାମପନ୍ଥୀ ନେତାଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଆବଶ୍ୟକ ପଡ଼ିଲେ ଏକୁଟିଆ ଲଢ଼ିବାକୁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଆନ୍ଦୋଳନ ପଛର କାରଣକୁ ସମର୍ଥନ କରୁଥିଲେ ହେଁ ବନ୍ଦ ଓ ହିଂସାକାଣ୍ଡକୁ ମୁଁ ବିରୋଧ କରେ ବୋଲି ମମତା ଦର୍ଶାଇଛନ୍ତି। ସିଏଏ ଓ ଏନ୍‌ଆର୍‌ସି ବିରୋଧରେ ଟିଏମ୍‌ସିର ଆନ୍ଦୋଳନ ଆଗଭଳି ଜାରି ରହିବ। ବନ୍ଦ, ହିଂସାକାଣ୍ଡ ଭଳି ଘଟଣା କଂଗ୍ରେସ ଓ ବାମପନ୍ଥୀଙ୍କ ଡାର୍ଟି ପଲିଟିକ୍ସର ଅଂଶବିଶେଷ। ମମତାଙ୍କ ଏଭଳି ନିଷ୍ପତ୍ତିକୁ କଂଗ୍ରେସ ସମାଲୋଚନା କରିଛି। ଭାଜପାକୁ ଖୁସିକରିବା ଲାଗି ମମତା ଦୋମୁହାଁ ନୀତି ଗ୍ରହଣ କରୁଛନ୍ତି ବୋଲି କଂଗ୍ରେସ ନେତା ଅବ୍‌ଦୁଲ ମନାନ ଓ ସିପିଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟ ମହମ୍ମଦ ସଲିମ ଅଭିଯୋଗ କରିଛନ୍ତି।

## ଏଏପିରେ କଂଗ୍ରେସ ନେତା ସୋଏବ୍ ଇକ୍‌ବାଲ

**ନୂଆଦିଲ୍ଲୀ,୯।୧:** ଦିଲ୍ଲୀ ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ କଂଗ୍ରେସ ବିଧାୟକ ସୋଏବ୍ ଇକ୍‌ବାଲ ଗୁରୁବାର ଏଏପିରେ ସାମିଲ ହୋଇଛନ୍ତି। ଏଏପିର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଇକ୍‌ବାଲଙ୍କ ବ୍ୟତୀତ ୨ କଂଗ୍ରେସ କାଉନସିଲର ମଧ ଏଏପିରେ ଯୋଗଦେଇଛନ୍ତି। ଫେବୃୟାରୀ ୮ରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନେତାଙ୍କ ମିଶ୍ରଣ ଏଏପି ଶକ୍ତିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ।

## ଇତିହାସର ଆଇନାରେ

### ଜାନୁୟାରୀ ୧୦ର ପ୍ରମୁଖ ଘଟଣା

୨୦୧୩ ଜାନୁୟାରୀ ୧୦ରେ ପାକିସ୍ତାନର କ୍ୱେଟାରେ ଏକାଧିକ ବୋମାମାଡ଼ କରାଯାଇଥିଲା। ଏଥିରେ ୧୩୦ ଜଣ ପ୍ରାଣ ହରାଇଥିବାବେଳେ ୩୦୦ ଆହତ ହୋଇଥିଲେ। ଏହି ବୋମା ବିସ୍ଫୋରଣ ପଛରେ ସିଆ ମୁସ୍‌ଲିମ ହଜାରା ସମ୍ପ୍ରଦାୟର ଆତଙ୍କବାଦୀଙ୍କ ହାତ ରହିଥିଲା।

୨୦୧୫ ଜାନୁୟାରୀ ୧୦ରେ ପାକିସ୍ତାନର କରାଚୀ ସହରରେ ଏକ ସଡ଼କ ଦୁର୍ଘଟଣା ଘଟି ୬୫ ଜଣ ମୃତ୍ୟୁବରଣ କରିଥିଲେ। କରାଚୀରୁ ଶିକାରପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସହ ତେଲ ଟ୍ୟାଙ୍କର ପିଟିହୋଇ ଯିବାରୁ ଏଭଳି ଦୁର୍ଘଟଣା ଘଟିଥିଲା।

# କ୍ୟୁରେଟିଭ୍ ପିଟିଶନ ଦାଏର କଲେ ବିନୟ

**ନୂଆଦିଲ୍ଲୀ,୯।୧(ପି.ଟି.)**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ବିନୟ କୁମାର ଶର୍ମା ଫାଶୀରୁ ବର୍ତ୍ତିବା ପାଇଁ ଶେଷ ଉଦ୍ୟମ ସ୍ୱରୂପ ଗୁରୁବାର ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ୪ ବଳାତ୍କାରୀ ମୁକେଶ, ପୱନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ ସିଂଙ୍କ ବିରୋଧରେ ମଙ୍ଗଳବାର ଦିଲ୍ଲୀର ଏକ ଅଦାଲତ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିଲେ। ସେମାନଙ୍କୁ ୨୨ ତାରିଖ ସକାଳ ୭ଟାରେ ତିହାର ଜେଲ୍‌ରେ ଫାଶୀ ଦିଆଯିବାକୁ ଧାର୍ଯ୍ୟ ହୋଇଛି।



ନିର୍ଭୟା ମାମଲା

କ୍ୟୁରେଟିଭ୍ ପିଟିଶନରେ ବିନୟ ଦର୍ଶାଇଛନ୍ତି, ଗମ୍ଭୀରତା କମ୍ କରିବା ନେଇ ବିଚାର କଲାବେଳେ ତାଙ୍କର କମ୍ ବୟସକୁ ଭୁଲ୍‌ବଶତଃ ପ୍ରତ୍ୟାଖ୍ୟାନ କରାଯାଇଛି। ଏଥିସହିତ ତାଙ୍କର ସାମାଜିକ ଅର୍ଥନୈତିକ ସ୍ଥିତି, ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ସଂଖ୍ୟା, ରୋଗାକ୍ରାନ୍ତ ମାତାପିତା, ଜେଲ୍‌ରେ ତାଙ୍କର ଉତ୍ତମ ସ୍ୱଭାବ ଆଦିକୁ ବିଚାରକୁ ନିଆଯାଇ ନାହିଁ। ତେଣୁ ନ୍ୟାୟ ପ୍ରଦାନ ଠିକ୍ ଭାବେ ହୋଇ ନ ଥିବା ଆବେଦନରେ ଦର୍ଶାଯାଇଛି। ସମାଜର ମିଳିତ ଚେତନା ଓ ଜନମତ ଦ୍ୱାରା ଅଦାଲତଙ୍କ ରାୟ ପ୍ରଭାବିତ ହୋଇଥିବା ଏଥିରେ ଦର୍ଶାଯାଇଛି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗିଦେଇଥିଲେ। ଦୁଇ ସପ୍ତାହ ପରେ ସିଙ୍ଗାପୁର ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକ ଥିବାରୁ ଜୁଭେନାଇ ଜଷ୍ଟିସ୍ ବୋର୍ଡରେ ତାଙ୍କର ବିଚାର ହୋଇଥିଲା। ଅନ୍ୟ ୪ ଜଣଙ୍କୁ ତଳ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ୨୦୧୭ରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ। ରାୟର ପୁନର୍ବିଚାର ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ୨୦୧୮ ଜୁଲାଇ ୯ରେ ଖାରଜ କରିଦେଇଥିଲେ।

## ଜେଏନ୍‌ୟୁ ହିଂସା: ତଦନ୍ତ ଲାଗି ୫ଜଣିଆ କମିଟି ଗଠିତ

**ନୂଆଦିଲ୍ଲୀ,୯।୧**

ଗତ ୫ରେ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ହୋଇଥିବା ହିଂସା ଘଟଣାର ତଦନ୍ତ ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଥିବା କୁଳପତି ଏମ୍. ଜଗଦୀଶ କୁମାର କହିଛନ୍ତି। କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସହ ହିଂସା ଘଟଣାର ତଦନ୍ତ କରାଯିବ । ଦୁର୍ବୃତ୍ତଙ୍କ ଆତଙ୍କରାଜ ଓ ହିଂସାକାଣ୍ଡରେ ଜେଏନ୍‌ୟୁ ଛାତ୍ର ସଂସଦ ସଭାପତି ଆଇସି ଘୋଷଙ୍କ ସମେତ ୩୫ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏମିତିକି ଅଧ୍ୟାପକମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲେ। ସୁରକ୍ଷା ତ୍ରୁଟିର ସମୀକ୍ଷା କରାଯାଇ ଏହାକୁ ଅଧିକ ସୁଦୃଢ଼ କରାଯିବ ବୋଲି ଜଣାପଡ଼ିଛି। ଢିଲା ସୁରକ୍ଷା ଚିହ୍ନଟ କରିବା, ସିସିଟିଭି ଲଗାଇବା, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଲାଗି ଅଧିକ ପଦକ୍ଷେପ ନେବା ଉପରେ କମିଟି କାର୍ଯ୍ୟ କରିବ।

# ୩ ଆଇଏସ୍ ଆତଙ୍କବାଦୀ ଗିରଫ



**ନୂଆଦିଲ୍ଲୀ,୯।୧**

ଉତ୍ତର-ପୂର୍ବ ଦିଲ୍ଲୀର ୱାଜିରାବାଦ ନିକଟରୁ ଦିଲ୍ଲୀ ପୋଲିସ ଏନ୍‌କାଉଣ୍ଟର କରି ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରିଛି। ସେମାନଙ୍କଠାରୁ କେତେକ ସନ୍ଦେହଜନକ ବସ୍ତୁ ଜବତ କରାଯାଇଛି। ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ସେମାନେ ଆତଙ୍କବାଦୀ ଆକ୍ରମଣ ଲାଗି ଯୋଜନା କରୁଥିଲେ ବୋଲି ଜଣାପଡ଼ିଛି। ଏହି ୩ ସନ୍ଦିଗ୍ଧ ଆତଙ୍କବାଦୀ ହେଲେ ଖାଜା ମୋଇଦ୍ଦିନ(୫୨), ଅବ୍‌ଦୁଲ ସମଦ୍(୨୮) ଓ ସୟେଦ ଅଲି ନଭାଜ୍(୩୨)। ଗିରଫ ଆତଙ୍କବାଦୀଙ୍କୁ ଲୋଧି କଲୋନୀ ଅଞ୍ଚଳରେ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ସ୍ପେଶାଲ ସେଲ୍‌ର ୩ ଟିମ୍ ସେମାନଙ୍କୁ ଜେରା କରୁଥିବାବେଳେ ଆତଙ୍କବାଦୀଙ୍କ ସୂଚନା ଅନୁଯାୟୀ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରାଯାଇଥିବା ପ୍ରକାଶ।

# ସିଆଚେନ୍‌ରେ ସେନାମୁଖ୍ୟ ନରୱଣେ

**ଶ୍ରୀନଗର,୯।୧(ପି.ଟି.)**

ସେନାମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜେନେରାଲ ଏମ୍.ଏମ୍. ନରୱଣେ ଗୁରୁବାର ସିଆଚେନ୍ ସେକ୍ଟରର ଆଗୁଆ ଘାଟିକୁ ପରିଦର୍ଶନରେ ଯାଇଛନ୍ତି। ତାଙ୍କ ସହିତ ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟାଳୟର ଚିଫ୍ ଅଫ୍ ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀ, ଜେନେରାଲ ଅଫିସର କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଯାଇଥିଲେ। ଉକ୍ତ ଘାଟିଗୁଡ଼ିକରେ ସେନା ପ୍ରସ୍ତୁତି ସମ୍ପର୍କରେ ସେନାଧକ୍ଷଙ୍କୁ ସିଆଚେନ୍ ବ୍ରିଗେଡ୍ କମାଣ୍ଡର ଅବଗତ କରାଇଥିଲେ। ସେଠାରେ ଥିବା ଯବାନମାନଙ୍କ ସହ ମଧ ଜେନେରାଲ ନରୱଣେ କଥା ହୋଇଥିଲେ। ପ୍ରତିକୂଳ ସ୍ଥିତି ଓ ପାଗକୁ ଚ୍ୟାଲେଞ୍ଜ କରି ଯବାନମାନେ ଯେଉଁ ଦୃଢ଼ତା ଓ ଉଚ୍ଚ ମନୋବଳ ଦେଖାଇଛନ୍ତି, ସେନାଧକ୍ଷ ତାହାର ପ୍ରଶଂସା କରିଥିଲେ। ସିଆଚେନ୍‌ରେ ମୁତୟନ ଥିବା ଯବାନମାନଙ୍କ ଲାଗି ସାରା ଦେଶ ଗର୍ବିତ ବୋଲି ସେ କହିଥିଲେ। ବେସ୍ କ୍ୟାମ୍ପରେ ଥିବା ସିଆଚେନ୍ ଯୁଦ୍ଧ ସ୍ମାରକୀରେ ଜେନେରାଲ ନରୱଣେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭବ ହେବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୪ | ୧୩.୭ |
| ଚାନ୍ଦବାଲି | ୨୬.୩ | ୧୪.୮ |
| କଟକ | ୨୬.୬ | ୧୪.୦ |
| ପାରାଦ୍ୱୀପ | ୨୭.୦ | ୧୬.୦ |
| ଭୁବନେଶ୍ୱର | ୨୮.୭ | ୧୬.୦ |
| ଗୋପାଳପୁର | ୨୯.୦ | |
| ୧୭.୦ ପୁରୀ | ୨୭.୨ | ୧୬.୦ |
| ଅନୁଗୋଳ | ୨୪.୭ | ୧୨.୬ |
| ବାରିପଦା | ୨୧.୨ | ୧୬.୦ |
| ଝାରସୁଗୁଡ଼ା | ୨୩.୨ | ୧୫.୬ |
| କେନ୍ଦୁଝର | ୧୯.୦ | ୧୪.୦ |
| ସମ୍ବଲପୁର | ୨୨.୦ | ୧୫.୭ |
| ସୁନ୍ଦରଗଡ଼ | ୨୩.୫ | ୧୧.୦ |
| ହୀରାକୁଦ | ୨୧.୬ | ୧୬.୯ |
| ତାଳଚେର | ୨୪.୪ | ୧୨.୦ |
| ଭବାନୀପାଟଣା | ୨୫.୫ | ୧୭.୫ |
| ବଲାଙ୍ଗୀର | ୨୨.୫ | ୧୭.୦ |
| କୋରାପୁଟ | ୨୮.୦ | ୧୪.୦ |
| ଫୁଲବାଣୀ | ୨୫.୨ | -- |
| ଟିଟିଲାଗଡ଼ | ୨୪.୬ | ୧୩.୬ |
| ମାଲକାନଗିରି | ୩୦.୦ | ୧୨.୦ |
| ସୋନପୁର | ୨୮.୬ | ୧୨.୪ |
| ଦାରିଙ୍ଗିବାଡ଼ି | ୨୪.୫ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍

## ପାକିସ୍ତାନର ଭାରତ ବିରୋଧୀ ଷଡ଼ଯନ୍ତ୍ର

# ରୋହିଙ୍ଗ୍ୟାଙ୍କୁ ଆତଙ୍କବାଦ ତାଲିମ

**ନୂଆଦିଲ୍ଲୀ,୯।୧(ଆଇଏଏନ୍‌ଏସ୍)**

ବାଂଲାଦେଶ ସୀମାରେ ଭାରତ ବିରୋଧରେ ଏକ ବଡ଼ଧରଣର ଷଡ଼ଯନ୍ତ୍ର ରଚୁଛି ଇସ୍‌ଲାମାବାଦ। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ବର୍ତ୍ତମାନ ୪୦ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶ ସୀମାରେ ତାଲିମ ଦେଉଛି। ଏହାସହ ଆକ୍ରମଣକୁ ସଫଳ କରିବା ଲାଗି ଆତଙ୍କବାଦୀ ସଙ୍ଗଠନ ଜମାତ୍-ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମ୍‌ବି)କୁ ପାଣ୍ଠି ଯୋଗାଉଛି। ରୋହିଙ୍ଗ୍ୟାଙ୍କୁ ଭାରତରେ ଅନୁପ୍ରବେଶ କରାଇ ଆତଙ୍କବାଦୀ ଆକ୍ରମଣ ଘଟାଇବା ହେଉଛି ଆଇଏସ୍‌ଆଇର ଲକ୍ଷ୍ୟ। ଏନେଇ ଭାରତୀୟ ସଶସ୍ତ୍ର ବଳ ଓ ସୀମା ସୁରକ୍ଷା ବଳକୁ ଗୁରୁବାର ଗୋଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇଛନ୍ତି।



- ଆଇଏସ୍‌ଆଇ ଯୋଗାଉଛି ପାଣ୍ଠି
- ଜେଏମ୍‌ବି ପାଲଟିଛି ମାଧ୍ୟମ

ପାକିସ୍ତାନ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଉଛି। ରୋହିଙ୍ଗ୍ୟାଙ୍କ ତାଲିମ ନିମନ୍ତେ ସୌଦି ଆରବ ଓ ମାଲେସିଆରୁ ଅର୍ଥ ଆସୁଛି। ପାକିସ୍ତାନ ଉକ୍ତ ଅର୍ଥକୁ ସଂଗ୍ରହ କରି ଜେଏମ୍‌ବି ଜରିଆରେ ଭାରତ ବିରୋଧୀ କାର୍ଯ୍ୟରେ ଲଗାଉଛି। ଜେଏମ୍‌ବି ପ୍ରଥମ କିସ୍ତିରେ ୧ କୋଟି ଟଙ୍କା ଗ୍ରହଣ କରିଛି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକ କହିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଏନେଇ ଅବଗତ କରାଯାଇଛି। ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପାକିସ୍ତାନ ବିଫଳ ହେବା ପରେ ରୋହିଙ୍ଗ୍ୟା ମୁସ୍‌ଲିମମାନଙ୍କୁ ପାଣ୍ଠି ଯୋଗାଣ ଯୋଜନା ଆରମ୍ଭ କରିଥିଲା। ଗତବର୍ଷ ଏନ୍‌ଆଇଏ ମୁଖ୍ୟ ୱାଇ.ସି. ମୋଦି କହିଥିଲେ, ଜେଏମ୍‌ବି ଭାରତରେ କାୟାବିସ୍ତାର କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛି। ବିଭିନ୍ନ ରାଜ୍ୟ ସହ ୧୨୫ ସନ୍ଦିଗ୍ଧଙ୍କ ତାଲିକା ଶେୟାର କରାଯାଇଛି। ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର, କର୍ନାଟକ ଓ କେରଳ ଭଳି ରାଜ୍ୟଗୁଡ଼ିକରେ ବାଂଲାଦେଶୀ ଶରଣାର୍ଥୀ ଭାବେ ରହୁଥିବା ଏହି ଆତଙ୍କବାଦୀ ସଙ୍ଗଠନର କେତେଜଣ ସନ୍ଦିଗ୍ଧ ସେମାନଙ୍କ ଗତିବିଧି ବଢ଼ାଇବାରେ ଲାଗିଛନ୍ତି। ଜେଭିଏମ୍ ୨୦୦୭ରେ ପ୍ରଥମେ ପଶ୍ଚିମବଙ୍ଗ ଓ ଆସାମ ଏବଂ ପରେ ଦେଶର ଅନ୍ୟ କେତେକ ଭାଗରେ କାର୍ଯ୍ୟ ଆରମ୍ଭ କରିଥିଲା। ମ୍ୟାନମାରରେ ରୋହିଙ୍ଗ୍ୟା ମୁସ୍‌ଲିମଙ୍କ ଦୁର୍ଦ୍ଦଶାର ପ୍ରତିଶୋଧ ନେବା ପାଇଁ ଜେଭିଏମ୍ ବୌଦ୍ଧ ମନ୍ଦିରଗୁଡ଼ିକରେ ଆକ୍ରମଣ ଲାଗି ଯୋଜନା ଚଳାଇଥିବା କୁହାଯାଉଛି।

## ସଂକ୍ଷେପରେ

### କଣ୍ଟାବାହାଲ କପ୍: ଅନୁଗୋଳ ବିଜୟୀ

ରିଆମାଳ, ୯।୧(ଡି.ଏନ.ଏ.) ଦେବଗଡ ଜିଲା ରିଆମାଳ ବ୍ଲକ କଣ୍ଟାବାହାଳ କ୍ରିକେଟ ପଡିଆରେ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ୧୬ତମ ରାଜ୍ୟସ୍ତରୀୟ କଣ୍ଟାବାହଲ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। କ୍ଲବ ସଭାପତି ବିକାଶ କୁମାର ବେହେରା ଓ ସମ୍ପାଦକ ଲୁଲୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ଦେବଗଡ ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୁତିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଇନ୍ଦ୍ରମଣି ପ୍ରଧାନ, ଯୁବନେତା ରାକେଶ ପ୍ରଧାନ, ଡୋଲାମଣି ସାହୁ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଅନୁଗୋଳ ନାଲକୋ ଓ ଦେବଗଡ କୁମାର ଓାରିୟର୍ସ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ନାଲକୋ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୨୪ ରନ କରିଥିଲା। ଏହାର ଜବାବରେ ଦେବଗଡ ଦଳ ୯ ଓଭରରେ ୫୩ ରନ କରି ଅଲଆଉଟ ହୋଇ ଯାଇଥିଲା। ତପନ ବେହେରା ଓ ସୁବ୍ରତ କିସାନ ଖେଳ ପରିଚାଳନା, ଅନୀଲ ନାୟକ ସ୍କୋରର, ତୁଷାରକାନ୍ତ ସାହୁ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ଜଗନ୍ନାଥ ସାହୁ, ସଞ୍ଜୟ ବେହେରା, କନ୍ଦର୍ପ ସାହୁ ତଥା କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

■ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

# ଗଙ୍ଗାଧର ଥିଲେ ବିଶ୍ୱ ବିଦିତ କବି

■ଶୁଭାରମ୍ଭ ହେଲା କୂଳ ସଙ୍ଗୀତ
■ କବିଙ୍କୁ ଅସମ୍ମାନ, ପରମ୍ପରା ଭାଙ୍ଗିଲେ

ସମ୍ବଲପୁର,୯।୧(ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ବିଶ୍ୱ ବିଦିତ କବି। ଓଡ଼ିଆ ଭାଷାରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଲେଖା ସମାଜକୁ ଦିଗ୍‌ଦର୍ଶନ ଦେଉଛି । ସମ୍ବଲପୁର ବିଶ୍ୱ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ତାଙ୍କ ନାମରେ ଜାତୀୟ ସମ୍ମାନ ପ୍ରଦାନ କରାଯାଉଛି। ତାହା ଗର୍ବ ଗୌରବ ବୋଲି ଗୁରୁବାର ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅବସରରେ ଗଙ୍ଗାଧର ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିବା କବି ଡ.ବିଶ୍ୱନାଥ ପ୍ରସାଦ ତିୱାରୀ କହିଛନ୍ତି। ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ କୁଳପତି ଦୀପକ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ଦିବସ ଅବସରରେ ଅତିଥି ଓ ସମ୍ମାନିତ କବି ।

କୁଳପତି ପ୍ରଫେସର ଶ୍ରୀକାନ୍ତ କୁମାର ମହାପାତ୍ର ଯୋଗଦେଇଥିଲେ । ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ବିଶ୍ୱରେ ସୁନାମ ଅର୍ଜନ କରିଛି। ଆଗାମୀ ଦିନରେ କିଭଳି ଭାବେ ବିଶ୍ୱବିଦ୍ୟାଳୟ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ୧ ଶହ ନମ୍ବର ଭିତରେ ରହିବ। ଜୁନ ମାସରେ ହେବାକୁ ଥିବା ନାକ ର୍ୟାଙ୍କରେ କିପରି ୩. ୫୬ ପ୍ରତିଶତ ଭିତରେ ରହିବ, ସେ ନେଇ ପ୍ରସ୍ତୁତ ରହିବାକୁ ହେବ । ସମସ୍ତଙ୍କ ସହଯୋଗରେ ବିଶ୍ୱ ବିଦ୍ୟାଳୟ ଆହୁରି ଉନ୍ନତି କରିବ ବୋଲି ଅତିଥିମାନେ କହିଥିଲେ। ତେବେ ଚଳିତ ବର୍ଷ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଦେଖା ଦେଇଥିଲା । ବହୁ ବର୍ଷର ପରମ୍ପରାକୁ ଭଙ୍ଗା ଯାଇଥିଲା । ପରମ୍ପରା ଅନୁସାରେ ଗଙ୍ଗାଧର ଜାତୀୟ ସମ୍ମାନ ପୁରସ୍କାର ଗ୍ରହଣ କରିଥିବା କବିଙ୍କୁ ମଞ୍ଚ ଉପରେ ଆସନ ଦିଆଯାଇଥାଏ । ବିଗତ ବର୍ଷଗୁଡିକରେ ମଧ୍ୟ କବିମାନେ ମଞ୍ଚାସୀନ ହୋଇଥିଲେ। କିନ୍ତୁ ଚଳିତ ବର୍ଷ ଗଙ୍ଗାଧର ଜାତୀୟ ସମ୍ମାନ ପୁରସ୍କାରପ୍ରାପ୍ତ ଡ. ବିଶ୍ୱନାଥ ପ୍ରସାଦ ତିୱାରୀଙ୍କୁ ଦର୍ଶକ ଗ୍ୟାଲେରିରେ ବସା ଯାଇଥିଲା। ଏହାକୁ ନେଇ ଉତ୍ସବ ସ୍ଥଳିରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥିମାନଙ୍କ ସହ ଗଙ୍ଗାଧର ଜାତୀୟ ସମ୍ମାନ ପୁରସ୍କାର ପାଇବାକୁ ଆସିଥିବା କବି ବକ୍ତବ୍ୟ ମଧ୍ୟ ପ୍ରଦାନ କରିଥାନ୍ତି । ଚଳିତ ବର୍ଷ ଡ. ବିଶ୍ୱନାଥଙ୍କ ଅଳ୍ପ ସମୟ ଦିଆଯାଇଥିଲା । ଯଦ୍ୱାରା ସେ ତାଙ୍କ ହୃଦୟର ବକ୍ତବ୍ୟ ପ୍ରଦାନ କରିପାରି ନ ଥିଲେ ବୋଲି ଆଲୋଚନା ହେଉଛି। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଅର୍କ କେଶରୀ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ରେଜିଷ୍ଟ୍ରାର ଡ, ସଞ୍ଜିତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା ।



## ଲକ୍ଷ୍ମୀପୂଜା ମଣ୍ଡପ ଉଦ୍‌ଘାଟିତ

ଦେବଗଡ଼, ୯।୧(ଡ଼ି.ଏନ୍.ଏ.)– ତିଳେଇବଣୀ ବ୍ଲକର ବଣିଆଁକିଲିଣ୍ଡା ପଞ୍ଚାୟତ ଅଧିନ ସୁନାମୁଣ୍ଡା ଗ୍ରାମରେ ଲକ୍ଷ୍ମୀପୂଜା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଏମ୍‌ପି ରାଜା ନିତେଶ ଗଙ୍ଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉକ୍ତ ପୂଜା ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ଆଇନଜୀବୀ ସଚ୍ଚିକାନ୍ତ ଦାଶ, ସମିତି ସଭ୍ୟ ପ୍ରଦୀପ ନାଏକ, ରାମ ଚନ୍ଦ୍ର ପ୍ରଧାନ, ରଣଜିତ ପଟେଲ, ଯୋଗେଶ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ଗୁଲୁ ସାହୁ, ମାନସି ସାହୁ, ବାଣେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ସୁନାମୁଣ୍ଡା ଗ୍ରାମର ଉନ୍ନତି ବିଷୟରେ ଆଲୋଚନା କରିଥିଲେ।

■ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ

# ସର୍ବଭାରତୀୟ ନାଟକ, ନୃତ୍ୟ ପ୍ରତିଯୋଗିତା ଆଜି

■ଓଡ଼ିଆ, ହିନ୍ଦୀ, ମଣିପୁରୀ ନାଟକ ମଞ୍ଚସ୍ଥ ହେବ
■ନାଟକ ମଞ୍ଚସ୍ଥ ପରେ ହେବ ନୃତ୍ୟ ପ୍ରତିଯୋଗିତା

ଦେବଗଡ,୯।୧(ଡି.ଏନ.ଏ)

ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ ପାଇଁ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସର୍ବଭାରତୀୟ ପ୍ରତିଯୋଗିତା ଜାନୁୟାରୀ ୧୦ରୁ ଆରମ୍ଭ ହେବ। ୧୫ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬ଦିନ ଧରି ଏହା ଆୟୋଜନ କରିବାକୁ ନିଷ୍ପତି ହୋଇଛି। ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲା ଓ ଜିଲା ବାହାରୁ ନାଟକ ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିତ୍ୱମାନଙ୍କୁ ଅନୁଷ୍ଠାନ ପକ୍ଷରୁ 'ଜାଗରଣ ସମ୍ମାନ'ରେ ସମ୍ମାନିତ କରାଯିବ। ସ୍ଥାନୀୟ ଟାଉନ ହଲଠାରେ ୧୦ତାରିଖ ଶୁକ୍ରବାର ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ନାଟକ ଝାରସୁଗୁଡା ଜିଲା ବେଲପାହାଡର ମିରର ଥିଏଟର ଦ୍ୱାରା ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡିଆ ନାଟକ 'ସ୍ମାଇଲ ପ୍ଲିଜ'ପରିବେଷଣ କରାଯିବ। ସେହିପରି ଝାଡ଼ଖଣ୍ଡର ଝାଡ଼ଖଣ୍ଡ ସାଂସ୍କୃତିକ ମଞ୍ଚ ଦ୍ୱାରା ସୁନୀଲ ରାଜଙ୍କ ରଚିତ ଓ ଶିବଲାଲ ସାଗରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ସମ୍ବୋଧନ' ପରିବେଶିତ ହେବ। ୧୧ ତାରିଖ ଦ୍ୱିତୀୟ ସନ୍ଧ୍ୟାରେ ଜାମସେଦପୁରର ସାଗର ଏକଟିଂ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଡକ୍ଟର ସରକାର ସେସାଙ୍କ ରଚିତ ଓ ପ୍ରତିତୀ ସାଗରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଘରୋନ୍ଦା' ଓ ସୋନପୁରର ବୀଣାପାଣି ସାହିତ୍ୟ କଳା ସଂସଦ ଦ୍ୱାରା ସୁମନ୍ତ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ନାଇଟ ହସ୍‌ପିଟାଲ'ମଞ୍ଚସ୍ଥ ହେବ। ୧୨ ତାରିଖ ତୃତୀୟ ସନ୍ଧ୍ୟାରେ ସମ୍ବଲପୁରର ଆର୍ଟିଷ୍ଟ ଆସୋସିଏଶନ ପରିଚୟ ଦ୍ୱାରା ଶଙ୍କର ତ୍ରିପାଠୀଙ୍କ ରଚିତ ତଥା ପ୍ରଶାନ୍ତ ମହାରଣାଙ୍କ ଅନୁବାଦିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ବାଗଡି' ଓ ପଦ୍ମପୁରର 'ଲୁ' ଦ୍ୱାରା ଅଶୋକ ମିଶ୍ରଙ୍କ ରଚିତ ତଥା ଅଧ୍ୟାପକ କେଶବରଞ୍ଜନ ପ୍ରଧାନଙ୍କ ଅନୁବାଦିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଗାନ୍ଧୀ ଛକ',୧୩ ତାରିଖ ଚତୁର୍ଥ ସନ୍ଧ୍ୟାରେ ମଧ୍ୟପ୍ରଦେଶ ଭୋପାଳର ନିଲେଶ ତିୱାରୀ ଶିକ୍ଷା ଏବମ୍ ସମାଜ କଲ୍ୟାଣ ସମିତି ଦ୍ୱାରା ଅଭୟ ଦୁବେଙ୍କ ରଚିତ ଓ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'କେନଛୁଲି' ଓ ବରଗଡ ଜିଲା ସୋହେଲାର ଡ୍ରାମା ଚେତନା ଦ୍ୱାରା ନାଟ୍ୟରଶ୍ମୀ ଅଶୋକ ବହିଦାରଙ୍କ ରଚିତ ଓ ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ରଘୁପତି ରାଘବ ରାଜାରାମ'ମଞ୍ଚସ୍ଥ ହେବ। ୧୪ ତାରିଖ ପଞ୍ଚମ ସନ୍ଧ୍ୟାରେ ମଣିପୁର ଇମ୍ଫାଲର ଲେଇସାରେମବି ଆର୍ଟ ଏଣ୍ଡ କଲଚୁରାଲ ଏସୋସିଏସନ ଦ୍ୱାରା ଡକ୍ଟର କେ.ବି. ଶର୍ମାଙ୍କ ରଚିତ ଓ ୟୁ.ୟୁ.ସମରେନ୍ଦ୍ରଙ୍କ ନିର୍ଦ୍ଦେଶିତ ମଣିପୁରୀ ନାଟକ 'ଓମ୍ ଶାନ୍ତି' ଓ ରାଉରକେଲାର ସ୍ୱସ୍ତି ଝଙ୍କାର ଦ୍ୱାରା ସର୍ମିଷ୍ଠା କବି ଶତପଥିଙ୍କ ରଚିତ ଓ ରାଜୀବ ପାଣିଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ 'ଗଛ' ମଞ୍ଚସ୍ଥ ହେବ। ସେହିପରି ୧୫ ତାରିଖ ଅନ୍ତିମ ସନ୍ଧ୍ୟାରେ ଭୁବନେଶ୍ୱରର ବିଦ୍ୟା କନକ ସୃଜନ ଅନୁଷ୍ଠାନ ଦ୍ୱାରା ପ୍ରାଣବନ୍ଧୁ କରଙ୍କ ରଚିତ ଓ ଜଗଦିଶ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶିତ ଓଡିଆ (ପ୍ରଦର୍ଶନୀ) ନାଟକ 'ଆଶାନ୍ତ'ମଞ୍ଚସ୍ଥ ହେବ ବୋଲି ଜଣାପଡିଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ୨ଟି ଲେଖାଏଁ ନାଟକ ମଞ୍ଚସ୍ଥ ହେବା ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଚଳିତବର୍ଷ ପ୍ରଥମ ଥର ପାଇଁ ପ୍ରତ୍ୟେକ ନାଟକ ପରେ ଦର୍ଶକମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହାପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ'ର ସାଧାରଣ ସମ୍ପାଦକ ସୁଜିତ କୁମାର ପାତ୍ର ସୂଚନା ଦେଇଛନ୍ତି।

ମହିଳାଙ୍କ ନିଖୋଜ ଘଟଣାର ଭିନ୍ନମୋଡ଼

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

■ଘର ଭାଙ୍ଗି ପୋଲିସ୍, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ
■ଲୁହାଛଡ, ଟାଙ୍ଗିଆ ସହ ଅନ୍ୟ ସାମଗ୍ରୀ ଜବତ
■ମହିଳାଙ୍କ ସ୍ୱାମୀ, ପରିବାର ଲୋକେ ଫେରାର

ସମ୍ବଲପୁର,୯।୧(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ବାହାଲପଡ଼ାରେ ରହୁଥିବା ବିବାହିତ ମହିଳା ଆରତୀ ଦେବୀ(୨୦)ଙ୍କ ନିଖୋଜ ଘଟଣା ଭିନ୍ନ ମୋଡ ନେଇଛି। ଆରତୀଙ୍କ ବାପା ସତ୍ୟେନ୍ଦ୍ର ସିଂ ଝିଅକୁ ହତ୍ୟାକରି ଘର ଭିତରେ ପୋତି ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗୁରୁବାର ପୋଲିସ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି କନୱର ବିଶାଳ ସିଂ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟ ସୁଶାନ୍ତ ସାହୁଙ୍କ ଉପସ୍ଥିତିରେ ବନ୍ଦ କୋଠରିର ତାଲା ଭଙ୍ଗା ଯାଇଥିଲା। ପରେ ସାଇଣ୍ଟିଫିକ ଟିମ୍ କୋଠରିରୁ ଏକ ଲୁହାଛଡ, ଟାଙ୍ଗିଆ ଓ ଅନ୍ୟ ସାମଗ୍ରୀ ଜବତ କରିଛି। ଏପରି କି ଘର ସମ୍ମୁଖରେ ଥିବା ଏକ ଅଟୋରେ ରକ୍ତ ଛିଟା ଲାଗିଥିବା ଦେଖିବାକୁ ମିଳିଥିଲା। ପୋଲିସ ଉକ୍ତ ରକ୍ତ ଛିଟାରୁ ନମୁନା ସଂଗ୍ରହ କରିଛି।

ଅନ୍ୟପକ୍ଷେ ବାପା ସତ୍ୟେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘର ଭିତରେ ବିଭିନ୍ନ ସ୍ଥାନରେ ୨ରୁ ୩ ଫୁଟ ଗାତ ଖୋଳି ଥିଲା। ହେଲେ କୌଣସିସ୍ଥାନରୁ ମୃତଦେହ ମିଳି ନ ଥିଲା। ମୃତଦେହ ନ ମିଳିବା ଯାଏ ଘଟଣା ରହସ୍ୟ ମଧ୍ୟରେ ରହିଛି।



ବାପା ସତ୍ୟେନ୍ଦ୍ର ଅଭିଯୋଗ କରିଛନ୍ତି ଯେ, ବିବାହ ଦିନଠାରୁ ଜ୍ୱାଇଁ କୁନାଲ ସିଂ ଝିଅକୁ ମାରପିଟ କରୁଥିଲେ। ଏପରି କି ଯୌତୁକ ବାବଦରେ ଏକ ସୁନାଚେନ ସହ ଟଙ୍କା ଦାବି କରି ଝିଅକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଅନ୍ୟପକ୍ଷେ କୁନାଲଙ୍କ ସହ ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବାପା ସତ୍ୟେନ୍ଦ୍ର ଝିଅକୁ ଯୋଜନା ମୁତାବକ ହତ୍ୟା କରାଯାଇଛି। ତେଣୁ ପରିବାର ଲୋକେ ଘର ଛାଡି ଚାଲି ଯାଇଛନ୍ତି। ଘଟଣାର ତଦନ୍ତ କରି ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରି ଆଇନ ଅନୁଯାୟୀ ଦଣ୍ଡ ଦେବାକୁ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ଡିସେମ୍ବର ୩୧ ତାରିଖ ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ଆରତି ସନ୍ଦେହ ଜନକ ଅବସ୍ଥାରେ ନିଖୋଜ ହୋଇଯାଇଥିଲେ । ସ୍ୱାମୀ କୁନାଲ ଜାନୁୟାରୀ ୩ ତାରିଖ ଆରତି ନିଖୋଜ ଥିବା ନେଇ ଧନୁପାଲି ଥାନରେ ଏକ ଅଭିଯୋଗ କରିଥିଲେ। ୫ ତାରିଖରେ କୁନାଲ ଓ ତାଙ୍କ ପରିବାର ଲୋକେ ଘର ଛାଡି କୁଆଡେ ଚାଲିଯାଇଛନ୍ତି। ଅନ୍ୟପକ୍ଷେ ଝିଅ ଆରତିଙ୍କ ସହ ଯୋଗାଯୋଗ ହୋଇ ନ ଥିବାରୁ ସତ୍ୟେନ୍ଦ୍ର ଓ ମାମୁ ରାମ ପ୍ରକାଶ ବିହାରରୁ ୭ ତାରିଖ ସମ୍ବଲପୁର ଆସିଥିଲେ । ପରେ ସେମାନେ ବାହାଲପଡ଼ାରେ ପହଞ୍ଚି ଆରତିଙ୍କୁ ଖୋଜାଖୋଜି କରିଥିଲେ। ହେଲେ ଆରତିଙ୍କୁ ପାଇ ନ ଥିଲେ। ପରେ ସତ୍ୟେନ୍ଦ୍ର ଧନୁପାଲି ଥାନାରେ ପହଞ୍ଚି ଝିଅ ଆରତିଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

# ଖାଉଟି ଅଦାଲତରେ ସାହାରା ଇଣ୍ଡିଆ ଦଣ୍ଡିତ

ଦେବଗଡ଼, ୯।୧(ଡି.ଏନ.ଏ)

ସେବାରେ ଅବହେଳା ଯୋଗୁ ଦେବଗଡ ଜିଲା ଖାଉଟି ଅଦାଲତ ସାହାରା ଇଣ୍ଡିଆ ପରିବାରକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି। ଜିଲା ଖାଉଟି ଅଦାଲତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ପୌରାଞ୍ଚଳ ଅନ୍ତର୍ଗତ ପୁରୁଣାଗଡର ବୀରେନ୍ଦ୍ର ନାଥ ଦ୍ୱିବେଦୀ ନାମକ ଜଣେ ଗ୍ରାହକ ଗତ ୨୦୧୨ ଡିସେମ୍ବର ୧୭ରେ ଦେବଗଡ଼ସ୍ଥିତ ସାହାରା ଇଣ୍ଡିଆ କାର୍ଯ୍ୟାଳୟରୁ ଏକ ପଲିସୀ କ୍ରୟ କରି ଏବାବଦରେ ୧୬ ହଜାର ଟଙ୍କା ପଇଠ କରିଥିଲେ। ଏହାର ମେଚ୍ୟୁରିଟି ତାରିଖ ୨୦୧୯ ଅକ୍ଟୋବର୧୭ ଧାର୍ଯ୍ୟ ହୋଇଥିଲା। ଗ୍ରାହକ ଦ୍ୱିବେଦୀ ସାହାରା ଏଜେଣ୍ଟ ଓ ଦେବଗଡସ୍ଥିତ ସାହାରା ଇଣ୍ଡିଆ କାର୍ଯ୍ୟାଳୟକୁ ଯାଇ ଶାଖା ପରିଚାଳକଙ୍କୁ ସାକ୍ଷାତକରି ମେଚ୍ୟୁରିଟି ଅର୍ଥ ଦାବି କରିଥିଲେ। ମାତ୍ର ଶାଖା ପରିଚାଳକ ଏହି ରାଶିକୁ ଫେରାଇବାକୁ ମନା କରିବା ସହ ଏହି ସମ୍ପର୍କୀତ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ସାହାରା ଏଜେଣ୍ଟଙ୍କ ଜରିଆରେ ପଲିସି ପରିବର୍ତ୍ତନ କରିବା ପାଇଁ ଆବେଦନ କରିବାକୁ ବାଧ କରିଥିଲେ। ପରବର୍ତ୍ତୀ ସମୟରେ ଶାଖା ପରିଚାଳକ ଆଗରୁ ଏହି ପଲିସି ବାବଦୀୟ ପ୍ରାପ୍ୟ ଗ୍ରାହକ ଦ୍ୱିବେଦୀଙ୍କୁ ପ୍ରଦାନ କରାଯାଇଥିବା ପ୍ରକାଶ କରିବା ସହ ଆକାଉଣ୍ଟ ଖୋଲି ପଲିସି ପରିବର୍ତ୍ତନ ପାଇଁ ମନା କରିଦେଇଥିଲେ। ଫଳରେ ଗ୍ରାହକ ଦ୍ୱିବେଦୀ ନ୍ୟାୟ ପାଇବା ନିମନ୍ତେ ଦେବଗଡ ଜିଲା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ଦେବଗଡ ଜିଲା ଖାଉଟି ଅଦାଲତର ସଭାପତି ଦୀପକ କୁମାର ମହାପାତ୍ର ଓ ଅନ୍ୟ ସଦସ୍ୟାସଦସ୍ୟ ମିଳିତ ଭାବେ ଏମାମଲାର ବିଚାର କରି ଗ୍ରାହକ ଦ୍ୱିବେଦୀଙ୍କ ନାମରେ ଥିବା ମେଚ୍ୟୁରିଟି ଅର୍ଥକୁ ସୁଧ ସମେତ ଫେରାଇବା ସହ କ୍ଷତିପୂରଣ ବାବଦକୁ ୧୦ ହଜାର ଟଙ୍କା ଓ କୋର୍ଟ ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ଆଦେଶ ପାଇବାର ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ଦେବଗଡ ସ୍ଥିତ ସାହାରା ଇଣ୍ଡିଆ କାର୍ଯ୍ୟାଳୟର ଶାଖା ପରିଚାଳକ ଭୁବନେଶ୍ୱର ସ୍ଥିତ ସାହାରା ଇଣ୍ଡିଆ କାର୍ଯ୍ୟାଳୟର ରିଜିଓନାଲ ମ୍ୟାନେଜର, ଲକ୍ଷ୍ନୌ ସ୍ଥିତ ସାହାରା ଇଣ୍ଡିଆର ଶାଖା ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ସମ୍ବଲପୁର ଏମ୍‌ପିଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ

ଦେବଗଡ଼,୯।୧(ଡ଼ି.ଏନ୍.ଏ.)

ସମ୍ବଲପୁର ଏମ୍‌ପି ରାଜା ନିତେଶ ଗଙ୍ଗଦେବଙ୍କ ରାଜବାଟୀ ପରିସରରେ ଏକ ଖବରଦାତା ସମ୍ମିଳନୀ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏମ୍‌ପି ଜିଲାର ଉନ୍ନତି ପାଇଁ ଖବରଦାତାମାନଙ୍କ ସହିତ ବିଶେଷ ଆଲୋଚନା କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ,ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ,ଉପାଧ୍ୟକ୍ଷ ହରମୋହନ ପାଣି, ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳୀ ହାତୀ, ତିଳେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ନୂତନ ଭାଜପା ଜିଲା ସଭାପତି ମିନକେତନ ପ୍ରଧାନ,ପୂର୍ବତନ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଆଇନଜୀବୀ ସଚ୍ଚିକାନ୍ତ ଦାଶ, ସତ୍ୟନାରାୟଣ ପାଣୀ, ଜିଲାପରିଷଦର ସଭ୍ୟସଭା ଏବଂ ବହୁ କର୍ମୀ ଉପସ୍ଥିତ ଥିଲେ।

ସର୍ବଭାରତୀୟ ପ୍ରଧାନପାଟ୍ କପ୍ ଫୁଟବଲ ଟୁର୍ନାମେଣ୍ଟ

# ଦେବଗଡ଼କୁ ହରାଇଲା ହୁଗୁଳି ଫୁଟବଲ ଏକାଡେମୀ





ଅତିଥି, ରେଫରି ଓ କ୍ଲବର ସଦସ୍ୟମାନଙ୍କ ସହ ଖେଳାଳି (ବାମ)। ପ୍ରଧାନପାଟ କପ ଫୁଟବଲ ଟୁର୍ନାମେଣ୍ଟର ଏକ ରୋମାଞ୍ଚକର ମୁହୂର୍ତ୍ତ।

ଦେବଗଡ଼, ୯।୧(ଡି.ଏନ.ଏ.)

ପ୍ରଧାନପାଟ ଫୁଟବଲ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ଟୁର୍ନାମେଣ୍ଟ ପୁଲ 'ବି'ର ପ୍ରଥମ ମ୍ୟାଚରେ ଗୁରୁବାର ଦେବଗଡ ଫୁଟବଲ କ୍ଲବକୁ ୧–୦ ଗୋଲରେ ପରାସ୍ତ କରି କୋଲକାତାର ହୁଗୁଳି ଫୁଟବଲ ଏକାଡେମୀ ବିଜୟୀ ହୋଇଛି। ମ୍ୟାଚକୁ ରେଫରୀ ଭାବେ ଅଶ୍ୱିନୀ କୁମାର ବେରିହା, ଅରୁଣ କୁମାର ଭୋଇ, ନୀଳ ନାୟକ ଓ ଦେବରାଜ ନାଗ, ରାଜନ ଝାଙ୍କର ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ହେମନ୍ତ କୁମାର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। କ୍ଲବର ସଭାପତି ସୁବାସ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କୁମାର ପଟେଲ, ଡେପୁଟି କମାଣ୍ଡେଣ୍ଟ ଭବାନୀ ଶଙ୍କର ସେଠ, ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ଆଇନଜୀବୀ ସଚ୍ଚିକାନ୍ତ ଦାଶ ଓ ଶବ୍ୟସାଚୀ କପରଦାର ପ୍ରମୁଖ ମଞ୍ଚାସୀନ ରହିଥିଲେ। ସୁଜୟ ସୋରେନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିବା ସହ ଆୟୋଜକ ଏବଂ ଉପସ୍ଥିତ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ବେଣୁଧର ଗଡନାୟକ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଅଲେଖ ନାଏକ, କିଶୋର ରାୟ, ପୁରୁଷୋତମ ସ୍ୱାଇଁ, ସୁଧିର ଦାସ, ଡିଲେଶ୍ୱର ସ୍ୱାଇଁ, ରାଘବ ମହାରଣା, ପ୍ରଦୀପ ସାହୁ, ବିକାଶ କୁମାର ଅଗ୍ରୱାଲ, ରୂପକ ମାଝି, ମଛିନ୍ଦ୍ର ନାୟକ, ସଞ୍ଜିବ ନାୟକ, ଯୋଗେଶ ନାୟକ, ଅନନ୍ତ ମେହେର ଓ ଜୟକୃଷ୍ଣ ସାମଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରୁଛନ୍ତି। ଶୁକ୍ରବାର ପୁଲ 'ବି'ର ଦ୍ୱିତୀୟ ମ୍ୟାଚ ଝାଡ଼ଖଣ୍ଡର ଧାନବାଦ ଫୁଟବଲ ଏକାଡେମୀ ଓ ଅନୁଗୋଳ ଜିଲାର ନାଲକୋ ଜେଆରଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରଧାନପାଟ କ୍ଲବ ସମ୍ପାଦକ ବିକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଅବକାରୀ ବିଭାଗର ଚଢ଼ାଉ: ୬ ଗିରଫ

ବାମରା,୯।୧(ଡି.ଏନ.ଏ.)

ବାମରା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ମଦ କାରବାର କରୁଥିବା ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଞ୍ଚଳରେ ଚୋରା ମଦକାର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଗୁରୁବାର କୁଚିଣ୍ଡା ଅବକାରୀ ନିରୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ତତ୍ତ୍ୱାବଧାନରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ ବାଦପଡ଼ାର ସୁରେଖା ଛାତ୍ରିଆଙ୍କ ଘରୁ ୨୦ କି.ଗ୍ରା. ହାଣ୍ଡିଆ, ରଜାବସାର ଚୈତନ୍ୟ ବାଘଙ୍କ ଘରୁ ୨୫ କି.ଗ୍ରା. ହାଣ୍ଡିଆ, ଡୁମେରବାହାଲର ଶଶି ବେହେରାଙ୍କ ନିକଟରୁ ୨୫ କି.ଗ୍ରା.ତାଡି(ଖଜୁରୀ ରସ), ଗଡ଼ପୋଷର ସୁବାସ ନାୟକଙ୍କ ନିକଟରୁ ୪ ଲିଟର ଦେଶୀ ମଦ, ଭୋଗପଡ଼ାର ଶଙ୍କର କେଛୁଙ୍କ ନିକଟରୁ ୧୫ ଲିଟର ରନ୍ଧା ମଦ ଓ ବେଲାପଡ଼ାର କଳ୍ପନା ପଟେଲଙ୍କ ନିକଟରୁ ୮ ଲିଟର ଦେଶୀ ମଦ ସହ ବିଭିନ୍ନ ସରଞ୍ଜାମ ଜବତ କରିଥିଲେ। ବେଆଇନ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ପୃଥକ ୬ଟି ମାମଲା ରୁଜୁକରି ୬ଜଣଙ୍କୁ ଗିରଫ କରି କୁଚିଣ୍ଡା କୋର୍ଟ ଚାଲାଣ କରିଥିଲା। ଚଢ଼ାଉରେ ଗୋବିନ୍ଦପୁର ଅବକାରୀ ଉପନିରୀକ୍ଷକ ଗୋକୁଳା ଧର, ଏଏସ୍‌ଆଇ ପୁରେନ୍ଦ୍ର ସେନ୍ଦ୍ରିଆ, କନେଷ୍ଟବଲ କୌଶିକ ତ୍ରିପାଠୀ, ବିଷ୍ଣୁ ମୁଣ୍ଡା, ଆରାଧନା ତିଗ୍ଗା, ମାଜେଶ ଲମଗା ଓ ମୀନକେତନ ବେହେରା ପ୍ରମୁଖ ସାମିଲ ଥିଲେ।



“ ପ୍ରତ୍ୟେକ ଅପରାଧ ପାଇଁ ମାନବ ଚାଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଭାବେ ଅଶୋକ ମନୋନୀତ

**ଚିପିଲିମା,୯।୧(ଡି.ଏନ.ଏ):** ପୂର୍ବତନ ବୁର୍ଲା କାଉନସିଲର ତଥା ଭାଜପା ଯୁବ ନେତା ଅଶୋକ କୁମାର ସାହୁ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ ଭୀମସାର ବୁର୍ଲାର ପ୍ରତିନିଧି ଭାବେ ମନୋନୀକକତ ହୋଇଛନ୍ତି। ଏନେଇ ଆଶୋକ ଏମ୍‌ପି ଗଙ୍ଗଦେବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏପରି କି ସେ ଦଳ ପାଇଁ କାର୍ଯ୍ୟ କରିବା ସହ ସଂଗଠନକୁ କିପରି ମଜଭୁତ କରାଯିବ ନେଇ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ସାହୁ ବୁର୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୨ ଥର କାଉନସିଲର ଭାବେ କାର୍ଯ୍ୟ କରିଥିବାବେଳେ ଜିଲା ଯୋଜନା ବୋର୍ଡର ସଦସ୍ୟ ମଧ ରହିଛନ୍ତି।

### ସାମ୍ବିଧାନିକ ଅଧିକାର ଆଇନ ସଚେତନତା ଶିବିର

**ସମ୍ବଲପୁର,୯।୧(ବ୍ୟୁରୋ):** ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନାଗରୀକମାନଙ୍କ ସାମ୍ବିଧାନିକ ଅଧିକାର ଓ ଆଇନ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରାଧିକରଣସ୍ଥିତ ବିକଳ୍ପ ବିବାଦ ସମାଧାନ କେନ୍ଦ୍ରଠାରେ ଅଧକ୍ଷ ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ଶିବିର ହୋଇଥିଲା। ଜିଲା ସଦର ମହକୁମାଠାରେ ଅବସ୍ଥିତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ପ୍ରାଧିକରଣର ପେନାଲ ଓକିଲ, ପାରାଲିଗାଲ ସାମାଜିକ କର୍ମୀ, ଲଜପତରାୟ ଆଇନ କଲେଜ ଛାତ୍ରୀଛାତ୍ର ସାମିଲ ଥିଲେ । ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ତଳାବିରା କୋଇଲା ଖଣି ବିବାଦ

# ଜଙ୍ଗଲ ସୁରକ୍ଷା ସତ୍ୟାଗ୍ରହ ଆରମ୍ଭ

## ■ ମାଟିଖୋଳା କାମ ବନ୍ଦ କଲେ ଅଞ୍ଚଳବାସୀ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଳାବିରା କୋଇଲା ଖଣି-୧ ଓ ୨ ବିବାଦ ସମାଧାନ ହୋଇପାରୁନାହିଁ। ପ୍ରଶାସନ, ଏନ୍‌ଏଲ୍‌ସି କମ୍ପାନୀ ଏବଂ ବିସ୍ଥାପିତଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ବାରମ୍ବାର ବିଫଳ ହେଉଛି। ହେଲେ ପ୍ରଶାସନ ବଳ ପୂର୍ବକ ପୋଲିସ ଫୋର୍ସ ଲଗାଇ ମାଟି ଖୋଳା କାମ ଆରମ୍ଭ କରିଛି। ଏହାକୁ ବିରୋଧ କରି ଗୁରୁବାର ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି ମାଟି ଖୋଳା କାମ ବନ୍ଦ କରିଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ମନାଇବାକୁ ଚେଷ୍ଟା କରାଯାଇଥିଲା। ହେଲେ ପ୍ରଶାସନ ଏଥିରେ ବିଫଳ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଶତାଧିକ ଆନ୍ଦୋଳନକାରୀ ମାଟି ଖୋଳା ହେଉଥିବା ସ୍ଥାନରେ ବସି ରହିଥିଲେ। ଏପରି କି ଜଙ୍ଗଲ ସୁରକ୍ଷା ନେଇ ସତ୍ୟାଗ୍ରହ ଆରମ୍ଭ ହୋଇଥିବା ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଜଙ୍ଗଲ ଅଞ୍ଚଳବାସୀଙ୍କ ଜୀବନ ଓ ଜୀବିକା। ତେଣୁ ଜଙ୍ଗଲ ସୁରକ୍ଷା ଓ ଏହାର ବୃଦ୍ଧି ଅଞ୍ଚଳବାସୀଙ୍କ ଦାୟିତ୍ୱ। ଏନେଇ ଏଠାରେ ଖଣି ଖୋଳିବାକୁ ଦିଆଯିବ ନାହିଁ। ଏନ୍‌ଏଲସି କମ୍ପାନୀ ଫେରିଯାଅ ବୋଲି ଆନ୍ଦୋଳନକାରୀ ନାରାବାଜି କରିଥିଲେ। ଏପରି କି ବିନା ଗ୍ରାମ ସଭାରେ ଜଙ୍ଗଲ କାଟିବାର ଅନୁମତି ନିଆଯାଇଛି । ଏବେ ଏହାର ପରିଣାମ ଭୋଗିବାକୁ ପଡିବ। ଜିଲାପ୍ରଶାସନ ବିସ୍ଥାପିତଙ୍କ ଦାବି ଶୁଣୁ ନାହିଁ। କମ୍ପାନୀ ପ୍ରୀତି ଦେଖାଉଛି। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ। ତେଣୁ ଜିଲା ପ୍ରଶାସନକୁ ଭରସା କରାଯାଇ ପାରିବ ନାହିଁ ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଘଟଣାସ୍ଥଳରେ ରେଙ୍ଗାଲି ତହସିଲଦାର ଓ ବିଡିଓ ପହଞ୍ଚି ଆଲୋଚନା କରିବାକୁ ଚେଷ୍ଟା କରିଥିଲେ। ହେଲେ ଏଥିରେ ବିଫଳ ହେବାରୁ ସେମାନେ ଫେରି ଆସିଥିବା ଜଣାପଡିଛି। ଅନ୍ୟପକ୍ଷେ ରାତି ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା।

ସୂଚନା ଯୋଗ୍ୟ,ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ କୋଇଲା ଖନନ କରାଯିବ । ଏନେଇ ୧ ଲକ୍ଷ ୩୨ ହଜାର ୯୭୦ ମୂଲ୍ୟବାନ ଗଛ ବଳି ପଡିବ । ହେଲେ ସ୍ଥାନୀୟ ଅଧିବାସୀଙ୍କ ବିରୋଧ ଓ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଯୋଗୁ ପ୍ରାୟ ୨ ବର୍ଷ ଧରି ଗଛ କଟା ହୋଇପାରି ନ ଥିଲା। ଡିସେମ୍ବର ୫ ତାରିଖରେ ରାଜନୀତିକ ହସ୍ତକ୍ଷେପ ଯୋଗୁ କିଛି ସମର୍ଥକଙ୍କୁ ନେଇ ସହର ତପସ୍ୱିନୀ ପ୍ରେକ୍ଷାଳୟରେ ଏକ ବୈଠକ କରାଯାଇଥିଲା। ପରେ ୬ ତାରିଖରୁ ପୋଲିସ ଫୋର୍ସ ଲଗାଇ ଗଛ କଟା ଆରମ୍ଭ ହୋଇଥିଲା । ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗୁରୁବାର ଏହା ଆନ୍ଦୋଳନର ରୂପ ନେଇଥିଲା। ମିଳିଥିବା ସୂଚନା ମୁତାବକ, ତଳାବିରା-୧ ଓ ତଳାବିରା ୨ରେ କୋଇଲା ଖଣି କରିବା ପାଇଁ ନେଗଭେଲି ଲିଗ୍‌ନାଇଟ ଲିମିଟେଡ କୋଇଲା (ଏନଏଲସି ) ଉତ୍ତୋଳନ କରିବା ପାଇଁ ଅନୁମତି ପାଇଛି । ଲୋକଙ୍କ ବିରୋଧ ଯୋଗୁ ୨୦୧୮ରେ ଆଦାନୀ କମ୍ପାନୀକୁ ସବ୍ କଣ୍ଟ୍ରାକର ଭାବେ ନିଯୁକ୍ତି କରାଯାଇଛି। ତଳାବିରା- ୧ ଓ ତଳାବିରା- ୨ ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ ସଂରକ୍ଷିତ ଜଙ୍ଗଲ, ଡିଏଲ୍‌ସି (ଡିଷ୍ଟ୍ରିକ ଲେବଲ କମିଟି), ରାଜସ୍ୱ ବିଭାଗର ମୋଟ ୧୯୧୪. ୦୬୩ ହେକ୍ଟର ଜମିରେ କୋଇଲା ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି। ସେଥିମଧ୍ୟରୁ ଝାରସୁଗୁଡ଼ା ଜିଲାର ୮୪୫. ୫୬୧ ହେକ୍ଟର ଜଙ୍ଗଲ ଜମି ଓ ସମ୍ବଲପୁର ବନଖଣ୍ଡର ୧୯୨.୬୨୬ ହେକ୍ଟର ଜଙ୍ଗଲ ଜମି ରହିଛି । ସେହିପରି ରାଜସ୍ୱ ଜମି ଝାରସୁଗୁଡ଼ା ଜିଲାର ୩୮୫.୩୭୯ ହେକ୍ଟର ଓ ୪୬୦.୧୮୨ ହେକ୍ଟର ଜମି ରହିଛି । ମୋଟ ୧ ଲକ୍ଷ ୩୨ ହଜାର ଗଛ କଟାଯିବ।



ସମ୍ବଲପୁର ତଳାବିରା କୋଇଲା ଖଣିରେ ମାଟି କାମ ବନ୍ଦ କରି ମହିଳମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।


ଗିରଫ ଦୁଇ ଅଭିଯୁକ୍ତ।

## ୮କେଜି ଗଞ୍ଜେଇ ଜବତ: ୨ ଗିରଫ

**ରେଢାଖୋଲ,୯।୧ (ଡି.ଏନ.ଏ.)**

ବେଆଇନ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ରେଢାଖୋଲ ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ନାଗପାଲିର ତରଣୀସେନ ବାଘ(୪୦) ଏବଂ ବାଉଁଶୁଣୀ ବରପୁରା ଗ୍ରାମର ଯୋଗେନ୍ଦ୍ର ପ୍ରସାଦ ରାଜ(୨୨)।

ମିଳିଥିବା ସୂଚନା ମୁତାବକ, ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ରେଢାଖୋଲ ଥାନା ପୋଲିସକୁ ସୂଚନା ମିଳିଥିଲା। ଏନେଇ ପୋଲିସର ଏକ ଟିମ୍ ଗୁରୁବାର ପୂର୍ବାହ୍ନ ୧୧ଟାରେ ଚଢାଉ କରି ବୌଦ୍ଧ-ରେଢାଖୋଲ ରାସ୍ତାର ବିଶିପାଲି ଛକରେ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ପୋଲିସ ଅଭିକାରୀମାନେ ୮କେ.ଜି. ଗଞ୍ଜେଇ ସହ ବାଇକ୍(ନଂଓଡି.୧୯ଏମ୍-୧୧୬୬)କୁ ଜବତ କରି ତରଣୀସେନ ଏବଂ ଯୋଗେନ୍ଦ୍ରଙ୍କୁ ଧରିବାରେ ସଫଳ ହୋଇଥିଲେ। ଏ ନେଇ ରେଢାଖୋଲ ଥାନା ପୋଲିସ ଏକ ମାମଲା(ନଂ.୫/୨୦୨୦) ରୁଜୁକରି ଗିରଫ ଯୁବକ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ବୌଦ୍ଧରୁ ସମ୍ବଲପୁର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଛି।

## ହାତୀ ଆକ୍ରମଣରେ ଯୁବଚାଷୀ ଗୁରୁତର

**ରେଢାଖୋଲ, ୯।୧ (ଡି.ଏନ୍.ଏ.)**

ରେଢାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ଅନ୍ତର୍ଗତ କୁକୁଡାବାହାଲି ପଞ୍ଚାୟତ ଝିଙ୍କିଦାଦାର ଗ୍ରାମରେ ବୁଧବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଝିଙ୍କିଦାଦର ଗ୍ରାମର ରମାକାନ୍ତ ସାହୁ (୨୮) ବୋଲି ଜଣାପଡିଛି। ସୂଚନା ଯୋଗ୍ୟ, କିଛିଦିନ ହେଲା କୁକୁଡାବାହାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି।ବୁଧବାର ରାତିରେ ରମାକାନ୍ତଙ୍କ ଘର ପଛପଟେ ଥିବା ବଗିଚାରେ ଏକ ହାତୀ ପଶି ପନିପରିବା ଚାଷ ନଷ୍ଟ କରିଥିଲା। ଏନେଇ ରମାକାନ୍ତ ହାତୀକୁ ଘଉଡାଇବାକୁ ଯାଇଥିଲେ। ଫଳରେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ କୌଶଳ କ୍ରମେ ଦୌଡି ଆସୁଥିବା ବେଳେ ପଡିଯାଇଥିଲେ। ଫଳରେ ତାଙ୍କର ଏକ ହାତ ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ବନ ବିଭାଗ କର୍ମଚାରୀ ଝିଙ୍କିଦାଦର ଗ୍ରାମରେ ପହଞ୍ଚି ହାତୀ ଘଉଡାଇବାକୁ ଉଦ୍ୟମ କରିଥିଲେ। ସୂଚନାଯୋଗ୍ୟ, ରେଢାଖୋଲ ବନଖଣ୍ଡରେ ଗତ କିଛି ବର୍ଷ ହେଲା ହାତୀ ଉପଦ୍ରବ ଲାଗି ରହିଛି। ହାତୀ ଆକ୍ରମଣରେ ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ବନ ବିଭାଗ ହାତୀ ଘଉଡାଇବା ନେଇ କୌଣସି ଠୋସ୍ ପଦକ୍ଷେପ ନେଉ ନ ଥିବା ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।


ଉଦ୍ଧାର ହୋଇଥିବା ଶ୍ରମିକମାନେ।

## ଶ୍ରମିକଙ୍କୁ ଉଦ୍ଧାରକଲା ସ୍ୱେଚ୍ଛାସେବୀ ସଂଗଠନ

**ରେଙ୍ଗାଲି,୯।୧ (ଡି.ଏନ.ଏ.)**

### ବିନା ଦରମାରେ ଖଟୁଥିଲେ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ତଳାବିରା ୨ ଓ ୩ କୋଇଲା ଖଣି ଖନନ ନେଇ ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ ଖିଣ୍ଡା ପଞ୍ଚାୟତର ବହୁ ଗ୍ରାମ ବିସ୍ଥାପିତ ହେବାକୁ ଯାଉଛି। ବିସ୍ଥାପିତଙ୍କ ଥଇଥାନ ନେଇ ଏକ କଲୋନୀ ନିର୍ମାଣ କାମ ଚାଲୁଛି। ଏହି କାମ କଲିକତାର ଏକ ସଂସ୍ଥା ନେଇଛି। ଏଥିରେ ରାଜ୍ୟ ବାହାରୁ ଆସିଥିବା ଶ୍ରମିକମାନେ ନିୟୋଜିତ ହୋଇଛନ୍ତି। ହେଲେ ସଂସ୍ଥା ପକ୍ଷରୁ ଶ୍ରମିକମାନଙ୍କୁ ୨ ମାସ ହେଲା ଦରମା ଦିଆଯାଇ ନ ଥିବାକବେଳେ କୌଣସି ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଉ ନାହିଁ। ଫଳରେ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଭଳିସ୍ଥିତିରେ ସୋମବାର ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କଲୋନୀ ନିର୍ମାଣ ଅଞ୍ଚଳରୁ ୫୦ରୁ ଅଧିକ ରାଜ୍ୟ ବାହାରର ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା। ଶ୍ରମିକମାନଙ୍କ କହିବା ମୁତାବକ, କମ୍ପାନୀ ପକ୍ଷରୁ ତାଙ୍କୁ ୨ ମାସ ହେଲା ଦରମା ଦିଆଯାଇ ନାହିଁ। ଏପରି କି ଶ୍ରମିକମାନଙ୍କ ପାଇଁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ବେଳେ ଖାଇବାକୁ ନ ଦେଇ ଦିନ ରାତି ଖଟାଯାଉଥିବା ଅଭିଯୋଗ କରିଛନ୍ତି। ଭୋକ ଉପାସରେ ପଡି ରହିଥିବାର ଜାଣି ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ତାଙ୍କୁ ଉଦ୍ଧାର କରାଯିବା ସହ ଖାଇବାର ବ୍ୟବସ୍ଥା କରାଯାଇଥିବା ଶ୍ରମିକମାନେ କହିଛନ୍ତି। ଏନେଇ ସଂଗଠନର ସଭାପତି ହେମନ୍ତ କୁମାର ପାଣ୍ଡେ ଫୋନ କରି ରାଉରକେଲା ଲେବର କମିଶନରଙ୍କୁ ଅବଗତ କରାଇବା ସହ ଶ୍ରମିକମାନଙ୍କୁ ନିଜ ରାଜ୍ୟକୁ ପଠାଇବା ପାଇଁ ଅନୁରୋଧ କରିଛନ୍ତି।


ପୁଷ୍ପ ପ୍ରଦର୍ଶନୀରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଏମସିଏଲ ଅଧିକାରୀମାନେ ।

## ପୁଷ୍ପ ପ୍ରଦର୍ଶନୀରେ ଏମ୍‌ସିଏଲ୍ ପୁରସ୍କୃତ

**ସମ୍ବଲପୁର,୯।୧(ବ୍ୟୁରୋ)**

ସମ୍ବଲପୁର ଲୋକମହୋତ୍ସବ-୨୦୨୦ରେ ମହାନଦୀ କୋଇଲା କମ୍ପାନୀ ପୁଷ୍ପ ପ୍ରଦର୍ଶନୀରେ ଭାଗ ନେଇ ଶ୍ରେଷ୍ଠ ସ୍ଥାନ ହାସଲ କରିଛି । ପିଏଚ୍‌ଡି ପଡ଼ିଆଠାରେ ଉଦ୍ୟାନ ଓ କୃଷୀ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଫୁଲ ଓ ଅଳଙ୍କାରିକ ଗଛର ମିଳିତ ପ୍ରଦର୍ଶନୀ ହୋଇଥିଲା । ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ କୁମାରଙ୍କଠାରୁ ଏମ୍‌ସିଏଲ୍‌ର ରାଜ କୁମାର ସାହୁ ଏବଂ ପି.ସି. ବିଶ୍ୱାଳ ଶ୍ରେଷ୍ଠ ପୁରସ୍କାର ଗ୍ରହଣ କରିଥିଲେ। ଏନେଇ କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ଶୁଭେଚ୍ଛା ଜଣାଇଛନ୍ତି ।

ଉତ୍ତରାଞ୍ଚଳ ଆରଡିସିଙ୍କ ଭିମ୍‌ସାର ପରିଦର୍ଶନ

## ରୋଗୀଙ୍କ ସହ ଆଲୋଚନା, ସମୀକ୍ଷା ବୈଠକ

**ସମ୍ବଲପୁର,୯।୧(ବ୍ୟୁରୋ)**

ଉତ୍ତରାଞ୍ଚଳ ଆର୍‌ଡିସି ନିରଞ୍ଜନ ସାହୁ ଗୁରୁବାର ସମ୍ବଲପୁର ଗସ୍ତରେ ଆସି ବୁର୍ଲା ଭୀମସାର ପରିଦର୍ଶନ କରିଥିଲେ। ଆର୍‌ଡିସି ସାହୁ ବିଭିନ୍ନ ୱାର୍ଡ ବୁଲି ସମସ୍ୟା ଓ ସ୍ୱାସ୍ଥ୍ୟ ସେବା ଉପରେ ରୋଗୀ ଏବଂ ସମ୍ପର୍କିୟଙ୍କୁ ପଚାରି ବୁଝିଥିଲେ। ଏପରି କି ନିରାମୟ କେନ୍ଦ୍ରକୁ ଯାଇ ଗଚ୍ଛିତ ଥିବା ଔଷଧର ତଦାରଖ କରିଥିଲେ। ପରେ ଭୀମସାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ଭୀମସାର ସମସ୍ତ ବିଭାଗର ମୁଖ୍ୟ ଏବଂ କର୍ତ୍ତୃପକ୍ଷ ଉପସ୍ଥିତ ରହିଥିଲେ। କର୍ତ୍ତୃପକ୍ଷ ବୈଠକରେ ଭୀମସାରରେ ରହିଥିବା ସମସ୍ୟା ସଂକ୍ରାନ୍ତରେ ଅବଗତ କରାଯାଇଥିଲେ। ଏହାର ତୁରନ୍ତ ସମାଧାନ କରାଯିବ ବୋଲି ଆର୍‌ଡିସି ସାହୁ କହିଥିଲେ। ଏଥିରେ ଜିଲାପାଳ ଶୁଭମ ସକସେନା ଉପସ୍ଥିତ ଥିଲେ।

## ଓଏସ୍‌ଓୟୁ ପକ୍ଷରୁ କମ୍ବଳ ବଣ୍ଟନ

**ସମ୍ବଲପୁର, ୯।୧ (ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା କର୍ଡୋଲା ଓ ବଡସିଙ୍ଘାରୀ ଗ୍ରାମରେ ୨ଶହ ଗରୀବ ମହିଳା, ପୁରୁଷଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ ।

ଆଜି ହୀରାକୁଦ ମହୋତ୍ସବ

# ମଞ୍ଚ ଅପେକ୍ଷାରେ କଳାକାର

**ସମ୍ବଲପୁର, ୯।୧ (ବ୍ୟୁରୋ)**

ହୀରାକୁଦ ମହୋତ୍ସବ ଲାଗି ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ହୀରାକୁଦ ସୁବାସ ମଇଦାନକୁ ଆଲୋକମାଳ ଏବଂ ଫୁଲରେ ସୁସଜ୍ଜିତ କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ୯ଟାରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନଗରପରିକ୍ରମା କରିବ। ସନ୍ଧ୍ୟା ସାଢ଼େ ୫ଟାରେ ମଞ୍ଚ ପୂଜା ସହ ମହୋତ୍ସବ ଉଦ୍‌ଘାଟନୀ ହେବ । ମହୋତ୍ସବ ଲାଗି ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରାଯାଇଛି। ଗୁରୁବାର ସମ୍ବଲପୁର ଭିଏସ୍‌ଏସ ମାର୍ଗସ୍ଥିତ ଏକ ହୋଟେଲରେ ମହୋତ୍ସବ ଆୟୋଜନ କମିଟି କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। କର୍ମକର୍ତ୍ତା କହିଥିଲେ, ୧୦ ତାରିଖରେ ଜାତୀୟ ସଂଗୀତ ଗାନ କରାଯିବ । ପରେ ଶତ୍ରୁଘ୍ନ ଲୁହା ଓ ପଦ୍ମିନୀ ଦୋରା ସମ୍ବଲପୁରୀ ଲୋକଗୀତ ଗାନ କରିବେ । ଲୋକନୃତ୍ୟ ପର୍ଯ୍ୟାୟରେ ଚୁଟ୍‌କୁଚୁଟା, ମୟୂର ନୃତ୍ୟ,



ଗୁରୁବାର ସମ୍ବଲପୁରରେ ହୀରାକୁଦ ମହୋତ୍ସବ ଆୟୋଜନ କମିଟି କର୍ମକର୍ତ୍ତାମାନେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

### ୧୫ ଲକ୍ଷ ବ୍ୟୟ ଅଟକଳ

ବୋଡୋନୃତ୍ୟ, ଘୁମୁରା, ଶିବସ୍ତୁତି ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷିତ ହେବ । ୧୧ରେ ପ୍ରସନ୍ନ ପାଢ଼ୀ, ଶଙ୍କର ପ୍ରସାଦ ଦତ୍ତ, ଚେତନାମୟୀ ବେହେରା ସଂଗୀତ ପରିବେଷଣ କରିବେ । ବଜାଶାଳିଆ, ବିହୁ, ଢ଼ାପ, ଦୀପ ନୃତ୍ୟ, ଭାଙ୍ଗଡା ନୃତ୍ୟ ପରିବେଷିତ ହେବ । ଉଦ୍‌ଯାପନୀ ଦିବସ ଅର୍ଥାତ ୧୨ ତାରିଖରେ କୃଷ୍ଣ ମୁଖୀ, ଗୀତାଞ୍ଜଳି ପୋଢ଼, ଶ୍ରୀମନ୍ତ ବେହେରା ଲୋକ ସଂଗୀତ ଗାନ କରିବେ । ଜାତୀୟ ନୃତ୍ୟ ଦଳ ସମେତ ଘୁଡୁକୁଡୁ, ଶାଗ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହେବ ବୋଲି କର୍ମକର୍ତ୍ତା ସୂଚନା ଦେଇଥିଲେ। ମହୋତ୍ସବ ଆୟୋଜନ କମିଟି ସଭାପତି ଅଶୋକ ପଣ୍ଡା, କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟେଇ, ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ବଡପଣ୍ଡା, ଉପସଭାପତି ସଚ୍ଚିକାନ୍ତ ମିଶ୍ର ଓ ସାଂସ୍କୃତିକ ଆବାହକ ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

## ମନ୍ତ୍ରୀଙ୍କ ହାତୀବାରୀ କୁଷ୍ଠାଶ୍ରମ ପରିଦର୍ଶନ
### କମ୍ବଳ, ସାଇକେଲ ବଣ୍ଟନ

**ସମ୍ବଲପୁର,୯।୧(ବ୍ୟୁରୋ)**

ମନ୍ତ୍ରୀ ଅଶୋକ ପଣ୍ଡା ସମ୍ବଲପୁର ଗସ୍ତରେ ଆସି ହାତୀବାରୀସ୍ଥିତ କୁଷ୍ଠାଶ୍ରମ ପରିଦର୍ଶନ କରିଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ପଣ୍ଡାଙ୍କ ସମେତ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ଶତପଥୀ, ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ, ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏପରି କି କୁଷ୍ଠ ରୋଗରୁ ଆରୋଗ୍ୟ ମହିଳା, ପୁରୁଷଙ୍କୁ କମ୍ବଳ, ସାଇକେଲ, ଛତା ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ମନ୍ତ୍ରୀ ପଣ୍ଡା ହାତୀବାରୀ କୁଷ୍ଠାଶ୍ରମରେ ରହିଥିବା ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ।

## ଧାନମଣ୍ଡିରେ ସରକାରୀ ନିର୍ଦ୍ଦେଶର ଉଲ୍ଲଂଘନ ଅଭିଯୋଗ
### ଚାଷୀ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

**ରେଢାଖୋଲ,୯।୧ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡରେ ଥିବା ଧାନ ମଣ୍ଡିଗୁଡିକରେ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀମାନେ ଧାନ ବିକ୍ରି କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ ଦାବି କରି ନବନିର୍ମାଣ କୃଷକ ସଂଗଠନ ରେଢାଖୋଲ ଶାଖା ପକ୍ଷରୁ ଗୁରୁବାର ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପ୍ରଚାର ପ୍ରସାର ଅଭାବରୁ ଧାନ ବିକ୍ରି ପାଇଁ ହୋଇଥିବା ନିୟମକୁ ଚାଷୀମାନେ ଜାଣିପାରୁ ନାହାନ୍ତି। ଫଳରେ ମଣ୍ଡିଗୁଡିକରେ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ସେହିପରି ଚାଷୀଙ୍କୁ ଠିକ୍ ସମୟରେ ଟୋକନ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ଧାନର ଏଫ୍‌ଏକ୍ୟୁ ମାନ ଠିକ୍ ଥିଲେ ମଧ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୭କେଜି ଧାନ କଟନୀଛଟନୀ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି। ନବନିର୍ମାଣ କୃଷକ ସଂଗଠନର ଜିଲା ସଭାପତି ଦୋଳଗୋବିନ୍ଦ ପ୍ରଧାନ, ରେଢାକୋଲ ଶାଖା ସଭାପତି ଭଗବାନ ପ୍ରଧାନ, ଦିବାକର ପୃଷ୍ଟି, ଭାଗୀରଥି ପୃଷ୍ଟି, ଗଣେଶ ପ୍ରଧାନଙ୍କ ସମେତ ବହୁ ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।



ବଲିଉଡ୍ ସୁପରଷ୍ଟାର ହୃତିକ ରୋଶନ ଶୁକ୍ରବାର ୪୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୭୪ ଜାନୁୟାରୀ ୧୦ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ସଞ୍ଜୟ ଖାଁଙ୍କ ସୁପୁତ୍ରୀ ସୁଜେନ୍ ଖାଁଙ୍କ ସହିତ ସେ ୨୦୦୦ରେ ପ୍ରେମବିବାହ କରିଥିଲେ। ତେବେ ଫିଲ୍ମ ସେଟ୍‌ରେ ଅନ୍ୟ ଅଭିନେତ୍ରୀଙ୍କ ସହିତ ପ୍ରେମସମ୍ପର୍କ ଯୋଗୁ ସୁଜେନ-ହୃତିକଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଦେଇଥିଲା । ପାରିବାରିକ ତିକ୍ତତା ଯୋଗୁ ୨୦୧୪ରେ ଦୁହିଁଙ୍କ ମଧରେ ବିବାହ ବିଚ୍ଛେଦ ଘଟିଥିଲା।



## ୫୦୦ବର୍ଷ ଇତିହାସରେ ଶ୍ରେଷ୍ଠ ଶାସକ

# ରଣଜିତ୍ ସିଂ



**ଅମୃତସର:** ଭାରତ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ଶାସକ ଭାବେ ପରିଗଣିତ ହୁଅନ୍ତି ମହାରାଜା ରଣଜିତ୍ ସିଂ। ଏହି ପ୍ରଥମ ଶିଖ୍ ଶାସକଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଶାସନ ନୀତି ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ମହାରାଜାଙ୍କ ବିୟୋଗକୁ ଇତିମଧ୍ୟରେ ବିତିଗଲାଣି ୧୮୦ବର୍ଷ। ହେଲେ ଏବେ ବି ତାଙ୍କ ଯଶଗାନ କରୁଛି ସାରା ବିଶ୍ୱ। ନିକଟରେ ଆମେରିକାନ୍ ୟୁନିର୍ଭସିଟି ଅଫ୍ ଆଲ୍‌ବାମା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ତାଙ୍କୁ ୫୦୦ବର୍ଷ ଇତିହାସରେ ସର୍ବଶ୍ରେଷ୍ଠ ଶାସକ ଭାବେ ଅଭିହିତ କରାଯାଇଛି। କାର୍ଯ୍ୟଶୈଳୀ, ରଣକୌଶଳ, ସେନା ନବୀକରଣ, ଆର୍ଥିକ ଏବଂ ବ୍ୟବସାୟିକ ନୀତି ଆଧାରରେ ସୂଚୀବଦ୍ଧ କରାଯାଇଥିବା ୧୦ ଶ୍ରେଷ୍ଠ ଶାସକଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି ମହାରାଜା ରଣଜିତ୍ ସିଂ। ଅନୁରୂପ ଭାବେ ଶ୍ରେଷ୍ଠ ୫ ଶାସନ କାଳ ମଧ୍ୟରେ କରାଯାଇଥିବା ସୂଚୀରେ ମହାରାଜାଙ୍କ ଶାସନ ସମୟକୁ ସର୍ବଶ୍ରେଷ୍ଠ ବୋଲି ଦର୍ଶାଯାଇଛି। ମହାରାଜା ରଣଜିତ୍‌ଙ୍କ ବଂଶଜ ଡା. ଯଶବିନ୍ଦର ସିଂ କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତରୁ ରାଜତନ୍ତ୍ରର ଯୁଗ ଶେଷ ହୋଇଛି। ହେଲେ ମହାରାଜା ରଣଜିତ୍‌ଙ୍କ ଶାସନ କାଳକୁ ସବୁଠାରୁ ଶ୍ରେଷ୍ଠ ବୋଲି ଏବେ ବି ବିଚାର କରାଯାଏ। ତାଙ୍କ ରାଜତ୍ୱ କାଳରେ ବିଦେଶୀ ଆକ୍ରମଣକାରୀ ଭାରତ ଆଡ଼କୁ ଆଖି ଉଠାଇବାକୁ ଭୟ କରୁଥିଲେ। ସେ ପଶ୍ଚିମ ତଥା ଉତ୍ତର ପଶ୍ଚିମ ପାର୍ଶ୍ୱରେ ନିଜ ସାମ୍ରାଜ୍ୟ ବିସ୍ତାର କରିଥିଲେ। ତାଙ୍କ ସାମ୍ରାଜ୍ୟର ସୀମା ପେଶାୱାର, ପଖତୁନଖାଠାରୁ ଆରମ୍ଭ କରି କଶ୍ମୀର ଯାଏ ବିସ୍ତାରିତ ହୋଇଥିଲା। ତତ୍କାଳୀନ ସମୟରେ ତାଙ୍କର ବଳିଷ୍ଠ ଉଦ୍ୟମରେ ଆଭ୍ୟନ୍ତରୀଣ ଶାନ୍ତି କାଏମ ରହିଥିଲା। ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବା ରାଜାମାନଙ୍କୁ ଏକାଠି କରି ସେ ଦେଶରେ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିଥିଲେ। ଯଶବିନ୍ଦର ଆହୁରି ମଧ୍ୟ କହିଛନ୍ତି, ମହାରାଜା ରଣଜିତ୍ ନିଜ ଶାସନ ସମୟରେ ଅନେକ ନିୟମ ଲାଗୁ କରିଥିଲେ। ହେଲେ ଜଣକୁ ବି ମୃତ୍ୟୁଦଣ୍ଡରେ ଦଣ୍ଡିତ କରି ନ ଥିଲେ। ତାଙ୍କ ସୁବା ଥିଲା ଧର୍ମନିରପେକ୍ଷ। କେବଳ ଏତିକି ନୁହେଁ, ସେ ହିନ୍ଦୁ ଏବଂ ଶିଖ୍‌ଙ୍କଠାରୁ ଆଦାୟ କରୁଥିବା ଜିଜିଆ କର ଉପରେ ରୋକ୍ ଲଗାଇଥିଲେ। କାହାରିକୁ ଶିଖ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରୁ ନ ଥିଲେ। ତାଙ୍କ ଉଦ୍ୟମରେ ଅନ୍ୟତମ ଶିଖ୍ ଧର୍ମସ୍ଥଳୀ ଅମୃତସରରେ ହରମିନ୍ଦର ସାହିବ ଗୁରୁଦ୍ୱାରରେ ଶଙ୍ଖ ମଲମଲ ପଥର ଲଗାଇବା ସହ ସୁନା ଛାଉଣି କରାଇଥିଲେ। ସେବେଠାରୁ ଏହି ଗୁରୁଦ୍ୱାର ସ୍ୱର୍ଣ୍ଣମନ୍ଦିର ନାମରେ ନାମିତ ହୋଇଛି।

## ଗୁଜରାଟ ବୈଜ୍ଞାନିକଙ୍କ ନୂଆ ରୋବୋ

## ଦୁଃଖ ସମୟରେ ଦେବ ସହାନୁଭୂତି



**ଲାସ୍‌ଭେଗାସ୍/ ଅହମ୍ମଦାବାଦ:** ଆଧୁନିକ ଯୁଗରେ ମଣିଷର କାମ ରୋବୋ କରୁଛି। ପ୍ରତିଟି କାର୍ଯ୍ୟରେ ଏବେ ରୋବୋର ଉପଯୋଗ କରାଯାଉଛି। ପୃଥିବୀର ସର୍ବବୃହତ୍ ଇଲୋକ୍ଟ୍ରନିକ୍ସ ଶୋ ସିଇଏସ୍-୨୦୨୦ରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ହୋଇଛି। ଏହି ଶୋରେ ଗୁଜରାଟର ବୈଜ୍ଞାନିକ ଇଞ୍ଜିନିୟର ପ୍ରଣବ ମିସ୍ତ୍ରୀଙ୍କ ଦ୍ୱାରା ଆର୍ଟିଫିସିଆଲ୍ ହ୍ୟୁମାନ୍ ପ୍ରଦର୍ଶନ କରାଯାଇଛି। ସେ ସାମ୍‌ସଙ୍ଗ ପକ୍ଷରୁ ଏହି ଶୋରେ ଯୋଗ ଦେଇଛନ୍ତି। ଏହି ନୂଆ ଆର୍ଟିଫିସିଆଲ୍ ହ୍ୟୁମାନ୍ ରୋବୋ ମଣିଷ ଭଳି ଅବିକଳ କଥା ହେବା ସହିତ ଦୁଃଖ ସମୟରେ ସହାନୁଭୂତି ଦେବାକୁ ସକ୍ଷମ ବୋଲି ପ୍ରଣବ ସୂଚନା ଦେଇଛନ୍ତି। ଏହି ରୋବୋର ନାମ ନିୟନ ରଖାଯାଇଛି। ଏହା ନିୟନ ଆର୍-୩ ଜ୍ଞାନକୌଶଳ ଅର୍ଥାତ୍ ରିଲାୟବିଲିଟି, ରିୟଲ ଟାଇମ୍ ଏବଂ ରେସପନ୍ସ ଆଦି ଉପରେ କାର୍ଯ୍ୟ କରିବାକୁ ସକ୍ଷମ ବୋଲି ପ୍ରଣବ କହିଛନ୍ତି।

## ଆଜି 'ତାନାଜୀ', 'ଛପାକ୍' ମୁହାଁମୁହିଁ





**ମୁମ୍ବାଇ:** ୨୦୨୦ ଆରମ୍ଭରେ ବକ୍ସ ଅଫିସ୍‌ରେ ହେବ ଚଳିତ ବର୍ଷର ପ୍ରଥମ ଟକ୍କର। ଜାନୁୟାରୀ ୧୦ ଅର୍ଥାତ୍ ଫ୍ରାଇଡେ ରିଲିଜ୍‌ରେ ପରଦାକୁ ଆସୁଛି ଦୁଇଟି ଫିଲ୍ମ। ଦୀପିକା ପାଦୁକୋନ୍‌ଙ୍କ ଫିଲ୍ମ 'ଛପାକ୍' ସହ ଟକ୍କର ଦେବ କାଜୋଲ-ଅଜୟ ଦେବଗନ୍‌ଙ୍କ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍'। ଉଭୟ ଫିଲ୍ମର ଜନର୍ ଭିନ୍ନ ଭିନ୍ନ ଅଟେ। ଦୀପିକାଙ୍କ 'ଛପାକ୍' ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ କାହାଣୀ ଉପରେ ଆଧାରିତ ହୋଇଥିବାବେଳେ ଅଜୟ ଦେବଗନ୍‌ଙ୍କ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ଛତ୍ରପତି ଶିବାଜୀ ମହାରାଜଙ୍କ ମରାଠା ସେନା ଉପରେ ଆଧାରିତ। ଗୋଟିଏପଟେ ୧୧ବର୍ଷ ପରେ କାଜୋଲ-ଅଜୟଙ୍କୁ ଏକାଠି ପରଦାରେ ଦେଖିବାକୁ ମିଳିବ। ଅନ୍ୟପଟେ ନିଜ କ୍ୟାରିୟରର ସବୁଠାରୁ ଭିନ୍ନ ଏକ ଅବତାରରେ ଦୀପିକା ନଜର ଆସିବେ। ଉଭୟ ଫିଲ୍ମର ଟ୍ରେଲର୍ ଓ ପୋଷ୍ଟର ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ସିନେ ସମୀକ୍ଷକଙ୍କ କହିବା ଅନୁଯାୟୀ, ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବେ ଏବଂ ପରସ୍ପରକୁ କଡ଼ା ଟକ୍କର ଦେବେ। ଗୋଟିଏ ଐତିହାସିକ ଡ୍ରାମା ତ ଆଉ ଗୋଟିଏ ସାମାଜିକ ସମସ୍ୟା ଉପରେ ଆଧାରିତ ଫିଲ୍ମ। ଦର୍ଶକଙ୍କ ୱିକ୍-ଏଣ୍ଡ ନିଶ୍ଚୟ ଦୁଇଟି ଭଲ ଫିଲ୍ମ ସହ କଟିବ ବୋଲି ଆଶା କରାଯାଉଛି। ଏହାଛଡ଼ା ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ୩ଡିରେ ରିଲିଜ୍ ହେବାକୁ ଥିବାବେଳେ ଦୀର୍ଘ ଦୁଇବର୍ଷ ପରେ ବଲିଉଡ୍ ମସ୍ତାନୀ ଦୀପିକା ଫିଲ୍ମ 'ଛପାକ୍' ସହ ବଲିଉଡ୍ ଫେରୁଛନ୍ତି। ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍'ରେ ଅଜୟ-କାଜୋଲ ଏବଂ ସୈଫ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହାକୁ ନିଜେ ଅଜୟ ଦେବଗନ୍ ପ୍ରଯୋଜନା କରୁଛନ୍ତି। ସେହିଭଳି ଫିଲ୍ମ 'ଛପାକ୍'ରେ ଦୀପିକା ଏବଂ ବିକ୍ରାନ୍ତ ମାସୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।

## ପରିବା ବିକାଳି ସାଜିଲେ କୋଟିପତି



**କୋଲକାତା:** କୁହାଯାଏ, ଭାଗ୍ୟ କାହାକୁ କେତେବେଳେ କେଉଁଠି ନେଇ ପହଞ୍ଚାଇଥାଏ ତା'ର ଠିକଣା ନ ଥାଏ। ଫଳରେ କୋଟିପତି ଗରିବ ହୋଇଯାଉଥିବା ବେଳେ ଗରିବଟିଏ ରାତାରାତି କୋଟିପତି ହୋଇଯାଏ। ଏହାର ଅନେକ ଉଦାହରଣ ମଧ୍ୟ ରହିଛି। ଏହିପରି ଏକ ଉଦାହରଣ ଦେଖିବାକୁ ମିଳିଛି କୋଲକାତାରେ। ଯାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଠାକାର ଜଣେ ପରିବା ଦୋକାନୀ ଲଟେରି ଟିକେଟ୍‌କୁ ରାଗି କି ଅଳିଆଗଦାରେ ଫିଙ୍ଗି ଦେଇଥିଲେ। ମାତ୍ର ଏହି ଟିକେଟ ତାଙ୍କୁ କୋଟିପତି କରିଦେଇଛି। କୋଲକାତାର ଦମ୍‌ଦମ୍ ଅଞ୍ଚଳରେ ରହୁଥିବା ସାଦିକ୍ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଦିନେ ସ୍ତ୍ରୀଙ୍କ ସହ ସାଦିକ୍ ନାଗାଲାଣ୍ଡ ଲଟେରିର ୫ଟି ଟିକେଟ୍ କିଣିଥିଲେ। ୨ ଜାନୁୟାରୀରେ ଏହି ଲଟେରି ଉଠାଣ ହୋଇଥିଲା। କିଛି ଦୋକାନୀ ତାଙ୍କର ଲଟେରି ଉଠି ନ ଥିବା ସାଦିକ୍‌ଙ୍କୁ କହିଥିଲେ। ଏଥିରେ ରାଗି ଯାଇ ସମସ୍ତ ଟିକେଟ ନେଇ ସେ ଅଳିଆଗଦାରେ ଫିଙ୍ଗି ଦେଇଥିଲେ।

ଏକ ରିପୋର୍ଟ ଅନୁଯାୟୀ, ୩ ଜାନୁୟାରୀରେ ସାଦିକ୍ ୧ କୋଟି ଟଙ୍କାର ପୁରସ୍କାର ଜିତିଥିବା ଜାଣିବାକୁ ପାଇଥିଲେ। ଏହା ଶୁଣି ଖୁସିରେ ସାଦିକ୍‌ଙ୍କ ଗୋଡ଼ ତଳେ ଲାଗିଲାନି। ସେ ସଙ୍ଗେ ସଙ୍ଗେ ସ୍ତ୍ରୀ ଅସୀମାଙ୍କ ସହ ମିଶି ଅଳିଆଗଦାରୁ ଟିକେଟ୍ ଖୋଜିବାରେ ଲାଗିପଡ଼ିଲେ। ଦୀର୍ଘସମୟ ଖୋଜିବା ପରେ ୫ଟି ଯାକ ଟିକେଟ୍ ପାଇଥିଲେ। ପରେ ସେହି ଟିକେଟ୍ ଦେଖାଇ ସେ ପୁରସ୍କାର ରାଶି ଆଣିଥିଲେ।

## ଶିଶୁ ମୃତ୍ୟୁ ଘଟଣାରେ ୩୩୧ କୋଟି କ୍ଷତିପୂରଣ



**ନ୍ୟୁୟର୍କ:** କପଡ଼ା ଆଲମିରା ପଡ଼ି ଜଣେ ୨ ବର୍ଷ ଶିଶୁର ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଆଲମିରା କମ୍ପାନୀକୁ ୩୩୧ କୋଟି ଟଙ୍କାର କ୍ଷତି ପୂରଣ ଦେବାକୁ ପଡ଼ିଛି। ଆମେରିକା କାଲିଫର୍ନିଆରେ ୩୦ ଇଞ୍ଚ ଉଚ୍ଚା କପଡ଼ା ଆଲମିରା ପଡ଼ିଯିବାରୁ ୨୦୧୭ ମଇ ମାସରେ ଏହା ଘଟିଥିଲା। ଏନେଇ ଶିଶୁଙ୍କର ଅଭିଭାବକଙ୍କ ପକ୍ଷରୁ କୋର୍ଟରେ ଘରୋଇ ଆସବାବପତ୍ର ନିର୍ମାଣକାରୀ କମ୍ପାନୀ ଆଇକିଆ ବିରୋଧରେ ଏକ ମାମଲା ଦାଏର କରାଯାଇଥିଲା। କମ୍ପାନୀର ଆଲମିରା ନିର୍ମାଣରେ ତ୍ରୁଟି ଥିବା ଦର୍ଶାଇ ଏହି ମାମଲା ଦାଏର ହୋଇଥିଲା। ଶେଷରେ କମ୍ପାନୀ ଦାବି କରାଯାଇଥିବା କ୍ଷତିପୂରଣ ଦେଇଛି। ଏହାପୂର୍ବରୁ ୨୦୧୬ରେ ଏକ ଘଟଣାରେ କମ୍ପାନୀ ପକ୍ଷରୁ ୩ ପରିବାରଙ୍କୁ ଭିନ୍ନ ଭିନ୍ନ ମାମଲାରେ ୩୬୦ କୋଟି ଟଙ୍କାର କ୍ଷତି ପୂରଣ ଦିଆଯାଇଥିଲା। ସୂଚନାଯୋଗ୍ୟ, ୧୯୪୩ରେ ୧୭ ବର୍ଷ ବୟସ୍କ କୈମ୍ପ୍ରେଡ୍ ଏହି କମ୍ପାନୀର ସ୍ଥାପନା କରିଥିଲେ। ୨୦୧୯ରେ କମ୍ପାନୀ ୩ ଲକ୍ଷ ୨୫ ହଜାର କୋଟି କାରବାର କରିଥିଲା।




## ଇମ୍ତିୟାଜ୍‌ଙ୍କ ଫିଲ୍ମକୁ ଆୟୁଷ୍ମାନ୍‌ଙ୍କ ନା

**ମୁମ୍ବାଇ:** ବଲିଉଡ୍‌ର ଟାଲେଣ୍ଟେଡ୍ ହିରୋ ଆୟୁଷ୍ମାନ୍ ଖୁରାନାଙ୍କୁ ନେଇ ଏବେ ବି-ଟାଉନରେ ବଡ଼ ଚର୍ଚ୍ଚା। ଲୋକପ୍ରିୟ ନିର୍ଦ୍ଦେଶକ ଇମ୍ତିୟାଜ୍ ଅଲିଙ୍କ ଆଗାମୀ ଫିଲ୍ମ କରିବାକୁ ଆୟୁଷ୍ମାନ୍ ମନାକରିଦେଇଥିବା ଜଣାପଡ଼ିଛି। ତେବେ ଏତେବଡ଼ ନିର୍ଦ୍ଦେଶକଙ୍କ ଫିଲ୍ମ ଅଫର୍‌କୁ ମନାକରିଦେବା ପରେ ଆୟୁଷ୍ମାନଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଆୟୁଷ୍ମାନଙ୍କ ଫିଲ୍ମ 'ବାଲା' ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଥିଲା। ସେ ଖୁବ୍ କମ୍‌ଦିନରେ ବଲିଉଡ୍‌ରେ ଜଣେ ଆଗ ଧାଡ଼ିର ହିରୋ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

ଇମ୍ତିୟାଜ୍ ପଞ୍ଜାବୀ ଲୋକଗାୟକ ଅମର ସିଂ ଚମ୍‌କିଲାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। 'ଜବ୍ ୱି ମେଟ୍', 'ତମାଶା', 'ହାଇୱେ' ଭଳି ସୁପରହିଟ୍ ଫିଲ୍ମ କରିସାରିଥିବା ଇମ୍ତିୟାଜ ଅମର ସିଂଙ୍କ ଭୂମିକା ପାଇଁ ଆୟୁଷ୍ମାନ୍‌ଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଆୟୁଷ୍ମାନ୍ ବିନମ୍ରତାର ସହ ଏହି ଅଫର୍‌କୁ ମନା କରିଦେଇଥିଲେ। ଅମର ସିଂ ଚମ୍‌କିଲା ନିଜ ଗାୟକୀ ପାଇଁ ପଞ୍ଜାବରେ ଖୁବ୍ ଲୋକପ୍ରିୟ। ସେ ନିଜ ଗୀତଗୁଡ଼ିକ ପାଇଁ ଖୁବ୍ ବିବାଦରେ ଫସିଥିଲେ ହେଁ ତାଙ୍କ ଲୋକପ୍ରିୟତା କମ୍ ନ ଥିଲା। ମାତ୍ର ୨୮ ବର୍ଷ ବୟସରେ, ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ଅନ୍ୟପଟେ ଏକମାସ ପୂର୍ବେ ଇମ୍ତିୟାଜ୍ ଫିଲ୍ମର ସ୍କ୍ରିପ୍ଟ ନେଇ ଆୟୁଷ୍ମାନ୍‌ଙ୍କ ନିକଟକୁ ଯାଇଥିଲେ। ହେଲେ ନିଜ ଅପ୍‌କମିଂ ଫିଲ୍ମ 'ଗୁଲାବୋ ସିତାବୋ' ଏବଂ 'ଶୁଭମଙ୍ଗଳ ଜ୍ୟାଦା ସାବଧାନ' ପରେ ଆୟୁଷ୍ମାନ୍ ଅତି କମ୍‌ରେ ୪ ମାସ ବ୍ରେକ୍ ନେବାକୁ ଚିନ୍ତା କରୁଛନ୍ତି। ଏଥିଲାଗି ସେ ଇମ୍ତିୟାଜ୍‌ଙ୍କ ଫିଲ୍ମକୁ ମନାକରିଦେଇଥିବା କୁହାଯାଉଛି। ତେବେ କାର୍ତ୍ତିକ ଆର୍ଯ୍ୟନଙ୍କୁ ମଧ୍ୟ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି କୁହାଯାଉଥିଲା। ଏବେ ଇମ୍ତିୟାଜ୍ ନିଜ ଆଗାମୀ ଫିଲ୍ମ ପାଇଁ କାହାକୁ ଚୟନ କରୁଛନ୍ତି ଦେଖିବାକୁ ଅପେକ୍ଷା ରହିଲା।

## ଆସିଲା ସ୍ମାର୍ଟ ଆଣ୍ଟି ଟିଜିଂ ଲିପ୍‌ଷ୍ଟିକ୍ ଗନ୍



**ବାରାଣସୀ:** ଏବେ ରୋଡ୍ ସାଇଡ୍ ରୋମିଓଙ୍କୁ ପାନେ ମିଳିବ। ବାରାଣସୀର ଜଣେ ଯୁବକ ମହିଳାଙ୍କ ସୁରକ୍ଷା ପାଇଁ ଏକ ନୂଆ ପ୍ରକାରର ଲିପ୍ ଷ୍ଟିକ୍ ତିଆରି କରିଛନ୍ତି। ଏହାର ନାମ ସ୍ମାର୍ଟ ଆଣ୍ଟି ଟିଜିଂ ଲିପ୍‌ଷ୍ଟିକ୍ ଗନ୍ ରଖାଯାଇଛି। ସ୍ଥାନୀୟ ଅଶୋକା ଇନଷ୍ଟିଚ୍ୟୁଟରେ ପାଠପଢୁଥିବା ଶ୍ୟାମ ଚୌରାସିଆ ନାମକ ଜଣେ ଯୁବକ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ଏହାକୁ ତିଆରି କରିଛନ୍ତି। ଏଥିରୁ ଗୁଳି ଫୁଟିଲେ ଏହାର ଶବ୍ଦ ଆଖପାଖର ଏକ କିଲୋମିଟର ପର୍ଯ୍ୟନ୍ତ ଶୁଭିବ। ଫଳରେ ଆଖପାଖରେ ଥିବା ଲୋକ ଏବଂ ପୋଲିସ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏହା ସକ୍ଷମ ହେବ ବୋଲି ଶ୍ୟାମ କହିଛନ୍ତି। ଏହାଦ୍ୱାରା ଏକୁଟିଆ ଯୁବତୀ ଏବଂ ମହିଳାଙ୍କୁ ହଇରାଣ କରୁଥିବା ରୋଡ୍ ସାଇଡ୍ ରୋମିଓ ସାବାଡ଼୍ ହୋଇପାରିବେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଶ୍ୟାମ ଏଭଳି ବହୁ ଉପଯୋଗୀ ଉପକରଣ ତିଆରି କରିସାରିଛନ୍ତି।

## ପୃଥିବୀଠାରୁ ବଡ଼ ଗ୍ରହର ସନ୍ଧାନ



**ୱାଶିଂଟନ:** ପୃଥିବୀଠାରୁ ବଡ଼ ଏକ ଗ୍ରହର ସନ୍ଧାନ ମିଳିଛି। ଏଲିଅନ୍‌ଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ସ୍ପେସ୍‌କ୍ରାଫ୍ଟର ଟେଲିସ୍କୋପ୍ ଦ୍ୱାରା ଏହି ଗ୍ରହର ଉପସ୍ଥିତି ବିଷୟରେ ଜଣାପଡ଼ିଛି। ଏହା ପୃଥିବୀଠାରୁ ଶହେ ଆଲୋକ ବର୍ଷ ଦୂରରେ ରହିଛି। ଗ୍ରହର ଆକାର ପୃଥିବୀର ଆକାର ତୁଳନାରେ ୨୦ ପ୍ରତିଶତ ଅଧିକ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗ୍ରହକୁ ଟିଓଆଇ-୭୦୦-ଡି ଭାବେ ନାମକରଣ କରାଯାଇଛି। ଏହା ବାସଯୋଗ୍ୟ ବୋଲି ନାସାର କିଛି ମହାକାଶ ବିଜ୍ଞାନୀ ମତପୋଷଣ କରିଛନ୍ତି। ଏଠାରେ ଜଳ ରହିଥିବା କୁହାଯାଉଛି। ଗ୍ରହଟିର ନିଜସ୍ୱ ଏକ ସୂର୍ଯ୍ୟ ରହିଛି। ଏହା ଚାରିପଟେ ଘୂରିବା ଲାଗି ଗ୍ରହଟି ମାତ୍ର ୩୭ ଦିନ ନେଉଛି। ଅର୍ଥାତ୍ ଏଠାରେ ୩୭ ଦିନରେ ଗୋଟିଏ ବର୍ଷ ହେଉଛି। ପୃଥିବୀର ସୌରମଣ୍ଡଳରେ ଥିବା ସୂର୍ଯ୍ୟ ତୁଳନାରେ ଟିଓଆଇ-୭୦୦-ଡି'ର ସୂର୍ଯ୍ୟ କମ୍ ପରିମାଣର ଶକ୍ତି ପ୍ରଦାନ କରୁଛି। ଏଠାରେ କମ୍ ଗରମ ଅନୁଭୂତ ହେଉଥିବା ମହାକାଶ ବିଜ୍ଞାନୀ କହିଛନ୍ତି। ଏଠାରେ ବାସ ଉପଯୋଗୀ ଟିଓଆଇ-୭୦୦-ବି ଏବଂ ଟିଓଆଇ-୭୦୦-ସି ଗ୍ରହ ମଧ୍ୟ ରହିଥିବା ଜଣାପଡ଼ିଛି।

# ଚାରିଦିନିଆ ଟେଷ୍ଟ



ରୁଦ୍ର ପ୍ରସନ୍ନ ରଥ

ବିଶ୍ୱ କ୍ରିକେଟର ନିୟାମକ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ୨୦୨୩-୩୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପକୁ ୪ ଦିନିଆ କରିବା ପାଇଁ ଯୋଜନା କରୁଛି। ୨୦୧୭ରେ ଏହିପରି ଏକ ନିଷ୍ପତ୍ତିକୁ ଆଇସିସି ତରଫରୁ ଲାଗୁ କରାଯାଇଥିବା ବେଳେ ୨୦୨୩ରୁ ଏହାକୁ ବାଧ୍ୟତାମୂଳକ କରାଯିବାକୁ ଚେଷ୍ଟା କରାଯାଉଛି। ୨୦୧୯ରେ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ୪ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳି ସାରିଛନ୍ତି। ୨୦୧୭ରେ ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ମଧ୍ୟ ଚାରିଦିନିଆ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଯଦି ୨୦୨୩ରୁ ୨୦୩୧ ମଧ୍ୟରେ ସବୁ ଟେଷ୍ଟ ମ୍ୟାଚ୍‌କୁ ଆଇସିସି ୪ ଦିନିଆ କରେ ତେବେ ଏହା ଫଳରେ ଆଇସିସି ପାଖାପାଖି ୩୩୫ ଦିନ ବାହାର କରିପାରିବ ବୋଲି ବିଚାର କରୁଛି। ଯେଉଁ ସମୟରେ ଏହା ଏକ ଦିବସୀୟ ଏବଂ ଫ୍ରାଞ୍ଚାଇଜି ଲିଗ୍‌ମାନଙ୍କ ପାଇଁ ସମୟ ବାହାର କରିପାରିବ। ଏହାକୁ ବିଭିନ୍ନ ସ୍ତରରେ ସମର୍ଥନ ମଧ୍ୟ ମିଳିବା ଆରମ୍ଭ ହେଲାଣି। ବିଶ୍ୱ କ୍ରିକେଟ୍‌ର ପ୍ରମୁଖ ଦେଶ ଯଥା ଇଂଲଣ୍ଡ, ଅଷ୍ଟ୍ରେଲିଆ ଆଦି ଏହାକୁ ସମର୍ଥନ କରୁଥିବାରୁ ଏହି ବ୍ୟବସ୍ଥା ସହଜରେ ଲାଗୁ ହେବା ପରି ଲାଗୁଛି।

୨୦୧୮ ପରଠାରୁ ଫଳାଫଳ ମିଳିଥିବା ମ୍ୟାଚରୁ ୬୦ ପ୍ରତିଶତ ୪ ଦିନମଧ୍ୟରେ ଶେଷ ହୋଇଛି। ଭାରତରେ ଖେଳାଯାଉଥିବା ସଂଖ୍ୟାଧିକ ମ୍ୟାଚ୍ ତ ତିନିଦିନରେ ଶେଷ ହୋଇଥାଏ। ଏଣୁ ଆଇସିସି ମତରେ ଏଠି ପଞ୍ଚମ ଦିନର କୌଣସି ଆବଶ୍ୟକତା ନାହିଁ। ଏଣୁ ଚାରିଦିନିଆ ଟେଷ୍ଟ ମ୍ୟାଚ୍ କଲେ ସମୟ ବଞ୍ଚିବ। ଏକଦିବସୀୟ ଏବଂ ଟି ୨୦ରେ ବହୁ ଆୟ ହେଉଥିବାରୁ ଆଇସିସି ଟେଷ୍ଟ ଉପରୁ ଧ୍ୟାନ ହଟାଇ ଏହି ସମୟକୁ ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି୨୦କୁ ଦେଇ ବ୍ୟାପକ ଆୟ କରିବା ପାଇଁ ଚାହୁଁଛି। ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ତେବେ ଏହା କ୍ରିକେଟ ପାଇଁ ଅନେକ ବିପଦ ଆଣିବାକୁ ଯାଉଛି ବୋଲି କୁହା ଯାଇପାରିବ।

ଆଇସିସିର ବ୍ୟାପକ ରୋଜଗାର କରିବା ନିଶା ଯୋଗୁ ଟେଷ୍ଟ ଏବେ ରସାତଳଗାମୀ ହୋଇ ସାରିଛି। ଏହାକୁ ପୁନର୍ଜୀବିତ କରିବା ପାଇଁ ନୂଆ ନୂଆ କୌଶଳ ଯଥା ପିଙ୍କ ବଲ କ୍ରିକେଟ ବାହାର କରିଛି। ସେହିପରି ଆଗରୁ ସୋମବାରରେ ପ୍ରାୟ ଟେଷ୍ଟ ମ୍ୟାଚ ଆରମ୍ଭ ହେଉଥିଲା ବେଳେ ଏବେ ଗୁରୁବାରରୁ ମ୍ୟାଚ ଆରମ୍ଭ କରାଯାଉଛି। ଯାହା ଫଳରେ ଫଳାଫଳ ମିଳୁଥିବା ୩ୟ କିମ୍ବା ୪ର୍ଥ ଦିନଗୁଡିକ ଶନିବାର କିମ୍ବା ରବିବାର ପଡିବ। ଏପରି କଲେ ଏହି ଦୁଇ ଦିନ ବେଶି ଲୋକ ମ୍ୟାଚ୍ ଦେଖିବାକୁ ଆସିପାରିବେ। ଗୋଟିଏ ପଟେ ଟେଷ୍ଟ ମ୍ୟାଚ୍‌କୁ ଲୋକପ୍ରିୟ କରିବାକୁ ଏପରି ପଦକ୍ଷେପ ନେବାକୁ ଆଇସିସି ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ୪ଦିନିଆ ଟେଷ୍ଟ ମ୍ୟାଚ୍ ଆୟୋଜନ କରି ଆଇସିସି ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ଆଗ ପଛ ହେଉଛି।

> ଆଇସିସି ଟେଷ୍ଟ ଉପରୁ ଧ୍ୟାନ ହଟାଇ ଏହି ସମୟକୁ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦କୁ ଦେଇ ବ୍ୟାପକ ଆୟ କରିବା ପାଇଁ ଚାହୁଁଛି। ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ତେବେ ଏହା କ୍ରିକେଟ ପାଇଁ ଅନେକ ବିପଦ ଆଣିବାକୁ ଯାଉଛି ବୋଲି କୁହା ଯାଇପାରିବ।

୪ଦିନିଆ ଟେଷ୍ଟ ହେଲେ ଏକାଧିକ ମ୍ୟାଚ୍ ଡ୍ରରେ ପରିଣତ ହେବ। ଭଲ ଉଇକେଟ୍‌ରେ ଅନେକ ମ୍ୟାଚ୍ ଶେଷ ଦିନ ଶେଷ ଓଭରଯାଏ ଗଡିଛି ବୋଲି ଇତିହାସ ସାକ୍ଷୀ। ଉଦାହରଣ ସ୍ୱରୂପ ୧୯୮୫-୮୬ରେ ହୋଇଥିବା ଭାରତ ବନାମ ଅଷ୍ଟ୍ରେଲିଆ ଟାଇ ଟେଷ୍ଟ ମ୍ୟାଚ୍ ମଧ୍ୟ ପଞ୍ଚମ ଦିନର ଶେଷ ଓଭରରେ ହିଁ ଟାଇ ହୋଇଥିଲା । ୨୦୧୧ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୱାଙ୍ଖଡେରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମଧ୍ୟ ପଞ୍ଚମ ଦିନର ଶେଷ ଓଭରର ଶେଷ ବଲରେ ଟାଇ ହୋଇଥିଲା। ଏ ଦୁଇଟି କେବଳ ଉଦାହରଣ ମାତ୍ର। ପ୍ରକୃତରେ ଦେଖିବାକୁ ଗଲେ ଏମିତି ଅନେକ ମ୍ୟାଚ୍ ଅଛି ଯେଉଁଠି ଟେଷ୍ଟ ମ୍ୟାଚ୍‌ର ରୋମାଞ୍ଚ ଶେଷ ଅଧିବେଶନ ଏପରିକି ଶେଷ ଓଭରଯାଏ ବଲବଓର ଅଛି। ଯଦି ୫ ଦିନିଆ ଟେଷ୍ଟକୁ ଚାରିଦିନିଆରେ ପରିବର୍ତ୍ତନ କରାଯିବ ତେବେ ଏ ରୋମାଞ୍ଚକର ମ୍ୟାଚ୍ ଆସିବ କେଉଁଠୁ ?

ଆଇସିସି କ୍ରିକେଟର ବିକାଶ କଥା କହୁଥିଲେ ମଧ୍ୟ ମହିଳା ଏବଂ ଦୃଷ୍ଟିହୀନ କ୍ରିକେଟର ବିକାଶ ପାଇଁ ଯାହା କରିବା କଥା ତାହା ଏଯାଏ କରିପାରିନାହିଁ, ବରଂ ଏହି ଖେଳକୁ ଭଲପାଉଥିବା ଲକ୍ଷାଧିକ ମହିଳା ଏବଂ ଦୃଷ୍ଟିହୀନମାନେ କ୍ରୀଡ଼ା ପ୍ରତି ନିଜର ଭଲପାଇବାକୁ ବଜାୟ ରଖିବାପାଇଁ ଏବେ ବି ସଂଗ୍ରାମରତ। ବିନା ପ୍ରାୟୋଜକ ଏବଂ ବିନା କିଟ୍‌ରେ ଏମାନେ ନିଜପାଇଁ ପରିଚିତି ଗୋଟାଇବାକୁ ସଂଗ୍ରାମ କରୁଛନ୍ତି। ଏଥିପାଇଁ ଆଇସିସି ଚେଷ୍ଟା ନ କରି ଫ୍ରାଞ୍ଚାଇଜଭିତ୍ତିକ ଲିଗ ଖେଳିବା ପାଇଁ ସମୟ କାଢିବା ଦୁର୍ଭାଗ୍ୟଜନକ ନୁହେଁ କି ?

ଟେଷ୍ଟ ମ୍ୟାଚ ଲୋକପ୍ରିୟତା ହରାଇବାର ଯେଉଁ ଦୁଇଟି କାରଣ ଅଛି ତା ମଧ୍ୟରୁ ପ୍ରଥମଟି ହେଲା ଏକପାଖିଆ ପିଚ୍ ପ୍ରସ୍ତୁତି। ସାଧାରଣ ଗୋଟିଏ ଭଲ ପିଚ୍ ପ୍ରଥମ ଦିନ ପେସ ବୋଲର ତା' ପରବର୍ତ୍ତୀ ଦୁଇ ଦିନ ବ୍ୟାଟ୍ସମ୍ୟାନ ଏବଂ ଶେଷ ଦୁଇଦିନ ସ୍ପିନରଙ୍କୁ ସୁହାଇବାକଥା। ଏପରି କଲେ ସମସ୍ତଙ୍କୁ ପ୍ରଦର୍ଶନ ଦେବାକୁ ସୁବିଧା ହେବ। ମାତ୍ର ଏପରି ନ କରି ଘରୋଇ ଦଳକୁ ସୁହାଇଲା ପରି ପିଚ୍ ତିଆରି ହେଉଛି। ଘରୋଇ ଦଳ ନିଶ୍ଚିତ ଜିତିବା ଦରକାର ବୋଲି ବିଚାର କରି କେବଳ ପେସ୍‌ବୋଲର କିମ୍ବା କେବଳ ସ୍ପିନରଙ୍କୁ ସୁହାଇଲା ପରି ଉଇକେଟ ତିଆରି କରାଯାଉଛି, ଯାହା ଫଳରେ ମ୍ୟାଚ୍ ତିନିଦିନରେ ଶେଷ ହୋଇଯାଉଛି। ଦ୍ୱିତୀୟ କାରଣଟି ହେଲା କ୍ରିକେଟରେ ନିୟମ ସବୁ ଧୀରେ ଧୀରେ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଲା ପରି ହେଉଛି। ପୂର୍ବରୁ ଯେପରି ବାଉନ୍ସର କିମ୍ବା ସୁଇଂ ବୋଲିଂ ପାଇଁ ଟେଷ୍ଟମ୍ୟାଚ୍ ସବୁ ମନେରହୁଥିଲା ଏବେ କେବଳ ବ୍ୟାଟ୍ସମ୍ୟାନ କିମ୍ବା ତାଙ୍କ ପ୍ରଦର୍ଶନ ପାଇଁ ମନେରହୁଛି। ଯେତେବେଳେ କ୍ରିକେଟର କୌଣସି ଫର୍ମାଟରେ ବ୍ୟାଟ୍ସମ୍ୟାନ କିମ୍ବା ବୋଲର ଜଣଙ୍କର ଆଧିପତ୍ୟକୁ ପ୍ରୋତ୍ସାହିତ କରାଯାଏ ସେତେବେଳେ ଫର୍ମାଟ ହିଁ ବିନାଶ ଘଟେ ଏହାକୁ ଆଇସିସିର ବୁଝିବା ଉଚିତ। ଅବସନ୍ନ ଶରୀର ସହ ୫ମ ଦିନ ପଡିଆକୁ ଓହ୍ଲାଇବା, ଖରାପ ହୋଇଯାଇଥିବା ପିଚ୍ ଉପରେ ବ୍ୟାଟ୍ସମ୍ୟାନ ସଂଘର୍ଷ କରିବା, ନିଜର କଳା କୌଶଳ ଲଗାଇ ୪ର୍ଥ ଦିନରେ ନଟ ଆଉଟ ଥିବା ଶେଷ ନାମକରା ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ପାଇଁ ବୋଲରମାନେ ଯୋଜନା କରିବା ହେଉଛି ସେହି କ୍ରିକେଟର ଅଂଶବିଶେଷ, ଯାହା ଟେଷ୍ଟ କ୍ରିକେଟକୁ କ୍ଲାସିକାଲ କରିଥାଏ। ଯଦି ଚାରିଦିନିଆ ଟେଷ୍ଟ କ୍ରିକେଟ ହୁଏ ତେବେ କ୍ରିକେଟ ତ ରହିବ ହେଲେ ସେଥିରେ କ୍ଲାସିକ୍ ଆଉ ଟେଷ୍ଟ ନ ଥିବ।

କ୍ରିକେଟରେ ପରୀକ୍ଷା ନିରୀକ୍ଷାକୁ ସବୁବେଳେ ସମସ୍ତେ ଭଲ ପାଇ ଆସିଛନ୍ତି, ମାତ୍ର ଏହା କ୍ରିକେଟର କେତେ ଲାଭ କିମ୍ବା କ୍ଷତି କରୁଛି ତାହା କେହି ଆକଳନ କରି ଦେଖିବାକୁ ଚେଷ୍ଟା କରିନାହାନ୍ତି। ପରିବର୍ତ୍ତନ କ୍ରିକେଟର ଭଲ ପାଇଁ ଆଳରେ ଧୀରେଧୀରେ କ୍ରିକେଟ ସାଧାରଣ ଲୋକର ପରିଧି ବାହାରକୁ ଚାଲିଯାଉଛି।





> କ୍ୟାଚ୍ ନେବାରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ରେକର୍ଡ କରିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟର ସେ ଗୋଟିଏ ଇନିଂସରେ ୫ଟି କ୍ୟାଚ୍ ନେଇ ଇଂଲଣ୍ଡ ପାଇଁ ରେକର୍ଡ କରିବା ସହ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି...

# କ୍ୟାଚ୍ ରେକର୍ଡ

କ୍ରିକେଟରେ ବୋଲିଂ ଓ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଖେଳାଳିମାନେ ରେକର୍ଡ କରିଥାନ୍ତି। ଠିକ୍ ସେହିପରି କ୍ୟାଚ୍ ନେବାରେ ମଧ ଅନୁରୂପ ଭାବେ ରେକର୍ଡ ସୃଷ୍ଟି ହୋଇଥାଏ। ନିକଟରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ କ୍ୟାଚ୍ ନେବାରେ ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିବସରେ ପ୍ରଥମ ଇନିଂସରେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଅନଚିଚ ନୋର୍ଜଙ୍କ କ୍ୟାଚ୍ ନେଇ ଗୋଟିଏ ଇନିଂସରେ ସର୍ବାଧିକ ୫ଟି କ୍ୟାଚ୍ ଧରିଛନ୍ତି। ଟେଷ୍ଟରେ ଗୋଟିଏ ଇନିଂସରେ ସେ ସର୍ବାଧିକ ୫ଟି କ୍ୟାଚ୍ ଧରିବାରେ ବିଶ୍ୱ ଟେଷ୍ଟ ରେକର୍ଡର ମଧ ସମକକ୍ଷ ହୋଇଛନ୍ତି।

ଇଂଲଣ୍ଡ ଖେଳିଥିବା ଗତ ୧୦୧୯ ଟେଷ୍ଟ ମ୍ୟାଚ୍‌ରେ ୨୩ଥର କୌଣସି ଖେଳାଳି ଗୋଟିଏ ଇନିଂସରେ ୪ଟି କ୍ୟାଚ୍ ନେବାର ରେକର୍ଡ ରହିଛି। ଗତବର୍ଷ ଲର୍ଡ୍ସରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଟେଷ୍ଟର ଗୋଟିଏ ଇନିଂସରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ ୪ଟି କ୍ୟାଚ୍ ନେଇଥିଲେ।

ପୂର୍ବରୁ ଗୋଟିଏ ଇନିଂସରେ ୧୧ଥର ବିଶ୍ୱର ବିଭିନ୍ନ ଖେଳାଳି ୫ଟି କ୍ୟାଚ୍ ଧରିବାର ରେକର୍ଡ ରହିଛି। ଶେଷଥର ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୨୦୧୭/୧୮ରେ ନ୍ୟୁଲାଣ୍ଡ୍ସରେ ଗୋଟିଏ ଇନିଂସରେ ୫ ଉଇକେଟ ହାସଲ କରିଥିଲେ।

ଜଣେ ପ୍ରତିଭା ସମ୍ପନ୍ନ ଅଲରାଉଣ୍ଡର ଭାବେ ଷ୍ଟୋକ୍ସ ୩ଟି ଯାକ ଫର୍ମାଟ୍‌ରେ ନିଜର ଦମ୍ ଦେଖାଇଛନ୍ତି। ଗତ ଦିନିକିଆର ବିଶ୍ୱକପ୍‌ରେ ମଧ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ଇଂଲଣ୍ଡକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଷ୍ଟୋକ୍ସ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୬୧ଟି ଟେଷ୍ଟ, ୯୫ଟି ଦିନିକିଆ ଓ ୨୩ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ମଧ ୩୪ଟି ଆଇପିଏଲ୍ ମ୍ୟାଚ୍ ଖେଳି ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି।



## କୀର୍ତ୍ତି

ସର୍ବିୟା ହିରୋଇନ ଷ୍ଟାନକୋଭିକର
ପାଣ୍ଡ୍ୟା ହବ ପ୍ରାଣନାଥ
ନୂଆ ଫଟାକା ସହ ନୂଆ ବର୍ଷ ଆରମ୍ଭ
ନତାଶା ଫଟାକା ମିତ
ଏ ସ୍ୱାମୀ ପାଣ୍ଡ୍ୟାର ମତ
ଡେଟିଂରୁ ଲଭ୍, ଲଭ୍‌ରୁ ଆରେଞ୍ଜ୍
ବାହାଘର ହବ ସତ।୧।

ଲେଡି ବଡି ବିଲ୍ଡିଂ ବାଂଲାଦେଶରେ
ରହମାନ ଚାମ୍ପିୟନ
ଦେଶରେ ପ୍ରଥମଥର ଅନୁଷ୍ଠିତ
ମ୍ୟାଚ୍ ପାଇଁ ଦେଶ ଧନ୍ୟ
ସଂସ୍କାରକୁ ଦେଇ ଧ୍ୟାନ
ଲମ୍ବା କ୍ରପ୍ ଟପ୍ସ ଲେଗିନ୍ସ ବାଛିଲୁ
(କହେ ) ନଜରୁଲ ଇସଲାମ।୨।



ନୂଆବର୍ଷ ଦି ହଜାର କୋଡିଏର
କ୍ୟାଲେଣ୍ଡର ଝଲମଲ
ଟୋକିଓ ଅଲିମ୍ପିକ୍ସ, ଗ୍ରାଣ୍ଡସ୍ଲାମ ଟେନିସ,
ୟୁରୋକପ୍ ଫୁଟବଲ
କିଏ ହେବ ମାଲାମାଲ
ନିଜ ସହ ଦେଶ କୀର୍ତ୍ତି ଅରଜିଲେ
ମନେରହିବ ଏ ସାଲ ।୩।

-ସୁବାସ ଚନ୍ଦ୍ର ପ୍ରଧାନ

# ଆଇପିଏଲ୍ ୧୩



ନିର୍ମଳ କୁମାର ମିଶ୍ର

୨୦୦୮ ରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମୟିର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମାନସ ପ୍ରସୁତ ରୂପେ ଜଣାଇଥିବା କ୍ରିକେଟର ଏହି ସଂକ୍ଷିପ୍ତ ଫର୍ମାଟ ଆଗରେ ବିଶ୍ୱର ଅନ୍ୟ ସମସ୍ତ ଟି୨୦ ପ୍ରତିଯୋଗିତା ଫିକା ପଡିଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ୧୨ତମ ସଂସ୍କରଣରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିବା ବେଳେ ଚଳିତ ସଂସ୍କରଣ ପାଇଁ ଫ୍ରାଞ୍ଚାଇଜ୍ ମାନଙ୍କ ଦ୍ୱାରା ଖେଳାଳି ନିଲାମ ପ୍ରକ୍ରିୟା ଏଥି ମଧ୍ୟରେ ଶେଷ ହୋଇଛି। ଏହି ପ୍ରଫେଶନାଲ ଟି୨୦ ଲିଗ୍ ପାଇଁ ଭାରତ ପ୍ରମୁଖ ୮ଟି ସହରର ଶ୍ରେଷ୍ଠ ଦଳ ଗୁଡିକ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଦଳଗୁଡିକ ମଧ୍ୟରେ ରହିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, କୋଲକତା ନାଇଟ ରାଇଡର୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ, ଦିଲ୍ଲୀ କ୍ୟାପିଟାଲ୍ସ, ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ। ଲିଗ୍‌ର ମ୍ୟାଚ୍‌ଗୁଡିକ ଏମ୍ ଚିନାସ୍ୱାମୀ ଷ୍ଟାଡିୟମ (ବେଙ୍ଗାଲୁରୁ) ଫିରୋଜ ଶାହା କୋଟଲା (ଦିଲ୍ଲୀ), ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ୍ (ହାଇଦ୍ରାବାଦ), ହୋଲକାର କ୍ରିକେଟ ଷ୍ଟାଡିୟମ୍ (ଇନ୍ଦୋର), ସୱାଇ ମାନସିଂ ଷ୍ଟାଡିୟମ (ଜୟପୁର), ଇଡେନ୍ ଗାର୍ଡେନ କୋଲକତା। ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ (ମୋହାଲି) ୱାଙ୍ଖଡେ ଷ୍ଟାଡିୟମ (ମୁମ୍ବାଇ), ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ୍ ଷ୍ଟାଡିୟମ୍ (ପୁଣେ), ଏସ୍.ଏ ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ)ରେ ଖେଳାଯିବ। ଆଗାମୀ ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ମେ ମାସ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଟି୨୦ ପ୍ରତିଯୋଗିତା ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପଦ୍ଧତିରେ ଖେଳାଯିବ। ଏଥିରେ ମୋଟ ୬୨ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ପ୍ରତ୍ୟେକ ଦଳ ପରସ୍ପର ସହିତ ଗ୍ରୁପ ପର୍ଯ୍ୟାୟରେ ୨ଥର ଖେଳିବାକୁ ଥିବା ବେଳେ ମୋଟ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଦଳଗୁଡିକ ୭ଟି ମ୍ୟାଚ ନିଜର ହୋମ ଭେନ୍ୟୁରେ ଖେଳିବା ସହିତ ବାକି ୭ଟି ମ୍ୟାଚ ଅନ୍ୟ ବା ଆୱେ ଭେନ୍ୟୁରେ ଖେଳିବେ।

| ଇଣ୍ଡିଆନ ପ୍ରିମିୟର ଲିଗ୍ |
|---|
| ସଂସ୍କରଣ- ୧୩ |
| ଫର୍ମାଟ- ଟି୨୦ |
| ଦଳ ସଂଖ୍ୟା- ୮ |
| ମ୍ୟାଚ୍ ସଂଖ୍ୟା- ୬୦ |
| ଟୁର୍ନାମେଣ୍ଟ ଫର୍ମାଟ- ରାଉଣ୍ଡ ରବିନ ଓ ନକ୍ ଆଉଟ |
| ଗତଥରର ଚାମ୍ପିୟନ- ମୁମ୍ବାଇ ଇଣ୍ଡିଆନ୍ସ |
| ସଫଳତମ ଦଳ- ମୁମ୍ବାଇ ଇଣ୍ଡିଆନ୍ସ (୪ ଥର ବିଜେତା) |

ଆଇପିଏଲ୍‌ର ଏହି ତ୍ରୟୋଦଶ ସଂସ୍କରଣ ପାଇଁ ୯୭୧ ଜଣ ଖେଳାଳିଙ୍କ ପଞ୍ଜୀକରଣ ହୋଇଥିବା ବେଳେ ୩୩୨ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସେଥି ମଧ୍ୟରୁ ୧୮୬ ଜଣ ଭାରତୀୟ ଖେଳାଳି ରହିଥିବା ବେଳେ ୧୪୬ ଜଣ ବିଦେଶୀ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ୨୯ଜଣ ବିଦେଶୀ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ ମାନଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିଯୋଗିତାର ନିୟମ ଅନୁଯାୟୀ ଭାଗନେଇଥିବା ପ୍ରତ୍ୟେକ ଟିମ୍ ନିଜ ଦଳର ୧୮ ରୁ ୨୫ ଜଣ ଖେଳାଳି ରଖିପାରିବେ। ଗୋଟିଏ ଟିମ୍ ସର୍ବାଧିକ ୮ଜଣ ବିଦେଶୀ ଖେଳାଳିଙ୍କୁ ନିଜ ଦଳରେ ରଖିପାରିବେ ଏବଂ ନିଜର ପ୍ରତ୍ୟେକ ମ୍ୟାଚରେ ୪ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଇ ପାରିବେ।

କୋଲକାତାରେ ଅନୁଷ୍ଠିତ ହୋଇଥିବା ଏହି ନିଲାମ ପ୍ରକ୍ରିୟା ଆଇପିଏଲ ଇତିହାସରେ ସବୁଠାରୁ କମ୍ ସମୟ ମଧ୍ୟରେ ସରିଥିବା ବେଳେ ଏହି ପ୍ରକ୍ରିୟାରେ ସମସ୍ତ ଫ୍ରାଞ୍ଚାଇଜ ମାନଙ୍କ ମଧ୍ୟରେ ଭାରତୀୟ ଯୁବ ଖେଳାଳିମାନଙ୍କ ଉପରେ ନଜର ରହିଥିଲା। ନିଲାମ ପ୍ରକ୍ରିୟାରେ ୬୨ ଜଣ ଖେଳାଳି ମୋଟ ୧୪୦.୩୦ କୋଟିରେ ବିଭିନ୍ନ ଫ୍ରାଞ୍ଚାଇଜ୍‌ମାନେ କ୍ରୟ କରିଥିଲେ। ଏହି ପ୍ରକ୍ରିୟାରେ ଅଷ୍ଟ୍ରେଲିଆର ପେସ୍ ବୋଲର ପ୍ୟାଟ୍ କୁମିନ୍ସଙ୍କୁ ୧୫.୫ କୋଟି ଟଙ୍କାରେ କୋଲକାତା ନାଇଟ ରାଇଡର୍ସ କିଣି ଇତିହାସ ସୃଷ୍ଟି କରିଥିଲା। ଆଇପିଏଲ ଇତିହାସରେ ସେ ଏପର୍ଯ୍ୟନ୍ତ ସବୁଠାରୁ ଦାମୀ ଖେଳାଳିର ମାନ୍ୟତା ପାଇଛନ୍ତି। ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଚେନ୍ନାଇ ସୁପର କିଙ୍ଗ୍ସ ସ୍ପିନର ପୀୟୁସ ଚାୱ୍ଲା ସର୍ବାଧିକ ୬.୫ କୋଟିରେ କ୍ରୟ କରିଛି।

ଆଇପିଏଲ ର ଏହି ତ୍ରୟୋଦଶ ସଂସ୍କରଣରେ ସବୁଠାରୁ ୫ଜଣ ଦାମୀ ଖେଳାଳି ହେଲେ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ ୧୫.୫ କୋଟି (କୋଲକତା ନାଇଟ ରାଇଡର୍ସ), ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ୧୦.୭୫ କୋଟି (କିଙ୍ଗ୍ସ ଇଲେଭେନ ପଞ୍ଜାବ), ସାଉଥ ଆଫ୍ରିକାର କ୍ରିସ୍ ମୋରିସ ୧୦କୋଟି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର), ୱେଷ୍ଟଇଣ୍ଡିଜର ସେଲଡ୍ରନ କଟ୍ରେଲ ୮.୫କୋଟି (କିଙ୍ଗ୍ସ ଏକାଦଶ ପଞ୍ଜାବ) ଏବଂ ନାଥାନ୍ କୁଲ୍ଟର ନାଇଲ (ମୁମ୍ବାଇ ଇଣ୍ଡିଆନ୍ସ) ୮କୋଟି। ଏଥର ଫ୍ରାଞ୍ଚାଇଜମାନେ ସ୍ପିନରଙ୍କ ଅପେକ୍ଷା ପେସ୍ ବୋଲରମାନଙ୍କୁ ପ୍ରାଧାନ୍ୟ ଦେଇଥିବାର ଲକ୍ଷ୍ୟ କରାଯାଇଛି। ଅନେକ ତାରକା ଖେଳାଳି ଫ୍ରାଞ୍ଚାଇଜମାନଙ୍କ ପ୍ରତ୍ୟାଖିତ ହୋଇଥିବା କ୍ରିକେଟ ପ୍ରେମୀମାନଙ୍କୁ ବେଶ୍ ଚକିତ କରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଏଭିନ୍ ଲୁଇସ, ମାର୍ଟିନ ଗୁପ୍ଟିଲ, କଲିନ ଇନ୍‌ଗ୍ରାମ, ଚେତେଶ୍ୱର ପୂଜାରା, ଟିମ୍ ସୌଦି, ଆଡାମ ଜାମ୍ପା, ମୁସ୍ତାଫିଜୁର ରହେମନ୍, ମାର୍କ ଉଡ୍, ଲିଆମ ପ୍ଲଙ୍କେଟ, ବେନ୍ କଟିଂ, କାର୍ଲୋସ ବ୍ରାଥୱେଟ, କଲିନ ମୁନରୋ, କଲିନ ଗ୍ରାନ୍‌ଥୋମ, ୟୁସୁଫ ପଠାନ।

ଗତ ୧୨ତମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚମ୍ପିଅନ ହୋଇଥିଲା। ଚେନ୍ନାଇ ସୁପର କିଙ୍ଗସ୍ ୩ଥର ଚାମ୍ପିୟନ ହୋଇଛି। ବିରାଟ କୋହଲି ଆଇପିଏଲ ଇତିହାସରେ ସର୍ବାଧିକ ୫୪୧୨ରନ୍ ସଂଗ୍ରହ କରିଥିବା ବେଳେ ଶ୍ରୀଲଙ୍କା ପେସ ବୋଲର ଲସିଥ୍ ମାଲିଙ୍ଗା ସର୍ବାଧିକ ୧୭୦ ଟି ଉଇକେଟ୍ ନେଇ ଆଗରେ ରହିଛନ୍ତି। ଆଉ ଏକ ରୋମାଞ୍ଚକର ଆଇପିଏଲ ଦେଖିବାକୁ କ୍ରିକେଟ୍‌ପ୍ରେମୀ ଅପେକ୍ଷା କରି ରହିଛନ୍ତି।



> ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଏଥର ଆଗାମୀ ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇ ମେ ୨୪ ତାରିଖରେ ଶେଷ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହୋଇ ଆସୁଥିବା ଏହି ଟି୨୦ ଲିଗ୍‌ରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସମେତ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ମୋଟ୍ ୬୦ଟି ମ୍ୟାଚ୍ ଖେଳାଯିବ...

**ସଂକ୍ଷେପରେ**

## ଭାରତ ବିପକ୍ଷ ଟି୨୦ରେ ଖେଳିବେନି ଲଥାମ

ଅକ୍‌ଲାଣ୍ଡ, ୯।୧- ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଭାରତ ବିପକ୍ଷ ଆଗାମୀ ଟି୨୦ ସିରିଜ ଖେଳିପାରିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ର ୪ର୍ଥ ଦିବସରେ କ୍ୟାଚ୍ ଧରୁଥିବାବେଳେ ଲଥାମଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିଲା। ଏହାସତ୍ତ୍ୱେ ଭଙ୍ଗା ଆଙ୍ଗୁଠିରେ ବ୍ୟାଟିଂକରି ମାତ୍ର ୧ ରନ ସଂଗ୍ରହ କରିଥିଲେ। ତାଙ୍କୁ ୪ ସପ୍ତାହ ବିଶ୍ରାମ ନେବା ପାଇଁ କୁହାଯାଇଛି। ନ୍ୟୁଜିଲାଣ୍ଡ ମୁଖ୍ୟ ପ୍ରଶିକ୍ଷକ ଗ୍ୟାରୀ ଷ୍ଟେଡ୍ କହିଛନ୍ତି, ଲଥାମ ପାଖାପାଖି ୪ ସପ୍ତାହ ପର୍ଯ୍ୟନ୍ତ ବିଶ୍ରାମ ନେବେ। ଫଳରେ ସେ ଭାରତ ବିପକ୍ଷରେ ଘରୋଇ ଗ୍ରାଉଣ୍ଡରେ ଜାନୁୟାରୀ ୨୪ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିପାରିବେ ନାହିଁ। ଏପରିକି ଫେବୃୟାରୀ ୨୧ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳିବା ନେଇ ମଧ ସନ୍ଦେହ ରହିଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ୫ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବା କାର୍ଯ୍ୟସୂଚୀ ରହିଛି।

## ଲିଗ୍ କପ୍ ସେମିରେ ପିଏସ୍‌ଜି

ପ୍ୟାରିସ, ୯।୧- ମାଉରୋ ଇକାର୍ଡିଙ୍କ ହ୍ୟାଟ୍ରିକ ବଳରେ ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ଦଳ ଏଠାରେ ଚାଲିଥିବା ଫ୍ରେଞ୍ଚ ଲିଗ୍ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପିଏସ୍‌ଜି ୬-୧ ଗୋଲରେ ଫ୍ରେଞ୍ଚ ଆସୋସିଏଶନ ଫୁଟ୍‌ବଲ କ୍ଲବ ସେଣ୍ଟ ଏଟିନ୍ନେକୁ ପରାସ୍ତ କରିଛି। ଇକାର୍ଡି ମ୍ୟାଚ୍‌ର ୨ୟ ମିନିଟ୍‌ରେ ପ୍ରଥମ ଗୋଲସ୍କୋର କରିଥିଲେ। ଏହାପରେ ସେ ୪୯ତମ ଓ ୫୭ତମ ମିନିଟ୍‌ରେ ଆଉ ଦୁଇଟି ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ରାଜିଲ ତାରକା ନେମାର (୩୯ତମ) ଓ କିଲିଆନ୍ ଏମ୍‌ବାପ୍ପେ (୬୭ତମ) ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ୪୪ତମ ମିନିଟ୍‌ରେ ଜେସି ମୌଲିନ ଆତ୍ମଘାତୀ ଗୋଲ କରିଥିଲେ।

## ଅବୈଧ ବୋଲିଂ ଶୈଳୀ ଲାଗି ଗ୍ରୀନ୍ ବାସନ୍ଦ

ସିଡ୍‌ନୀ, ୯।୧ (ଏଏଫ୍‌ପି)- ଅଷ୍ଟ୍ରେଲୀୟ କ୍ରିକେଟର ତଥା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ସିଡ୍‌ନୀ ଥଣ୍ଡର୍ସ ପକ୍ଷରୁ ଖେଳୁଥିବା ଅଫ୍ ସ୍ପିନର କ୍ରିସ୍ ଗ୍ରୀନ ୩ ମାସ ଲାଗି ବୋଲିଂ କରିପାରିବେ ନାହିଁ। ଅବୈଧ ବୋଲିଂ ଶୈଳୀ ଲାଗି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ତାଙ୍କୁ ୩ ମାସ ପାଇଁ ବାସନ୍ଦ କରିଛି। ଜାନୁୟାରୀ ୨ରେ ମେଲବୋର୍ନ ଷ୍ଟାରସ୍ ଓ ସିଡ୍‌ନୀ ଥଣ୍ଡର୍ସ ମଧରେ ଅନୁଷ୍ଠିତ ବିବିଏଲ୍ ମ୍ୟାଚ୍ ବେଳେ ୨୬ ବର୍ଷୀୟ ଗ୍ରୀନଙ୍କ ବୋଲିଂ ଶୈଳୀକୁ ନେଇ ଆପତ୍ତି ଉଠିଥିଲା। ଏହାପରେ କ୍ରିକେଟ୍ ଅଷ୍ଟ୍ରେଲିଆର ପ୍ରୋଟୋକଲ୍ସ ଅନୁଯାୟୀ ଗ୍ରୀନ୍ ନ୍ୟାଶନାଲ କ୍ରିକେଟ୍ ସେଣ୍ଟରରେ ବୋଲିଂ ପରୀକ୍ଷା କରିଥିଲେ। ଏଥିରେ ତାଙ୍କ ବୋଲିଂ ଶୈଳୀ ଅବୈଧ ରହିଥିବା ଜଣାପଡ଼ିଛି। ବୋଲିଂ କରିବାରୁ ବଞ୍ଚିତ ହୋଇଥିଲେ ମଧ ସେ ସିଡ୍‌ନୀ ପାଇଁ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ଗତ ଆଇପିଏଲ୍ ନିଲାମୀରେ କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ୨୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ଯେହେତୁ ତାଙ୍କୁ କେବଳ ଅଷ୍ଟ୍ରେଲିଆ ପକ୍ଷରୁ ବୋଲିଂରୁ ବାସନ୍ଦ କରାଯାଇଛି, ସେ ଆଗାମୀ ଆଇପିଏଲ୍ ଖେଳିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ତାଙ୍କ ବୋଲିଂ ଉପରେ କଡ଼ା ନଜର ରହିବ।

“ ଉପମହାଦେଶରେ ନିଜ ସାମର୍ଥ୍ୟ ଉପରେ ସନ୍ଦେହ ଆସିଥାଏ, ହେଲେ ଆମେ ଭାରତ ବିପକ୍ଷ ସିରିଜରେ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ଅଛୁ।

–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଅଧିନାୟକ



“ ୨୦୧୯ ବର୍ଷ ମୋ ପାଇଁ କଠିନ ଥିଲା, କିନ୍ତୁ ୨୦୨୦ରେ ମୁଁ ପ୍ରତିଟି ଗେମ୍‌ରେ ନୂଆ ପ୍ରକାର ବୋଲିଂ କରି ବ୍ୟାଟ୍ସମ୍ୟାନଙ୍କୁ ଚକିତ କରିବି।

–କୁଲଦୀପ ଯାଦବ, ବାମହାତୀ ସ୍ପିନର



# ଚୂଡ଼ାନ୍ତ ଦଳ ଚୟନ ଦ୍ୱନ୍ଦ୍ୱରେ ଭାରତ





ଯଶପ୍ରୀତ ବୁମ୍‌ରାଙ୍କ ଅଭ୍ୟାସ ଉପରେ ଅଧିନାୟକ ବିରାଟ କୋହଲିଙ୍କ ତୀକ୍ଷ୍ଣ ନଜର। ନେଟ୍ସରେ ଲସିଥ ମାଲିଙ୍ଗା ଓ ସାଥୀ ଖେଳାଳିଙ୍କ ବୋଲିଂ।

ପୁଣେ,୯।୧(ପି.ଟି.)

ଭାରତ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧରେ ଶୁକ୍ରବାର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ସିରିଜର ନିର୍ଣ୍ଣାୟକ ମୁକାବିଲା ସାବ୍ୟସ୍ତ ହେବାକୁ ଯାଉଛି। ଗୁଆହାଟୀରେ ଖେଳାଯାଇଥିବା ପ୍ରଥମ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇଥିଲା। ଏହାପରେ ଇନ୍ଦୋରରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୧୫ ଟି ବଲ୍ ବାକିରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରି ୧–୦ରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ ମ୍ୟାଚ୍ ଜିତି ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଅନଭିଜ୍ଞ ଶ୍ରୀଲଙ୍କାର ପ୍ରଦର୍ଶନ ସେତେଟା ଆଶାନୁରୂପ ହୋଇପାରି ନାହିଁ। ଫଳରେ ମନୀଷ ପାଣ୍ଡେ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଅନ୍ତିମ ଏକାଦଶରେ ସାମିଲ କରିବା ନେଇ ଭାରତ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛି। ଗତ ତିନୋଟି ସିରିଜ ମଧରୁ ପାଣ୍ଡେ ଗୋଟିଏ ସିରିଜ ଖେଳୁଛନ୍ତି। ତେବେ ସାମସନ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିନାହାନ୍ତି। ନଭେମ୍ବରରେ ସେ ବାଂଲାଦେଶ ବିପକ୍ଷ ସିରିଜରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଗାମୀ ଅକ୍ଟୋବର–ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରୁଛି। ତେବେ ଏହି ଦୁଇ ଖେଳାଳିଙ୍କୁ ଏପର୍ଯ୍ୟନ୍ତ କୌଣସି ସୁଯୋଗ ମିଳିନାହିଁ।

ଅପରପକ୍ଷରେ କେତେକ ସିନିୟର ଦ୍ରୁତ ବୋଲରଙ୍କ ଅନୁପସ୍ଥିତିରେ ଶାର୍ଦ୍ଦୁଳ ଠାକୁର ଓ ନବଦୀପ ସଇନୀ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ମ୍ୟାଚ୍‌ରେ ଏହି ଦୁଇ ଖେଳାଳି ମିଳିତ ଭାବେ ୫ ଉଇକେଟ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ମଧ ଏକାଧିକ ସୁଯୋଗ ହାସଲ କରିଛନ୍ତି। ଇନ୍ଦୋରରେ ବିଜୟ ହାସଲ କରିବା ପରେ ଦଳ ପ୍ରଦର୍ଶନରେ ଉନ୍ନତି ନେଇ ଅଧିନାୟକ ବିରାଟ କୋହଲି ସନ୍ତୋଷ ପ୍ରକଟ କରିଥିଲେ। ପ୍ରାୟ ଖେଳାଳି ଭଲ ପ୍ରଦର୍ଶନ କରି ଦଳରେ ସ୍ଥାନ ପକ୍କା କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ମଧ ଟି୨୦ ବିଶ୍ୱକପ୍ ଖେଳିବାକୁ ଆଶା ରଖିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

ଏପର୍ଯ୍ୟନ୍ତ ସୁଯୋଗ ପାଇ ନ ଥିବା ସାମସନ ଓ ପାଣ୍ଡେ ତୃତୀୟ ଟି୨୦ ଖେଳିବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସିରିଜ ହାତେଇବା ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇପଡ଼ିଛି। ତେଣୁ ବିଜୟ ହାସଲ ପାଇଁ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରିବ। ଏପରିସ୍ଥଳେ ଅନ୍ତିମ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉପରେ ନଜର ରହିବ। ଅନ୍ୟତମ ଓପନର ଲୋକେଶ ରାହୁଲ ଟପ୍ ଫର୍ମରେ ଥିବାରୁ ବିଶ୍ୱକପ୍‌ରେ ସେ ରୋହିତ ଶର୍ମାଙ୍କ ଶ୍ରେଷ୍ଠ ପାର୍ଟନର ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ଫଳରେ ଧାୱନଙ୍କ ଉପରେ ଚାପ ରହିବା ସ୍ୱାଭାବିକ। ଗତ ମ୍ୟାଚ୍‌ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ ଶ୍ରେଷ୍ଠ ପ୍ରଦର୍ଶନ କରି ନାହାନ୍ତି। ତୃତୀୟ ମ୍ୟାଚ୍‌ରେ ସେ ଶତପ୍ରତିଶତ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ସ୍ଥାନ ବଜାୟ ରଖିବାକୁ ହେଲେ ଦୁବେଙ୍କ ମଧ ଭଲ ପ୍ରଦର୍ଶନ କରିବାକୁ ହେବ। ଗତ ମ୍ୟାଚ୍‌ରେ ଶାର୍ଦ୍ଦୁଳ ଡେଥ୍ ଓଭରରେ ଚମକ ଦେଖାଇଥିଲେ। ସେହିପରି ପେସ୍ ଓ ବାଉନ୍ସରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲେ।

ଅପରପକ୍ଷରେ ଶ୍ରୀଲଙ୍କା ଦଳରେ ଏକାଧିକ ବାମହାତୀ ବ୍ୟାଟ୍ସମ୍ୟାନ ରହିଥିବାରୁ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଅନ୍ୟତମ ସ୍ପିନର ୱାଶିଂଟନ ସୁନ୍ଦର ଦଳରେ ସ୍ଥାନ ବଜାୟ ରଖିବା ଆଶା କରାଯାଉଛି। ଫଳରେ ରବୀନ୍ଦ୍ର ଜାଡେଜା ଓ ଯୁଜବେନ୍ଦ୍ର ଚହଲ ବାହାରେ ବସିବା ନିଶ୍ଚିତ ମନେ ହେଉଛି। ଶ୍ରୀଲଙ୍କାକୁ ମଧ ବହୁତ କିଛି କରିବାକୁ ପଡିବ। ଭଲ ଆରମ୍ଭ କରିବା ପରେ ମଧ ବ୍ୟାଟ୍ସମ୍ୟାନ ଦଳକୁ ବଡ଼ ସ୍କୋର ଦେବାରେ ବିଫଳ ହୋଇଛନ୍ତି। ଅଲରାଉଣ୍ଡର ଇସୁରୁ ଉଡାନା ବାଦ୍ ପଡିଛନ୍ତି। ଅଭ୍ୟାସ ବେଳେ ଆହତ ହୋଇଥିବାରୁ ମୁଖ୍ୟ ବୋଲର ତଥା ଅଧିନାୟକ ଲସିଥ ମାଲିଙ୍ଗା ଇନ୍ଦୋରରେ ବୋଲିଂ କରି ନ ଥିଲେ। ଶ୍ରୀଲଙ୍କା ବ୍ୟାଟିଂରେ ସୁଧାର ଆଣିବା ଜରୁରୀ। ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆଞ୍ଜେଲୋ ମାଥ୍ୟୁସ ଏହି ମ୍ୟାଚ୍‌ରେ ଖେଳିବା ସମ୍ଭବନା ରହିଛି ବୋଲି କୋଚ୍ ମିକି ଆର୍ଥର ସୂଚନା ଦେଇଛନ୍ତି। ସିରିଜ ଡ୍ର ରଖିବା ପାଇଁ ଶ୍ରୀଲଙ୍କାକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ। ଏହା ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ହୋଇଥିବାରୁ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

### ତୃତୀୟ ଟି୨୦ ଆଜି

| ଭାରତୀୟ ଦଳ | ଶ୍ରୀଲଙ୍କା ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଶିବମ୍ ଦୁବେ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର, ମନୀଷ ପାଣ୍ଡେ, ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନ | ଲସିଥ ମାଲିଙ୍ଗା (ଅଧିନାୟକ), ଦନୁଷ୍କା ଗୁଣତିଲକ, ଧନଞ୍ଜୟ ଡି’ ସିଲଭା, ୱନିଣ୍ଡୁ ହାସରଙ୍ଗା, ନିରୋଶାନ ଡିକୱେଲା (ଉଇକେଟ୍ କିପର), ଓଶଡ଼ା ଫର୍ନାଣ୍ଡୋ, ଅଭିଷ୍କା ଫର୍ନାଣ୍ଡୋ, ଲାହିରୁ କୁମାରା, ଆଞ୍ଜେଲୋ ମାଥ୍ୟୁସ୍, କୁଶଲ ମେଣ୍ଡିସ୍, କୁଶଲ ପେରେରା, ଭାନୁକା ରାଜପାକ୍‌ସା, କାସୁନ ରଜିଥା, ଲକ୍ଷନ ସନ୍ଦକାନ, ଦସୁନ ଶନକା ଓ ଇସୁରୁ ଉଡାନା |

**ସମୟ : ସନ୍ଧ୍ୟା ୭ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଧୋନୀ ଦିନିକିଆରୁ ଅବସର ନେଇପାରନ୍ତି: ଶାସ୍ତ୍ରୀ

ନୂଆଦିଲ୍ଲୀ, ୯।୧

ଭାରତୀୟ କ୍ରିକେଟ୍ ଦଳର ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ କ୍ୟାରିୟରକୁ ନେଇ ନାନା ଆଲୋଚନା ଚାଲିଛି। ଗତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ଧୋନୀ ଶେଷଥର ପାଇଁ ଭାରତୀୟ ଜର୍ସିରେ ନଜରକୁ ଆସିଥିଲେ। ଏହାପରେ ସେ କ୍ରିକେଟରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଭାରତର ଏହି ପୂର୍ବତନ ସଫଳ ଅଧିନାୟକ ପୁଣିଥରେ କେବେ କ୍ରିକେଟ୍ ମଇଦାନକୁ ପ୍ରତ୍ୟାବର୍ତ୍ତନ କରିବେ ସେନେଇ କୌଣସି ଠିକ୍ ତଥ୍ୟ ନାହିଁ। କିନ୍ତୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଗୁରୁବାର ଧୋନୀଙ୍କ ଭବିଷ୍ୟତକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ନିକଟ ଭବିଷ୍ୟତରେ ଧୋନୀ ଦିନିକିଆରୁ ଅବସର ଘୋଷଣା କରିପାରନ୍ତି ବୋଲି ଶାସ୍ତ୍ରୀ ଏକ ସାକ୍ଷାତ୍‌କାର ଅବସରରେ ଏହିଭଳି କିଛି ସୂଚନା ଦେଇଛନ୍ତି। ‘ଧୋନୀଙ୍କ ସହିତ ମୋର ଆଲୋଚନା ହୋଇଛି। ଲମ୍ବା ସମୟ ଧରି କ୍ରିକେଟ୍ ଖେଳୁଛନ୍ତି। ପୂର୍ବରୁ ସେ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଖୁବ୍ ଶୀଘ୍ର ସେ ଦିନିକିଆ କ୍ରିକେଟ୍‌କୁ ଅଲ୍‌ବିଦା କହିପାରନ୍ତି। ମୋତେ ଲାଗୁଛି , ତାଙ୍କର ଏହି ବୟସରେ ଟି୨୦ ହେଉଛି ଏପରି ଏକ ଫର୍ମାଟ୍ ଯେଉଁଥିରେ ସେ ଖେଳ ଜାରି ରଖିପାରିବେ। ଏହାର ଅର୍ଥ ତାଙ୍କୁ ଏବେ ଖେଳ ଆରମ୍ଭ କରିବାକୁ ପଡ଼ିବ। ଯଦି ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ଏହି ଫର୍ମାଟ୍‌ରେ ସେ ଖେଳ ଜାରି ରଖିପାରିବେ’ ବୋଲି ଶାସ୍ତ୍ରୀ କହିଛନ୍ତି। ଶାସ୍ତ୍ରୀଙ୍କ ଏହି ମତରୁ ଧୋନୀ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳରେ ସାମିଲ ହେବାନେଇ ସମ୍ଭାବନା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଧୋନୀଙ୍କ ଅବସର ନେଇ ଚାରିଆଡୁ ଆଲୋଚନା ହେଉଥିଲେ ମଧ ସେ ନିଜେ ବର୍ତ୍ତମାନ ସୁଦ୍ଧା ଏ ବିଷୟରେ ବିଧିବଦ୍ଧ ଭାବେ କିଛି ଘୋଷଣା କରିନାହାନ୍ତି।

## ରାଜସ୍ଥାନ, ମଧ୍ୟପ୍ରଦେଶ ଚାମ୍ପିୟନ

**ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ଚାମ୍ପିୟନଶିପ ଉଦ୍‌ଯାପିତ**

କଟକ ଅଫିସ,୯।୧

ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୧ତମ ଜାତୀୟ ସବଜୁନିୟର ସଫ୍ଟବଲ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ରାଜସ୍ଥାନ ଦଳ ସର୍ବାଧିକ ୩ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛି। ଏହି ଇଭେଣ୍ଟରେ ଆନ୍ଧ୍ରପ୍ରଦେଶ ରନର୍ସଅପ ହୋଇଥିବା ବେଳେ ମହାରାଷ୍ଟ୍ର ଦଳ ୩ୟ ସ୍ଥାନରେ ରହିଛି। ପ୍ରତିଯୋଗିତାର ବାଳିକା ବର୍ଗରେ ୭ ପଏଣ୍ଟ ହାସଲ କରି ମଧ୍ୟପ୍ରଦେଶ ଚାମ୍ପିୟନ ହୋଇଛି। ୨ ପଏଣ୍ଟ ସହ ରାଜସ୍ଥାନ ରନର୍ସଅପ ହୋଇଥିବା ବେଳେ ତେଲେଙ୍ଗାନା ୩ୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଚନ୍ଦ୍ରସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଫ୍ଟବଲ ଆସୋସିଏଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏଲ.ଆର ମୌର୍ଯ୍ୟ, ସିଇଓ ପ୍ରବୀଣ ଅନୋକର, କୋଷାଧକ୍ଷ ଶ୍ରୀକାନ୍ତ ଥୋରାଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ବିଭୁଦତ୍ତ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାଳିକା ବିଭାଗ ଚାମ୍ପିୟନ ମଧ୍ୟପ୍ରଦେଶ ଦଳ ଅତିଥିଙ୍କ ଗହଣରେ।

## ୱାଇଏମସି କପ୍ ପୁଲ ବି’ ଲିଗ: ସମ୍ବଲପୁରକୁ ହରାଇଲା କଟକ

ନୂଆପଡା ଅଫିସ,୯।୧

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟର ପୁଲ ବି’ର ପ୍ରଥମ ଲିଗ ମ୍ୟାଚ ଗୁରୁବାର ସମ୍ବଲପୁର ଏବଂ ରାଇଜିଂ ଷ୍ଟାର କଟକ ମଧ୍ୟରେ ହୋଇଥିଲା। ବର୍ଷା ଯୋଗୁ ବିଳମ୍ବରେ ହୋଇଥିବା ମ୍ୟାଚ ୧୦ ଓଭର ଲେଖାଏଁ ହୋଇଥିଲା। ଟସ ଜିଣି କଟକ ଦଳ ପ୍ରଥମେ ଫିଲଡିଂ କରିଥିଲା। ସମ୍ବଲପୁର ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୭୦ରନ ସଂଗ୍ରହ କରିଥିଲା । ଜବାବରେ କଟକ ଦଳ ମାତ୍ର ୪ ଉଇକେଟ ହରାଇ ନିର୍ଦ୍ଧାରିତ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ନ୍ୟାଶନାଲ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଟକ ଦଳର ଜ୍ୟୋତିରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୁକ୍ରବାର ବିଲାସପୁର ଏବଂ ରାଇଜିଂଷ୍ଟାର କଟକ ଦଳ ମଧ୍ୟରେ ହୋଇଥିଲା।



ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

## ସେମିରେ ମୁଗୁରୁଜା

ସାଂଘାଇ, ୯।୧ (ଏଏଫ୍‌ପି)

ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସ୍ପାନିଶ ଟେନିସ ତାରକା ଗ୍ରାବିଏନ ମୁଗୁରୁଜା ଏଠାରେ ଚାଲିଥିବା ଶେନଝେନ ଓପନ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମୁଗୁରୁଜା ୬–୪, ୨–୬, ୬–୪ ସେଟ୍‌ରେ କାଜାଖସ୍ତାନର ଜରିନ ଡିୟାସଙ୍କୁ ପରାସ୍ତ କରିଛନ୍ତି। ଗତବର୍ଷ ମେକ୍ସିକୋ ମୋଣ୍ଟେରୀରେ ଟାଇଟଲ୍ ଜିତିବା ପରେ ୨୬ ବର୍ଷୀୟା ମୁଗୁରୁଜା ପ୍ରଥମଥର ଲାଗି କୌଣସି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ସପ୍ତାହରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍ ଆରମ୍ଭ ହେବାକୁ ଥିବାରୁ ଏହି ବିଜୟ ମୁଗୁରୁଜାଙ୍କ ମନୋବଳ ବୃଦ୍ଧି କରିଛି।

## କ୍ୱାର୍ଟରରେ ସିନ୍ଧୁ, ସାଇନା

**ମାଲେସିଆ ମାଷ୍ଟର୍ସ**

କୁଆଲାଲମ୍ପୁର, ୯।୧ (ପି.ଟି.)

ଅଲିମ୍ପିକ୍ସ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ରାଉଣ୍ଡ–୧୬’ର ଏକ ମୁକାବିଲାରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ ସିନ୍ଧୁ ୨୧–୧୦, ୨୧–୧୫ ସିଧାସଳଖ ଗେମ୍‌ରେ ଜାପାନର ଆୟା ଓହରିଙ୍କୁ ପରାସ୍ତ କରିଛନ୍ତି। ମାତ୍ର ୩୪ ମିନିଟ୍ ମଧରେ ସିନ୍ଧୁ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଷଷ୍ଠ ସିଡ୍ ସିନ୍ଧୁଙ୍କର ଏହା କ୍ରମାଗତ ୯ମ ବିଜୟ। କ୍ୱାର୍ଟର ଫାଇନାଲରେ ୨୪ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ତାଇ ଜୁ ୟିଙ୍ଗଙ୍କ ସହ ହେବ। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ସାଇନା ୨୫–୨୩, ୨୧–୧୨ ଗେମ୍‌ରେ ଦକ୍ଷିଣ କୋରିଆର ଆନ ସେ ୟଙ୍ଗଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସାଇନାଙ୍କୁ ୩୯ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସାଇନାଙ୍କ ମୁକାବିଲା ଅଲିମ୍ପିକ ଚାମ୍ପିୟନ କାରୋଲିନା ମାରିନଙ୍କ ସହ ହେବ। ଅପରପକ୍ଷରେ ଉଭୟ ଏଚ୍.ଏସ୍. ପ୍ରଣୟ ଓ ସମୀର ବର୍ମାଙ୍କ ପରାଜୟ ସହ ପୁରୁଷ ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ସମୀର ୧୯–୨୧, ୨୦–୨୨ ସିଧାସଳଖ ଗେମ୍‌ରେ ଲି ଜି ଜିଆଙ୍କଠାରୁ ହାରି ୨ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେହିଭଳି ପ୍ରଣୟ ୧୪–୨୧, ୧୬–୨୧ରେ ଟପ୍ ସିଡ୍ କେଣ୍ଟୋ ମୋମୋଟାଙ୍କ ନିକଟରୁ ପରାଜୟବରଣ କରିଛନ୍ତି।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍‌ଟାୟାର



# ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାଡ଼

- ତିକ୍ତ ଅନୁଭୂତି ନେଇ ଫେରିଲେ ଅଣଓଡ଼ିଆ ପରିବାର
- ସୁପ୍ରିମ୍‌କୋର୍ଟଙ୍କ ଆଦେଶ, ମନ୍ଦିର ପ୍ରଶାସନ ନିୟମକୁ ଉଲ୍ଲଂଘନ

**ପୁରୀ ଅଫିସ, ୯।୧:** ପୁଣି ବଦ୍‌ନାମ ହୋଇଛି ଶ୍ରୀମନ୍ଦିର। ମନରେ ଭକ୍ତି ଭାବ ନେଇ ଭଗବାନଙ୍କୁ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କୁ ମାଡ଼ ମରାଯାଇଛି। ତିକ୍ତ ଅନୁଭୂତି ସାଉଣ୍ଟି ଫେରିଛନ୍ତି ଅଣଓଡ଼ିଆ ପରିବାର। କାହାକୁ କିଛି ନ କହି କେବଳ ଅଭିଯୋଗ ପତ୍ରଟିଏ ଲେଖି ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ମହାପ୍ରଭୁଙ୍କ ଆଗରେ ଗୁଟ୍‌ଖା କାହିଁକି ଖାଉଛ ବୋଲି ପ୍ରଶ୍ନ କରିବାରୁ ସମ୍ପୃକ୍ତ ଭକ୍ତଙ୍କୁ ଧକ୍କା ମାରି ବାହାର କରାଯାଇଛି। ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବା ଲାଗି ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେବାୟତ ହୁଅନ୍ତୁ ଅବା କର୍ମଚାରୀ ସେମାନେ ଭକ୍ତଙ୍କୁ ଯେପରି ଦୁର୍ବ୍ୟବହାର ନ କରନ୍ତି ସେଥିଲାଗି ବି କଡ଼ା ନିର୍ଦ୍ଦେଶ ରହିଛି। ହେଲେ ସୁପ୍ରିମ୍‌କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଦିଲ୍ଲୀର ଏକ ପରିବାର (୬ ସଦସ୍ୟ) ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ଆସିଥିଲେ। ସେମାନେ ସପରିବାର ଦର୍ଶନ କରୁଥିଲେ। ଏହି ସମୟରେ ଜଣେ ସେବାୟତ ଗୁଟ୍‌ଖା ଖାଇ ତାଙ୍କ ସମ୍ମୁଖରେ ଖୋଳି ଉଡ଼ାଇଥିଲେ। ଏହା ଦେଖି ସମ୍ପୃକ୍ତ ପରିବାରର ଜଣେ ସଦସ୍ୟ ମନ୍ଦିର ଭିତରେ ଠାକୁରଙ୍କ ସମ୍ମୁଖରେ ଗୁଟ୍‌ଖା କାହିଁକି ଖାଉଚ ବୋଲି କହିଥିଲେ। ଏଥିରେ ସମ୍ପୃକ୍ତ ସେବକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଧକ୍କା ମାରି ବାହାରକୁ ବାହାରିଯିବାକୁ କହିଥିଲେ। ଫଳରେ ସମ୍ପୃକ୍ତ ପରିବାର ବାହାରକୁ ପଳାଇ ଆସିଥିଲେ। ମାଡ଼ ଖାଇଥିବା ବ୍ୟକ୍ତି ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ତାଙ୍କର ଏକ ଫ୍ୟାକ୍ଟ୍ରି ରହିଛି। ତାଙ୍କ ଫ୍ୟାକ୍ଟ୍ରିରେ ୩୦୦ କର୍ମଚାରୀ କାମ କରୁଥିବାବେଳେ ଫ୍ୟାକ୍ଟ୍ରି ଭିତରେ କେହି ପାନ, ଗୁଟ୍‌ଖା ଖାଇ ନ ଥାନ୍ତି। ମାତ୍ର ଶ୍ରୀମନ୍ଦିର ଭିତରେ ସେବାୟତ ଏବଂ ଅନ୍ୟ କର୍ମଚାରୀମାନେ କିଭଳି ପାନ, ଗୁଟ୍‌ଖା ଖାଉଛନ୍ତି ବୋଲି ସେ କହିଥିଲେ। ପରେ ସେମାନେ ଶ୍ରୀମନ୍ଦିର ପ୍ରଶାସକଙ୍କ କାର୍ଯ୍ୟାଳୟକୁ ଯାଇ ଓଆଇସି (ନୀତି) ରବୀନ୍ଦ୍ର ନାଥ ଦାସଙ୍କୁ ଅଭିଯୋଗପତ୍ର ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଓଆଇସି (ନୀତି)ଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ହୋଇଛି। ତାଙ୍କ ନାମ ସ୍ପଷ୍ଟ ଭାବେ ଜଣାପଡୁ ନାହିଁ। କିନ୍ତୁ ମାଡ଼ ନୁହେଁ, ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି। ମନ୍ଦିର ଭିତରେ କେହି ଗୁଟ୍‌ଖା ଖାଇ ତାଙ୍କ ଆଗରେ ଖୋଳ ଉଡ଼ାଇବାରୁ ଏହି ଘଟଣା ଘଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଶ୍ରୀମନ୍ଦିର ଭିତରକୁ ପାନ, ଗୁଟ୍‌ଖା ଖାଇ ଯିବା ଉପରେ କଟକଣା ରହିଛି। ଗତବର୍ଷ ଜୁଲାଇ ୨୯ ତାରିଖରେ ପରିଚାଳନା କମିଟି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା ଖାଇ ମନ୍ଦିର ଭିତରକୁ ପ୍ରବେଶ କରିବେ ନାହିଁ। ପ୍ରବେଶ ପଥରେ ମଧ୍ୟ ଯାଞ୍ଚ ହେବ। ଯଦି ପାନ, ଗୁଟ୍‌ଖା ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କରି ଧରାପଡ଼ିବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଗତ ଅଗଷ୍ଟ ୧ ତାରିଖରୁ ଏହି କଟକଣାକୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଫଳକ ମଧ୍ୟ ଲଗାଯାଇଛି। ଆରମ୍ଭରୁ ଯାଞ୍ଚ କଡ଼ାକଡ଼ି ହେଲା। କେତେଜଣଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଗଲା। ମାତ୍ର ଏବେ ଶ୍ରୀମନ୍ଦିର ପ୍ରଶାସନର ଏହି ନିୟମ ବାଟବଣା ହୋଇଛି। କେହି ଏହି ନିୟମକୁ ମାନୁ ନାହାନ୍ତି।

## ଖୁବ୍‌ଶୀଘ୍ର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫

# ଓଡ଼ିଶାରେ ସର୍ଭେ କରିବ ଆଇଆଇଏଚ୍‌ଏମ୍‌ଆର୍




ଖବରଦାତା ସମ୍ମିଳନୀରେ ଡା. ଏସ୍‌.ଡି. ଗୁପ୍ତା ଏବଂ ଡା. ପ୍ରଦୀପ ପଣ୍ଡା ସୂଚନା ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୯।୧(ବ୍ୟୁରୋ)** ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯-୨୦ ବର୍ଷ ପାଇଁ ହେବାକୁ ଯାଉଛି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍-୫)। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ ସାଇନ୍ସେସ୍ (ଆଇଆଇପିଏସ୍) ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ସର୍ଭେ ପାଇଁ ଓଡ଼ିଶାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମ୍ୟାନେଜ୍‌ମେଣ୍ଟ ରିସର୍ଚ୍ଚ (ଆଇଆଇଏଚ୍‌ଏମ୍‌ଆର୍) ଫିଲ୍ଡ-ୱାର୍କ କରିବ। ୨୦୧୫ରେ ଓଡ଼ିଶାରେ ଏହି ସର୍ଭେ ପରିଚାଳନା କରିଥିବା ଆଇଆଇଏଚ୍‌ଏମ୍‌ଆର୍ ଚଳିତବର୍ଷ ସମଗ୍ର ରାଜ୍ୟରେ ମୋଟ ୧୨୬୦ ପ୍ରାଇମେରି ସାମ୍ପଲିଂ ୟୁନିଟ୍ (ପିଏସ୍‌ୟୁ) ଚିହ୍ନଟ କରିଛି। ଏହା ମଧ୍ୟରେ ଉଭୟ ସହର ଓ ଗ୍ରାମାଞ୍ଚଳର ୨୭,୭୨୦ ପରିବାର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୧ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ଉପରେ ଏହି ସର୍ଭେ କରାଯିବ। ଏଥିରେ ୧୫ରୁ ୪୯ବର୍ଷ ବୟସ୍କା ମହିଳା ଏବଂ ୧୫ରୁ ୫୪ ବର୍ଷ ବୟସ୍କ ପୁରୁଷ ସର୍ଭେରେ ସାମିଲ ହେବେ। ଏନେଇ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇଏଚ୍‌ଏମ୍‌ଆର୍ ଟ୍ରଷ୍ଟି ସେକ୍ରେଟାରି ଡା. ଏସ୍‌.ଡି. ଗୁପ୍ତା ଏବଂ ଓଡ଼ିଶା ପାଇଁ ଏହି ସର୍ଭେର ସଂଯୋଜକ ଥିବା ଡା. ପ୍ରଦୀପ ପଣ୍ଡା ସୂଚନା ଦେଇଛନ୍ତି।

ଜନସଂଖ୍ୟା, ପରିବାର ନିୟୋଜନ, ମା' ଓ ଶିଶୁର ସ୍ୱାସ୍ଥ୍ୟ, ଶିଶୁ ଅସ୍ତିତ୍ୱ, ଏଚ୍‌ଆଇଭି/ଏଡ୍‌ସ, ଯୌନ ସଂଚାରିତ ସଂକ୍ରମଣ (ଏସ୍‌ଟିଆଇଏସ୍), ପ୍ରଜନନ ସ୍ୱାସ୍ଥ୍ୟ, ପୋଷଣ ଆଦି ପ୍ରସଙ୍ଗରେ ତଥ୍ୟ ସଂଗ୍ରହ ସହ ରାଜ୍ୟରେ ଦେଖାଦେଇଥିବା ନୂଆ ରୋଗ ସମ୍ପର୍କରେ ଏହି ସର୍ଭେ ଗୁରୁତ୍ୱାରୋପ କରିବ। ଏନେଇ ଓଡ଼ିଶାରେ ୩୫୦ରୁ ଊର୍ଦ୍ଧ୍ୱ ଅନୁସନ୍ଧାନକାରୀ ନିୟୋଜିତ ହେବାକୁଥିବାବେଳେ ଆଇଆଇଏଚ୍‌ଏମ୍‌ଆର୍ ପକ୍ଷରୁ ଭୁବନେଶ୍ୱରରେ ମାସିକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

# ଭିନିଲ କ୍ରିଷ୍ଣା ଅପହରଣରେ ସମ୍ପୃକ୍ତ ମାଓବାଦୀ ଦମ୍ପତି ଗିରଫ

**ମାଲକାନଗିରି,୯।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ପୂର୍ବତନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କ ଅପହରଣ ଘଟଣାରେ ସମ୍ପୃକ୍ତ ଥିବା ଜଣେ ମାଓବାଦୀ ଦମ୍ପତି ଗୁରୁବାର ସୀମାନ୍ତ ଆନ୍ଧ୍ରରୁ ଗିରଫ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଗୁଡେମ ଥାନା ଅଧୀନ ଆଦିରିବିଡି ଗାଁରୁ ସେମାନଙ୍କୁ ଗିରଫ କରିଛି ବିଶାଖାପାଟଣା ପୋଲିସ। ସେମାନେ ହେଲେ ମାଓବାଦୀ ନେତା ଦାମୋଦର ଓରଫ ବାମେଲ ନାରାୟଣ ସ୍ୱାମୀ ଓ ତାଙ୍କ ସ୍ତ୍ରୀ ଫୁଲମତି। ତାଙ୍କ ନାଁରେ ୨୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦାମୋଦର ବର୍ତ୍ତମାନ ଆନ୍ଧ୍ର ଓଡ଼ିଶା ସ୍ୱତନ୍ତ୍ର ଜୋନାଲ କମିଟିର ମୁଖିଆ ଅଛନ୍ତି। ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଲଞ୍ଚ ଆକ୍ରମଣରେ ୩୫ ଜଣ ବିଏସ୍‌ଏଫ୍ ଯବାନଙ୍କ ହତ୍ୟା, କାଲିମେଳା ତେଲରାଇ ଆକ୍ରମଣରେ ୧୧ଜଣ ପୋଲିସଙ୍କୁ ହତ୍ୟା ଭଳି ଅନେକ ଘଟଣାରେ ଦାମୋଦର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ହିଂସାରେ ଜଡ଼ିତ ଥିଲେ। ତେବେ ସେ ମ୍ୟାଲେରିଆରେ ପୀଡିତ ହୋଇ ଚିକିତ୍ସା ପାଇଁ ମେଡ଼ିକାଲ ଯାଉଥିବାବେଳେ ପୋଲିସ ମାଓବାଦୀ ଦମ୍ପତିଙ୍କୁ ଗିରଫ କରିଛି ବୋଲି ବିଶାଖାପାଟଣା ଏଏସ୍‌ପି ସତୀଶ କୁମାର କହିଛନ୍ତି।


## DISTRICT MINERAL FOUNDATION, JAJPUR

Ph.- 06728-222227, E-mail:dmf jajpur@gmail.com.
Website - www.jajpur.nic.in

Letter No.DMF/14/2020 Date: 08.01.2020

**WALK-IN INTERVIEW FOR SPECIALISTS / DOCTORS**

Candidatures are invited for walk-in interview for appointment of Super Specialists/ Specialists/ Doctors in District Headquarter Hospital, Jajpur and CHC & PHCs of Sukinda & Danagadi block out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in.**

**The date of walk-in-interview : 10.00 A.M., 21.01.2020**
**Venue: Collector's Conference Hall**

Sd./-
Collector & Managing Trustee
DMF, Jajpur



## SWAMI VIVEKANANDA NATIONAL INSTITUTE OF REHABILITATION TRAINING AND RESEARCH

Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment (Government of India)
Olatpur, PO : Bairoi, Dist : Cuttack, Odisha

Ref. No. : AD 6B 19/01/2020 Date : 06.01.2020

**RECRUITMENT NOTICE BY CONTRACT**

Applications are invited from the eligible candidates for the following posts as under.

| Sl. No. | Name of the Post | No. of Post | Age | Consolidated Salary per month |
|---|---|---|---|---|
| 1 | Physical Medicine & Rehabilitation (Consultant) | 01 | 45 | Rs.1,20,000/- |
| 2 | Senior Resident (Contractual) | 01 | 40 | Pay Matrix Level-II (Rs.67,700+NPA) |
| 3 | Junior Resident (Contractual) | 02 | 33 | Rs.50,000/- |
| 4. | Prosthetist & Orthotist (Consultant) | 02 | 40 | Rs.35,000/- |
| 5. | Psychologist (Consultant) | 01 | 35 | Rs.35,000/- |
| 6. | Speech Therapist (Consultant) | 01 | 35 | Rs.35,000/- |
| 7. | Special Educator (Mental Retardation / Intellectual disability) (Consultant) | 01 | 35 | Rs.20,000/- |
| 8 | Special Educator (VI) (Consultant) | 01 | 35 | Rs.20,000/- |
| 9. | Optometrist (Consultant) | 01 | 35 | Rs.20,000/- |
| 10. | Ear-Mould Technician (Consultant) | 01 | 35 | Rs.20,000/- |
| 11. | Office Assistant (Consultant) | 01 | 30 | Rs.20,000/- |

Last date for receipt of completed applications is 05.02.2020. Late received applications and applications received in other format will be summarily rejected. For all other details, terms and conditions, please log on to website www.svnirtar.nic.in

Sd./- Director



नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**OPEN TENDER NOTICE FOR INVITATION OF BIDS ( DOMESTIC COMPETITIVE BIDDING)**

**TENDER ID NO.: 2020_NALCO_532769_1 OF CENTRAL PUBLIC PROCUREMENT PORTAL (CPPP),** Digitally signed Online tenders through " Central Public Procurement Portal" are invited in two-part mode from Indian supplier for **supply of a CRAWLER MOUNTED BULL DOZER ( 300-360 HP) for Captive Power Plant (CPP) of National Aluminium Company Ltd. (NALCO) at Angul, Odisha.** The tender document can be downloaded from websites **www.nalcoindia.com** or **http://eprocure.gov.in/eprocure/app.** The last date & time for bid submission is **dt.31.01.2020, 12:00 PM.** For any addendum/ corrigendum, bidders are requested to visit these websites regularly.

**GM (Materials) I/c,CPP**


# ବିଶାଖାପାଟଣା ରେଳ ଷ୍ଟେଶନରେ ପ୍ରଥମ ବହୁମୁଖୀ ଡିଜିଟାଲ କିଓସ୍କ ଉଦ୍‌ଘାଟନ




ମାଗଣା ଭିଡ଼ିଓ କଲ୍ ସହ ପାଣିପାଗ ସୂଚନା

**ଭୁବନେଶ୍ୱର, ୯।୧(ବ୍ୟୁରୋ):** ପୂର୍ବତଟ ରେଳପଥ ଅଧୀନ ବିଶାଖାପାଟଣା ଷ୍ଟେଶନରେ ଭାରତୀୟ ରେଳପଥର ପ୍ରଥମ 'ହ୍ୟୁମାନ ଇଣ୍ଟରଆକ୍ଟିଭ୍ ଇଣ୍ଟରଫେସ୍ ସିଷ୍ଟମ୍ କିଓସ୍କ' ଲଗାଯାଇଛି। ଏହି କିଓସ୍କରୁ ଯାତ୍ରୀମାନେ ବହୁମୁଖୀ ସେବା ପାଇପାରିବେ। ମାଗଣା ଫୋନ୍ କଲ୍, ମାଗଣା ଭିଡ଼ିଓ କଲ୍, ଫାଷ୍ଟ ମୋବାଇଲ୍ ଚାର୍ଜ, ୧୦ ଇଞ୍ଚ ଇଣ୍ଟରଆକ୍ଟିଭ ଟଚ୍ ସ୍କ୍ରିନ୍, ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା, ୫୦ ଇଞ୍ଚ ବିଜ୍ଞାପନ ସ୍କ୍ରିନ୍, ଟ୍ରେନ୍ ସୂଚନା, ପାଣିପାଗ, ଅଭିଯୋଗ, ଗୁଗଲ୍ ମ୍ୟାପ୍ ଓ ଲୋକାଲ୍ ମ୍ୟାପ୍ ସେବା ଯାତ୍ରୀମାନେ ସଂପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି କିଓସ୍କଟି 'ନନ୍ ଫେୟାର ରେଭେନ୍ୟୁ ସିଷ୍ଟମ୍'ରେ ତିଆରି କରାଯାଇଛି। ମାଗଣାରେ ଯାତ୍ରୀଙ୍କୁ ସେବା ଯୋଗାଇବା ସହ ଡିଜିଟାଲ ବିଜ୍ଞାପନରୁ ରାଜସ୍ୱ ପାଇପାରିବ ରେଳପଥ। ଭୁବନେଶ୍ୱରସ୍ଥିତ ନେକ୍ସାଇଟ୍ ଇନ୍‌ଫୋଟେକ୍ ସର୍ଭିସ୍ ଏହି କିଓସ୍କ ତିଆରି କରିଛି। ଗୁରୁବାର ୱାଲଟିୟର ଡିଆର୍‌ଏମ ଚେତନ କୁମାର ଶ୍ରୀବାସ୍ତବ ଭାଇଜାଗ୍ ଷ୍ଟିଲ୍ ପ୍ଲାଣ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ କୁମାର ରଥ ଉଦ୍‌ଘାଟନ କରିଛନ୍ତି।


## SHORT QUOTATION CALL NOTICE

Sealed quotations are invited from the firms/agencies for tent and other allied works, providing Private Security Personnel, Printing works and documentation works for the Pallishree Mela : 2020 at Deogarh to be organized from 10.02.2020 to 14.02.2020.

The quotation papers along with specification and eligibility criteria of the works are available at ORMAS Office, DRDA Campus, Deogarh and the Deogarh Official Website **http//deogarh.nic.in** and **www.ormas.org**, till 17.01.2020 (3.00 P.M.). The quotations/ tenders will be opened on 17.01.2020 at 3.30 P.M.

The undersigned reserves the right to accept or reject any or all the quotations without assigning any reason thereof.

**Sd./- Project Director**



## ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ

**ନୋଟିସ ନଂ.୪୮** **ତାରିଖ: ୦୯।୦୧।୨୦୨୦**

**ପ୍ରାପ୍ତେଷୁ,**
**ଶ୍ରୀ ହେବ୍‌ଲେଟ୍ ବାର୍ଲା (SR. Rev Assistant)**
**ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ**
**ବର୍ତ୍ତମାନ ନି - ଡୁଙ୍ଗୁରିପଡ଼ା, ବଲାଙ୍ଗୀର**
**ପୋ- ରାଜେନ୍ଦ୍ର କଲେଜ, ବଲାଙ୍ଗୀର**
**ଜି- ବଲାଙ୍ଗୀର, (ଓଡ଼ିଶା)**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଦୀର୍ଘଦିନ ହେଲା ତହସିଲ କାର୍ଯ୍ୟାଳୟର ନିବାରତ ବିଭାଗ ଦାୟିତ୍ୱ ଥିବା ସମୟରେ ତହସିଲ କାର୍ଯ୍ୟାଳୟର ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରି ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ରହିଅଛ। ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନୋଟିସ୍ ବାହାରିବାର ସାତଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟକୁ ଆସି ଆତ୍ମସାତ୍ କରିଥିବା ଟଙ୍କା କାର୍ଯ୍ୟାଳୟରେ ଜମାକରି ଆପଣଙ୍କ କାର୍ଯ୍ୟରେ ଯୋଗଦାନ କରନ୍ତୁ। ନଚେତ୍ ଆଇନ୍ ଅନୁଯାୟୀ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ତହସିଲଦାର, ଖପ୍ରାଖୋଲ**



## DISTRICT PROJECT OFFICE SAMAGRA SHIKSHA, PURI (ODISHA SCHOOL EDUCATION PROGRAMME AUTHORITY) (OSEPA)

(DEPARTMENT OF SCHOOL & MASS EDUCATION, ODISHA)
Phone: 06752-229275, Fax: 06752-233095
E-mail: dpcpurissa.opepa@nic.in, prgpurissa.opepa@nic.in
Letter No.: 91 Date: 9.1.2020

**TENDER CALL NOTICE**

Sealed tenders are invited in the prescribed format from reputed offset printers having valid GST, TIN, PAN and DIC Registration Certificate for printing and supply of (a) Question-cum-Answer Sheets & (b) Report Card from Class-I to VIII for Govt. & Govt. Aided Primary, Upper Primary & High Schools of Puri District. The last date of receipt of tender is fixed on 28.01.2020 upto 2 P.M. and will be opened on 28.01.2020 at 3 P.M. before the Tender Committee in presence of the tenderers or their authorized representatives. The sealed tenders will be received through Speed Post/Registered Post and can be dropped in the sealed tender box kept at DPO, SS, Puri. The office will not be held responsible for any kind of postal delay. The tender shall include with all documents, processing fee and EMD as stated in terms and conditions of bid document. The undersigned reserves the rights to accept or reject all or any tender/s without assigning any reason thereof. The Bid documents along with terms and conditions will be available in the Office of the undersigned on each working day during office hour from Dt.10.01.2020 to Dt.27.01.2020 & also available in the website **www.puri.nic.in** and **www.osepa.odisha.gov.in.**

**By Order of the Collector-cum-Chairman, SS, Puri**
**Sd./- District Project Co-ordinator**
**Samagra Shiksha, Puri**



भारतीय विमानपत्तन प्राधिकरण
AIRPORTS AUTHORITY OF INDIA

**ଇ-ଟେଣ୍ଡର ବିଜ୍ଞପ୍ତି ଆହ୍ୱାନ**

**ଟେଣ୍ଡର ଆଇଡି : 2020_AAI_39602_1**

ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଚେୟାରମ୍ୟାନଙ୍କ ତରଫରୁ **ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (E-C)-III** ଦ୍ୱାରା ଇ-ଟେଣ୍ଡରିଂ ପୋର୍ଟାଲ ଜରିଆରେ ଆଇଟମ ରେଟ୍ ଟେଣ୍ଡର ଆହ୍ୱାନ କରାଯାଉଛି। ଯଥାଯଥ ଶ୍ରେଣୀର ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଯେପରି CPWD/MES/P&T/ରେଲୱେସ/ରାଜ୍ୟ PWD/ PSUs/ପୌର ନିଗମ ଏବଂ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ କୋଲକାତାର ଉନ୍ନୟନ କର୍ତ୍ତୃପକ୍ଷମାନେ **ଭୁବନେଶ୍ୱରର ବି.ପି.ଆଇ ବିମାନ ବନ୍ଦର ଠାରେ ଆବାସୀୟ କଲୋନିର ବିଶେଷ ମରାମତି କାର୍ଯ୍ୟ ନିମନ୍ତେ** ଆବେଦନ କରିପାରିବେ। ଏହାର ଆନୁମାନିକ ବ୍ୟୟ ₹.୧,୨୪,୪୮,୩୨୨.୦୦ (ଏକ କୋଟି ଚବିଶ ଲକ୍ଷ ଅଠଚାଳିଶ ହଜାର ତିନି ଶହ ବାଇଶ)(ଜିଏସ୍‌ଟି ବ୍ୟତିତ) ଏବଂ ୬ ମାସ ମିଆଦ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ। ବୀଡ୍ କାଗଜପତ୍ର ଜମା ଦେବାର ଶେଷ ତାରିଖ ଓ ସମୟ ହେଲା : **୨୦.୦୧.୨୦୨୦ ଦିନ ୧୮.୦୦** ଘଟିକା ପର୍ଯ୍ୟନ୍ତ। ବିସ୍ତାରିତ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ CPP e-procurement portal reference **https://etenders.gov.in/eprocure/app** କିମ୍ବା **www.aai.aero.** ଏହାପରେ ଯଦି କୌଣସି ସ୍ପଷ୍ଟୀକରଣ/ଭ୍ରମ ସଂଶୋଧନ ଥାଏ, ତେବେ ତାହା **https://etenders.gov.in/eprocure/app** ରେ e-procurement portal ମାଧ୍ୟମରେ ସୂଚିତ ହେବ।



## OFFICE OF THE NOTIFIED AREA COUNCIL, G.UDAYAGIRI

**Fax No.06847/260366, Email ID : orissagudnac@gmail.com**
**Notice No.42** **Dated: 08.01.2020**
**Corrigendum to Tender Call Notice No.30 / Dated.08.01.2020**

Following Corrections has been made to this office Tender Call Notice No.30 dt.08.01.2020 regarding procurement of Civil works. Other terms & condition will remain unchanged.

| | | |
|---|---|---|
| 01 | Date & time of availability of bid documents in the portal | dt.14.01.2020 to dt.21.01.2020 up to 5.00 P.M. |
| 02 | Last date & time for receipt of Documents at NAC, G.Udayagiri Tender Box | Dt.22.01.2020 |
| 03 | Bid received online shall be opened on | Dt.27.01.2020 |

**Sd./- Executive Officer**
**N.A.C., G.Udayagiri**


# ବୃଦ୍ଧାଙ୍କୁ ମାରି ଜଗି ରହିଥିଲେ ଭାଲୁ

**ନବରଙ୍ଗପୁର,୯।୧(ବି.ପ୍ର.):** ଭାଲୁ ଆକ୍ରମଣରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବାକୁ ଜଣେ ବୃଦ୍ଧା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଭାଲୁଟି ମୃତଦେହ ନିକଟରୁ ଯାଇ ନ ଥିଲା। ମୃତଦେହ ନିକଟରେ ୨ ଶାବକ ସହ ମା' ଭାଲୁ ଜଗି ରହିଥିଲା। ୩ ଦିନ ଧରି ଜଙ୍ଗଲରେ ମୃତଦେହକୁ ଭାଲୁ ଜଗି ରହିବା ପରେ ସ୍ଥାନୀୟ ଲୋକ ଗୁରୁବାର ଏହା ଦେଖିଥିଲେ। ବନବିଭାଗ କର୍ମଚାରୀ ଓ ପୋଲିସର ମିଳିତ ଉଦ୍ୟମରେ ଭାଲୁକୁ ଘଉଡାଇ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସିନ୍ଧିଗୁଡା ଗାଁର ଗୌରୀ ଅମନାତ୍ୟ(୭୦)। ସେ ୬ ତାରିଖରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ବହୁ ଖୋଜାଖୋଜି କରି ପାଇନଥିଲେ। ଗୁରୁବାର ସ୍ଥାନୀୟ ଲୋକ ଜଙ୍ଗଲକୁ ଯାଇ ଖୋଜିଥିଲେ। ଗୌରୀଙ୍କ ମୃତଦେହ ପଡିଥିବା ବେଳେ ନିକଟରେ ୨ଟି ଛୁଆ ସହ ମା' ଭାଲୁ ଜଗି ରହିଥିବା ଦେଖିବାକୁ ପାଇଥିଲେ।


## Government of Odisha "e" Procurement Notice
**TENDER CALL NOTICE**
**IDENTIFICATION No. 04/SE NH SBP of 2019-20**
(Bid No. 04 SENH SBP of 2019-20)

No.: b-73

| Sl. No. | Name of the Works | Estimated Cost in Rupees | Period of Completion in Calendar Month | Date / Time for Receipt of Bids | Name and Address of the Officer Inviting Tender |
|---|---|---|---|---|---|
| 1 | PR such as Renewal Coat with BC from 265/300 to 269/300 Km of NH-49 for the year 2019-20 | 2,07,50,125.00 | 3 (Three) Calendar Months | 10.00 A.M. of Dt.20.1.2020 to 5.00 P.M. of 03.02.2020 | Superintending Engineer, N.H. Circle, Sambalpur |

Further details can be seen from the "e" Procurement website: **www.tendersorissa.gov.in**.
**(Sd./- S.K. Sahoo)**
**Superintending Engineer, N.H. Circle, Sambalpur**
34007/11/0004/1920



**GOVERNMENT OF ODISHA**
## OFFICE OF THE EXECUTIVE ENGINEER, RURAL WORKS DIVISION, GUNUPUR
E-mail: eerwgunupur@gmail.com

No.: O-788
**E-Procurement Notice**
Bid Identification No. EERWGNP-Online-06/2019-20

No.: 34 Date: 03.01.2020

1. Name of the Work : Maintenance of RD Roads
2. Total No. of Works : 13 Nos. (Percentage rate tender)
3. Estimated Cost : Varies from Rs.4.46 to 35.71 Lakhs
4. Class of Contractor : As mentioned in Col. 5 of Annexure
5. Time of Completion : Specified in DTCN
6. Other details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Gunupur | EERWGNP Online - 06/2019-20 | 13 (Thirteen) Nos. | 13.01.2020 at 10.00 A.M. | 24.01.2020 upto 5.00 P.M. | 28.01.2020 at 12.00 Hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: **www.tendersorissa.gov.in**.
25170/11/0005/1920 **Sd./- Executive Engineer, Rural Works Division, Gunupur**



## DISTRICT PROJECT OFFICE SAMAGRA SIKSHA, BOLANGIR

**TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEET & STUDENT REPORT CARD FOR SUMMATIVE ASSESSMENT-II, 2019-20**

**Notice No.XVIII/PDG/01 /2020-116, Date: 09.01.2020**

Sealed tenders are invited in the prescribed format from the registered Offset Printers registered with DIC having production certificate issued by DIC, IT return & Balance Sheet of last 03 years, valid PAN, VAT Clearance certificate, and up to date GST certificate with return file copy of GST for the month of Nov-19 for printing and supply of Question -cum-Blank Answer sheet & Student Report Card to the Block point for Summative Assessment-II -2019-20 from Class-I to Class-VIII of Balangir Dist. The bidder shall apply as per the terms and conditions laid down in the bid document. The Bid Documents containing detailed terms and conditions are available in the Website **www.balangir.nic.in** and **www.opepa.in.** The Quotation Paper shall be received through Regd. Post/Speed Post/ Courier on or before 20.01.2020 up to 5.00 P.M. Quotation Papers will be opened at ADM Chamber in the presence of the bidders on 22.01.2020 at 11.00 A.M. under the Chairmanship of ADM, Balangir. The office will not responsible for any delay. Separate Tender Papers (Technical Bid & Financial Bid) should be submitted for the above.

The Authority reserves the right to amend, alter, modify or cancel part/total Tender without assigning any reason thereof.

**Sd./-**
**Collector-cum-Chairman**
**SSA, Balangir**



## OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA, AAYAKAR BHAWAN, RAJASWA VIHAR, BHUBANESWAR- 751007.

**No.Pr.CCIT/Admn. (GL)/AMC/LIFT/2019-20/20297,**
**Dated: 09.01.2020**

**INVITES SEALED BIDS FROM REPUTED FIRMS / AGENCIES FOR ANNUAL MAINTENANCE CONTRACT OF 1 LIFT OF OTIS ELEVATOR COMPANY (INDIA) LIMITED**

Sealed quotations/bids are invited from registered firms/ agencies for annual maintenance contract of 1 lift of OTIS Elevator Company (India) Limited which installed at Pratyakshyakar Bhawan, Regional Telecom Training Centre, Bharat Sanchar Nigam limited, Bhubaneswar.

The eligibility criteria, terms & conditions and other particulars etc. as laid down in the Tender Documents may be obtained from the Asst. Commissioner of Income Tax(Hqrs.)(Admn.), O/o. the Principal Chief Commissioner of Income Tax/ Odisha, 1st Floor, Aayakar Bhawan, Rajaswa Vihar, Bhubaneswar-751007 from 10.01.2020 to 30.01.2020 (between 11.00AM and 05.00PM). Alternatively, the same can be downloaded from the website of the Income Tax Department i.e. **www.incometaxindia.gov.in.** The sealed quotations should reach this office latest by 30th January/ 2020 (15.00Hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.

**Sd./- ACIT (Hqrs.) (Admn.)**
**Office of the Pr. CCIT,**
**Odisha, Bhubaneswar**


See Career Appointment on every Wednesday & Saturday

ସୁବର୍ଣ୍ଣ ଲୋକ ମହୋତ୍ସବ

# ପରମ୍ପରାକୁ ସାଉଁଟି ଧରିବାର ପ୍ରୟାସ

**ସୁବର୍ଣ୍ଣପୁର ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଏକ ପ୍ରାଚୀନ ଗୌରବୋଜ୍ଜ୍ୱଳ ସଭ୍ୟତା, ସଂସ୍କୃତିର ବାହକ। ଆଜି ବି ତା'ର ସ୍ୱାକ୍ଷର ରହିଛି ବିନିକା ପାପକ୍ଷୟ ଘାଟ ନିକଟବର୍ତ୍ତୀ ତାରାପୁରଗଡ, ଚନ୍ଦଲିପାଟସ୍ଥ ପୂଜାଡୁଙ୍ଗୁରିର ପ୍ରସିଦ୍ଧ ଶିଳାଚିତ୍ର, ଯଉଁରାଭଉଁରା ନିକଟବର୍ତ୍ତୀ ଗୁମ୍ଫାରେ ଦୃଷ୍ଟିଗୋଚର ପ୍ରାଚୀନ ଶିଳାଖଣ୍ଡ ମଧ୍ୟରେ ।**


ଆସାମର କଳାକାରଙ୍କ ବିହୁ ନୃତ୍ୟ ପରିବେଷଣ ।


ଭୁବନେଶ୍ୱରର ମଞ୍ଜୁଶ୍ରୀ ପଣ୍ଡା ଓ ସାଥି ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସୁବର୍ଣ୍ଣପୁର ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଏକ ପ୍ରାଚୀନ ଗୌରବୋଜ୍ଜ୍ୱଳ ସଭ୍ୟତା, ସଂସ୍କୃତିର ବାହକ। ଆଜି ବି ତା'ର ସ୍ୱାକ୍ଷର ରହିଛି ବିନିକା ପାପକ୍ଷୟ ଘାଟ ନିକଟବର୍ତ୍ତୀ ତାରାପୁରଗଡ, ଚନ୍ଦଲିପାଟସ୍ଥ ପୂଜାଡୁଙ୍ଗୁରିର ପ୍ରସିଦ୍ଧ ଶିଳାଚିତ୍ର, ଯଉଁରାଭଉଁରା ନିକଟବର୍ତ୍ତୀ ଗୁମ୍ଫାରେ ଦୃଷ୍ଟିଗୋଚର ପ୍ରାଚୀନ ଶିଳାଖଣ୍ଡ ମଧ୍ୟରେ। ଏଠାରେ ଲୋକ ମହୋତ୍ସବ ପାଲଟିଥାଏ ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମିଳନ କ୍ଷେତ୍ର।

ସୁବର୍ଣ୍ଣ ଲୋକ ମହୋତ୍ସବ ଚଳିତ ବର୍ଷ ୨୭ବର୍ଷରେ ପଦାର୍ପଣ କରିଛି। ଅତୀତକୁ ମନେ ପକାଇବା ସହିତ ଐତିହ୍ୟକୁ ସାଉଁଟି ଆଣିବାରେ ପ୍ରଶାସନ ଓ ଜନସାଧାରଣଙ୍କ ଏହା ଏକ ସାଧୁ ପ୍ରୟାସ। ବହୁରଙ୍ଗ, ସଂସ୍କୃତିରେ ଏହି ଜିଲା ଯେତିକି ସମୃଦ୍ଧ ଏହାର ଇତିହାସ ମଧ ସେତିକି ସ୍ୱର୍ଣ୍ଣିମ। ସମୃଦ୍ଧ ଲୋକ ପରମ୍ପରା ଓ ଧର୍ମୀୟ ଜାଗରଣ ଏହାର ସ୍ୱତନ୍ତ୍ର ପରିଚୟ। ଏଠାରେ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ର ଖ୍ୟାତ। ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ। ଏଠାରେ ଯଜ୍ଞକରିଥିବାରୁ ସ୍ଥାନଟିକୁ ପର୍ଶୁରାମଙ୍କ ଭୂମି ବୋଲି କୁହାଯାଏ। ସେହିପରି ଏଠାରେ ପୂର୍ବରୁ କିଛି ସମୟ ପାଇଁ ସ୍ୱର୍ଣ୍ଣ ବୃଷ୍ଟି ହୋଇଥିବା ଜନଶ୍ରୁତି ରହିଛି। ବୌଦ୍ଧ ଧର୍ମର ବଜ୍ରଯାନ ଓ ସହଜଯାନର ପ୍ରତିଷ୍ଠାତା ଇନ୍ଦ୍ରଭୂତି ଓ ଲକ୍ଷ୍ମୀଙ୍କ ସାଧନାସ୍ଥଳ ହେଉଛି ସୁବର୍ଣ୍ଣପୁର। ଏଗୁଡିକର ବିକାଶ ହୋଇପାରିଲେ ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ହାସଲ କରିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

**ପାରମ୍ପରିକ ଲୋକକଳାକୁ ମିଳୁଛି ପ୍ରୋତ୍ସାହନ:** ଓଡ଼ିଶାର ପ୍ରାଚୀନ ପର୍ଯ୍ୟଟନ କ୍ଷେତ୍ରମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଏକ ପ୍ରସିଦ୍ଧ ତୀର୍ଥଭୂମି। ଆଲ୍ଲାହାବାଦସ୍ଥ ପ୍ରୟାଗ ତୀର୍ଥରେ ଗଙ୍ଗା-ଯମୁନା-ସରସ୍ୱତୀଙ୍କ ଭଳି ଏଠାରେ ମଧ ମହାନଦୀ-ତେଲନଦୀ ଓ କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ଘଟିଛି। ଏହା ଏକ ଆଧ୍ୟାତ୍ମିକ ପୀଠସ୍ଥଳୀ। ବହୁ ପୂର୍ବରୁ ଏଠାରେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଓ ମହିମା ସଂସ୍କୃତିର ବିକାଶ ଘଟିଥିଲା। ଏଥିପାଇଁ ଏହାକୁ ଦ୍ୱିତୀୟ ବାରାଣସୀ, ଭାରତର ଦ୍ୱିତୀୟ ପ୍ରୟାଗ କ୍ଷେତ୍ର ଭାବେ ଅଭିହିତ କରାଯାଏ। ସୁବର୍ଣ୍ଣପୁର ଏକ ପ୍ରାକୃତିକ ଗଡ ତଥା ଦୁର୍ଗ ହୋଇଥିବାରୁ ଏଠାରେ କୋଶଳର ରାଜଧାନୀ ପ୍ରତିଷ୍ଠିତ ହେବା ସହିତ ଭଞ୍ଜ, ସୋମବଂଶ, ତେଲୁଗୁ ଚୌଡ, କଳଚୁରୀ, ଗଙ୍ଗ, ପରବର୍ତ୍ତୀ ଭଞ୍ଜ ଓ ଚୌହାଣ ଶାସନକୁ ସମୃଦ୍ଧ କରି ପାରିଥିଲା। ସେହିପରି ଏହା ଅଷ୍ଟମକାର ସହର ଭାବେ ପ୍ରସିଦ୍ଧ ହେବା ସହିତ ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଅଷ୍ଟଚଣ୍ଡୀ ତଥା ଅଷ୍ଟ ହନୁମାନଙ୍କ ଉପାସନା କେନ୍ଦ୍ର ଭାବରେ ପରିଗଣିତ। ଏଠାକାର ଭାଦ୍ରବ ଅମାବାସ୍ୟାର ଲଙ୍କାପୋଡି ପର୍ବ, ଆଶ୍ୱିନ ମାସର ବଳି ଯାତ୍ରା, ପଟଚିତ୍ର, ଗଞ୍ଜପା ଓ ବାନ୍ଧଶିଳ୍ପ-ପାଟଶାଢ଼ି ବିଶ୍ୱ ବିଦିତ। ମହାରାଜା ବୀରମିତ୍ରୋଦୟ ସିଂହଦେଓ ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ଇଂଲିଶ ଭାଷାରେ ଲିଖିତ ଶତାଧିକ ପୁସ୍ତକ ପ୍ରକାଶନ କରି ଭାଷା ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି। ସେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏମ୍ଏ ଶ୍ରେଣୀ ପ୍ରତିଷ୍ଠା କରି ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ । ସେହିଭଳି ରେଭେନ୍ସା କଲେଜରେ ଇଂଲିଶ ଏମ୍ଏ ଶ୍ରେଣୀ ଖୋଲି ଓଡ଼ିଶାରେ ଇଂଲିଶ ଉଚ୍ଚଶିକ୍ଷାର ପ୍ରସାର କରାଇ ପାରିଛନ୍ତି। ଏହି ମାଟିରେ ପ୍ରଭୁ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ସନ୍ଥ କବି ଭୀମଭୋଇ ଓ ବୈଷ୍ଣବ କବି ଚନ୍ଦ୍ରମଣି ଦାସ ଏ ମାଟିର ଦୁଇ ଜଣ ଶୁଦ୍ଧ ସୁବର୍ଣ୍ଣଖଣ୍ଡ। ଶୀତଳ ଷଷ୍ଠୀରେ ପୂଜା ପାଉଥିବା ଏକଶତ ଆଠ ଭରି ବିଶିଷ୍ଟ ବିଶୁଦ୍ଧ ସୁବର୍ଣ୍ଣରେ ନିର୍ମିତ ସୁବର୍ଣ୍ଣ ନାଗ ହିଁ ସୁବର୍ଣ୍ଣପୁରକୁ ସୁବର୍ଣ୍ଣର ସହର ଭାବରେ ପ୍ରତିପାଦିତ କରିଥାଏ। ଜିଲାର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ପାଟଶାଢ଼ି ସାମଗ୍ରୀ ବିଶ୍ୱରେ ପରିଚିତ। ଏହି ପରମ୍ପରାଗତ ବୁଣା ଶୈଳୀ କେଉଁ ପୁରାତନ ଯୁଗରୁ ଚାଲି ଆସୁଛି । ପିଢି ପରେ ପିଢି ଏହି କଳାକୁ ଏ ପର୍ଯ୍ୟନ୍ତ ବୁଣାକାର ମାନେ ବଞ୍ଚାଇ ରଖିଛନ୍ତି, ଯାହା ଏହି ଜିଲା ପାଇଁ ଗୌରବର ବିଷୟ। କଳା ମୁଗ ଓ ଧାନ ଚାଷରେ ଏହି ଜିଲା ସାରା ଦେଶରେ ନାଁ କରିଛି। ଜିଲାର ଦୁଇ ଜଣ ମହିଳା ଚାଷୀ କୃଷି କର୍ମଣ ପୁରସ୍କାର ପାଇଛନ୍ତି। ସେହିପରି ରୁପା ତାରକସି ଅଳଙ୍କାର ସବୁର ନିର୍ମାଣସ୍ଥଳୀ ଥିଲା ଜିଲାର ତରଭା ଅଞ୍ଚଳ। ଜିଲାର ଗ୍ରାମ୍ୟ ବୈଭବ ମୁଖ୍ୟତଃ ପାଟଶାଢ଼ି, ଟେରାକୋଟା, ପିତ୍ତଳରେ ନିର୍ମିତ କାରୁକାର୍ଯ୍ୟ, ବାଉଁଶ, ମାଟିରେ ନିର୍ମିତ କାରୁକାର୍ଯ୍ୟ ଓ କୁଟୀରଶିଳ୍ପ ଜନସାଧାରଣଙ୍କ ନିମନ୍ତେ ମୁଖ୍ୟ ଆକର୍ଷଣ ହୋଇଥାଏ । ମହୋତ୍ସବ ଅବସରରେ ଆୟୋଜିତ ପଲ୍ଲିଶ୍ରୀ ମେଳା, ଜିଲା ଉନ୍ନୟନୀ ପ୍ରଦର୍ଶନୀ, ସାନ୍ଧ୍ୟକାଳୀନ ସାଂସ୍କୃତିକ ସଭା ଓ ନୃତ୍ୟ କଳା ପ୍ରଦର୍ଶନ ଜନସାଧାରଣଙ୍କୁ ଆକୃଷ୍ଟ କରେ। ଏହି ପାଞ୍ଚ ଦିନିଆ ମହୋତ୍ସବ ଦ୍ୱାରା ଲୁପ୍ତପ୍ରାୟ ଲୋକକଳା, ଲୋକଗୀତ ଓ ସଂସ୍କୃତିର ପୁନର୍ବିନ୍ୟାସ ହୋଇପାରୁଛି। ପାରମ୍ପରିକ ଲୋକକଳାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ମହୋତ୍ସବ ଏକ ମାଧମ ହୋଇଛି।

ଉପସ୍ଥାପନା-ମୃତ୍ୟୁଞ୍ଜୟ ଶତପଥୀ

**ପ୍ରବାସୀ ଶ୍ରମିକ ଆଇନ୍‌ର ଯେବେ କରିଛି ଖିଲାଫ୍ ଠିକାଦାର ନିଯୁକ୍ତିଦାତା ଅଛି ତାଙ୍କ ପାଇଁ ଜେଲ୍, ଜୋରିମାନା, ସଭିଏଁ ଏକଥା ଜାଣିଥା**

ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବାସର୍ତ୍ତ) ଆଇନ, ୧୯୭୯ରେ ଥିବା ସୁବିଧା ସୁଯୋଗ ଓ ଅଧିକାର।

- ପ୍ରତ୍ୟେକ ଶ୍ରମିକଙ୍କୁ ଠିକାଦାର ଗୋଟିଏ ପରିଚୟ ପତ୍ର ଦେବା ଆବଶ୍ୟକ।
- ଶ୍ରମିକ ନେବା ନିମନ୍ତେ ଠିକାଦାରଙ୍କ ଗୋଟିଏ ଅନୁମତି ପତ୍ର ବା ଲାଇସେନ୍ସ ଥିବା ନିହାତି ଆବଶ୍ୟକ
- ପ୍ରବାସୀ ଶ୍ରମିକ ନିଜର ନାମ, କେଉଁ ସ୍ଥାନକୁ କେତେ ଦିନ ପାଇଁ ଯିବେ ଏବଂ ଠିକାଦାର କିମ୍ବା ସ୍ୱଇଚ୍ଛାରେ ଯାଉଥିଲେ ଏ ସମ୍ବନ୍ଧୀୟ ସୂଚନା ଗ୍ରାମ ସରପଞ୍ଚଙ୍କୁ ଜଣାନ୍ତୁ।
- ଠିକାଦାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ଏବଂ ଏହା ମଜୁରିରୁ କଟାଯାଇ ପାରିବ ନାହିଁ। ଏହା ବ୍ୟତିତ, ଠିକାଦାର ସ୍ଥାନାନ୍ତର ଭତ୍ତା ମଧ୍ୟ ଦେବେ।

**ସୌଜନ୍ୟ-ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ, ସୁବର୍ଣ୍ଣପୁର**
Sd./- District Labour Officer, Subarnapur

ସୁବର୍ଣ୍ଣ ଉତ୍ସବ ପାଳନ ଅବସରରେ ଜିଲ୍ଲା ଜଳ ଓ ପରିମଳ ମିଶନ, ସୁବର୍ଣ୍ଣପୁର ଆପଣମାନଙ୍କୁ ସ୍ୱାଗତ କରୁଛି। ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୁସ୍ଥ ଜୀବନ ଧାରଣର ମୂଳମନ୍ତ୍ର ଅଟେ। ଆସନ୍ତୁ ଶୌଚ ନିମନ୍ତେ ପାଇଖାନା ବ୍ୟବହାର କରିବା ସହିତ ବାହ୍ୟ ମଳତ୍ୟାଗ ସମ୍ପୂର୍ଣ୍ଣ ବର୍ଜନ କରିବାର ଶପଥ ନେଇ ଜିଲ୍ଲାକୁ ବାହ୍ୟ ମଳମୁକ୍ତ ଜିଲ୍ଲାର ମାନ୍ୟତା ଦେବାରେ ସହଯୋଗ କରିବା।

**ସୌଜନ୍ୟ : ଜିଲ୍ଲା ଜଳ ପରିମଳ ମିଶନ, ସୁବର୍ଣ୍ଣପୁର**

**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**

ଇଂରାଜୀ ନବବର୍ଷ ୨୦୨୦ ଓ ସୁବର୍ଣ୍ଣପୁର ଜିଲ୍ଲାର ଗୌରବମୟ ସଂସ୍କୃତି, ଐତିହ୍ୟ, ସମୃଦ୍ଧଶାଳୀ ପରମ୍ପରା ଏବଂ ଲୋକ ସଂସ୍କୃତିକୁ ନେଇ ଆୟୋଜିତ ହେଉଥିବା ସୁବର୍ଣ୍ଣ ଲୋକ ମହୋତ୍ସବ, ୨୦୨୦ ଉପଲକ୍ଷେ ଜିଲ୍ଲାର ସମସ୍ତ ଚାଷୀ ଭଉଣୀଭାଇ ଓ ଜନସାଧାରଣଙ୍କୁ ଅଭିନନ୍ଦନ ତଥା ସମସ୍ତଙ୍କର ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛୁ।

**ମୋନିଷା ବାନାର୍ଜୀ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି

**ଉଦିତ କୁମାର ବାବୁ**
ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି

**ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ସୁବର୍ଣ୍ଣପୁର**
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପ୍ରଗତିପଥେ

ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଓ ବିଜୁ ଶିଶୁ ସୁରକ୍ଷା ଯୋଜନା ଅନ୍ତର୍ଗତ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଓ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ତଥା ଅସୁରକ୍ଷିତ ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷାକୁ ସୁନିଶ୍ଚିତ କରୁଛି।

"ଶିଶୁ ହସିଲେ ଦେଶ ହସିବ ଶିଶୁ ବଢ଼ିଲେ ଦେଶ ବଢ଼ିବ।"

**ଶ୍ରୀମତୀ ମୋନିଷା ବାନାର୍ଜୀ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗସୁବର୍ଣ୍ଣପୁର

**ଶ୍ରୀ ଚତୁର୍ଭୁଜ ଦାସୀ**
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର


ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ୨୦୨୦ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ।
**ପ୍ରମୋଦ ମହାପାତ୍ର**
ପ୍ରାକ୍ତନ ନଗରପାଳ, ଜିଲ୍ଲା ସଭାପତି ଓ ଭାଜପା, ସୁବର୍ଣ୍ଣପୁର


ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
**ଚମ୍ପୁଲାଲ ଅଗ୍ରୱାଲ**
ରାଣୀସତୀ ଆଗ୍ରୋ ରାଇସ୍ ମିଲ୍ ଫୁଡ ପ୍ରୋସେସିଂ ୟୁନିଟ୍


ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ସୋନପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
**କଇରୁ ସ୍ୱାଇଁ**
ପ୍ରାକ୍ତନ ନଗରପାଳ, ସୁବର୍ଣ୍ଣପୁର

ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ସୋନପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ।
**ନିବେଦିତା ସରାଫ**
ସିଡିପିଓ, ସୋନପୁର

ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
**ଆଇଡିଆଲ ପବ୍ଲିକ୍ ସ୍କୁଲ**
ସୋନପୁର


**ଶୁଭେଚ୍ଛା ବାର୍ତ୍ତା**
୨୭ତମ ସୁବର୍ଣ୍ଣପୁର ମହୋତ୍ସବ ଆସନ୍ତା ୦୭.୦୧.୨୦୨୦ ଠାରୁ ୧୧.୦୧.୨୦୨୦ ପର୍ଯ୍ୟନ୍ତ ୦୫ ଦିନ ବ୍ୟାପୀ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଲୋକ ମହୋତ୍ସବରେ ଜଡିତ ଜିଲ୍ଲା ସଂସ୍କୃତି ପରିଷଦର ସମସ୍ତ କର୍ମଚାରୀ, କଳାକାର, କଳାର ପୃଷ୍ଠପୋଷକ ଓ ସର୍ବୋପରି ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା କରୁଛି।
**ଦେବୀ ପ୍ରସାଦ ଦାଶ**
ଓ.ପୁ.ସେ. (ଏସ ଏ ଜି)
ଆରକ୍ଷୀ ଅଧୀକ୍ଷକ, ସୁବର୍ଣ୍ଣପୁର, ଜି-ସୁବର୍ଣ୍ଣପୁର


ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ୨୦୨୦ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
**ସରୋଜ କୁମାର କର୍ଣ୍ଣ**
ବିଜେଡି ଜିଲ୍ଲା ସଭାପତି, ସୁବର୍ଣ୍ଣପୁର





ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ୨୦୨୦ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ।
**ଶ୍ରୀବତ୍ସ ମଲ୍ଲିକ**
ସମାଜସେବୀ, ସୋନପୁର

**ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୦ ଉପଲକ୍ଷେ, ସୋନପୁରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**
**କୋଶଳ ଆବାସିକ ବିଦ୍ୟାଳୟ, ସୋନପୁର**
ପଟାଭାଡି, (ହଳଦୀପାଲି ରାସ୍ତା)
ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ (ଓଡ଼ିଆ ମାଧ୍ୟମ)
ଯୋଗାଯୋଗ- ୯୪୩୯୪୭୨୭୯୩, ୯୭୭୭୯୭୦୭୯, ୮୭୫୮୩୧୯୩୫୧

ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ୨୦୨୦ ଅବସରରେ ସୋନପୁର ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

**ଲୋକେଶ କୁମାର ସାହୁ**
ସୋନପୁର ଟାଉନ ଆଇଆଇସି


ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ।
**ଅରବିନ୍ଦ ବାରିକ**
ସରପଞ୍ଚ, ଯଜ୍ଞମୁରା ପଞ୍ଚାୟତ
ତଥା ସମ୍ପାଦକ, ଜିଲ୍ଲା ସରପଞ୍ଚ ସଂଘ

| Dollar | Sensex | Nifty | Gold | Silver |
|---|---|---|---|---|
| 71.21 (↓ 48) | ↑ 634.61 41,452.35 | ↑ 190.55 12,215.90 | ↓ ₹766 40,634.00 | ↓ ₹1148 47,425.00 |

ୟୁନିୟନ ବ୍ୟାଙ୍କ ସହ କର୍ପୋରେଶନ ଏବଂ ଆନ୍ଧ୍ର ବ୍ୟାଙ୍କର ମିଶ୍ରଣ ପରେ ଆକାଉଣ୍ଟ ନମ୍ବରରେ କୌଣସି ପରିବର୍ତ୍ତନ ହେବ ନାହିଁ। – ରାଜ କିରଣ ରାଏ ଜି, ୟୁନିୟନ ବ୍ୟାଙ୍କ ସିଇଓ



ଭାରତରେ ଅତିଧନୀଙ୍କ ଉପରେ ଅଧିକ ଟିକସ ଲାଗୁ ହେବାର ଆବଶ୍ୟକତା ରହିଛି। – ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ



## ସଂକ୍ଷେପରେ

### ନିବେଶକଙ୍କ ସମ୍ପତ୍ତିରେ ୨.୫ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ,୯-୧: ଦେଶର ପୁଞ୍ଜିବଜାରର ସ୍ଥିତି ଉନ୍ନତ ହେବାରୁ ନିବେଶକଙ୍କ ସମ୍ପତ୍ତିରେ ଗୁରୁବାର ୨.୫ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ୟୁଏସ୍-ଇରାନ ମଧ୍ୟରେ ଯୁଦ୍ଧ ଆଶଙ୍କା ସାମାନ୍ୟ ହୋଇଥିବାରୁ ନିବେଶକଙ୍କ ମନୋଭାବ ପରିବର୍ତ୍ତନ ହେବାରୁ ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ପ୍ରାୟ ୬୩୫ ପଏଣ୍ଟ ବୃଦ୍ଧି ଘଟିଥିବା ନଜରକୁ ଆସିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସେନସେକ୍ସ ୬୩୪.୬୧ ପଏଣ୍ଟ ବା ୧.୫୫% ବୃଦ୍ଧି ହୋଇ କାରବାର ୪୧,୪୫୨.୩୫ ବନ୍ଦ ହୋଇଛି। ଦିନ ମଧ୍ୟରେ ସୂଚକାଙ୍କ ୬୬୪.୩୮ ପଏଣ୍ଟ ବଢ଼ିବାକୁ କାରବାର ୪୧,୪୮୨.୧୨ ପଏଣ୍ଟ ସ୍ତର ଛୁଇଁଥିଲା। ଏହି ସମୟରେ ବ୍ରେଣ୍ଟ ଅଏଲ ଫିଚର ୦.୪୦% ବଢ଼ିବା ସହ ବ୍ୟାରେଲ ପିଛା ୬୫.୭୦ ଡଲାର ରହିଛି।

### ୭ ବର୍ଷର ରେକର୍ଡ ସ୍ତରରେ ସୁନା ଦର

ନୂଆଦିଲ୍ଲୀ,୯-୧: ଗୁରୁବାର ସୁନା ଦର ୭ ବର୍ଷର ରେକର୍ଡ ସ୍ତର ଛୁଇଁଛି। ଆମେରିକା-ଇରାନ ବିବାଦ ଯୋଗୁ ବିଶ୍ୱ ସ୍ତରରେ ସୁନା ଦର ୨% ବୃଦ୍ଧି ଘଟି ୧,୬୧୧ ଡଲାର ରହିଛି। ଏହା ୭ ବର୍ଷର ସର୍ବୋଚ୍ଚ ସ୍ତର। ଚେନ୍ନାଇରେ ୨୪ କ୍ୟାରେଟ ସୁନାର ଦର ୧୦ ଗ୍ରାମ ପିଛା ୪୨,୮୬୦ ଟଙ୍କା ଛୁଇଁଛି। ଗତ କିଛିଦିନ ମଧ୍ୟରେ ସୁନା ଦର ୫.୫% ବଢ଼ିଥିବା ରେକର୍ଡ କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ସୁନା ଦର ପ୍ରାୟ ୨୫% ମହଙ୍ଗା ହୋଇଥିବା ନଜରକୁ ଆସିଛି। ଘରୋଇ ବଜାରରେ କିଲୋପ୍ରତି ରୁପା ଦର ଏହି ସମୟରେ ୪୮,୮୭୫ ଟଙ୍କା ଛୁଇଁଛି।

### ବିକାଶ ହାର ୫%କୁ ହ୍ରାସକଲା ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୯-୧: ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୫% ରହିବ ବୋଲି ବିଶ୍ୱବ୍ୟାଙ୍କ ଗୁରୁବାର ଏହାର ପୂର୍ବାନୁମାନରେ ପ୍ରକାଶ କରିଛି। ଆଗାମୀ ଆର୍ଥିକ ବର୍ଷରେ ଏହା ୫.୮% ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଏହା ଆକଳନରେ ପ୍ରକାଶ କରିଛି। ବାଂଲାଦେଶର ଅଭିବୃଦ୍ଧି ହାର ୭% ଏବଂ ପାକିସ୍ତାନ ୩% ହାରରେ ଅଭିବୃଦ୍ଧି କରିବ ବୋଲି ଗ୍ଲୋବାଲ ଇକୋନୋମିକ ପ୍ରୋସପେକ୍ଟର ସଦ୍ୟତମ ରିପୋର୍ଟରେ ବିଶ୍ୱବ୍ୟାଙ୍କ ଏଭଳି ପୂର୍ବାନୁମାନ କରିଛି। ୨୦୧୯-୨୦ରେ ବିଶ୍ୱ ସ୍ତରରେ ୨.୫% ଅଭିବୃଦ୍ଧି ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି।

■ ବିଶେଷଜ୍ଞଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି

# ଅର୍ଥ ବ୍ୟବସ୍ଥା ପାଇଁ ମାନସ ମନ୍ଥନ



■ ଅର୍ଥନୈତିକ ବିକାଶ ହାର ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ
■ ଶୀଘ୍ର ପ୍ରଗତି ପଥକୁ ଫେରିବାକୁ ଅର୍ଥ ବ୍ୟବସ୍ଥା ସକ୍ଷମ
■ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ନେଇ ଆହ୍ୱାନ
■ ମିଳିମିଶି କାମ କରିବା ଉପରେ ସହଯୋଗ ଲୋଡ଼ିଲେ

ନୂଆଦିଲ୍ଲୀ,୯-୧

୨୦୨୪-୨୫ ସୁଦ୍ଧା ଦେଶର ଅର୍ଥବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ଲାଗି ସରକାର ଯୋଜନା ଧାର୍ଯ୍ୟ କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଲକ୍ଷ୍ୟ ହାସଲ ଲାଗି ଅଂଶୀଦାରମାନେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆହ୍ୱାନ ଜଣାଇଛନ୍ତି। ବଜେଟର ଅବ୍ୟବହିତ ପୂର୍ବରୁ ନୀତି ଆୟୋଗର ପ୍ରାକ ବଜେଟ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ଼ ଅବଶୋଷକ କ୍ଷମତା ରହିଛି। ସୁଦୃଢ଼ ମୂଳଦୁଆ ଏବଂ ପୁନଃ ପ୍ରଗତି ହାସଲ କରିବା କ୍ଷମତାକୁ ଘରୋଇ ବଜାର ଦର୍ଶାଇଥାଏ। ଏସବୁ ବିଭିନ୍ନ ପ୍ରସଙ୍ଗକୁ ବିଚାର କଲେ ଘରୋଇ ବଜାର ଶୀଘ୍ର ଅଭିବୃଦ୍ଧି ପଥକୁ ଫେରିବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶଧାରାକୁ ଆଗେଇନେବା ଲାଗି ସମସ୍ତଙ୍କୁ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ପର୍ଯ୍ୟଟନ, ସହରୀ ବିକାଶ, ଭିତ୍ତିଭୂମି ଏବଂ କୃଷି ଉଦ୍ୟୋଗ ଭଳି କ୍ଷେତ୍ରରେ ଦେଶର ଅର୍ଥ ବ୍ୟବସ୍ଥାକୁ ଆଗେଇ ନେବା ଏବଂ ନିଯୁକ୍ତି ସୃଷ୍ଟି କରିବାର ବିପୁଳ ସମ୍ଭାବନା ରହିଛି। ଭାରତକୁ ଅପାର ସମ୍ଭାବନା ଭୂମି ଭାବେ ବିଚାର କରି ଅଂଶୀଦାରମାନେ ବାସ୍ତବତା ଏବଂ ଅବଧାରଣା ମଧ୍ୟରେ ରହିଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ବୈଠକରେ ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ କୃଷି ଏବଂ ଭିତ୍ତିଭୂମି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବରିଷ୍ଠ ଅର୍ଥନୀତିଜ୍ଞ, ଘରୋଇ ଇକ୍ୱିଟି, ଭେଞ୍ଚର କ୍ୟାପିଟାଲିଷ୍ଟ, ଉତ୍ପାଦନ, ଭ୍ରମଣ ଏବଂ ପର୍ଯ୍ୟଟନ, ପୋଷାକ ଓ ଏଫ୍ଏମ୍ସିଜି କ୍ଷେତ୍ରରେ ବ୍ୟବସାୟ ନେତୃବୃନ୍ଦ, ବିଶ୍ଳେଷକ ସମେତ କୃଷି, ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଅର୍ଥ କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନେ ପ୍ରାୟ ୨ ଘଣ୍ଟା ଧରି ଆଲୋଚନାରେ ସାମିଲ ହେବା ସହ ସେମାନଙ୍କ ଅଭିଜ୍ଞତା ପ୍ରକାଶ କରିଥିଲେ।

ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୧୧ ବର୍ଷର ସର୍ବନିମ୍ନ ସ୍ତର ୫% ରହିବ ବୋଲି ସରକାରୀ ଆକଳନ କରାଯାଇଛି। ଏଥିରେ ସୁଧାର ଆଣିବା ନେଇ ସରକାର ବିଭିନ୍ନ ପ୍ରସ୍ତାବ ଗ୍ରହଣ କରୁଛନ୍ତି। ଏହି ଆଧାରରେ ସୋମବାର ପ୍ରଧାନମନ୍ତ୍ରୀ ଦେଶର ଶିଳ୍ପ ଲିଡରମାନଙ୍କୁ ଭେଟି ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଭଳି ବିଭିନ୍ନ ଦିଗ ଉପରେ ମତାମତ ଲୋଡ଼ିବା ସହ ଆଲୋଚନା କରିଥିଲେ। ଫେବୃୟାରୀ ପହିଲାରେ ନିର୍ମଳା ସୀତାରାମନ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପରିବହନ ମନ୍ତ୍ରୀ ନୀତିନ ଗଡକରୀ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର, ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହିରୋର ନୂଆ ୧୦୦ ସିସି ବିଏସ୍-୬ ମଡେଲ



ଭୁବନେଶ୍ୱର,୯-୧

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ନୂଆ ୧୦୦ ସିସି ବିଏସ୍-୬ ମଡେଲ ମୋଟର ସାଇକେଲ ଏଚ୍ଏଫ୍ ଡିଲକ୍ସ ବଜାରକୁ ଆସିଛି। ଏହି ନୂଆ ଯାନଟିରେ ଏକ୍ସସେନ୍ସ ଟେକ୍ନୋଲୋଜିକୁ ସାମିଲ କରାଯାଇଛି। ଯାନଟିର ବଜାର ଦର ୨୫,୯୨୫ ଟଙ୍କା ରହିଛି। ନୂଆ ନିର୍ଗମନ ନିୟମ ଦେଶରେ ଲାଗୁ ହେବାକୁ ଥିବା ବେଳେ କମ୍ପାନୀ ଏହାର ପ୍ରସ୍ତୁତି ଜାରି ରଖିଛି। ଏହି ଆଧାରରେ ନୂଆ ନୂଆ ମଡେଲର ଯାନ ବଜାରକୁ ଛଡାଯାଉଥିବା ହିରୋ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ନିକଟରେ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ବଜାରକୁ ଛାଡିଥିଲା। କମ୍ପାନୀ ଏହାର ସମସ୍ତ ରେଞ୍ଜକୁ ବିଏସ୍-୬ରେ ଶୀଘ୍ର ରୂପାନ୍ତରିତ କରିବାକୁ ଯୋଜନା ହାତକୁ ନେଇଛି। ଏହା ଦୁଇଟି ଭାରିଆଣ୍ଟରେ ଆସୁଛି। ଯାହାର ମୂଲ୍ୟରେ ସାମାନ୍ୟ ଭିନ୍ନତା ରହିଛି। ଏଥିରେ ଗ୍ରାହକମାନେ ୯% ଅଧିକ ଇନ୍ଧନ ଦକ୍ଷତା ଲାଭ କରିପାରିବେ। ଗ୍ରାହକଙ୍କ ଆବଶ୍ୟକତା ଏବଂ ପରିବର୍ତ୍ତିତ ବଜାର ସ୍ଥିତି ଆଧାରରେ ନୂଆ ମଡେଲ ବଜାରକୁ ଛାଡିଥିବା କମ୍ପାନୀର ଚିଫ୍ ଟେକ୍ନୋଲୋଜି ଅଫିସର ବିକ୍ରମ କାସବେକର କହିଛନ୍ତି।

## ତନିସ୍କର ଗ୍ରେଟ୍ ଡାଇମଣ୍ଡ ସେଲ୍

ଭୁବନେଶ୍ୱର,୯-୧

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିସ୍କ ପକ୍ଷରୁ ଗ୍ରେଟ ଡାଇମଣ୍ଡ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସୀମିତ ସମୟ ଲାଗି ଚାଲିବ। ଗ୍ରାହକ ଏହି ସମୟରେ ସବୁ ପ୍ରକାରର ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। କମ୍ପାନୀର ୩୨୦ ଷ୍ଟୋରରେ ଏହି ସେବା ଉପଲବ୍ଧ ହେବ। ସୀମିତ ସମୟ ଲାଗି ଏହାର ଲାଭ ଗ୍ରାହକ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ନିତିଦିନିଆ ଗହଣା ପରିଧାନ ସମେତ କମ୍ପାନୀ ପାର୍ଟି,ବିବାହ ଏବଂ କର୍ମ ଭଳି ବିଭିନ୍ନ ବର୍ଗରେ ଗହଣା ପ୍ରଦାନ କରୁଛି। ଗ୍ରାହକମାନେ ବିଭିନ୍ନ ପ୍ରକାର ଷ୍ଟେଟମେଣ୍ଟ ଇୟରରିଙ୍ଗ, କକଟେଲ ରିଙ୍ଗ,ପ୍ରେଟି ପେଣ୍ଡାଣ୍ଟ, ଷ୍ଟନିଙ୍ଗନେକଲେସ, ପ୍ରତିଟି ଅବସର ଲାଗି ସୋଲିଟେୟାର, ଏନଗେଜମେଣ୍ଟ ରିଙ୍ଗ ଏବଂ ବିବାହ ଗହଣା ଲାଭ କରିପାରିବେ। ନୂଆବର୍ଷରେ ଗ୍ରାହକଙ୍କ ଲାଗି କିଛିଟା ଚମକ ଯୋଡିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା ଟାଇଟାନ କମ୍ପାନୀ ଲିମିଟେଡର ଗହଣା ମାର୍କେଟିଂ ବିଭାଗ ମହାପ୍ରବନ୍ଧକ ରଜନୀ କୃଷ୍ଣସ୍ୱାମୀ କହିଛନ୍ତି।




## ଧର୍ମଘଟରେ ସାମିଲ ହେଲେ ଏଓଜିବିଓ କର୍ମଚାରୀ

ଭୁବନେଶ୍ୱର,୯-୧

ଅଲ୍ ଇଣ୍ଡିଆ ରିଜିଓନାଲ ରୁରାଲ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇଆର୍ଆର୍ବିଇଏ) ଆହ୍ୱାନ କ୍ରମେ ଏଓଜିଓବି ଏବଂ ଏଆଇଆର୍ଆର୍ବିଇଏ କର୍ମଚାରୀମାନେ ବୁଧବାରର ଧର୍ମଘଟରେ ସାମିଲ ହୋଇଥିଲେ। ବେତନ ସଂଶୋଧନର ଶୀଘ୍ର ନିଷ୍ପତ୍ତି, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରେ ପୁଞ୍ଜି ନିବେଶ, କର୍ମଚାରୀ ନିଯୁକ୍ତି, ଘରୋଇକରଣ ଚିନ୍ତାଧାରାରୁ ସରକାର ନିବୃତ୍ତ ରହିବା ଦାବି ନେଇ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ। ଏଓଜିଓବିର କଟକ ରିଜିଓନାଲ ସେକ୍ରେଟାରୀ ଦୀପକ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ଆନ୍ଦୋଳନ ଯୋଗୁ ମହାନଦୀ ବିହାରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମସ୍ତ କାର୍ଯ୍ୟବନ୍ଦ ରହିଥିଲା। ଏଥିରେ ଜ୍ୟୋତି ରାଓ, ପର୍ଶୁରାମ ମଣ୍ଡଳ, ଦିଲୀପ କୁମାର ଜେନା, ସନ୍ତୋଷ ଖଟୁଆ, ବିନୟ ଭୂଷଣ ରାଉତ ଏବଂ ଯଯାତି କେଶରୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିନ୍ଦେଗୀ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କଲେ ଆନନ୍ଦ କୁମାର



ଭୁବନେଶ୍ୱର,୯-୧

ଗଣିତଜ୍ଞ ଆନନ୍ଦ କୁମାର ନିକଟରେ ଭୁବନେଶ୍ୱର ଗସ୍ତ କରିବା ସହ ଅଜୟ ବାହାଦୁର ସିଂଙ୍କ ଦ୍ୱାରା ଭୁବନେଶ୍ୱରରେ ଚାଲୁଥିବା ଜିନ୍ଦେଗୀ କାର୍ଯ୍ୟକ୍ରମର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି। ରାଜ୍ୟର ଗରିବ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ମାଗଣା ରହିବା, ଖାଇବା ଏବଂ ପଢ଼ିବା ସୁବିଧା କରାଇ ମେଡିକାଲ ପ୍ରସ୍ତୁତି ଦିଗରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ୨୦୧୭ରେ ପ୍ରଥମେ ଆରମ୍ଭ ହୋଇଥିଲେ। ୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମେ ୧୨ ଜଣ ମେଡିକାଲ ପାଇବାକୁ ସକ୍ଷମ ହୋଇଥିଲେ। ୨୦୧୮-୧୯ରେ ୧୪ରୁ ୧୪ ଜଣ ଏଥିରେ ସଫଳ ହୋଇ ମେଡିକାଲ ପଢ଼ିବାର ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ଜିନ୍ଦେଗୀ କାର୍ଯ୍ୟକ୍ରମ ଜରିଆରେ ୧୯ ଜଣଙ୍କ ଡାକ୍ତରୀ ପ୍ରବେଶିକାରେ ବସିବାର ସୁଯୋଗ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଆନନ୍ଦ କୁମାର ପ୍ରଶଂସା କରିବା ସହ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏହା ଦ୍ୱାରା ସଫଳ ହେବେ ବୋଲି କହିଛନ୍ତି।

## ଆସନ୍ତା ସପ୍ତାହରେ ଆମାଜନ ପ୍ରତିଷ୍ଠାତାଙ୍କ ଭାରତ ଗସ୍ତ

ନୂଆଦିଲ୍ଲୀ,୯-୧

ଆସନ୍ତା ସପ୍ତାହରେ ଆମାଜନ ପ୍ରତିଷ୍ଠାତା ଜେଫ ବେଜୋସ ଭାରତ ଗସ୍ତ କରିବେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିପାରନ୍ତି। ଏହା ବାଦ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ, ଶିଳ୍ପ ବିଶେଷଜ୍ଞଙ୍କୁ ସେ ଭେଟିବେ ବୋଲି ସୂଚନା ରହିଛି। ନୂଆଦିଲ୍ଲୀରେ ଜାନୁୟାରୀ ୧୫-୧୬ ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ବେଜୋସ ଏମ୍ଏସ୍ଏମ୍ଇ କ୍ଷେତ୍ର ପ୍ରତିନିଧିଙ୍କୁ ଭେଟିବେ। ବର୍ତ୍ତମାନ ଆମାଜନର ଅଭିବୃଦ୍ଧି ଭାରତରେ ଉନ୍ନତ ରହିଛି। ଭାରତ ବଜାରରେ ନିୟାମକ ପ୍ରସଙ୍ଗ ଉପରେ ସେ ଆଲୋଚନା କରିବେ ବୋଲି କୁହାଯାଇଛି। ଏ ନେଇ ଆମାଜନର ମତାମତ ଲୋଡାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଓଏଏସ୍ ପରୀକ୍ଷାରେ ବଣିକ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୯-୧

ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା ୨୦୧୮ରେ ବଣିକ ଆଇଏଏସ୍ର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏଥିରେ ଦେବାଶିଷ ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ରତ୍ନପର୍ଣ୍ଣା ମହାପାତ୍ର ଦ୍ୱିତୀୟ, ଆକାଶ କୁମାର ପଣ୍ଡା ତୃତୀୟ, ସନ୍ତୋଷିନୀ ଦାସ ଚତୁର୍ଥ, ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ପଞ୍ଚମ, ଶକ୍ତି ମହାପାତ୍ର ନବମ, ସ୍ମରଣିକା ଗୁଲୋ ଦଶମ ସ୍ଥାନ ହାସଲ କରିଛନ୍ତି। ଓଏଏସ୍ର ଶୀର୍ଷ ୫୦ ଜଣ ର୍ୟାଙ୍କଧାରୀଙ୍କ ମଧ୍ୟରେ ଅନୁଷ୍ଠାନର ୨୫ ଜଣ ଏବଂ ଅନ୍ୟ ୧୦୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସ୍ଥାପନ ହେବାର ସ୍ୱଳ୍ପ ସମୟ ମଧ୍ୟରେ ବଣିକ ଆଇଏଏସ୍ କୋଚିଂ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ କହିଛନ୍ତି। ପ୍ରମୋଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତିଷ୍ଠାନରେ ୫୦ରୁ ଅଧିକ ନିଜସ୍ୱ ଶିକ୍ଷକ, ସୁନାମଧନ୍ୟ ପ୍ରଶାସନିକ ସେବା ପ୍ରଶିକ୍ଷକ, ଦିଲ୍ଲୀ ଢାଞ୍ଚାରେ ଶିକ୍ଷାଦାନ ପ୍ରଣାଳୀ, ପାଠ୍ୟ ପୁସ୍ତିକା, ପରୀକ୍ଷା, ପାଠାଗାର ବ୍ୟବସ୍ଥା ଅନୁଷ୍ଠାନର ବିଶେଷତ୍ୱ ବୋଲି ଛାଟୋଇ କହିଛନ୍ତି। ଓସିଏସ୍-୨୦୧୮ରେ ଉତ୍ତୀର୍ଣ୍ଣ ପ୍ରତି ୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣେ ବଣିକ ଆଇଏଏସ୍ରେ ଶିକ୍ଷାପ୍ରାପ୍ତ ହୋଇଥିବା ଏହାର ବିଶେଷତ୍ୱକୁ ପ୍ରମାଣିକ କରୁଛି। ସଫଳତାର ଶ୍ରେୟ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅଧ୍ୟାପକ ମଣ୍ଡଳୀମାନଙ୍କର ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇଥିବା ଛାଟୋଇ ପ୍ରକାଶ କରିଛନ୍ତି।

## କାନାରା ବ୍ୟାଙ୍କ ପକ୍ଷରୁ କମ୍ବଳ ବଣ୍ଟନ

ଭୁବନେଶ୍ୱର,୯-୧




କାନାରା ବ୍ୟାଙ୍କ ସର୍କଲ କାର୍ଯ୍ୟାଳୟ ପକ୍ଷରୁ ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ, ରାଜମହଲ ଛକ, ରାମ ମନ୍ଦିର, ବାଣୀବିହାର, ବରମୁଣ୍ଡା ଏବଂ ପଟିଆ ଭଳି ସ୍ଥାନଗୁଡିକରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଫୁଟପାଥରେ ରାତ୍ରୀଯାପନ କରୁଥିବା ବ୍ୟକ୍ତି ବିଶେଷଙ୍କ ଶୀତ ଦାଉରୁ ରକ୍ଷା କରିବା ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସର୍କଲ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର, ଉପମହାପ୍ରବନ୍ଧକ ଯୋଗେନ୍ଦ୍ର ସିଂ ଘଂଘସ, ସହାୟକ ମହାପ୍ରବନ୍ଧକ ସୁଜିତ କୁମାର ସାହୁ, ଏସ୍.ଏନ୍.ପଣ୍ଡା, ବି.କେ. ପାଣିଗ୍ରାହୀ, ଏନ୍.ଏମ୍ ପାତ୍ର, ଡିଭିଜନାଲ ମ୍ୟାନେଜର ବି.କେ. ତ୍ରିପାଠୀ, ଏନ୍.ବି.ବେହେରା, ପି.କେ.ନନ୍ଦ, ସନ୍ଧ୍ୟା ମହାନ୍ତି, ଆର୍.ଏନ୍.ମୁଣ୍ଡା, ସୁବ୍ରତ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷର ବିଭିନ୍ନ ସାମାଜିକ ଉନ୍ନତୀମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସର୍କଲ ମୁଖ୍ୟ ମହାପାତ୍ର କହିଛନ୍ତି।


Government of Odisha, Office of the Executive Engineer
**Rural Works Division, Nabarangpur**
e-mail-eerwngp@rediffmail.com, Phone No.222023
Letter No. 64 Date: 04.01.2020
**e-Procurement Notice**
No. O-787:-

Name of the work :- Road & Building works
Total No of works :- 26 (Twenty Six) Nos.
Approx. Estimated Cost :- Rs. 0.70 lakhs to Rs. 37.16 lakhs
Class of Contractor :- "C" "D" & "B" "C" Class of Contractor
Period of Completion :- 01(One) 02 (Two) & 06 (Six) Calendar Months

| Procurement Officer | Bid Identification No. | No. of works | Availability of tender online for bidding From | Availability of tender online for bidding To | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-03/2019-20 | 26 (Twenty Six) Nos. | 15.01.2020 at 10.00 AM | 24.01.2020 upto 03.00 PM | 27.01.2020 at 11.00 AM |

For Details can be seen from the Government website www.tendersorissa.gov.in
25092/11/0003/1920 *Executive Engineer, Rural Works Division, Nabarangpur*

GOVERNMENT OF ODISHA, OFFICE OF THE SUPERINTENDING ENGINEER
**RURAL WORKS CIRCLE: SUNDARGARH**
E-mail address-serw_sundargarh@yahoo.com
**E-Procurement Notice, Online – RWSESNG –18 of 2019-20 Letter No.2805/Dtd.30.12.2019**
No. O-730:-

1. Type of the Work : Road Work (OMBADC)
2. Total No. of works : 3 Nos. of Road (Percentage Rate Tender)
3. Estimated cost : Varies from Rs.91.02 Lakh to Rs.290.69 Lakh
4. Class of contractor : 'B' Class & 'A' Class
5. Period of completion : Nine Calendar Months
6. Cost of tender paper : The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required : The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details :

| Procurement Officer | Bid Identification No. | Availability of Tender On-line for bidding From | Availability of Tender On-line for bidding To | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-18 of 2019-20 | 14.01.2020 11:00 AM | 06.02.2020 3:00 PM | 05.02.2020 3:00 PM | 12.02.2020 11:00 AM | Will be intimated separately |

Further details can be seen from the website www.tendersorissa.gov.in
**N.B:** Corrigendum if any may be seen in this website. www.tendersorissa.gov.in
Authority reserves the right to reject any or all the tenders without assigning any reason thereof.
25133/11/0024/1920 *Sd./- Superintending Engineer, Rural Works Circle, Sundargarh*

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Regional Institute - VII, Plot No. E-04, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)
**e-TENDER NOTICE**
Offers are invited for CMPDI, Regional Institute -VII, Plot No. E-04, Near Gandhi Park, Samantapuri, Bhubaneswar through e-Tendering **(ON-LINE BIDDING)** only : **Tender Notice No. CMPDI/RI-VII/Co-ordination/2019/E-421224 Dated : 30.12.2019. Description :** Hiring of 03 Nos. (three) vehicles 13 seater (minimum) for school duty for a period of two years at CMPDI, RI-VII, Bhubaneswar. **Estimated value :** ₹ 25,99,468/- (Inclusive GST). **Period of Completion : 02 (Two) Years (Can be extended upto further 01 year if required).** Detailed tender notice & Tender documents including terms and conditions shall be available on e-tendering portal **https://coalindiatenders.nic.in** and Tender Notice only shall be available at websites **www.cmpdi.co.in from 10.01.2020 to 24.01.2020.** Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Co-ordination), CMPDI, RI-VII, Bhubaneswar, Mobile 9438881062, 9438881026 & Fax No. 0674 - 2301762.
**HOD (Co-ordination)**

Government of Odisha, Office of the Executive Engineer
**Rural Works Division-II, Dhenkanal**
Kamakhyanagar
E-Mail: rw.kamakhyanagarl@yahoo.co.in
No. O-765:-
**e-Procurement Notice No. 12/ Road & Building Works / 2019-20**

1. Name of the work : Road & Building Works
2. Total No. of Works : 15 (Fifteen) Nos.
3. Tender Cost : Rs. 0.40 lakh to 56.76 lakh (approx.)
4. Class of Contractor : "D", "C" & "B" & "A" Class
5. Period of Completion : 1 (One), 2 (Two) and 10 (Ten) Calendar months.
6. Availability of Tender online for bidding : 13.01.2020 at 11.00 AM to 18.01.2020 upto 5.00 PM
7. Last Date & Time of seeking tender clarification : 17.01.2020 upto 4.00 PM
8. Date &Time of opening of Technical Bid : 20.01.2020 at 11.00 AM
9. Date & Time of opening of Financial Bid : 20.01.2020 at 11.00 AM

Other Details can be seen from the website http://tendersorissa.gov.in.
*Sd./- Executive Engineer, R.W. Division-II, Dhenkanal Kamakhyanagar*
25094/11/0009/1920



ସ୍ମରଣିକା ଶାକ୍ତସ୍ୱରକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି। ପାର୍ଶ୍ୱରେ ସମ୍ପାଦକୀୟ ମଣ୍ଡଳୀର ସଭ୍ୟାସଭ୍ୟ ବୃନ୍ଦ ।



କଶ୍ମୀରର ଯୁବତୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ।



ଗଜପତି ବନ୍ଦେ ମାତରମ୍ ଡ୍ୟାନ୍ସ ଗ୍ରୁପ୍‌ର ଆଦିବାସୀ ନୃତ୍ୟ ।



ଉତ୍ତରପ୍ରଦେଶ ମଥୁରାର କଳାକାରମାନେ ମୟୂରୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

## ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

# କଳା, ସଂସ୍କୃତି ସମସ୍ତଙ୍କୁ ଏକାଠି କରେ



ସଙ୍ଗୀତ ମହାବିଦ୍ୟାଳୟ ସୁବର୍ଣ୍ଣପୁରର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସୋନପୁର,୯।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୨୭ ତମ ସୁବର୍ଣ୍ଣ ଲୋକ ମହୋତ୍ସବ । ଗାନ୍ଧୀ ପଡିଆର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଚାଲିଥିବା ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱର ମଞ୍ଜୁଶ୍ରୀ ପଣ୍ଡା ଓ ସାଥୀଙ୍କ ଦ୍ୱାରା ବିଷ୍ଣୁଙ୍କ ଦଶବତାର ଓଡିଶୀ ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ପରେ ଆସାମର କଳାକାରଙ୍କ ରଙ୍ଗୋଲି ବିହୁ ନୃତ୍ୟ, ସୋନପୁର ଟ୍ରେଣ୍ଡି ଏକାଡେମୀର କଳାକାରଙ୍କ ଚୁଟ୍‌କୁଚୁଟା, ହରିୟାନା ଡାନ୍ସ ଗ୍ରୁପ୍‌ର ନୃତ୍ୟ, ଟିଟଲାଗଡର ଢାପ୍, ଗଜପତି ବନ୍ଦେମାତରମ ଡ୍ୟାନ୍ସ ଗ୍ରୁପ୍‌ର ଆଦିବାସୀ ନୃତ୍ୟ, ପଶ୍ଚିମବଙ୍ଗ ପୁରୁଲିଆର ଛଉ ନୃତ୍ୟ, କୋରାପୁଟର ଗଡବା ନୃତ୍ୟ, ବଲାଙ୍ଗୀର ବାଙ୍ଗିରି ନୃତ୍ୟ କଳା ପରିଷଦର ଡାଲଖାଇ, ଝାରସୁଗୁଡା ରାଇଁଝାଇଁର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। କଳାକାରଙ୍କ ବାଦ୍ୟ ଓ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ବରିଷ୍ଠ ସିନେ ଅଭିନେତା ଡକ୍ଟର ଅଟଳ ବିହାରୀ ପଣ୍ଡା। ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି କହିଥିଲେ ଡକ୍ଟର ପଣ୍ଡା। କଳା, ସଂସ୍କୃତି ମାଧ୍ୟମରେ ସାମାଜିକ, ସାଂସ୍କୃତିକ ଏକତା ପ୍ରତିଷ୍ଠା ହୋଇପାରୁଛି । ତେଣୁ ମାଟି ପାଇଁ କାମ କରିବାକୁ ପଣ୍ଡା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦାନ କରି କଳା ହିଁ ମଣିଷର ପରିଚୟ ବୋଲି କହିଥିଲେ। ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲାର କଳା ଓ ସଂସ୍କୃତି ଅନ୍ୟ ଅଞ୍ଚଳର କଳା, ସଂସ୍କୃତିଠାରୁ ଉନ୍ନତ ବୋଲି ମତପ୍ରକାଶ କରିଥିଲେ। ଏହି ମହୋତ୍ସବ ସ୍ଥାନୀୟ କଳାର ସୁରକ୍ଷା ଓ ଅଞ୍ଚଳର ବିକାଶ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଜିଲାପାଳ ବାନାର୍ଜୀ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଜିଲାର ସଂସ୍କୃତି, କଳା ଓ ପାରମ୍ପରିକ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ଜିଲାର ଅଧିବାସୀ ଲୋକକଳାକୁ ଭଲ ପାଆନ୍ତି ଓ ଉପଭୋଗ କରନ୍ତି ବୋଲି କହିଥିଲେ। ଏହି ଅବସରରେ ଉତ୍ସବର ସ୍ମରଣିକା ଶାକ୍ତସ୍ୱରକୁ ମୁଖ୍ୟ ଅତିଥି ପଣ୍ଡା ଉନ୍ମୋଚନ କରିଥିଲେ। ପରେ ଜିଲାର ଦୁଇ କ୍ରୀଡା ପ୍ରତିଭା ଦୟାନିଧି ମୁଣ୍ଡା ଓ ତବିତା ବାଗଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ୱଚ୍ଛତା ଦିଗରେ କାମ କରୁଥିବା ସୋନପୁର-ମନମୁଣ୍ଡା ପ୍ରାତଃଭ୍ରମଣ ସ୍ୱଚ୍ଛଭାରତ ସଂଗଠନକୁ ଅତିଥି ବୃନ୍ଦ ସମ୍ମାନିତ କରିଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ସଭାକୁ ସଂଯୋଜନା କରିଥିଲେ। ଭୀମଭୋଇ କଳା ପରିଷଦର କଳାକାର ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରତିଟି ମିଶ୍ର ଓ ଅଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

MINERVA MOTOCORP
TVS
ସୁବର୍ଣ୍ଣ ଲୋକ ମହୋତ୍ସବ ଉପଲକ୍ଷେ ଅଭିନନ୍ଦନ
ମିନର୍ଭା ଟିଭିଏସ୍ ସୋନପୁର
ଠିକଣା:- ବ୍ଲକ୍ ଛକ, ବଲାଙ୍ଗୀର ରୋଡ୍, ସୋନପୁର
ମୋ: ୬୩୭୦୭୦୦୭୩୦, ୬୩୭୦୭୦୦୭୪୬
ଆସନ୍ତୁ ଆପଣଙ୍କର ମନପସନ୍ଦର
Jupiter Classic ଏବଂ Apache
BSVI TVS ଗାଡ଼ି
ନେଇଯାଆନ୍ତୁ ।



# ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ
ପେଲେସ୍ ଗାର୍ଡେନ୍, ସୋନପୁର
ମୋ. ନଂ.- ୯୪୩୭୧୫୧୮୨୧, ୯୮୫୩୦୪୪୪୩୧, Email ID: prajnabharateerhs@gmail.com

ଶୁଭେଚ୍ଛା

ତା୦୭।୦୧।୨୦୨୦ରୁ ତା୧୧।୦୧।୨୦୨୦ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ୨୭ତମ ସୁବର୍ଣ୍ଣ ଲୋକମହୋତ୍ସବ ପାଳନ ଅବସରରେ ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରଜ୍ଞାଭାରତୀ ପରିବାର ବର୍ଗ ଜିଲ୍ଲାବାସୀଙ୍କ ମଙ୍ଗଳ କାମନା ପୂର୍ବକ ମାଁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ନିକଟରେ ସମସ୍ତଙ୍କର ଚଲାପଥ କୁସୁମିତ ହେବା ପାଇଁ ପ୍ରାର୍ଥନା କରୁଅଛୁ। ଏହାସହିତ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମ ଲେଖାଇବା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛୁ।

ଏଥିପାଇଁ ବିଦ୍ୟାଳୟରେ ନାମଲେଖା ଫର୍ମ ତା:୧୧।୦୩।୨୦୨୦ରୁ ୩୦।୦୩।୨୦୨୦ ମଧ୍ୟରେ ମିଳିବା ସହ ତା୦୬ ଏପ୍ରିଲ ୨୦୨୦ ସୋମବାରଠାରୁ ନାମଲେଖା ଆରମ୍ଭ ହେବ।

ଶ୍ରୀଯୁକ୍ତ ରମେଶ ପ୍ରସାଦ ନାୟକ
ପ୍ରଧାନ ଶିକ୍ଷକ
ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ

ଶ୍ରୀଯୁକ୍ତ ସନ୍ତୋଷ କୁମାର ପୂଜାହାରୀ
ପରିଚାଳନା ନିର୍ଦ୍ଦେଶକ
ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ




# ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ
ବିଦ୍ୟାଶ୍ରୀ ବିହାର, ପିପିଲିପାଲି, ସୁବର୍ଣ୍ଣପୁର

## ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୦

ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୦ ଅବସରରେ ଜିଲ୍ଲାର ସମସ୍ତ ଜ୍ଞାନୀ, ଗୁଣୀ, ସତ୍‌ଜନ ମଣ୍ଡଳୀ ଓ ମା ଭଉଣୀମାନଙ୍କୁ ବିଶ୍ୱଭାରତୀ ପରିବାର ତରଫରୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂତନ ବର୍ଷ-୨୦୨୦ ସମସ୍ତ ସୁବର୍ଣ୍ଣପୁରବାସୀଙ୍କ ସୁଖ ସମୃଦ୍ଧି ଓ ଉତ୍କର୍ଷର ବର୍ଷ ହେଉ ବୋଲି ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପାଦତଳେ ମୋର ପ୍ରାର୍ଥନା ।

ଅକ୍ଷୟ କୁମାର ସାହୁ
ପରିଚାଳନା ନିର୍ଦ୍ଦେଶକ
ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ, ସୁବର୍ଣ୍ଣପୁର
ମୋ - ୯୪୩୭୭୦୫୪୬୮
୯୯୩୭୨୯୫୦୨୮

## ସଂକ୍ଷେପରେ

### ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ ୨୪ରୁ

ନୂଆଦିଲ୍ଲୀ, ୯।୧ (ପି.ଟି.)- ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ ୨୦୧୯-୨୦ର ଫାଇନାଲ ରାଉଣ୍ଡ ଆସନ୍ତା ୨୪ତାରିଖରୁ ବେଙ୍ଗାଲୁରୁଠାରେ ଖେଳାଯିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟର ଚତୁର୍ଥ ସଂସ୍କରଣରେ ସମଗ୍ର ଦେଶରୁ ୧୨ଟି ମହିଳା ଫୁଟ୍‌ବଲ କ୍ଲବ ଅଂଶଗ୍ରହଣ କରିବେ। ଜୋନାଲ ରାଉଣ୍ଡ ଜରିଆରେ ଏହି ଦଳଗୁଡ଼ିକ ବେଙ୍ଗାଲୁରୁ ଫାଇନାଲ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଣିପୁର, ଗୁଜରାଟ, ମହାରାଷ୍ଟ୍ର, ଗୋଆ, ତାମିଲନାଡ୍ରୁ, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, କର୍ନାଟକରୁ ମହିଳା ଫୁଟ୍‌ବଲ ଦଳ ବ୍ୟତୀତ ଅବଶିଷ୍ଟ ଭାରତୀୟ ଜୋନ୍‌ରୁ ଦୁଇଟି ଦଳ ଏଥିରେ ଭାଗନେବେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ୬ଟି ଦଳ ପରସ୍ପର ସହିତ ଖେଳିବେ। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ମଣିପୁରର କ୍ରିଫ୍‌ସା ଏଫ୍‌ସି ଏବଂ କର୍ନାଟକର କିକ୍ସ ଷ୍ଟାର୍ଟ ଦଳ ମଧ୍ୟରେ ହେବ। ଫାଇନାଲ ମ୍ୟାଚ ଫେବୃୟାରୀ ୧୩ରେ ଖେଳାଯିବ।

### ଏଟିପି କପ୍: ସେମିରେ ଅଷ୍ଟ୍ରେଲିଆ

ସିଡ୍‌ନୀ,୯।୧(ଏପି)- ଆଲେକ୍ସ ଡି ମାଇନର ଓ ନିକି କିର୍ଗିଅସ ବ୍ରିଟେନର ଜେମି ମୁରେ ଓ ଜୋ ସାଲିସବର୍ଗଙ୍କ ଯୋଡ଼ିକୁ ହରାଇ ଅଷ୍ଟ୍ରେଲିଆ ୨-୧ ବ୍ୟବଧାନରେ ଏଟିପି କପ୍ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ଅଧିନାୟକ ଲିଟନ ହେଓ୍ବିଟ ଦଳର ଦୁଇ ସିଙ୍ଗଲ୍ସ ଖେଳାଳିଙ୍କୁ ବ୍ରିଟିଶର ପ୍ରତିଷ୍ଠିତ ଡବଲ୍ସ ଯୋଡ଼ି ସାମ୍ନାରେ ଓହ୍ଲାଇଥିଲେ। ମ୍ୟାଚ୍‌କୁ ଡି ମାଇନର ଓ କିର୍ଗିଅସ ୩-୬, ୬-୩, ୧୮-୧୬ ସେଟ୍‌ରେ ଜିତି ନେଇଥିଲେ। ମ୍ୟାଚ୍‌ର ଫଳାଫଳ ଟାଇବ୍ରେକରେ ନିର୍ଣ୍ଣୟ ହୋଇଥିଲା। ସିଙ୍ଗଲ୍ସରେ କିର୍ଗିଅସ ୬-୨, ୬-୨ ସେଟ୍‌ରେ କାମ ନୋରିଭ୍‌ଙ୍କୁ ହରାଇଥିଲେ। କିନ୍ତୁ ଡି ମାଇନର ୩ ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିବା ସିଙ୍ଗଲ୍ସ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ। ତାଙ୍କୁ ୭-୬(୪), ୪-୬, ୭-୬(୨) ସେଟ୍‌ରେ ଡାନ ଇଭାନ୍ସ ପରାସ୍ତ କରିଥିଲେ। ଚଳିତ ବର୍ଷରେ ତାଙ୍କର ଏହା ପ୍ରଥମ ପରାଜୟ। ଏହାର ପ୍ରତିଶୋଧ ନେବା ଲାଗି ତାଙ୍କୁ ଦଳୀୟ ଅଧିନାୟକ ହେଓ୍ବିଟ ଡବଲ୍ସ ବର୍ଗରେ ସୁଯୋଗ ଦେଇଥିଲେ। ଫଳରେ ଡବଲ୍ସ ମ୍ୟାଚ୍‌ରେ ବିଜେତା ନିର୍ଣ୍ଣୟ ହୋଇଥିଲା। ଗ୍ରୁପ୍ ଏଫ୍’ରେ କୌଣସି ମ୍ୟାଚ୍ ହାରି ନ ଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ମୁକାବିଲାରେ ରାଫାଲ ନାଡାଲଙ୍କ ସ୍ପେନ ଓ ବେଲଜିୟମ ମଧ୍ୟରେ ହେବାକୁ ଥିବା କ୍ୱାର୍ଟର ଫାଇନାଲର ବିଜେତାକୁ ଭେଟିବ।

### କ୍ୱାର୍ଟରରେ ସେରେନା

ଅକ୍‌ଲାଣ୍ଡ,୯।୧(ଏଏଫ୍‌ପି)- ଚଳିତ ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଆମେରିକା ତାରକା ଖେଳାଳି ସେରେନା ୱିଲିୟମ୍ସ ପ୍ରବେଶ କରିଛନ୍ତି। ଦୀର୍ଘ ଦିନର ବ୍ୟବଧାନରେ ଫେରିଥିବା ଟପ୍ ସିଡ ସେରେନା ୩-୬, ୬-୨, ୬-୩ ସେଟ୍‌ରେ ୨୭ ବର୍ଷୀୟା କ୍ରିଷ୍ଟିଆନା ମ୍ୟାକହାଲେଙ୍କୁ ପରାସ୍ତ କରିଛନ୍ତି।

## ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି

# ଇଣ୍ଡିଆ ‘ବି’–‘ସି’ ଫାଇନାଲ

**କଟକ ଅଫିସ,୯।୧**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ–ବି ଓ ଇଣ୍ଡିଆ–ସି ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ଶୁକ୍ରବାର ଫାଇନାଲ ମୁକାବିଲା ହେବ। ୪ଟି ଲେଖାଏ ମ୍ୟାଚ୍ ଖେଳି ଇଣ୍ଡିଆ–ବି ୧୪ ପଏଣ୍ଟ ଓ ଇଣ୍ଡିଆ–ସି ୮ ପଏଣ୍ଟ ହାସଲ କରି ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଣ୍ଡିଆ–ଏ ଦଳ ଗୋଟିଏ ବି ମ୍ୟାଚ୍ ଏହି ପ୍ରତିଯୋଗିତାରେ ଜିତି ପାରି ନାହିଁ।

ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଣ୍ଡିଆ–ସି ୨ରନରେ ଇଣ୍ଡିଆ–ଏକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ–ସି ୪ ଉଇକେଟ ବିନିମୟରେ ୧୩୫ରନ କରିଥିଲା। ଅଧିନାୟିକା ବେଦ କ୍ରିଷ୍ଣମୂର୍ତ୍ତୀ ସର୍ବାଧିକ ୪୭ରନ କରିଥିଲେ। ଇଣ୍ଡିଆ–ସି ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ମାଧୁରୀ ମେହେଟାଙ୍କୁ ପ୍ରଥମ ଥର ପାଇଁ ଉକ୍ତ ମ୍ୟାଚ୍‌ରେ ଖେଳିବାର ସୁଯୋଗ ଦିଆଯାଇଥିଲା। ଏହି ସୁଯୋଗର ଫାଇଦା ଉଠାଇ ଓପନିଂ କରିଥିବା ମାଧୁରୀ ୪ ଚୌକା ଓ ୧ ଛକା ବଲରେ ୩୬ରନ ସ୍କୋର କରିଥିଲେ। ଉଇକେଟ କିପର ନୁଜରତ ପରୱିନ ୨୬ ଓ ଦୟଲନ ହେମଲତା ୧୯ରନ କରିଥିଲେ। ଇଣ୍ଡିଆ–ଏ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୬ରନ ବିଜୟ ଲକ୍ଷ୍ୟ ପିଛା କରି ଇଣ୍ଡିଆ–ଏ ପ୍ରଥମ ଉଇକେଟରେ ୪୯ରନ ସଂଗ୍ରହ କରିଥିଲା। ଓପନର ତାନିୟା ଭାଟିଆ ଓ ପ୍ରିୟା ପୁନିଆ ପ୍ରାରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିଲେ। ତାନିୟା ୩୧ରନରେ ଆଉଟ ହୋଇଥିଲେ। ପରେ ପ୍ରିୟା ୮ ଚୌକା ବଲରେ ୬୦ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୧୩ରନରେ ଆଉଟ ହେବା ପରେ ଦଳର ଅନ୍ୟ କେହି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ଦୀପ୍ତି ଶର୍ମା ୧, ଭାରତୀ ଫୁଲମଲି ୧୦, ସ୍ନେହ ରାଣା ୧, ଶିବାଳି ସିନ୍ଧେ ୩, ମାନସୀ ଯୋଶୀ ୧୦, ମେଘନା ସିଂ ୨, ରାଧା ଯାଦବ ୨ରନ କରିଥିଲେ। ଇଣ୍ଡିଆ–ଏ ୯ ଉଇକେଟ ହରାଇ ୧୩୩ରନ କରିବା ସହ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଇଣ୍ଡିଆ–ସି ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ ଓ ଅରୁନ୍ଧତୀ ରେଡ୍ଡୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। କ୍ଷମା ସିଂ ଓ ତନୁଶ୍ରୀ ସରକାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ



ବାରବାଟୀ ଷ୍ଟାଡିୟମରେ ଗୁରୁବାର ବ୍ୟାଟିଂ ଅବସରରେ ଇଣ୍ଡିଆ ‘ବି’ର ସ୍ମୃତି ମନ୍ଧାନା।

### ସୁଶ୍ରୀ, ମାଧୁରୀଙ୍କ ପ୍ରଭାବୀ ପ୍ରଦର୍ଶନ

ଇଣ୍ଡିଆ–ବି ଦଳ ୫ ଉଇକେଟରେ ଇଣ୍ଡିଆ–ସିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ–ସି ୮ ଉଇକେଟ ହରାଇ ୧୪୮ରନ କରିଥିଲା। ଓପନର ସେଫାଳୀ ବର୍ମା ସର୍ବାଧିକ ୪୬ରନ କରିଥିଲେ। ଅନ୍ୟତମ ଓପନର ତଥା ଓଡ଼ିଆ ଖେଳାଳି ମାଧୁରୀ ୭ରନରେ ଆଉଟ ହୋଇଥିଲେ। ଜିନସୀ ଜର୍ଜ ୨୪, ଭୃଶାଳି ଭଗତ ୧୬, ଅରୁନ୍ଧତୀ ରେଡ୍ଡୀ ୧୯ରନ କରିଥିଲେ। ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଇଣ୍ଡିଆ–ବି ପକ୍ଷରୁ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ସମେତ ରେଣୁକା ସିଂ ଓ ତନୁଜା କନୱାରଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଅଞ୍ଜଳି ଶ୍ରାବଣୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଇଣ୍ଡିଆ–ବି ଦଳ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପୂଜା ବସ୍ତ୍ରକାର ୩୭, ରିଚା ଘୋଷ ୨୬, ଭେଲାସ୍ୱାମୀ ଭନିଥା ୨୬, ଅଧିନାୟିକା ସ୍ମୃତି ମନ୍ଧାନା ୨୪, ରବି କଳ୍ପନା ୨୨ରନ କରିଥିଲେ। ସୁଶ୍ରୀ ୧ରନରେ ଅପରାଜିତ ଥିଲେ। ଇଣ୍ଡିଆ–ସି ପକ୍ଷରୁ କ୍ଷମା ସିଂ, ଦୟଲାନ ହେମଲତା, ଅରୁନ୍ଧତୀ ରେଡ୍ଡୀ, ତନୁଶ୍ରୀ ସରକାର, ଭୃଷାଳି ଭଗତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



(ଯଶରାଜ)
ହୃଷିକେଶ ଛତ୍ରୀଆ
ନି: ଉଡାର, ଦେଓଗାଁ, ବଲାଙ୍ଗୀର
ବାପା: ପ୍ରଦୀପ କୁମାର ଛତ୍ରୀଆ
ମାତା: ଗୌରାସିନୀ ଛତ୍ରୀଆ
ତୋର ୮ମ ଜନ୍ମଦିନ ଅବସରରେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:– ଅଜା: ସାରଦୁଲ, ସୁନା, ସୁରୁ, ଆଇ: ଅର୍ଣ୍ଣ, କାକା: ବିହାରୀ, ଉତ୍ତମ, ଆନନ୍ଦ, ମହେଶ, ଶ୍ରୀତମ, ଆୟୁଷ, କାକି: ନିରୁପମା, ଭାଇ: ଆକାଶ, ଆରପ, ହବି, ଭଉଣୀ: ଯଶମିନ, ରୋଜୀ, ହନି, ମାମୁ: ଲୋଚନ, କ୍ରାଷ୍ଣା, ବଡବାପା: ଭୀଷ୍ମ, ବିମ୍ବରାଜ, ଅରୁଣ, ବଡମା': ବିଲାସିନୀ, କୁମଦିନୀ, ବିନୋଦିନୀ, ମାଇଁ: ଲବଙ୍ଗ ତଥା ଛତ୍ରୀଆ ପରିବାର ଓ ବନ୍ଧୁବର୍ଗ।
ଧ–୧୬୧୧୫

### ଆନ୍ତଃ ସ୍କୁଲ ଫୁଟବଲ ୧୩ରୁ

**କଟକ ଅଫିସ, ୯।୧**

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ୟାରୀମୋହନ ଏକାଡେମୀ ଖେଳପଡ଼ିଆଠାରେ ଆନ୍ତଃ ସ୍କୁଲ ବସନ୍ତ ଦାସ ସ୍ମାରକୀ ସିନିୟର ଏବଂ ଭଗବାନ ଦାସ ସ୍ମାରକୀ ଜୁନିୟର ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ୧୨ଟିଏବଂ ଜୁନିୟର ବିଭାଗରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଦିନ ଜୁନିୟର ଏବଂ ସିନିୟର ବିଭାଗରେ ୪ଟି ମ୍ୟାଚ୍ ଖେଳାଯିବ। ଜାନୁୟାରୀ ୨୦ ତାରିଖରେ ଉଭୟ ବିଭାଗର ଫାଇନାଲ ହେବ। ସିନିୟର ବିଭାଗର ଚାମ୍ପିୟନ ଦଳକୁ ସ୍ୱର୍ଗତ ବସନ୍ତ ଦାସ ସ୍ମାରକୀ ଟ୍ରଫି ଏବଂ ଜୁନିୟର ବିଭାଗର ଚାମ୍ପିୟନ ଦଳକୁ ଭଗବାନ ଦାସ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ ବୋଲି ଆସୋସିଏଶନର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ କହିଛନ୍ତି।

### ଫାଇନାଲରେ ରିୟଲ ମାଡ୍ରିଡ୍

**ଜେଡା, ୯।୧ (ଏଏଫ୍‌ପି)**

ଜିନେଡିନ ଜିଡାନେଙ୍କ ରିୟଲ ମାଡ୍ରିଡ୍ ଦଳ ସ୍ପାନିଶ ସୁପର୍ କପ୍ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ମୁକାବିଲାରେ ଏହି ସ୍ପାନିଶ କ୍ଲବ ୩–୧ ଗୋଲରେ ଭାଲେନ୍ସିଆକୁ ହରାଇ ଦେଇଛି। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଟୋନି କ୍ରୁଜ୍ କର୍ନର କିକ୍‌ରୁ ସିଧାସଳଖ ଚମତ୍କାର ଗୋଲସ୍କୋର କରି ରିୟଲ ମାଡ୍ରିଡ୍‌କୁ ୧–୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଇସ୍‌କୋ ଓ କ୍ରୋଏସିଆ ଫୁଟ୍‌ବଲ ଷ୍ଟାର୍ ଲୁକା ମୋଡ୍ରିକ୍ ଯଥାକ୍ରମେ ୩୯ତମ ଓ ୬୫ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ୩–୦ରେ ଏକପାଖିଆ ଭାବେ ଅଗ୍ରଣୀ କରିଥିଲେ।

## ପଞ୍ଜାବ ସହ ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)**

ପଞ୍ଚକୁଲାରେ ଗୁରୁବାର ଅନୁଷ୍ଠିତ ପଞ୍ଜାବ ଓ ଓଡ଼ିଶା ଏଫସି ଏଆଇଏଫଏଫ ଏଲିଟ ଲିଗ୍ (୧୮ ବର୍ଷରୁ କମ୍) ମ୍ୟାଚ ଡ୍ର ରହିଛି। ପଞ୍ଜାବ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଓଡ଼ିଶା ଏଫସି ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚକୁ ଗୋଲ ଶୂନ୍ୟ ରଖିଥିଲା। ଗୋଲକିପର ଅଲିମ ରହମାନ ମୋଲ୍ଲା ଚମତ୍କାର ପ୍ରଦର୍ଶନ କରି ପଞ୍ଜାବ ପକ୍ଷରୁ ହୋଇଥିବା ଏକାଧିକ ଉଦ୍ୟମକୁ ପଣ୍ଡ କରିଥିଲେ। ଡିଫେଣ୍ଡରଙ୍କ ପ୍ରଦର୍ଶନ ମଧ୍ୟ ଦର୍ଶନୀୟ ଥିଲା। ଲିଗ୍‌ରେ ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ୟୁଥ୍ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଆରମ୍ଭ



ଅଂଶଗ୍ରହଣକାରୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ଓଡ଼ିଶା ମହିଳା ଫୁଟବଲ ଦଳର କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ମାଡ୍ରାସ, ପଞ୍ଜାବ, ଗୋଆ, ମଦୁରାଇ କାମରାଜ, କାଲିକଟ, ଏମଡିୟୁ ରୋହତକ, ଜିଏନଡିୟୁ ଅମୃତସର, ଏଲ୍‌ଏନ୍‌ଆଇପିଇ ଗ୍ୱାଲିଅର, ଆନ୍ନାମଲାଇ ଏବଂ ବିଆର୍‌ଏ ବିହାର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି।

## ଆଜିଠାରୁ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ଗୁଆହାଟୀ,୯।୧(ପି.ଟି.)**

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣ। ସ୍ଥାନୀୟ ସାରୁସରାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଗତଥରର ଚାମ୍ପିୟନ ମହାରାଷ୍ଟ୍ର ଓ ରନର୍ସଅପ୍ ହରିୟାଣା ମଧ୍ୟରେ ମୁଖ୍ୟତଃ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଗତ ସଂସ୍କରଣରେ ମହାରାଷ୍ଟ୍ର ମୋଟ ଉପରେ ୨୨୮ଟି ପଦକ ହାସଲ କରିଥିଲା। ଏଥର ମହାରାଷ୍ଟ୍ର ତରଫରୁ ୫୭୯ ଜଣିଆ ଏକ ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରିବ। ଏଥର କିନ୍ତୁ ହରାୟାଣା ବିପର୍ଯ୍ୟୟ ଘଟାଇବା ଆଶା କରାଯାଉଛି।



ଏକ ବଡ଼, ଶକ୍ତିଶାଳୀ ଦଳ ସହ ହରିୟାଣା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ଓ ଚାମ୍ପିୟନ ହେବାକୁ ପ୍ରୟାସ କରିବ।

ପ୍ରାରମ୍ଭିକ ସଂସ୍କରଣରେ ହରିୟାଣା ଚାମ୍ପିୟନ ହୋଇଥିଲା। ଏଥର ହରିୟାଣା ତରଫରୁ ୬୮୨ ଜଣ ଆଥଲେଟ ଅଂଶଗ୍ରହଣ କରିବେ। ମହାରାଷ୍ଟ୍ର ସମେତ ଅନ୍ୟ ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ହରିୟାଣା ଟକ୍କର ଦେବ ବୋଲି ଆଶା କରାଯାଉଛି। ଗତ ଦୁଇଟି ସଂସ୍କରଣରେ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଥିଲା। ଏଥର ଆହୁରି ଭଲ ପ୍ରଦର୍ଶନ କରି ଦିଲ୍ଲୀ ୧ କିମ୍ବା ୨ ନମ୍ବର ସ୍ଥାନ ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି କ୍ରୀଡ଼ା ମହାକୁମ୍ଭରେ ମୋଟ ଉପରେ ୨୦ଟି କ୍ରୀଡ଼ାରେ ୬, ୫୦୦ ଆଥଲେଟ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ସାଇକ୍ଲିଂ ଓ ଲନ୍ ବଲ୍ସ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ପାଇଁ ଏହା ସର୍ବବୃହତ୍ ପ୍ରତିଭା ଅନ୍ୱେଷଣ କ୍ରୀଡ଼ା ସାବ୍ୟସ୍ତ ହେବାକୁ ଯାଉଛି। ଗତବର୍ଷ ପୁଣେରେ ୫, ୯୨୫ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ।

### ଉଦ୍‌ଘାଟନୀ ଉତ୍ସବରେ ମଶାଲ ଧରିବେ ହିମା

୧୭ ଓ ୨୧ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରୁଥିବାରୁ ଏଥର ଏହି ଇଭେଣ୍ଟ ବେଶ୍ ମଜାଦାର ହେବ। ଏସିଆନ୍ ଗେମ୍ସ ୪୦୦ମି. ରୌପ୍ୟ ପଦକ ବିଜେତା ହିମା ଦାସ ଉଦ୍‌ଘାଟନୀ ଉତ୍ସବରେ ମଶାଲ ବହନ କରିବେ। ତେବେ ସେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ନାହିଁ। ସେହିପରି ଝାଡଖଣ୍ଡର ରିକର୍ଭ ଅର୍ଚ୍ଚର କୋମଲିକା ବାରି ଅନ୍ୟତମ ତାରକା ଖେଳାଳିଭାବେ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ରିକର୍ଭ କାଡେଟ ବାଳିକା ଚାମ୍ପିୟନ ୨୧ ବର୍ଷରୁ କମ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି ଦଳ ଗତବର୍ଷ ୧୭ ବର୍ଷରୁ କମ୍ ବିଭାଗରେ ଚାମ୍ପିୟନ ହୋଇଥିଲା। ସେହିପରି ପଞ୍ଜାବ ତାରକା ତୀରନ୍ଦାଜ ସଙ୍ଗମପ୍ରୀତ୍ ବିସ୍ଲା, ସୁଖବିନ୍ଦର ସିଂ ଓ ମହାରାଷ୍ଟ୍ରର ସଞ୍ଜୟ ଫଡଟାରେ ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ।

ସୁଇମିଂରେ ତାରକା ସନ୍ତରଣକାରୀ କର୍ନାଟକର ଶ୍ରୀହରି ନଟରାଜ, ଦିଲ୍ଲୀର କୁଶଗ୍ର ରାୱତ୍, ଗୁଜରାଟର ମାନା ପଟେଲ ଓ ମହାରାଷ୍ଟ୍ରର କେନିଶା ଗୁପ୍ତା ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ। କେରଳର ତାରକା ଆଥଲେଟ୍ ଜିସ୍‌ନା ମାଥ୍ୟୁ, ଏମ. ଶ୍ରୀଶଙ୍କର ଯଥାକ୍ରମେ ୨୧ ବର୍ଷରୁ କମ୍ ୪୦୦ମି. ଓ ୨୧ ବର୍ଷରୁ କମ୍ ଲଙ୍ଗଜମ୍ପରେ ଭାଗ ନେବେ। ଗୁଜରାଟ ତରଫରୁ ଅଜିତ କୁମାର ଯାଦବ ଦୌଡ଼ରେ, କର୍ନାଟକ ସ୍ପ୍ରିଣ୍ଟର ଭି.ଏ. ଶଶିକାନ୍ତ ଓ ଏ.ଟି. ଦାନେଶ୍ୱରୀ ଓ ହାଇଜମ୍ପର ଏନ୍. ପାଭନା ଓ ଉତ୍ତର ପ୍ରଦେଶର ଶୈଳୀ ସିଂ ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଶୁଟିଂରେ ଜସପାଲ ରାଣାଙ୍କ ଝିଅ ଦେବାଂଶୀ ରାଣା (ଦିଲ୍ଲୀ), ତେଲଙ୍ଗାନାର ଧନୁଷ ଶ୍ରୀକାନ୍ତ, ପଞ୍ଜାବର ସ୍କିଟ୍ ଶୁଟର ଗୁରନିହାଲ ସିଂ ଗର୍ଚ୍ଚା ମଧ୍ୟ ଭାଗ୍ୟ ପରୀକ୍ଷା କରିବେ। ବକ୍ସିଂ ଓ ରେସଲିଂରେ ହରିୟାଣା ସମସ୍ତଙ୍କୁ ପଛରେ ପକାଇବା ଆଶା କରାଯାଉଛି। ମହାରାଷ୍ଟ୍ରରୁ ୫୭୯, ଉତ୍ତର ପ୍ରଦେଶରୁ ୪୩୦, ପଞ୍ଜାବରୁ ୩୯୦, ତାମିଲନାଡ୍ରୁ ୩୫୬ ଓ ଅନ୍ୟ ରାଜ୍ୟଗୁଡ଼ିକରୁ ୩୦୦ ଆଥଲେଟ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଦାଦ୍ରା ନଗର ହାଭେଲିରୁ ସବୁଠାରୁ ଛୋଟ ଦଳ (୩ଜଣ) ଅଂଶଗ୍ରହଣ କରିବ ଓ ଏହି ଇଭେଣ୍ଟରେ ପଦାର୍ପଣ କରିବ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓଲ୍ଡିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

## ସଇନିଙ୍କ ମ୍ୟାଜିକ୍‌କୁ ଅପେକ୍ଷା

**ଗୌତମ ଗମ୍ଭୀର**

ଇନ୍ଦୋରରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ନବଦୀପ ସଇନି ଯେପରି ଭାବେ ଚମତ୍କାର ବୋଲିଂ କଲେ ସେଥିରେ ଅଧିନାୟକ ବିରାଟ କୋହଲି ଖୁବ୍ ଆନନ୍ଦିତ ହୋଇଥିବେ। କାରଣ ତାଙ୍କ ବୋଲିଂ ଆକ୍ରମଣ ଆହୁରି ଶକ୍ତିଶାଳୀ ହୋଇପାରିଛି। ସଇନିଙ୍କ ବ୍ୟତୀତ ତାଙ୍କ ପାଖରେ ପ୍ରତିଭା ସମ୍ପନ୍ନ ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି, ଦୀପକ ଚହର, ଭୁବନେଶ୍ୱର କୁମାର ଏବଂ ଈଶାନ୍ତ ଶର୍ମା ପ୍ରମୁଖ ବୋଲର ରହିଛନ୍ତି। ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ସେ ବ୍ୟବହାର କରିପାରିବେ। ଟିମ୍ ଇଣ୍ଡିଆର ଫାଷ୍ଟ ବୋଲିଂ ସମ୍ବଳକୁ ନେଇ କୋହଲି ଗର୍ବ ଅନୁଭବ କରୁଥିବା ସ୍ୱାଭାବିକ। ୨୦୧୩–୧୪ ଘରୋଇ ସିଜନରେ ମୋ ଦିଲ୍ଲୀ ଟିମ୍‌ମେଟ୍ ସୁମିତ ନରୱାଲ ମୋ ସହିତ ସଇନିଙ୍କୁ ପରିଚୟ କରାଇଥିଲେ। ଦିଲ୍ଲୀ ଟିମ୍‌ର ଅଧିନାୟକ ଥିବାବେଳେ ଏହି ପ୍ରତିଭାସମ୍ପନ୍ନ ଖେଳାଳି କିପରି ଭାରତୀୟ ଦଳରେ ସ୍ଥାନ ମିଳିବ ସେ ଦିଗରେ ଚେଷ୍ଟା କରିଥିଲି। କାରଣ ଆମର ସବୁବେଳେ କ୍ୱାଲିଟି ଫାଷ୍ଟ ବୋଲରଙ୍କ ସନ୍ଧାନରେ ଥାଉ। ଦିଲ୍ଲୀ ରଣଜୀ ଦଳର ନେଟ୍ ପ୍ରାକ୍ଟିସ ବେଳେ ବୋଲିଂ ପାଇଁ ନରୱାଲ ସଇନିଙ୍କୁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ଆସି ନ ଥିଲେ। ଦିଲ୍ଲୀ ରଣଜୀ ଟିମ୍‌ର ନେଟ୍ସ ବେଳେ ନେଟ୍ ବୋଲର ହେବା ଅପେକ୍ଷା ସଇନି ଟେନିସ ବଲ୍ ଗେମ୍ ଖେଳିବାକୁ ଆଗ୍ରହୀ ବୋଲି ପରେ ନରୱାଲ ମୋତେ କହିଥିଲେ। କିନ୍ତୁ ଏହି ଖେଳାଳିଙ୍କ ଭାଗ୍ୟରେ ଭିନ୍ନ କଥା ଲେଖାଥିଲା। କୌଣସି କାରଣରୁ ସଇନିଙ୍କ ଟେନିସ ବଲ୍ ମ୍ୟାଚ ବାତିଲ ହୋଇଯାଇଥିଲା। ନରୱାଲ ମୋ ନିକଟକୁ ବିଳମ୍ବିତ ରାତିରେ ଫୋନ୍ କରିଥିଲେ। ଫିରୋଜ ଶାହ କୋଟ୍‌ଲାରେ ସଇନି ଆମ ସହିତ ରହିବେ ବୋଲି କହିଥିଲେ। ନରୱାଲ ସଇନିଙ୍କୁ ବାଳକ ଅବସ୍ଥାରୁ ଜାଣିଛନ୍ତି। କର୍ନାଲ ପ୍ରିମିୟର ଲିଗ୍ ଏବଂ ଅନ୍ୟ ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟରେ ତାଙ୍କ ଖେଳ ଦେଖିଛନ୍ତି। ସେତେବେଳେ ୪ରୁ ୫ଟି ମ୍ୟାଚ ଖେଳିବା ଲାଗି ସଇନି ୨୧୦୦ ଟଙ୍କାରେ ବିକ୍ରି ହୋଇଥାନ୍ତି। ମାତ୍ର ୫ବର୍ଷ ପରେ ପରିସ୍ଥିତି ବଦଳିଛି। ଆଇପିଏଲ୍ ଖେଳାଳି ନିଲାମିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ ୩ କୋଟି ଟଙ୍କାରେ କ୍ରୟ କରିଛି। ସଇନି ଯେହେତୁ ଟେନିସ ବଲ୍ କ୍ରିକେଟରୁ ଆରମ୍ଭ କରିଛନ୍ତି, ବୋଧହୁଏ ସେଇଥିପାଇଁ ସେ ତୀକ୍ଷ୍ଣ ଓ ବାଉନ୍ସର ବଲ୍ ପକାଇପାରୁଛନ୍ତି। ବିଚିତ୍ର ବୋଲିଂ ଆକ୍ସନ ଯୋଗୁ ଏହି ବୋଲର ଅଜବ ବାଉନ୍ସ ପକାଇବାରେ ସହାୟକ ହେଉଛି। ଗତ ମ୍ୟାଚରେ ରାଜପାକ୍ସେଙ୍କ ଆଉଟ କଥା ମନେ ପକାଇଲେ ମୁଁ ଯାହା କହୁଛି ତାହା ଠଉରେଇ ହେବ। ଭାରତର ଫାଷ୍ଟ ବୋଲର ଦଳ ବାସ୍ତବିକ୍ ଟିମ୍ ପାଇଁ ଏକ ବଡ଼ ସମ୍ବଳ। ବୋଲିଂ କୋଚ୍ ଭରତ ଅରୁଣଙ୍କୁ ଏହାର ଶ୍ରେୟ ଯିବା ଉଚିତ। ଶୁକ୍ରବାର ପୁଣେ ଗେମ୍‌ରେ ପୁଣି ସଇନିଙ୍କ ମ୍ୟାଜିକ୍ ବୋଲିଂ ନମୁନା ଦେଖିବାକୁ ମିଳିବ ବୋଲି ଆଶା। ଅନ୍ୟପକ୍ଷରେ ଏହି ମ୍ୟାଚରେ ଶ୍ରୀଲଙ୍କା ଭଲ କରିବାକୁ ଆପ୍ରାଣ ଚେଷ୍ଟା କରିବ। କାରଣ ଏହା ଦଳ ପାଇଁ ସମ୍ମାନର ପ୍ରଶ୍ନ। ମୋ ନଜର କିନ୍ତୁ କେ. ଏଲ୍. ରାହୁଲଙ୍କ ଉପରେ ରହିବ। କୋହଲି ଏବଂ ରୋହିତଙ୍କ ପରେ ଭାରତର ପରବର୍ତ୍ତୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ହେବାକୁ ଯାଉଛନ୍ତି ବୋଲି ମୋର ମନେହେଉଛି।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡ଼ିଆ)

#WhatDrivesYou
EXIDE

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଅନ୍ତର୍ଯ୍ୟାମୀ ସାହୁ
ଗୁଣ୍ଡିଚାପଡା, ଢେଙ୍କାନାଳ
ଆବିର୍ଭାବ: ୧୫।୦୪।୧୯୪୯
ତିରୋଧାନ: ୩୧।୧୨।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଧର୍ମପତ୍ନୀ: ପ୍ରେମଲତା ସାହୁ, ପୁତ୍ର, ପୁତ୍ରବଧୂ, ବେବି, ରୁବି, ଭାଇ, ନାତି ନାତୁଣୀ: ଓମ୍, ଶ୍ରୀ, ହରି, ପୁତୁରା, ପୁତୁରା ବୋହୂ, ବନ୍ଧୁ ଓ ପରିବାରବର୍ଗ ତଥା ସହକର୍ମୀବୃନ୍ଦ।
ଧ–୧୬୧୧୧

ଷଷ୍ଠ ଶ୍ରାଦ୍ଧଦିବସ



ହାଲି ବାବୁଙ୍କ ସ୍ମୃତିରେ....
ଶିକ୍ଷାବିତ୍ ୰ ହାଡ଼ିବନ୍ଧୁ ହାଲି
ବଡ଼ଗଡ଼, ଭୁବନେଶ୍ୱର-୧୮
ଚାହୁଁ ଚାହୁଁ ଛଅବର୍ଷ ବିତିଗଲାଣି, ଆପଣଙ୍କ ଆଶୀର୍ବାଦ ଲାଭ କରି ଆମେ ଜୀବନ ବିତାଉଅଛୁ। ତୁମେ ଯେଉଁଠି ରହିଲେ ବି ଭଲରେ ରୁହ। ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ଫାଉଣ୍ଡେସନ।
ଶ୍ରୀ ପ୍ରଦୋଷ ପଟ୍ଟନାୟକ
ଶ୍ରୀ ରବୀନ୍ଦ୍ର ବିଶ୍ୱାଳ
ଡକ୍ଟର ମିନାକ୍ଷୀ ଦାସ
ଶ୍ରୀ ଦିଲ୍ଲୀପ ହାଲି
ଇଂ ରାହୁଲ ହାଲି
ଶ୍ରୀମତୀ କଳ୍ପନା ହାଲି
ଶ୍ରୀମତୀ ଅଳକା ପଣ୍ଡା
ଧ–୧୬୧୧୧

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ତାରା ପ୍ରସାଦ ମହାନ୍ତି
EB 361, ଲକ୍ଷ୍ମୀ ସାଗର, ଭୁବନେଶ୍ୱର
ଆବିର୍ଭାବ: ରାକ୍ଷୀ ପୂର୍ଣ୍ଣିମା (୧୯୩୩)
ତିରୋଧାନ: ପୌଷ ପୂର୍ଣ୍ଣିମା (୨୦୦୭)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ–୧୬୧୧୩

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଶ୍ୟାମ ସୁନ୍ଦର ମଲ୍ଲିକ
ଗ୍ରାମ: ଶ୍ୱରଡିହ, ପୋ: ନନ୍ଦିପୁର, ଯାଜପୁର
ଆବିର୍ଭାବ: ୧୦।୦୧।୧୯୨୫
ତିରୋଧାନ: ୩୧।୧୨।୨୦୧୯
ହଠାତ୍ ଆପଣ ଆମକୁ ଛାଡି ଚାଲିଯିବେ, ଏକଥା ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିପାରୁନୁ। ପ୍ରତ୍ୟେକ ମୁହୂର୍ତ୍ତ ଆପଣ ଛାଡ଼ିଯାଇଥିବା ପଦଚିହ୍ନର ସ୍ମୃତିଚାରଣ କରୁଛୁ। ଆପଣଙ୍କ ଅମର ଆତ୍ମା ଶାନ୍ତିପାଉ ଆଜିର ଦିନରେ ଏତିକି କାମନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ–୧୬୧୧୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ Sambalpur, Friday, January 10 / 2020

# ଟୋକେନ ପାଇବାରୁ ଚାଷୀ ବଞ୍ଚିତ

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାନଗଦା କରି ଧାରଣା




କଲମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାନ ଗଦାକରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**କଲମପୁର,୯।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ତହସିଲ ଅଞ୍ଚଳର ଚାଷୀମାନେ ଟୋକେନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଟ୍ରାକ୍ଟରରେ ଧାନ ଆଣି ଗଦା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଚଳିତ ବର୍ଷ ଚାଷୀମାନେ ଖରିଫ ଧାନ ଚାଷ କରିଥିଲେ । ସେହି ଧାନକୁ ମଣ୍ଡିରେ ବିକ୍ରୟ କରିବା ପାଇଁ ଚାଷୀମାନେ ତାଙ୍କର ଡାଟାବେସ୍ ପାଇଁ କାଗଜପତ୍ର ଫାକ୍ସରେ ଟୋକେନ ପାଇଁ ଆବେଦନ କରିଥିଲେ। କଲମପୁର ଫାକ୍ସରେ ହରାହାରି ୬୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକେନ କଟିଯାଇଥିବାରୁ ସେମାନେ ଗୁରୁବାର ପୂର୍ବାହ୍ନ ୧୦ଟାରେ ତହସିଲ କାର୍ଯ୍ୟାଳୟକୁ ଧାନ ଆଣି ଗଦା କରିଥିଲେ। ଖବର ପାଇ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ସେଠାରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହି କିପରି ଭାବେ ଶୀଘ୍ର ଟୋକେନ ପାଇ ପାରିବେ ବୋଲି ତହସିଲ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ କରିବା ସହ ଉପଜିଲାପାଳଙ୍କ ଗାଡି ଆଗରେ ଶୋଇପଡିଥିଲେ। ଟୋକେନ ପାଇବାରୁ ବଞ୍ଚିତ ରାଧେଶ୍ୟାମ ଶର୍ମା, ସୁମନ ଶର୍ମା, ରବୀନ୍ଦ୍ର ନାଏକ, ରାଜେନ୍ଦ୍ର ପଣ୍ଡା, ସଞ୍ଜୟ ସାହୁ, ତପନ ପଣ୍ଡା, ଦୟାନିଧି ଗୋଆ, ଜଗତରାମ ବର୍ଗଡ଼ି, ଗୌତମ ଲହଜଲ, ପଙ୍କ ବିହାର, ବିଜୟ କାଣ୍ଡ, ରମେଶ ସାହୁ, ଶଙ୍କର ପ୍ରସାଦ ସାହୁ ପ୍ରମୁଖ ଚାଷୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ବିବାଦର କୌଣସି ସମାଧାନ ହୋଇ ନାହିଁ । ଫଳରେ ଆନ୍ଦୋଳନ ଜାରି ରହିଛି ।

# ରାଜ୍ୟସ୍ତରୀୟ ଶୀତ ଉତ୍ସବ ଉଦ୍‌ଯାପିତ





ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ (ବାମ)। ସାଂସ୍କୃତିକ କାର୍ଯ୍ୟକ୍ରମ ।

- **କଳାହାଣ୍ଡିର କଳା, ସଂସ୍କୃତି ବିଶ୍ୱ ଦରବାରରେ ପରିଚିତ**
- **ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ**

**ଜୁନାଗଡ,୯।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ଖେଳପଡିଆଠାରେ ବୁଧବାରଠାରୁ ଚାଲିଥିବା ରାଜ୍ୟସ୍ତରୀୟ ଶୀତ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ବିଶିଷ୍ଟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ବିଜୟ ଜେନା, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଡ. ରାମକୃଷ୍ଣ ସାହୁ, ପୋଲିସ ହାଉସିଂର ସିଏମ୍‌ଡି ଲଳିତ ଦାସ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ବି.ଗଙ୍ଗାଧର, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଅନାମ ନାଏକ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ହେଉଛି କଳା ସଂସ୍କୃତିର ହାଣ୍ଡି, ଏଠାକାର କଳାକାର ବିଭିନ୍ନ କ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ନିଜ କଳାକୁ ବିଶ୍ୱ ଦରବାରରେ ପରିଚିତ କରି ଜିଲା ପାଇଁ ସମ୍ମାନ ଆଣିଛନ୍ତି। ଏଠାକାର ଲୋକଗୀତ, ଲୋକନୃତ୍ୟ, ରାଜ୍ୟ ତଥା ଦେଶ ବାହାରେ ପରିଚିତ ହୋଇପାରିଛି। କେବଳ ଶିକ୍ଷା, ଚାଷ ପାଇଁ ନୁହେଁ କଳାହାଣ୍ଡି ଏବେ କଳା କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ସୃଷ୍ଟି କରିପାରିଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ମଧୁମିତା ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ପ୍ରବୋଧ କୁମାର ରଥ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱରସ୍ଥିତ ନୃତ୍ୟଶାଳାର କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ହିମାଂଶୁ ଶେଖର ସ୍ୱାଇଁଙ୍କ ଦ୍ୱାରା ଓଡିଶୀ କଣ୍ଠ ସଙ୍ଗୀତ, ଗାୟକ ସୌରଭ ନାୟକ, ରାଧା ମାଧବ ମିଶ୍ର, ଗାୟିକା ଶୈଳଭାମା ମହାପାତ୍ର, ସଙ୍ଗୀତା ମିଶ୍ର (ପମି)ଙ୍କ ଦ୍ୱାରା ସୁଗମ ସଙ୍ଗୀତ, ପୁରୀ ଜ୍ଞାନରଞ୍ଜନ ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ (ମାଲଖମ୍ବ) ଓ ଭବାନୀପାଟଣା ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସିଂହାରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଓ କଳାହାଣ୍ଡି ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ୨ଦିନ ଧରି ଚାଲିଥିବା ଏହି ଉତ୍ସବକୁ ଓଡିଶା ସାହିତ୍ୟ ଏକାଡେମୀ ସମେତ ଜୁନାଗଡ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବହିର୍ବ୍ୟାପାର ବିଭାଗୀୟ ପରାମର୍ଶ କମିଟିରେ ସସ୍ମିତ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟର ବିଭାଗୀୟ ପରାମର୍ଶ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଅଧକ୍ଷ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ଶଶି ଥରୁର, ରାହୁଲ ଗାନ୍ଧୀ, ଆନନ୍ଦ ଶର୍ମା, ଜି.ଭି.ଏଲ୍. ନରସିଂହ ରାଓ, କିରଣ ଖେର ଏବଂ ମନୀଷ ଗୁପ୍ତା ପ୍ରମୁଖ ସଦସ୍ୟ ଅଛନ୍ତି। ସସ୍ମିତ ପୂର୍ବରୁ ମାନବ ସମ୍ବଳ ମନ୍ତ୍ରଣାଳୟର ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି, ଅଫିସ ଅଫ୍ ପ୍ରଫିଟ୍ ଏଣ୍ଡ ପ୍ରିଭିଲେଜ୍ ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି(ରାଜ୍ୟ ସଭା)ର ମଧ୍ୟ ସଦସ୍ୟ ଅଛନ୍ତି। ଗତବର୍ଷ ସସ୍ମିତ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟଭାବେ ମନୋନୀତ ହୋଇଥିଲେ।

# ଚୋରା ମଦ ପୋଡ଼ିଲେ ମହିଳା

**ସୋର, ୯।୧(ଡି.ଏନ୍.ଏ.)**

ବାଲେଶ୍ୱରଜିଲା ସୋରମ୍ୟୁନିସିପାଲିଟିଅନ୍ତର୍ଗତଖଣ୍ଡାସାହି ଗ୍ରାମରେ ଗୁରୁବାର ୫ଟି ସ୍ୱୟଂସହାୟକ ଗୋଷ୍ଠୀର ୫୦ରୁ ଉର୍ଦ୍ଧ୍ୱ ମହିଳା ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ବିପୁଳ ପରିମାଣର ଚୋରା ମଦ ଜବତ କରି ପୋଡି ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଜୟଶ୍ରୀରାମ, ମମତା, ଜାଗୁଳାଇ, ମଙ୍ଗଳା ଓ ରାଧାକୃଷ୍ଣ ଗୋଷ୍ଠୀର ମହିଳାମାନେ ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ହେଲା ମଦ ବିରୋଧୀ ଆନ୍ଦୋଳନ କରିଆସୁଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ବି କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ମହିଳାମାନେ ଏକାଠି ହୋଇ ଚୋରା ଭାଟି ଉପରେ ଚଢ଼ାଉ କରିଥିଲେ।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ବୁଢ଼ୀ ସମଲେଇ ଫୁଟବଲ ପ୍ରତିଯୋଗିତା ୧୧ରୁ

ସୋନପୁର,୯।୧(ନି.ପ୍ର.): ବିଏସଏଫ କ୍ଲବ ଏବଂ ଏସଏସ ସ୍ପୋର୍ଟିଂ ସୋନପୁର ଘୋଡାଘାଟପଡା ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ବୁଢ଼ି ସମଲେଇ ଫୁଟବଲ ପ୍ରତିଯୋଗିତା ଆସନ୍ତା ୧୧ତାରିଖରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ସୋନପୁର କଲେଜ ପଡିଆରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି । ଏଥିରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ, ଫୁଲବାଣୀ ଭବାନୀ କ୍ଲବ, ସୁନ୍ଦରଗଡର ନବଜୀବନ କ୍ଲବ, ପଦ୍ମପୁର ରାଜ ବୁଢାସମ୍ବର ସ୍ପୋର୍ଟିଂ, ବରଗଡ ୟୁନାଇଟେଡ କ୍ଲବ, ଆଠମଲ୍ଲିକ ଆଥଲେଟିକ ଆସୋସିଏଶନ, ଢେଙ୍କାନାଳ ମା ମଙ୍ଗଳା କ୍ଲବ ଓ ସୋନପୁର ବିଏସଏଫ କ୍ଲବ ଆଦି ୮ଟି ଦଳ ଭାଗ ନେବେ । ୧୨ ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ। ବିଏସଏଏଫ କ୍ଲବର ସଭାପତି ଆଦିତ୍ୟ କିଶୋର ଦାନୀ, ଉପସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ରାଜୀବ ପଟ୍ଟନାୟକ ପ୍ରମୁଖ ଏହି ସୂଚନା ଦେଇଛନ୍ତି ।

### ବଡମାଲ କଲେଜର ବାର୍ଷିକ କ୍ରୀଡ଼ା

ଅମରପାଲି, ୯।୧ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ରେଢ଼ାଖୋଲ ସୀମାବର୍ତ୍ତି ରେ.ବଡମାଲ ଜୟ ଜଗନ୍ନାଥ କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରାଜେଶ କୁମାର ଦାଶଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଦୁଇଦିନ ଧରି ଉକ୍ତ କ୍ରୀଡା ପ୍ରତିଯୋଗୀତା ହୋଇଥିଲା। କଲେଜର ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ । ବାଳିକା ଓ ବାଳକ ବର୍ଗରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜେଭେଲିନ ଥ୍ରୋ, ପଟାଟୋ ରେସ ଆଦି ପ୍ରତିଯୋଗୀତା ହୋଇଥିଲା । ଏଥିରେ ବାଳିକା ବର୍ଗରେ ରିଙ୍କି ବାରିକ ଓ ବାଳକ ବର୍ଗରୁ ବୁଲୁ ମାଝୀ ଚାମ୍ପିୟାନ ହୋଇଥିଲେ। ପ୍ରତିଯୋଗୀତାଗୁଡିକର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ଶିକ୍ଷକ ରମେଶ ଚନ୍ଦ୍ର ହୋତାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀତା ଗୁଡିକ ପରିଚାଳନା ହୋଇଥିଲା । ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ବୌଦ୍ଧ,୯।୧(ସ୍ୱ.ପ୍ର): ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ଗତବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ସମେତ ଜିଲାର ସମସ୍ତ ବିଭାଗର ପଦାଧିକାରୀ, ବୁଦ୍ଧିଜୀବୀ, ବ୍ୟବସାୟୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ । ସକାଳ ସାଢେ ୪ଟାରେ ଡାକବାଜି ଯନ୍ତ୍ର ଦ୍ୱାରା ସହର ସାରା ରାମଧୂନ ଗାନ, ୭ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ, ସହରରେ ସ୍ଥାପିତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଭାତ ଫେରି, ସାଢେ ୮ଟାରେ ଜିଲାସ୍ତରୀୟ ପତାକା ଉତ୍ତୋଳନ ଓ ପରେଡ, ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

ଶ୍ରୀରାମ ସିଡସ୍‌ରେ କୃଷି, ଯୋଗାଣ ବିଭାଗର ମିଳିତ ଚଢ଼ଉ

# ୬ ହଜାରରୁ ଉର୍ଦ୍ଧ୍ୱ ପ୍ୟାକେଟ ଧାନ ଜବତ

ଡୁଙ୍ଗୁରିପାଲି, ୯।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲାସ୍ଥିତ ଶ୍ରୀରାମ ସିଡସ୍‌ରେ ଗତ ଦୁଇଦିନ ହେଲା କୃଷି ବିଭାଗ ଯୋଗାଣ ବିଭାଗର ମିଳିତ ଚଢାଉ ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବେଆଇନ ମହଜୁଦ ରଖିବା ଅଭିଯୋଗରେ ସେଠାରୁ ୬ହଜାରରୁ ଉର୍ଦ୍ଧ୍ୱ ପ୍ୟାକେଟ ଧାନ ଜବତ କରାଯାଇଥିବା ଜଣାପଡିଛି। ଚଢାଉ ପରେ ଉକ୍ତ କେନ୍ଦ୍ରରେ ବିହନ ଧାନ ବଦଳରେ ବେନାମୀ ଧାନ ବିପୁଳ ପରିମାଣରେ ଥିବା ସାମନାକୁ ଆସିଛି। ଅଭିଯୋଗ ପାଇବା ପରେ ମଙ୍ଗଳବାର ଜିଲା ଯୋଗାଣ ବିଭାଗ ଅଧିକାରୀ ବିବେକାନନ୍ଦ କରକରା ଓ କର୍ମଚାରୀମାନେ ଶ୍ରୀରାମ ସିଡସ ତଥା ବିହନ ପ୍ରକ୍ରୀୟାକରଣ କେନ୍ଦ୍ରରେ ପହଞ୍ଚିଥିଲେ । ସେଠାରେ ବିହନ ପାଇଁ ଚାଷୀମାନଙ୍କଠାରୁ କିଣାଯାଇଥିବା ଧାନ ବଦଳରେ ହଜାର ହଜାର ବସ୍ତା ବେନାମି ଧାନ ଗଚ୍ଛିତ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ ଓ ସହକାରୀ କୃଷି ଅଧିକାରୀ ଦିଲରଞ୍ଜନ


ଶ୍ରୀରାମ ସିଡସ୍‌ରେ ଯୋଗାଣ ଓ କୃଷି ବିଭାଗ ଅଧିକାରୀମାନେ ଛାନଭିନ କରୁଛନ୍ତି ।

ମହାଲିକ ସେଠାରେ ପହଞ୍ଚିଥିଲେ । କାଗଜାତ ଯାଞ୍ଚବେଳେ ମହଜୁଦ ଧାନର କାଗଜ ପତ୍ର ଶ୍ରୀରମ ସିଡସ କର୍ତ୍ତୃପକ୍ଷ ଦେଖାଇ ପାରି ନ ଥିଲେ। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାମପୁର ତହସିଲଦାର ତଥା ନିର୍ବାହୀ ମାଜିଷ୍ଟ୍ରେଟ ଶ୍ୱେତପଦ୍ମା ଯୋଷୀ ଓ ଡୁଙ୍ଗୁରିପାଲି ପୋଲିସ ଉକ୍ତ ଧାନକୁ ଜବତ କରିଥିଲେ । ମଙ୍ଗଳବାର ରାତି ୧୦ଟା ସୁଦ୍ଧା ଚାରୋଟି ଟ୍ରକରେ ଡୁଙ୍ଗୁରିପାଲି ଶ୍ୟାମଜୀ ମିଲ୍‌କୁ ୭୭୦ ପ୍ୟାକେଟ ଓ ଉମାଶଙ୍କର ରାଇସ୍ ମିଲକୁ ୫୩୮ ପ୍ୟାକେଟ ଧାନଜିମା ଦିଆଯାଇଥିବା ବ୍ଲକ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ ପ୍ରକାଶ କରିଛନ୍ତି । ଗୁରୁବାର ପୂର୍ବାହ୍ନ ୧୦ଟା ପରେ ଉକ୍ତ ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ଅଧିକାରୀମାନେ ପହଞ୍ଚିଥିଲେ। ଶ୍ୟାମଜୀ ମିଲକୁ ୨ ଟ୍ରକ, ଲୋକନାଥ ମିଲକୁ ୧ ଟ୍ରକ, ଉମାଶଙ୍କର ମିଲକୁ ୧ ଟ୍ରକ ଓ ଚକା ମିଲକୁ ୧ଟି ଟ୍ରକରେ ଧାନ ପଠାଯାଇଥିଲା। କେତେ କେତେ କୁଇଣ୍ଟାଲ ଧାନ ଯାଇଛି ଖବର ଲେଖା ହେବା ପର୍ଯ୍ୟନ୍ତ ଅଧିକାରୀମାନେ ପ୍ରକାଶ କରି ନ ଥିଲେ । ଏ ନେଇ

**ବିହନ ବଦଳରେ ବେଆଇନ ଧାନ ମହଜୁଦ ଅଭିଯୋଗ, ତଦନ୍ତ ଜାରି**

ନିର୍ବାହୀ ମାଜିଷ୍ଟ୍ରେଟ ତଥା ରାମପୁର ତହସିଲଦାର ଯୋଶୀଙ୍କୁ ପଚାରିବାରୁ କେନ୍ଦ୍ରରେ ଥିବା ସମସ୍ତ ଧାନ ଉଠାଯିବ। ତେବେ ଶୁକ୍ରବାର ପୁଷପୁନି ପଡୁଥିବାରୁ ଶ୍ରମିକ ଅଭାବଜନିତ କାରଣରୁ ଧାନ ଉଠିବାରେ ସମସ୍ୟା ହେଉଛି ବୋଲି କହିଥିଲେ। ଅପରପକ୍ଷରେ ଉକ୍ତ କେନ୍ଦ୍ରରେ ବାକି ଥିବା ୪୬୫୨ ପ୍ୟାକେଟ ଧାନ ଚକାମିଲକୁ ଦିଆଯାଉଛି ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ । ଡୁଙ୍ଗୁରିପାଲି ପୋଲିସ, ଏବିଡିଓ ବିନୋଦ ଲାକ୍ରା, ଯୋଗାଣ ବିଭାଗର ସୁବୋଧ ହୋତା, ଲକ୍ଷ୍ମୀଧର ମାଝି, ଦିବ୍ୟସିଂ ବଡମାଲି, ରାଜକିଶୋର ନାଏକ ପ୍ରମୁଖ ଚଢାଉ ବେଳେ ଉପସ୍ଥିତ ଥିଲେ। ସହଲା ଗ୍ରାମର ଶ୍ରୀରାମ ସିଡସ ତଥା ବିହନ ପ୍ରକ୍ରିୟାକରଣ କେନ୍ଦ୍ରକୁ ଚାଷୀମାନେ ବିହନ ଆଣି ପ୍ରୋସେସିଙ୍ଗ କରିଥାନ୍ତି ବୋଲି ଜିଲା କୃଷି ଅଧିକାରୀ ପ୍ରକାଶ କରିଛନ୍ତି ।


ସିଣ୍ଢୋଲର ସୁନୀଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

## ବୌଦ୍ଧକୁ ହରାଇ ସିଣ୍ଢୋଲ ସେମିରେ

ଅମରପାଲି, ୯।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ବିକଲପୁରଠାରେ ଚାଲିଥିବା ୧୪ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ପୁଲ- ବିର ପ୍ରଥମ ମ୍ୟାଚରେ ବୌଦ୍ଧକୁ ହରାଇ ସିଣ୍ଢୋଲ ସେମିଫାଇନାଲରେ ପ୍ରବେଶ କରିଛି। ସିଣ୍ଢୋଲ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୬ ଉଇକେଟ ହରାଇ ୧୪୧ ରନ କରିଥିଲା। ଦଳ ପକ୍ଷରୁ ସୁନୀଲ ୩୨ ବଲରୁ ୬୪ ରନ ଓ ସୁଶାନ୍ତ ୩୪ ରନ କରିଥିଲେ। ବୌଦ୍ଧର ମୁକେଶ ଓ ବିରୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିଥିଲା। ଦଳର ବିରୁ ୪୬ ରନ ଓ ଅମିତ ୨୮ ରନ କରିଥିଲେ। ଫଳରେ ସିଣ୍ଢୋଲ ଦଳ ୬ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କମିରାସ୍ଥିତ ବାପୁଜୀ ହାଇସ୍କୁଲର ଶିକ୍ଷକ କଳାକାହ୍ନୁ ପଧାନ ଅତିଥିଭାବେ ଯୋଗଦେଇଥିଲେ। ସିଣ୍ଢୋଲର ସୁନୀଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ସୁରେଶ ବିଶି ଓ ଶ୍ରୀନିବାସ ପଧାନ ପରିଚାଳନା କରିଥିଲେ। ରମଣ କର୍ଣ୍ଣ ସ୍କୋରିଂ ଏବଂ ବୁବୁନ ସାହୁ, ପ୍ରଦୀପ ସାହୁ ଓ ସୁମନ୍ତ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଏଏଫସିସି ବଲାଙ୍ଗୀର ଓ ଗୋଲଡେନ ଇଗଲ ସମ୍ବଲପୁର ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ ।

## ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ: ଅମରପାଲି, ବହଲପଦର ବିଜୟୀ

ଅମରପାଲି, ୯।୧ (ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀଠାରେ ଚାଲିଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ଦୁଇଟି ମ୍ୟାଚ ଖେଳା ହୋଇଥିଲା । ପ୍ରଥମ ମ୍ୟାଚ ଅମରପାଲି ଓ ଭାଲୁଡୁଙ୍ଗୁରି ମଧ୍ୟରେ ହୋଇଥିଲା। ଭାଲୁଡୁଙ୍ଗୁରି ପ୍ରଥମେ ବ୍ୟାଟି କରି ସମସ୍ତ ଉଇକେଟ ହରାଇ ୬୪ ରନ କରିଥିଲା। ଦଳ ପକ୍ଷରୁ ଭିକି ସର୍ବାଧିକ ୨୪ ରନ କରିଥିଲେ। ବିପକ୍ଷ ଅମରପାଲିର ବନମାଳୀ ୩ଟି ଉଇକେଟ ନେଇଥିଲେ। ଜବାବରେ ଅମରପାଲି ଦଳ ୭.୩ ଓଭରରେ ୨ଉଇକେଟ ହରାଇ ୬୪ ରନ କରି ବିଜୟୀ ହୋଇଥିଲା। ଦଳର ଶ୍ରୀତମ ପଧାନ ୨୪ ରନ ଓ ବବଲୁ ମାଝୀ ୧୪ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ବହଲପଦର ଓ ଖଣ୍ଡହତା ମଧ୍ୟରେ ହୋଇଥିଲା। ବହଲପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ଉଇକେଟ ହରାଇ ୮୯ ରନ କରିଥିଲେ। ଦଳର ଚନ୍ଦନ ୪୨ ରନ କରିଥିଲେ। ଜବାବରେ ଖଣ୍ଡହତା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ କରି ପରାସ୍ତ ହୋଇଥିଲା। ଦଳର ପ୍ରକାଶ ୪୨ ରନ କରିଥିଲେ। ମ୍ୟାଚଗୁଡିକରେ ଅରୁଣ ସାହୁ ଓ ଟିଙ୍କୁନ ସାହୁ ଅମ୍ପାୟର ଏବଂ ହେମନ୍ତ ମାଝୀ ଓ ଦାମୋଦର ମଲ୍ଲିକ ସ୍କୋରିଂ କରିଥିଲେ। ବିଦ୍ୟାଧର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

ଗୃହ, ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ବଲାଙ୍ଗୀର ଗସ୍ତ

## ପ୍ରକଳ୍ପ ଅଗ୍ରଗତି, କାର୍ଯ୍ୟାନ୍ୱୟନର ସମୀକ୍ଷା



କ୍ଲଷ୍ଟରସ୍ତରୀୟ ବୈଠକରେ ଗୃହ ସଚିବ ଓ ୬ଟି ଜିଲାର ମଞ୍ଚାସୀନ ଅଧିକାରୀ ।

ବଲାଙ୍ଗୀର ଅଫିସ, ୯।୧

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଧିଭାଥାନନ୍ ଗୁରୁବାର ବଲାଙ୍ଗୀର ଗସ୍ତରେ ଆସି ଗୃହ ଓ ନଗର ଉନ୍ନୟନ ବିଭାଗର କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଓ ନୂଆପଡ଼ା ଆଦି ୬ଟି ଜିଲାର ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ବୈଠକରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଚୀତ୍ ନାୟକ, ଗୃହ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଉପସଚିବ ସାରଦା ପ୍ରସାଦ ପଣ୍ଡା, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ, ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ୬ଟି ଜିଲାର ସହାରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ପୌର ପରିଷଦ ଓ ଏନ୍‌ଏସିର ପ୍ରଶାସକ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟି ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଗୋଷ୍ଠୀ ସଙ୍ଗଠକମାନେ ଯୋଗଦାନ କରିଥିଲେ । ବୈଠକରେ ମ୍ୟୁନିସିପାଲିଟି ଓ ଏନଏସି ୱାରି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଜେଇୱାରି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ୍ୟ ସବିଶେଷ ସମୀକ୍ଷା କରାଯାଇଥିଲା । ବିଭିନ୍ନ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ ଉନ୍ନତମାନର ପାର୍କ ଏବଂ ଶ୍ମଶାନ ଗୃହ ସ୍ଥାପନ ଏବଂ ପ୍ରତ୍ୟେକ ସହରାଞ୍ଚଳରେ ଗୋଷ୍ଠୀ ଶୌଚଳାୟ ଏବଂ ସର୍ବସାଧାରଣ ଶୌଚାଳୟଗୁଡ଼ିକର ଗୁଣବତ୍ତାମାନ ଉନ୍ନତ କରିବାରେ ପୌରନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ ଅଧିବାସୀମାନଙ୍କୁ ଜମି ପ୍ରମାଣପତ୍ର ପ୍ରଦାନ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଉପଜିଲାପାଳ, ତହସିଲଦାର ଓ ରାଜ୍ୟ ନିରୀକ୍ଷକ ମାନଙ୍କୁ ଅଧିକ କ୍ରିୟାଶୀଳ ହେବା ନିମନ୍ତେ ପରାମର୍ଶ ଦେଇଥିଲେ । ଜାତୀୟ ସବୁଜ ପ୍ରାଧିକରଣ ନିର୍ଦ୍ଦେଶକୁ ପାଳନ କରିବା ପାଇଁ କଠିନ ଏବଂ ତରଳ ବର୍ଯ୍ୟବସ୍ତୁ ପରିଚାଳନା କାର୍ଯ୍ୟକୁ ସମୀକ୍ଷା କରିବା ସହ ଏହି କାର୍ଯ୍ୟକୁ ସଠିକ ରୂପେ ସମ୍ପାଦିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାତ୍ରୀଯାପନ ସ୍ଥଳୀ ସ୍ଥାପନ କରି ନିରାଶ୍ରୟ ମାନଙ୍କୁ ଥଇଥାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

## ଗୋଚର ଜମିରେ ବିଦ୍ୟୁତ ସବ୍‌ଷ୍ଟେଶନ ସ୍ଥାପନକୁ ବିରୋଧ

### ଉପଜିଲାପାଳଙ୍କୁ ଦାବିପତ୍ର ଦେଲେ ଉଫୁଲା ଗ୍ରାମବାସୀ

ଅମରପାଲି, ୯।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ଥିବା ଗୋଚର ଜମିରେ ବିଦ୍ୟୁତ ସବଷ୍ଟେଶନ ସ୍ଥାପନକୁ ଅନୁମତି ନଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ଗୁରୁବାର ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ବୀରମହାରାଜପୁର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଅଭିଯୋଗମତେ ଉଫୁଲା ଗ୍ରାମର ପଶ୍ଚିମ ଉପକଣ୍ଠସ୍ଥ ଗୋଚର ଜମିରେ ଏକ ବିଦ୍ୟୁତ ସବଷ୍ଟେଶନ ହେବାକୁ ଥିବା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି। ପୂର୍ବରୁ ଗ୍ରାମରେ ବିଦ୍ୟୁତ ସବଷ୍ଟେଶନ ବୀରମହାରାଜପୁର କଲେଜ ପାଖରେ ସ୍ଥାପନ ହୋଇସାରିଛି। ଗ୍ରାମରେ ଗୃହ ପାଳିତ ପଶୁ ଏବଂ ଲୋକଙ୍କ ସଂଖ୍ୟା ତୁଳନାରେ ଗୋଚର ଜମି ନାହିଁ । ଅଧିକାଂଶ ଗୋଚର ଜମି ଜବରଦଖଲକାରୀଙ୍କ ଦଖଲରେ ରହିଛି। ଏ ସମ୍ବନ୍ଧରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଉକ୍ତ ଗୋଚର ଜମି ଜବରଦଖଲ ହେଉନାହିଁ। ଫଳରେ ଉକ୍ତ ଗୋଚର ଭୂମିକ୍ରମେ ଦଖଲକାରୀଙ୍କ ଅଧିନରେ ରହିଯାଉଛି। ତେଣୁ ଗ୍ରାମର ଉକ୍ତ ଗୋଚର ଜମିକୁ ଜବରଦଖଲ ମୁକ୍ତ କରାଯାଉ। ଏବଂ ପ୍ରସ୍ତାବିତ ସବଷ୍ଟେଶନ ସ୍ଥାପନ ପାଇଁ ଅନୁମତି ନଦେବାକୁ ଅଭିଯୋଗ କରାଯାଇଛି। ଏହାକୁ ଗମ୍ଭୀରତାର ସହିତ ନେଇ ଏହାର ଆଶୁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅନ୍ୟଥା ଗ୍ରାମବାସୀ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି କହିଛନ୍ତି।

ଅଙ୍ଗନୱାଡିରୁ ମିଳୁଛେ ପ୍ଲାଷ୍ଟିକ୍ ଅଁଡା

## ହିତାଧିକାରୀ ଆନ୍‌ଲେ ଅଭିଯୋଗ

ବିନିକା, ୯।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଁଚେତ୍ ଅଧୀନ ବଲାରଙ୍ଗା ଗାଁ ନୂଆଁପଡ଼ାରେ ଥିବାର ଅଙ୍ଗନୱାଡି ଉପକେନ୍ଦ୍ର ନଂ.୩ରେ ପ୍ଲାଷ୍ଟିକ୍ ଅଁଡା ବଁଟା ଯାଇଥିବାର କେତେ ହିତାଧିକାରୀ ମଙ୍ଗଲବାର କରମୀକୁଁ ଅଭିଯୋଗ କରିଛନ୍। ହେଲେ ଅଙ୍ଗନୱାଡି କରମୀ ଆର ବିନିକା ସିଡିପିଓ ଶୋଭାଗିନୀ ହରିପାଲ ଇ ଅଭିଯୋଗଟା ଡାହା ମିଛ୍ ବଲି କହିଛନ୍। ଇଆଡ଼େ ଝନେ ହିତାଧିକାରୀ ଇ ବାବ୍‌ଦେ ବିନିକା ଥାନାରେ ଅଭିଯୋଗ କରିଥିବାର ଜନାଯାଇଛେ। ସୂଚନା ଅନ୍‌ସାରେ ନୂଆଁପଡ଼ା ଅଙ୍ଗନୱାଡି ଉପକେନ୍ଦ୍ର ନଂ.୩ର କରମୀ ପୂର୍ଣ୍ଣିମା ବାଘ ଜାନୁୟାରୀ ୧ ତାରିଖ କେନ୍ଦ୍ର ଅଧୀନ ୪ ଝନ୍ ହିତାଧିକାରୀକୁଁ ୧୨ଟା ଲେଖେଁ ଅଁଡା ଦେଇଥିଲେ। ଅଁଡା ନେଇଥିବାର ହିତାଧିକାରୀମାନେ ହେଉଛନ୍ ୨ ନୂଆପଡ଼ାର ପ୍ରୀୟଙ୍କା(୨)କଁର ମା' କବିତା ବାରିକ, ସଲୋନୀ(୨)କଁର ମା' ଚଞ୍ଚଳା ବାଗ ଆର ପ୍ରସୂତୀ ମହିଳା ଅଶ୍ୱିନୀ ବାରିକ, ଜୟନ୍ତୀ ନାଗ। ହେଲେ ହିତାଧିକାରୀମାନେ କେନ୍ଦ୍ରରୁ ନେଇଥିବାର ଅଁଡା ଯାକ ପ୍ଲାଷ୍ଟିକ୍‌ର ବଲି ବଙ୍ଗଲବାର ଅଙ୍ଗନୱାଡି କରମୀକୁଁ ଅଭିଯୋଗ କରିଛନ୍। ଏହେଦେ ଘଟନାଟା ଅଂଚଲରେ ଗୁଟେ ଚରଚାର ବିଷେ ହେଇଛେ। ଇ ବାବ୍‌ଦେ ବିନିକା ସିଡିପିଓ ଶୋଭାଗିନୀ ହରିପାଲ କହିଛନ୍ ଯେ, ଜାନୁୟାରୀ ୧ ତାରିଖ ଭିନେ ଭିନେ ଅଙ୍ଗନୱାଡି କେନ୍ଦ୍ରରେ ହିତାଧିକାରୀମାନକୁ ଅଁଡା ବଁଟାଯାଇଛେ। ହେଲେ ନୂଆପଡ଼ାକେ ଛାଡ଼ିଦେଲେ ବାକି କେହେନ୍‌ସିଠାନୁ ଅଭିଯୋଗ ନାଇଁ ଆସି। ଯଦି ହିତାଧିକାରୀମାନେ କେନ୍ଦ୍ରରୁ ନେଇଥିବାର ଅଁଡା ପ୍ଲାଷ୍ଟିକ୍ ବଲି


ହିତାଧିକାରୀ ଅଭିଯୋଗ କରିଥିବାର ପ୍ଲାଷ୍ଟିକ୍ ଅଁଡା।

ଜାନ୍‌ଲେ ସେଟା ଆମ୍‌କୁ ଆନି ଦେଖେଇ ଅଭିଯୋଗ କରବାର କଥା ବଲି ସେ କହିଥିଲେ। ସେନ୍‌ତା ଥାନୀଅ ନୂଆପଡ଼ା ଅଙ୍ଗନୱାଡି କରମୀ ପୂର୍ଣ୍ଣିମା ବାଗକୁଁ ପଚ୍‌ରାଲାରୁ ଜାନୁୟାରୀ ୧ ତାରିଖ ୪ ଝନ୍ ହିତାଧିକାରୀକୁଁ ୧୨ଟା ଲେଖେଁ ମୋଟ ୪୮ଟା ଅଁଡା ଦେଇଥିଲି। ହେଲେ ସେମାନେ ୧ରୁ ୬ ତାରିଖ ତକ୍ ଅଭିଯୋଗ ନାଇଁ କରି। ପଛେ ପ୍ଲାଷ୍ଟିକ୍ ଅଁଡା ଦିଆଯାଇଥିବାର ଅଭିଯୋଗ କଲାରୁ ମୁଇଁ ସେ ଅଁଡା ଆନି ଦେଖାବାକେ ସେମାନକୁ କହିଥିଲି। ହେଲେ ସେମାନେ ସବୁ ଫିଙ୍ଗି ଦେଇଛୁଁ, ଖାଲି ଗୁଟେ ନ ଅଁଟା ତେଲେ ଛାନ୍‌ଲାଟା ଅଛେ ବଲି କହିଥିଲେ। ସେ ଛାନ୍‌ଲା ଅଁଡା ମୋତେ ଦେଖେଇ ଦେଖୁନ୍ ଇଟା କେନ୍‌ତା ରବର ଲେଖେଁ ଲମୁଛେ ଆର ପ୍ଲାଷ୍ଟିକ୍ ଲେଖେଁ ଟାନ୍ ଲାଗୁଛେ ବଲି କହିଥିଲେ ବଲି ସେ କହିଛନ୍। ଇ ବାବ୍‌ଦେ ହିତାଧିକାରୀ ଚଞ୍ଚଳା ବାଗ ବିନିକା ଥାନାରେ ଅଭିଯୋଗ କରିଥିବାର କହିଛନ୍। ଇ ବାବ୍‌ଦେ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀକୁଁ ପଚ୍‌ରାଲାରୁ ଘଟନା ବାବ୍‌ଦେ ଅଭିଯୋଗ ହେଇଛେ ଆର ଆମେ ତଦଁତ୍ କରୁଛୁଁ ବଲି ସେ କହିଛନ୍।

## ଭାବ୍‌ପେମ୍ ଆର ଉସ୍‌ନାକର ପରବ୍ ପୁଷ୍‌ପୁନି

ଗଣ୍ଡତୁରୁମ, ୯।୧ (ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ନୂଆଁଖାଇ ଲେଖେଁ ପୁଷ୍‌ପୁନି ବି ଗୁଟେ ସିଘା ତିହାର। ନୂଆଁଖାଇ ଆର ପୁଷ୍‌ପୁନି ଦୁହିଟା ଗୁଟେ କୃଷି ଭିତିକ୍ ପରବ ଆଏ। ନୂଆଁଖାଇରେ ଲୋକ୍ ପହେଲା ଅମଲ ନୂଆଁଧାନକେ ନିଜର କୁଲଦେବୀରନେ ଭୋଗ ଲଗେଇ ପରବ୍ ପାଲନା କରୁଥିଲାବେଲେ। ପୁଷ୍‌ପୁନିରେ ହେନ୍‌ତା କେହେନ୍‌ସି ଦେବାଦେବୀଙ୍କୁ ପୂଜା କରବାର ରିକ୍‌ମା ନାଁଇଁନ। ହେଲେ ଇ ସମିଆରେ ଚଷାର ଧାନ ଅମଲ ଶେଷ୍ ହେସି। ଇ ଉଧେ ସାହୁକାରମାନେ ନିଜର ହଲିଆଗୁଡିକୁ ଭାତତୁନ, ଜାତିର ଜାତିର ପିଠାପନା, ନୂଆଁ କପଡ଼ାଲତା, ବାକିଆ ପାଉନା ଦେଇ ବିଦାକି ଦେସନ୍। ଇ ପରବ୍‌ଟା ଫିବଛର ପୁଷ୍ ମାସର ପୁନି ଦିନ ପାଲନା ହେସି। ପରବ୍ ଦିନ ଗାଁଗାଁରେ ବେଲାକେ, ରାତିରେ ମାଛ, ମାଉଁସ କରି ଲୋକ୍ ଭୁଜିଭାତ କରସନ୍। ସେନ୍‌ତା ପୁଷ୍‌ପୁନି ଦିନ ନିଜର ମିତାମଏତର, ଲୋକ୍‌ବାକ୍ ଘରକେ ବି ପିଠାପନା ପଠାଯାଏସି। ଇ ଦିନ ଆଦିବାସୀ ସମାଜର ଲୋକ୍ ଆର ଅନେକ ଗାଁରେ ପିଲାନୁ ବୁଢ଼ାତକ୍ ଦଲ୍ ଦଲ୍ ହେଇ ଘରଘର ବୁଲି ଗୀତ୍ ଗାଇଗାଇ ଛେର୍‌ଛେରା ମାଗ୍‌ବାର ଗୁଟେ ରିକ୍‌ମା କେନ୍‌କାଲୁ ଚଲି ଆସୁଛେ। ଘରର ମାଏକିନାମାନେ ଖୁସିରେ ଛେର୍‌ଛେରା ମାଗୁଥିବାର ଲୁକ୍‌କୁ ଧାନ୍, ଚାଉଲ, ପିଠାମଡ଼ା ଦେସନ୍। ଅନେକ ଗାଁରେ ପିଲାମାନେ ଛେର୍‌ଛେରା ଧାନ୍‌ଚାଉଲ, ପିଠାମଡ଼ା ଠୁଲେଇ ଭୁଜିଭାତ କରସନ୍। ହେଲେ ଆଏଜ୍‌କାଲି ଆଧୁନିକ ଯୁଗେ ଇ ସବୁ ରିକ୍‌ମା ଅନେକ ଗାଁଗଁଡ଼ାରେ ଦେଖିବାକେ ନାଇଁ ମିଲବାର। ଇ ପରବ୍‌ରେ ପିଠାମଡ଼ାର ମହକ୍‌ନୁ ଲୁକ୍‌କର ଭିତ୍‌ରେ ଥିବାର ଭାବ୍‌ପେମ୍‌ର ମହକ୍‌ଟା ଅଧିକା ଦେଖିବାକେ ମିଲ୍‌ସି। ପୁଷ୍‌ପୁନିକେ ନେଇ ଅନେକ କଥା ରହିଛେ। ଦୁଆପର ଯୁଗେ ମଥୁରା ନରେଶ କଂସ ରଜାର ଅତିଆଚାରରେ ପରଜାମାନେ ବଡ଼ା ଦୁଖ୍ ଭୁଗୁଥିଲେ। ଲୁକ୍‌କର ଦୁଖ୍ ଦେଖି ଭଗବାନ ବିଷ୍ଣୁ କଂସର ଭନ୍‌ଜା ହିସାବେ ଦେବକୀକଁର ଉଦରରେ ଜନମ୍ ନେଇଥିଲେ। ସେ କୃଷ୍ଣ ହିସାବେ ପୁଷ୍‌ପୁନି ଦିନ କଂସର ବଧ୍ କରିଥିଲେ। ଇଥିରଲାଗି ଲୋକ୍ ଇ ଦିନ୍‌କେ ଉସନାକ୍‌ରେ ପୁଷ୍‌ପୁନି ହିସାବେ ପାଲନା କରିଥିଲେ। ସେଦିନ୍‌ଠାନୁ ଇ ରିକ୍‌ମା ଚଲି ଆସୁଥିବାର ଲୋକ୍ କହେସନ୍। ସେନ୍‌ତା ପଶ୍ଚିମ ଓଡ଼ିଶାରେ ବହୁତ୍‌ଟେ ନାଲ୍‌ନଲିଆ, ନଏଦ୍ ରହିଥିଲେ ବି ପୂରବେ ଜଲ୍‌ସେଚନର ଏତେଟା ସୁବିଧା ନାଇଁଥାଇ। ଚାଷୀମାନେ ବରଷା ଉପରେ ନିରଭର କରି ଚାଷ୍‌ବାସ କରୁଥିଲେ। ହେଲେ ଅନେକ ସମିଆରେ ବରଷା ଅଭାବୁ ମର୍‌ଡି ହେଉଥିଲା। ଏନ୍‌ତାଥି ଗରିବ୍ ଲୋକ୍‌ମାନେ କୁଟୁମ୍ ପୁଷ୍‌ବାର ଲାଗି ସାହୁକାର, ଗଉଁତିଆମାନକରନେ ଗୁତି ଖଟୁଥିଲେ। ହେଲେ ପୁଷ୍‌ପୁନି ଦିନ ସାହୁକାରମାନେ ଇ ଶ୍ରମିକମାନକୁ ଭୁତିଭରତନ, କପଡ଼ାଲତା ଦେଇ ବିଦାକି ଦେଉଥିଲେ। ସେଥିରଲାଗି ଇ ଦିନ୍‌କେ ଲୋକ୍ ଗୁଟେ ପରବ୍ ହିସାବେ ପାଲନା କରୁଥିବାର ଲୋକ୍‌କଥା ରହିଛେ।

## ତରଭା ଧନୁଯାତ୍ରା : ରଙ୍ଗସଭା, କାଳୀୟ ଦଳନ

ତରଭା, ୯।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଧନୁଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟାରେ କୃଷ୍ଣ ବଳରାମଙ୍କୁ ହତ୍ୟା ପାଇଁ ଷଡଯନ୍ତ୍ର ରଚନା, ମଥୁରାରେ ଧନୁଯାତ୍ରା ଆୟୋଜନ କରିଛନ୍ତି। ପାତ୍ରମନ୍ତ୍ରୀଙ୍କ ପାଇଁ ବିଚାର ବିମର୍ଷ, ନାରଦଙ୍କ ପରାମର୍ଶ କ୍ରମେ ରଙ୍ଗସଭାର ଆୟୋଜନ କରିଛନ୍ତି। ସେପଟେ ଗୋପପୁର(ଶିବତୁଲା)ରେ କାଳୀୟ ନାଗ କୃଷ୍ଣଙ୍କ ଶରଣ ପଶିବା ଖବର ଶୁଣି କଂ ମହାରାଜା ମର୍ମାହତ ହୋଇ ପଡିଛନ୍ତି। ପରେ ଗୋପପୁରକୁ ଅକ୍ରୂରଙ୍କୁ ପ୍ରେରଣ କରିଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ସବୁ ମଞ୍ଚସ୍ଥ ଦୃଶ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ବୁଧବାର ସନ୍ଧ୍ୟାରେ ମଥୁରା ନରେଶ କଂସ ମହାରାଜଙ୍କ ଦରବାରରେ ରାଜ ଅତିଥି ଭାବେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସରୋଜ କର୍ମ, ରାମପୁର ଧନୁଯାତ୍ରା


କଂସ ଦରବାରରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟ ଅତିଥିମାନେ।

କମିଟି ସଭାପତି ରମେଶ ପୂଝାରୀ ଓ କମିଟିର ସଭାପତି ଆଦିକନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ତରଭା ଏକ କଳାର ମାଟି, କଳା ସଂସ୍କୃତିର ଗନ୍ତାଘର ବୋଲି ମନ୍ତ୍ରୀ ସାହୁ ପ୍ରକାଶ କରିଥିଲେ । ଏହି ଅବସରରେ କଣ୍ଟାମାଲର ପ୍ରଗତୀ କଲଚରାଲ ଓ୍ୱିଙ୍ଗସ୍‌ର ସମ୍ବଲପୁରୀ ଟୁଟକୁଟୁଟା ଓ ହାସ୍ୟ ଅଭିନେତା ବିନ୍ଧୁ ଓ ସାଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହି ନେଇଥିଲା । ଅନ୍ଧ, ମୂକ ବିଦ୍ୟାଳୟର ସାହାଯ୍ୟାର୍ଥେ ଆୟୋଜନ କରାଯାଇଥିବା ତରଭା ଧନୁଯାତ୍ରା ମହୋତ୍ସବ ପ୍ରସଂଶନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । କଂସ ଭୂମିକାରେ ସୁଶୀଲ ମେହେରଙ୍କ ନିଖୁଣ କଳାକୁ ଦର୍ଶକ ଭୂୟସୀ ପ୍ରସଂଶା କରିଥିଲେ । ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ



## ସଂକ୍ଷେପରେ

### ବରଗଡ଼ ଧନୁଯାତ୍ରା ଆଜିର ଆକର୍ଷଣ

ତା:-୧୦।୧।୨୦୨୦(ଶୁକ୍ରବାର)
ମଥୁରାନଗରୀ:- କୃଷ୍ଣ ବଳରାମଙ୍କ ମଥୁରା ଭ୍ରମଣ, ଗୋବିନ୍ଦପାଲି ବିବେକାନନ୍ଦ ଛକରେ କୃଷ୍ଣ ବଳରାମଙ୍କୁ ସ୍ୱାଗତୋତ୍ସବ, କୁବଳୟା ବଧ, ଅଷ୍ଟମଲ୍ଲ ବଧ, ଶିବଧନୁ ଭଙ୍ଗ, କଂସ ବଧ, ଉଗ୍ରସେନଙ୍କ ରାଜାଭିଷେକ ।

### ଶିଡ଼ିରୁ ଗୋଡ ଖସି ମହିଳା ଶ୍ରମିକଙ୍କ ମୃତ୍ୟୁ

ପାଇକମାଳ, ୯।୧ (ଡି.ଏନ.ଏ)
ବରଗଡ ଜିଲା ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ଲଉଡମାଳଠାରେ ଥିବା ମହାମାୟା ପବ୍ଲିକ ସ୍କୁଲର କୋଠା ଛାତ ନିର୍ମାଣ ଚାଲିଥିବାବେଳେ ସିଡିରୁ ଗୋଡ ଖସିଯିବାରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତା ଶ୍ରମିକ ହେଲେ ଜାନକୀ ବିଶ୍ୱାଳ (୫୫) । ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ପାଇକମାଳ ସରକାରୀ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଶ୍ରୀଧର ପ୍ରଧାନ ତାଙ୍କୁ ମୃତ ଘୋଷଣା କରିଥିଲେ। କାଂସଡା ଗ୍ରାମ ନିବାସୀ ଜାନକୀ ଅନେକ ଦିନ ହେବ ଏଠାରେ ମଜୁରୀ କାମ କରି ଆସୁଥିଲେ । ଏ ନେଇ ପାଇକମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପଦ୍ମପୁର ପଠାଯାଇଛି ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ପାଇକମାଳ, ୯।୧ (ଡି.ଏନ.ଏ)
ପାଇକମାଳ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଡିଓ ସଦାଶିବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରମେଶ ଚନ୍ଦ୍ର ସେଠୀ ଉଦ୍ଦେଶ୍ୟରେ ଜ୍ଞାପନ କରିଥିଲେ। ଏଥିରେ ପାଇକମାଳ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟତ୍ରୀ, ଶିକ୍ଷକ ତଥା ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ନିଜର ମତ ରଖିଥିଲେ। ସାଧାରଣତନ୍ତ୍ର ଦିବସ ପାଇଁ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଚାରି ସ୍ତରରେ କରିବା ପାଇଁ ସ୍ଥିର ହୋଇଥିଲା। ଗୁରୁଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ସୈନିକ କଲ୍ୟାଣ ସଂଘ ବୈଠକ

ପଦ୍ମପୁର, ୯।୧ (ଡି.ଏନ.ଏ)
ପଦ୍ମପୁର ରିକ୍ରେସନ ସେଣ୍ଟରରେ ସୈନିକ କଲ୍ୟାଣ ସଂଘର ମାସିକିଆ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାସ୍କର ଦାସ ସଭାପତିତ୍ୱ କରିଥିଲେ। ଦେଶମାତୃକାର ସେବା କରି ଶହୀଦ ହୋଇଥିବା ଯବାନମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ସୌକିଲାଲ ସାହୁ ଭାରତମାତା ପୂଜନ ସହ ଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପାଞ୍ଜଳି ଦେଇଥିଲେ। ସମ୍ପ୍ରତି ବିଶ୍ୱରେ ଦେଖାଯାଇଥିବା ଉତ୍ତେଜନା ହ୍ରାସ ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରାଯାଇଥିଲା। ପରେ ସୈନିକ କଲ୍ୟାଣ ସଂଘର ଆଗାମୀ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇଥିଲା । ଆନନ୍ଦ କୁମାର ସିଂ, ସୁରେଶ କୁମାର ପତି, ମହେଶ୍ୱର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ବରଗଡ଼ ଉପଜିଲାପାଳ ସସ୍ତ୍ରୀକ କୃଷ୍ଣ, ବଳରାମଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।



ପର୍ବତାରୋହୀ ଲିପିକା ସେଠ୍‌ଙ୍କୁ କଂସ ଦରବାରରେ ସମ୍ବର୍ଦ୍ଧନା ଦିଆଯାଉଛି ।

■ ବରଗଡ଼ ଧନୁଯାତ୍ରା

# ମଥୁରା ବୁଲିଲେ କୃଷ୍ଣ ବଳରାମ

ମଥୁରାନଗରୀ,୯।୧
ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୁରୁବାର ଦଶମ ଦିବସରେ ଅନ୍ୟ ଦିନ ଭଳି କଂସ ମହାରାଜା ମଥୁରା ନଗରୀ ପରିକ୍ରମା କରିଥିବାବେଳେ ଶ୍ରୀକୃଷ୍ଣ ଓ ବଳରାମଙ୍କ ମଥୁରା ପରିଭ୍ରମଣ ଅନ୍ୟତମ ଆକର୍ଷଣ ଥିଲା। ନିଜ ପାଖରେ ପାଇ ମଥୁରାବାସୀ ଘରେ ଘରେ ବେନିଭାଇଙ୍କୁ ପୂଜାର୍ଚ୍ଚନା ସହିତ ଦୋଳିରେ ବସାଇ ଝୁଲାଇଥିଲେ । ସେହିପରି ପରିଭ୍ରମଣ ସମୟରେ ରାଜଘାଟରେ ରଜକଙ୍କ ସହିତ କୃଷ୍ଣ, ବଳରାମଙ୍କ ସହିତ ସାକ୍ଷାତ ହୋଇଥିବାବେଳେ ଖଜୁରଟିକ୍ରା ସ୍କୁଲର ଶିଶୁ ମଣ୍ଡପକୁ ପହଞ୍ଚିବା ପରେ ସୁଦାମା ମାଳି ଶ୍ରୀକୃଷ୍ଣଙ୍କ ଗୁଣଗାନ କରିଥିଲେ। ବରଗଡ଼ ଉପଜିଲାପାଳଙ୍କ ସରକାରୀ ବାସଭବନକୁ ମଧ୍ୟ ବେନିଭାଇ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସସ୍ତ୍ରୀକ ଶ୍ରୀକୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରିଭ୍ରମଣ ବାଟରେ ସ୍ଥାନୀୟ ନେହେରୁ ଆସୋସିଏନ ଦେଇ ବେନିଭାଇ ମାଁ ଶ୍ୟାମାକାଳୀ ମନ୍ଦିରକୁ ପହଞ୍ଚିଥିଲେ ଏବଂ ସେଠାରେ କୁବୁଜାଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ । ଅନ୍ୟପଟେ ଶ୍ରୀକୃଷ୍ଣ, ବଳରାମ ମଥୁରା ପହଞ୍ଚିଥିବା ଖବର ପାଇ କଂସ ମହାରାଜ ଖୁସି ହୋଇ ନାଚଗୀତରେ ବିଭୋର ହୋଇ ପଡ଼ିଥିଲେ । କିନ୍ତୁ ମହାରାଜ କଂସ ରାଜ ଦରବାରର ଶୟନ କକ୍ଷରେ ବିଶ୍ରାମ ନେଇଥିବାବେଳେ ଶ୍ରୀକୃଷ୍ଣଙ୍କୁ ବଂଶୀ ବାଦନ ଅବସ୍ଥାରେ ସ୍ୱପ୍ନ ଦେଖି ଚିନ୍ତିତ ଓ ଭୟଭୀତ ହୋଇ ପଡ଼ିଥିଲେ। ପରେ ନିଜର ଭୟ ଦୂର କରିବା ପାଇଁ ନାଚଗୀତରେ ମସଗୁଲ ହୋଇଥିଲେ । ପଦ୍ମଶ୍ରୀ ହଳଧର ନାଗ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଅଭିନେତ୍ରୀ ଲୋଚନୀ ବାଗ, ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଏବଂ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଇଶ୍ୱର ପାଣିଗ୍ରାହୀ ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ପର୍ବତାରୋହୀ ଲିପିକା ସେଠଙ୍କୁ କଂସ ମହାରାଜ ସମ୍ବର୍ଦ୍ଧିତ କରିଥିଲେ । ଶୁକ୍ରବାର ରାତ୍ରିରେ କଂସବଧ ସହିତ ଚଳିତ ଧନୁଯାତ୍ରା ମହୋତ୍ସବ ଶେଷ ହେବ ।

## କଂସବଧ ସହ ଆଜି ସରିବ ଧନୁଯାତ୍ରା

### ଆରଟିଓଙ୍କୁ ଜରିମାନା କଲେ କଂସ

ମଥୁରାନଗରୀ,୯।୧
ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁରୁବାର ଦଶମ ଦିବସରେ କଂସ ମହାରାଜ ମଥୁରା ଭ୍ରମଣ କରିବା ବାଟରେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ ଆରଟିଓ କେଶବ ଚନ୍ଦ୍ର ନାୟକଙ୍କୁ ମଥୁରାରେ ସଡ଼କ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ତେବେ ବହୁ ପୁରୁଣା ଗାଡ଼ି ମଥୁରାରେ ଚଳାଚଳ କରୁଥିବା ଏବଂ ସେଭଳି ଗାଡ଼ି ଗୁଡ଼ିକୁ ସ୍କୁଲବସ୍ ଭାବେ ବ୍ୟବହାର ହେଉଥିବାରୁ କଂସ ମହାରାଜ ସେ ନେଇ ଆରଟିଓ ନାୟକଙ୍କୁ ତାଗିଦ କରିବା ସହିତ ୩ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଜରିମାନା କରିଥିଲେ । ଏହା ଆରଟିଓ ପରିସରରେ ଦର୍ଶକ ମହଲରେ ବେଶ୍ କୌତୁହଳ ସୃଷ୍ଟି କରିଥିଲା ।

### ଚାଷୀ ପୁଅ ପାଇଲେ ଓଏଏସ୍



ଅର୍ଜୁନ ମାଝୀ ।

ପଦ୍ମପୁର, ୯।୧ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ବରିହାପାଲି ଗ୍ରାମର ଜଣେ ଚାଷୀ ବଳରାମ ମାଝୀଙ୍କ ପୁଅ ଅର୍ଜୁନ ମାଝୀ ଓଡିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅଞ୍ଚଳର ଗୌରବ ହୋଇଛନ୍ତି। ପରୀକ୍ଷା ଫଳ ବାହାରିବା ପରେ ତାଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିଛି। ବରିହାପାଲି ଗ୍ରାମର ବଳରାମ ମାଝୀଙ୍କ ୩ ପୁଅ। ବଡପୁଅ ପାଇକମାଳ ବ୍ଲକ ଅଫିସ୍‌ରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଥିବାବେଳେ ମଧ୍ୟମ ପୁଅ ସିଟି ତାଲିମ ସାରି ଘରେ ଅଛନ୍ତି । ଅର୍ଜୁନ କନିଷ୍ଠ ପୁଅ । ଅର୍ଜୁନ ରିହାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଯୁକ୍ତ ୨ଜମଲା ମହାବିଦ୍ୟାଳୟରେ ପଢିଲେ। ପରେ ସେ କର୍ଣ୍ଣାଟକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଯୁକ୍ତ ୩ ପାସ କରିଥିଲେ। ତାଙ୍କର ଦୃଢ଼ ମନୋବଳ, ଇଚ୍ଛାଶକ୍ତି ଯୋଗୁ ସେ ଏହି ସଫଳତା ପାଇ ପାରିଛନ୍ତି। ଅର୍ଜୁନ ମାଝୀ ୧୪୪ ର୍ୟାଙ୍କରେ ଅଛନ୍ତି। ତାଙ୍କର ସଫଳତା ପାଇଁ ଅଞ୍ଚଳରେ ଖୁସିର ମାହୋଲ ଦେଖାଦେଇଛି ।

### ଓଏଏସ୍ ପାଇଥିବା ପତିତପାବନଙ୍କୁ ସମ୍ବର୍ଦ୍ଧନା

ମନମୁଣ୍ଡା, ୯।୧ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା ଥାନା ପଲସାଗୋରା ପଞ୍ଚାୟତ ପିପିଲିପାଲି ଗ୍ରାମର ପତିତପାବନ ମହାନନ୍ଦିଆ ଓଡିଶା ପ୍ରଶାସନିକ ସେବାରେ ଚଳିତ ବର୍ଷ କୃତକାର୍ଯ୍ୟ ହୋଇ ଜିଲାର ଗୌରବ ବୃଦ୍ଧି କରିଛନ୍ତି । ସେ ଓଏଏସ ପାଇ ଜିଲା ପାଇଁ ଗୌରବ ଆଣିଥିବାରୁ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମପ୍ରକାଶ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନାରାୟଣ କର୍ମୀ, ବରିଷ୍ଠ ନେତା ସରୋଜ ପ୍ରଧାନ, ଶରତ ଖଣ୍ଡଗିରି, ରଜନୀକାନ୍ତ ନାୟକ ଓ ଶରତ ଭୋଇ ଗୁରୁବାର ମହାନନ୍ଦଙ୍କ ଘରକୁ ଯାଇ ତାଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ସାଫ୍‌ସଫେଇ ଲାଗି ଅଁଟା ଭିଡ଼ଲେ ମହିଳା

ଗଣ୍ଡତୁରୁମ, ୯।୧(ଡି.ଏନ୍.ଏ.)
ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଅଧୀନ ଚିଁହିକିପାଲି ଗାଁର ସମ୍ପୂର୍ଣ୍ଣା ସ୍ୱୟଂ ସହାୟକ ଦଳର ମହିଳାମାନେ ନିରୁଜ୍ ଆର ସାଫ୍‌ସୁତର ପରିବେଶ ଲାଗି ଅଁଟା ଭିଡ଼ିଛନ୍। ଦଳର ସଭାନେତ୍ରୀ ଇତିଶ୍ରୀ ଛୁରିଆ, ସମ୍ପାଦିକା ସୁବର୍ଣ୍ଣ ଛୁରିଆଙ୍କର ମଂଗୁଆଲତିରେ ବୁଧବାର ଦଳର ସଦସିଆ ଆର ଛୁଆମାନେ ଗାଁଖୁଲି ସଫା କରିଥିଲେ। ସେନ୍ତା ଗାଁବାସୀ ଫିଦିନ ବେଭାର କରୁଥିବାର ଉପରକଟା ବଁଧର ଆଡିରେ ଲୋକ୍ ଝାଡ଼ାଝପଟ କରବାର ସଂଗେ ଜଗଡ଼ାକେଟ୍‌ରା ଗଦା କରିଥିଲେ। ମହିଲାମାନେ ସେଟାକେ କୁଡ଼ି, ଡଲା, ବାଡୁନ୍ ଧରି ଲଟାବୁଟା ସହିତେ ସଫା କରିଛନ୍। ଇ ହିସାବେ ମହିଲା ଦଲ ସବୁ ଘରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ତିଆର ବେବସ୍ତା, ନଲ୍‌ଚୁଆଁମାନକର ଚାର୍‌ହିକୁଡି, ଥାନୀଅ ମାତାଡୁଙ୍ଗୁରୀ ଆର ଗାଁର ସବୁ ବଁଧିକଟାର ଗାଧୁଆଘାଟ ସଫା କରବାର ନିଷ୍ପତି ନେଇଥିବାର ମହିଲା ଦଲର ସଭାନେତ୍ରୀ ଛୁରିଆ କହିଛନ୍।



ମହିଲା ଗୋଷ୍ଠୀ ବଁଧ୍ ଆଡ଼ି ସଫା କରୁଛନ୍।

## ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ପାଇକମାଳ, ୮।୧ (ଡି.ଏନ.ଏ)
ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ଛାତ୍ରମାନେ ନୃସିଂହନାଥ ମନ୍ଦିରରୁ ଜ୍ୟୋତି ଆଣି କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିବା ପରେ ଅଧ୍ୟକ୍ଷ ଲୋହିତ କୁମାର ବାରିକ ଜ୍ୟୋତି ଗ୍ରହଣ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଉଭୟ ବାଳିକା ବାଳକ ବିଭାଗରେ ପୃଥକ ଭାବେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ, ଜାଭଲିନ, ସଟପୁଟ ସମେତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ରାଧାକାନ୍ତ ପୁରୋହିତ, ନାରାୟଣ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ନମିତା ସାହୁ, ଯୋଗେନ୍ଦ୍ର ପ୍ରଧାନ, ସୁଦର୍ଶନ ମହାକୁର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପାଇକମାଳ ବିଡିଓ ସଦାଶିବ ନାୟକ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାଳକ ବିଭାଗରେ ରମେଶ ଗୁଆଳ ଏବଂ ବାଳିକା ବିଭାଗରେ ମୋହିତା ସାହୁ ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ ପ୍ରଭାତ ବିଶ୍ୱାଳ, ପ୍ରଦୀପ୍ତ ସାହୁ, ପ୍ରଦୀପ ଦେୱାନ, ମୀନା କୁମାରୀ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ସୁରେଖାଙ୍କୁ ସାହାଯ୍ୟର ହାତ୍ ବଢ଼ାଲା ପରଶାସନ

ଧରିତ୍ରୀ ପ୍ରଭାବ...

ଗଣ୍ଡତୁରୁମ, ୯।୧(ଡି.ଏନ୍.ଏ.)
ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଅଧୀନ ବ୍ରାହ୍ମଣତୁରୁମ ଗାଁର ସୁରେଖା ମେହେର(୪୫)। ସେ ଦୁଇ ବଛର ହେଲା ମେରୁହାଡ଼ ସମସିଆରେ ଖଟେ ପଡ଼ିରହିଛନ୍। ଇ ବାବ୍‌ଦେ ଗଲା ଡିସେମ୍ବର ୩୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା, ଜୀବନ ଯନ୍ତ୍ରଣାରେ ଛଟପଟ ସୁରେଖା' ଶୀରଷକ୍‌ରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବୁଧୁବାର ଜିଲାପାଳ ଜ୍ୟୋତିରଞ୍ଜନ ପଧାନଙ୍କର ନିରଦେଶରେ ଭେଡ଼େନ ତହସିଲଦାର ସୀମା ସୁନିତା କୁଲୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଛା ଅଧିକାରୀ ଡା.ସୁଶାନ୍ତ କର, ପିଏଚ୍‌ଇଓ ବିହାରୀ ବାରିକ, ଗଣ୍ଡତୁରୁମ ରାଜସ୍ୱ ନିରୀକ୍ଷକ ଇନ୍ଦ୍ର କୁମାର ବାଦୀ, ଅମିନ ରୂପକ ଭୋଇ ସୁରେଖାଙ୍କର ଘରେ ପୁହୁଁଚିଥିଲେ। ଡାକ୍ତରୀ ଦଲ ସୁରେଖାଙ୍କର ହାଲ୍‌ଚାଲ, ଦିହିପା ପଚାରି ବୁଝିବାର ସଂଗେ ସେ ଭଲ ହେବାର ତକ୍ ସବୁ ଚିକିଛା ଖରଚ୍ ପରଶାସନ ବହନ କରବା ବଲି କଥା ଦେଇଥିବାର ଜନାଯାଇଛେ।

ପୂବର ସୂଚନା ଅନ୍‌ସାରେ ବ୍ରାହ୍ମଣତୁରୁମ ଗାଁର ସରଜୁ ମେହେରଙ୍କର ପରିବାର କହେଲେ ମାଏକିନା ସୁରେଖା, ଦୁଇ ଝିଁ ଆର ଗୁଟେ ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ୍। ସରଜୁ ଦୁଖ୍‌ସୁଖ୍ କରି କୁଟୁମ ପୁଷୁଛନ୍। ଏନ୍‌ତାଥି ୨୦୧୭ ଜୁନ୍ ୨୮ ତାରିଖ୍ ସୁରେଖା ନିଜର ଢବା ଉପରକେ ଧାନ ଶୁଖାବାକେ ଯାଇଥିଲେ। ଉତିରଲାବେଲେ ମାଟି ପାଉଚ୍‌ରୁ ତାକର ଗୋଡ଼ ଖସ୍‌ରି ଯାଇ ଅଚେତ୍ ହେଇ ତଲେ ପଡ଼ିଯାଇଥିଲେ। ପରିବାର ଲୋକ୍ ତାହାକୁ ଚିକିଛା ଲାଗି ବୁର୍ଲା ବଡ଼ ଡାକ୍ତରଖାନା ନେଇଥିଲେ। ହେଲେ ସେଠାନେ ଡାକ୍ତର ସୁରେଖାଙ୍କର ଉଚ ଚିକିଛା ଲାଗି କଟକ ବଡ଼ ଡାକ୍ତରଖାନାକେ ନେବାକେ ପରାମଶ ଦେଇଥିଲେ। ଏନ୍‌ତାଥି ସରଜୁ ମାଏକିନାର ଜୀବନ୍ ବଁଚାବାକେ ଘରର ଜିନିଷପାତି ବିକାଭଂଗା, ଜମି ଗହନା କରି ଟଁକା ଯୁଗାଡ଼ କଲେ। ସୁରେଖା ଜଲ୍‌ଦି ଭଲ ହେବେ ଭାବି ସରଜୁ ତାହାକୁ କଟକର ଗୁଟେ ନର୍ସିଂହୋମରେ ଭରତି କଲେ। ହେଲେ ସେଠାନେ ବି ଡାକ୍ତରମାନେ ସୁରେଖାଙ୍କର ଉଚ ଚିକିଛା ଦରକାର ଆର ଇଥିରଲାଗି ବହୁତ୍ ଟଁକା ଦରକାର ବଲି କହିଥିଲେ। ଏନ୍‌ତାଥି ସରଜୁ ଟଁକା ପଏସା ଅଭାବୁ ମୁହୁକାନ ଶୁଖେଇ ସୁରେଖାଙ୍କୁ ଧରି ଘରକେ ଫିରିଆଏଲେ। ସେଦିନ୍‌ଠାନୁ ସୁରେଖା ଅକରମା ହେଇ ଖଟେ ପଡ଼ିରହିଥିଲେ।



ପରଶାସନିକ ଅଧିକାରୀମାନେ ସୁରେଖାଙ୍କର ହାଲ୍‌ଚାଲ ପଚାରି ବୁଝୁଛନ୍।

■ ବାରବାର ଆବେଦନ କରି ନିରାଶ

## ଭତାରୁ ବଁଚିତ୍ ଲକ୍ଷ୍ମୀଧର, ସୁଶୀଲା

କଣ୍ଟାମାଳ, ୯।୧(ଡି.ଏନ୍.ଏ.)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଁଚେତ୍ ଅଧୀନ ମାଣ୍ଡିଆଯୋର ଗାଁର ଲକ୍ଷ୍ମୀଧର ବେହେରା(୫୪) ଆର ବିଧବା ସୁଶୀଲା ଭୋଇ(୪୭) ଭତାରୁ ବଁଚିତ୍ ହେଇ ବଡ଼ା ଦୁଖେ ଦିନ୍ ବିତଉଛନ୍। ଉଭଏ ଅନେକଥର ଭତାର ଲାଗି କାଗଜପତର ଦେଇଛନ୍। ହେଲେ ବଛର ବଛର ବିତିଯାଇଥିଲେ ବି ଭତା ପାଏବାରୁ ବଁଚିତ୍ ହେଇଥିବାର ଉଭଏ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ମାଣ୍ଡିଆଯୋ ଗାଁର ଲକ୍ଷ୍ମୀଧର ବେହେରା। ପରିବାର କହେଲେ ମାଏକିନା, ଦୁଇ ପୁଓ ଆର ଦୁଇ ଝିଁକେ ନେଇ ସଁସାର। ଲକ୍ଷ୍ମୀଧର ନିଜର ୨ ଏକର ଜମି ଚାଷ୍‌ବାସ କରବାର ସଂଗେ କୁଲିମଜୁରି କରି କୁଟୁମ ପୁଷୁଥିଲେ। ହେଲେ ଆଏଜ୍‌କେ ଅଢ଼େ ବଛର ତଲେ ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ଲାରୁ ତାକର ଗୋଡ଼ହାତ୍ ଅଚଲ ହେଇଯାଇଛେ। ଚାଲବୁଲ ତ ଦୂରର କଥା ଏହେଦେ ସେ ଏକ୍‌ଲା ସାହାସ କରି ଠିଆ ବି ହେଇ ନାଇଁପାରବାର। ତାକର ଚିକିଛାରେ ପରିବାର ଲୋକ୍ ଲାଗ୍‌ବରମସ କରି ବୁର୍ଲାରୁ କଟକ ତକ୍ ଯାଇ ସରବ୍‌ସୁଆଁତ୍ ହେଇଛନ୍। ଏନ୍‌ତାଥି ତାକର ୨ ଏକର ଜମି ବି ବଁଧକ୍ ପଡ଼ିଛେ। ଇଆଡ଼େ ଦେଢ଼ ବଛର ହେଲା ଭିନ୍ନକ୍ଷମ ଭତା ଲାଗି ବାରବାର ଆବେଦନ କରି ପଁଚେତ୍‌ରୁ ବ୍ଲକ ନରଦି ନରଦି ନିହାଲ ହେଇଗଲେନ। ହେଲେ କିଛି ଲାଭ ନାଇଁ। ଏନ୍‌ତାଥି ମାଏକିନା ପରହର ଘରେ କାମ୍‌ବୁତା କରି କୁଟୁମ ପୁଷୁଛନ୍। ସେନ୍‌ତା ମାଣ୍ଡିଆଯୋର ଇ ଗାଁର ନିସାହା ବିଧବା ସୁଶୀଲା ଭୋଇ। ୨ ବଛର ତଲେ ଆପ୍‌ନେ ରୋଗ୍‌ରେ ପଡ଼ି ଆରପାରକେ ବାଟ୍ କାଟଲା ଉତାରୁ ପରିବାରର ବୋଝ୍ ଖଁଦେଇଛନ୍। ଘରେ ୧୭ ବଛର୍‌ର ଅବିହାରି ଝିଁ। ଏନ୍‌ତାଥି ସୁଶୀଲା କୁଲିମଜୁରି କରି, ଆସର ପାସର ଜଂଗଲରୁ ସରଗୀ ପତର ଆନି ଖଲିଦନା ଟିପି ପରିବାର ଚଲଉଛନ୍। ସୁଶୀଲା ବି ବାରବାର ବିଧବା ଭତା ପାଏବାର ଲାଗି ଆବେଦନ କରି ଥକିଗଲେନ। ଡିସେମ୍ବର ମାସର ପହେଲା ହପ୍‌ତା ଜିଲାପାଳଙ୍କର କୁଲତାଯୋର ପରିଦରଶନ ବେଲେ ବିଡିଓଙ୍କୁ ଭେଟି ଲକ୍ଷ୍ମଣ ଆର ସୁଶୀଲା ଭତାର ଲାଗି ଗୁହାରି କରିଥିଲେ। ହେଲେ ପରଶାସନ ତରଫୁଁ ଇ ଦିଗେ ଆଏଜ୍‌ତକ କେହେନ୍‌ସି ପଦକ୍ଷେପ ନାଇଁ ନିଆଯାଇ ବଲି ଉଭଏ କହିଛନ୍। ଆଗରୁ କଣ୍ଟାମାଳ ବ୍ଲକରେ ମଲା ଲୁକ୍‌କର ନାଁରେ ମାସମାସ ଧରି ଭତା ଟଁକା ଉଠେଇ ନିର୍ବାହୀ ଅଧିକାରୀ ଖାଇଦେବାର ଅଭିଯୋଗ ରହିଛେ। ହେଲେ ଇଆଡେ ୨ ଝନ୍ ଆସାହା ହକ୍‌ଦାର ହିତାଧିକାରୀ ବାରବାର ଭତାର ଲାଗି ଆବେଦନ କରି ନିରଶ ହେବାରଟା ଥାନୀଅ ବୁଧିଜୀବୀଙ୍କୁ ଆଶିରିୟ୍ କରିଛେ। ଇ ଦିଗେ ଜିଲାପାଳ ଖାସ୍ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲର ବୁଧିଜୀବୀ ମହଲ ଦାବି କାରିଛନ୍।



ଲକ୍ଷ୍ମୀଧର ବେହେରା, ସୁଶୀଲା ଭୋଇ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ



## ସଂକ୍ଷେପରେ

### ଗୋଚର ଜମିରେ ବିଦ୍ୟୁତ ସବ୍‌ଷ୍ଟେଶନ ସ୍ଥାପନକୁ ବିରୋଧ

**ଅମରପାଲି, ୯।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ଥିବା ଗୋଚର ଜମିରେ ବିଦ୍ୟୁତ ସବଷ୍ଟେଶନ ସ୍ଥାପନକୁ ଅନୁମତି ନଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ଗୁରୁବାର ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ବୀରମହାରାଜପୁର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଅଭିଯୋଗମତେ ଉଫୁଲା ଗ୍ରାମର ପଶ୍ଚିମ ଉପକଣ୍ଠସ୍ଥ ଗୋଚର ଜମିରେ ଏକ ବିଦ୍ୟୁତ ସବଷ୍ଟେଶନ ହେବାକୁ ଥିବା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି। ପୂର୍ବରୁ ଗ୍ରାମରେ ବିଦ୍ୟୁତ ସବଷ୍ଟେଶନ ବୀରମହାରାଜପୁର କଲେଜ ପାଖରେ ସ୍ଥାପନ ହୋଇସାରିଛି। ଗ୍ରାମରେ ଗୃହ ପାଳିତ ପଶୁ ଏବଂ ଲୋକଙ୍କ ସଂଖ୍ୟା ତୁଳନାରେ ଗୋଚର ଜମି ନାହିଁ । ଅଧିକାଂଶ ଗୋଚର ଜମି ଜବରଦଖଲକାରୀଙ୍କ ଦଖଲରେ ରହିଛି। ଏ ସମ୍ବନ୍ଧରେ ବାରମ୍ବାର ଅଭିଯୋଗ କଲେ ମଧ ଉକ୍ତ ଗୋଚର ଜମି ଜବରଦଖଲ ହେଉନାହିଁ । ଫଳରେ ଉକ୍ତ ଗୋଚର ଭୂମିକ୍ରମେ ଦଖଲକାରୀଙ୍କ ଅଧିନରେ ରହିଯାଉଛି। ତେଣୁ ଗ୍ରାମର ଉକ୍ତ ଗୋଚର ଜମିକୁ ଜବରଦଖଲ ମୁକ୍ତ କରାଯାଉ। ଏବଂ ପ୍ରସ୍ତାବିତ ସବଷ୍ଟେଶନ ସ୍ଥାପନ ପାଇଁ ଅନୁମତି ନଦେବାକୁ ଅଭିଯୋଗ କରାଯାଇଛି। ଏହାକୁ ଗମ୍ଭୀରତାର ସହିତ ନେଇ ଏହାର ଆଶୁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଅନ୍ୟଥା ଗ୍ରାମବାସୀ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି କହିଛନ୍ତି।

ଗୃହ, ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ବଲାଙ୍ଗୀର ଗସ୍ତ

# ପ୍ରକଳ୍ପ ଅଗ୍ରଗତି, କାର୍ଯ୍ୟାନ୍ୱୟନର ସମୀକ୍ଷା

**ବଲାଙ୍ଗୀର ଅଫିସ, ୯।୧**

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଧିଭାଥାନନ୍ ଗୁରୁବାର ବଲାଙ୍ଗୀର ଗସ୍ତରେ ଆସି ଗୃହ ଓ ନଗର ଉନ୍ନୟନ ବିଭାଗର କ୍ଲଷ୍ଟର ସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଓ ନୂଆପଡ଼ା ଆଦି ୬ଟି ଜିଲାର ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ବୈଠକରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଚୀତ୍ ନାୟକ, ଗୃହ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଉପସଚିବ ସାରଦା ପ୍ରସାଦ ପଣ୍ଡା, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ, ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ୬ଟି ଜିଲାର ସହାରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ପୌର ପରିଷଦ ଓ ଏନ୍‌ଏସିର ପ୍ରଶାସକ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟି ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଗୋଷ୍ଠୀ ସଙ୍ଗଠକମାନେ ଯୋଗଦାନ କରିଥିଲେ। ସମୀକ୍ଷା ବୈଠକ ପ୍ରାରମ୍ଭରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡ଼ାକୁଆ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ମ୍ୟୁନିସିପାଲିଟି ଓ ଏନଏସି ୱାରି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଜେଇୱାରି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ ସବିଶେଷ ସମୀକ୍ଷା କରାଯାଇଥିଲା । ପ୍ରମୁଖ ଶାସନ ସଚିବ ୱାର୍ଡ଼ ଅଫିସର ଟ୍ରେନିଂ ମଡ୍ୟୁଲ ଉଦ୍ଘାଟନ କରିବା ସହ ଏହାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ ଉନ୍ନତମାନର ପାର୍କ ଏବଂ ଶ୍ମଶାନ ଗୃହ ସ୍ଥାପନ କରିବା




କ୍ଲଷ୍ଟରସ୍ତରୀୟ ବୈଠକରେ ଗୃହ ସଚିବ ଓ ୬ଟି ଜିଲାର ମଞ୍ଚାସୀନ ଅଧିକାରୀ ।

## ୬ ଜିଲାର କ୍ଲଷ୍ଟରସ୍ତରୀୟ ସମୀକ୍ଷା

ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ସହରାଞ୍ଚଳରେ ଗୋଷ୍ଠୀ ଶୌଚାଳୟ ଏବଂ ସର୍ବସାଧାରଣ ଶୌଚାଳୟଗୁଡ଼ିକର ଗୁଣବତ୍ତାମାନ ଉନ୍ନତ କରିବାରେ ପୌରନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ ତଥା ଜନକୈନ୍ଦ୍ରିକ କରିବା ପାଇଁ ପରାମର୍ଶ ଦେଇଥିଲେ । ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ ଅଧିବାସୀମାନଙ୍କୁ ଜମି ପ୍ରମାଣପତ୍ର ପ୍ରଦାନ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଉପଜିଲାପାଳ, ତହସିଲଦାର ଓ ରାଜ୍ୟ ନିରୀକ୍ଷକ ମାନଙ୍କୁ ଅଧିକ କ୍ରିୟାଶୀଳ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜସ୍ୱ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବକେୟା ଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମ୍ୟୁନିସିପାଲିଟି ଯନ୍ତ୍ରୀ ଓ ଜେଇମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ସବୁଜ ପ୍ରାଧିକରଣ ନିର୍ଦ୍ଦେଶକୁ ପାଳନ କରିବା ପାଇଁ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକୁ ସମୀକ୍ଷା କରିବା ସହ ଏହି କାର୍ଯ୍ୟକୁ ସଠିକ ରୂପେ ସମ୍ପାଦିତ କରବାକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଅଧିନରେ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିବା ସହ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଗୋଷ୍ଠୀ ସଙ୍ଗଠକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାତ୍ରୀଯାପନ ସ୍ଥଳୀ ସ୍ଥାପନ କରି ନିରାଶ୍ରୟ ମାନଙ୍କୁ ଥଇଥାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକ ଶେଷରେ ଜିଲାପାଳ ଡ଼ାକୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କ୍ଲଷ୍ଟର ସ୍ତରୀୟ ସମୀକ୍ଷା ବୈଠକକୁ ପ୍ରକଳ୍ପ ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାଶ ଏବଂ ବଲାଙ୍ଗୀର ପୌର ପରିଷଦ ନିର୍ବାହୀ ଅଧିକାରୀ ବିପନ ବିହାରୀ ଦୀପ ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ପରିଚାଳନା କରିଥିଲେ।

### ଗଙ୍ଗରାଜ ଦେଓଙ୍କ ବାର୍ଷିକ ଯାତ୍ରା ସମ୍ପନ୍ନ

**ଲୋଇସିଂହା, ୯।୧(ଡି.ଏନ.ଏ.)**

ଲୋଇସିଂହା ବ୍ଲକ କେଉଁଟିପାଲି ଗାଁର ଗଙ୍ଗାରାଜ ଦେଓଙ୍କ ବାର୍ଷିକ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଯାତ୍ରା ଦେଖିବା ଓ ଗଙ୍ଗାରଜ ଦେଓଙ୍କ ଆଶୀର୍ବାଦ ନେବାପାଇଁ ଆଖପାଖ ଗ୍ରାମର ସହସ୍ରାଧିକ ଭକ୍ତଙ୍କ ସମାଗମ ଦେଖାଦେଇଥିଲା । ଲୋଇସିଂହାର ବଡଦେଓ ଯାତ୍ରା ସମାପନ ପରେ ଆଖପାଖ ଗାଁର ଗଣ୍ଡ ସମ୍ପ୍ରଦାୟର ବାର୍ଷିକ ଯାତ୍ରା କେଉଁ ଆବାହାମାନ କାଳରୁ ଅନୁଷ୍ଠିତ ହୋଇ ଆସୁଛି। ଏହିକ୍ରମରେ ଯୋଗୀସର୍ଡା ପଞ୍ଚାୟତ ଅଧୀନ କଉଁଟିପାଲିର ଗଙ୍ଗରାଜ ଦେଓ ଯାତ୍ରା ଆୟୋଜିତ ହୋଇଥିଲା । ବୁଧବାର ଯାତ୍ରା ତଥା ପୂଜାର କୁମରା ସୁବାଷ ଗଡତ୍ୟା ପୀଠରେ ସନ୍ଧି ପୂଜା କରିଥିଲେ। ଗୁରୁବାର ମଧ୍ୟାହ୍ନରେ କୁମରା ସୁବାଷ ଗଡତ୍ୟା, ଦେହେରୀ ରଙ୍କ ରାଏ, ବିଦେଶୀ କହିଣ୍ଡା, ଛତ୍ରିଆ ଆନନ୍ଦ ରାଏ ଓ ଡାକ୍ତର କହିଣ୍ଡା, ଜଗବନ୍ଧୁ ଗଡତ୍ୟା ପ୍ରମୁଖ ପୂଜାକୁଠୀଠାରୁ ଯାତ୍ରାସ୍ଥଳକୁ ୧କିମି ଛତର, ବଇରଗ ଧରି ଯାଇଥିଲେ । ସେଠାରେ କୁମରା ପୂଜାର୍ଚ୍ଚନା କରି ସାରିଲା ପରେ ବରୁଆଙ୍କ ଦେହରେ କାଳିସୀ ସବରା ହୋଇଥାଏ। ମାନସିକଧାରୀ ଓ ଆଗନ୍ତୁକ ଶ୍ରଦ୍ଧାଳୁ ଶ୍ରୀଫଳ, ଧୂପ, ଦୀପଦେଇ ପୂଜାର୍ଚ୍ଚନା କରି ଆର୍ଶୀବାଦ ନେଇଥାନ୍ତି। ସେଠାରୁ କୁଠୀକୁ ଫେରିଲା ପରେ ଗାଁର ପ୍ରତ୍ୟେକ ଘର ଅଗଣାରେ ଲିପାପୁଛା କରି ଗଙ୍ଗରାଜେ ଦେଓଙ୍କ ପଦଧୌତ କରିବାର ପରମ୍ପରା ରହି ଆସିଥିବା ଆନନ୍ଦ ରାଏ ସୂଚନା ଦେଇଛନ୍ତି।

# ସଇଁତଲାରେ କଂସ ମହାରାଜଙ୍କ ଦରବାର

**ସଇଁତଲା, ୯।୧ (ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ହାଟପଦାଠାରେ ବ୍ଲକ ଯୁବ ଯାଦବ ସେନା ଆନୁକୂଲ୍ୟରେ ଲୁର୍କି ଧନୁଯାତ୍ରାର ଏକଛତ୍ରବାଦୀ ମହାରାଜ କଂସଙ୍କ ଦରବାର ଆୟୋଜିତ ହୋଇଥିଲା। କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦାନ କରି କଂସ ଦରବାରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ସାମାଜିକ କର୍ମୀ ମଦନଲାଲ ଅଗ୍ରୱାଲ, ବ୍ଲକ ପ୍ରଗତି ସହାୟକ ରାଜେନ୍ଦ୍ର ଖମାରୀ, ଲୁର୍କି ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପ୍ରଧାନ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଗୁଣସାଗର ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଦରବାରରେ କାଳିଆ ଯୋଜନା ଉପଯୁକ୍ତ ଲୋକେ ପାଇ ନଥିବାରୁ କଂସ ମହାରାଜ ବିରକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ କୋଶଳି କଣ୍ଠ ଶିଳ୍ପୀ ବିଳମ୍ବ କୁମ୍ଭାର, ରାବଣ ଅଭିନୟରେ ଆମ୍ବପାଲିର ପର୍ଶୁରାମ ପୁଟେଲ ଓ ସଇଁତଲାର ଦିନେଶ କୁମାର ସାହୁ ଏବଂ ଚାଷୀ ନେତା ଗୋପାଳ ମନହିରାଙ୍କୁ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କଂସ ଭୂମିକାରେ ଦିଲୀପ ମେହେର, ମହାମନ୍ତ୍ରୀ ସଚିନ ମାଝୀ, ସେନାପତି ରାମଚନ୍ଦ୍ର ସାହୁ, ଚାଣୁର ରୋହିତ ସାହୁ, ମୁଷ୍ଟିକ ଜୟସିଂ ସାହୁ ଓ ବୃଡାଚନ୍ଦ୍ର ମେହେର ଅଭିନୟ କରିଥିଲେ। ଧନୁଯାତ୍ରା କମିଟି ସଭାପତି ଗୋପଳ ଚନ୍ଦ୍ର ପ୍ରଧାନ, ସମ୍ପାଦକ କରୁଣାକର ପ୍ରଧାନ, କୋଷାଧ୍ୟକ୍ଷ ଚଞ୍ଚଳ ପ୍ରଧାନ, ବରିଷ୍ଠ ସଦସ୍ୟ ତରଣୀସେନ ପ୍ରଧାନ, ସାନ୍ତନୁ ଭୋଇ, ରାଘବ ପ୍ରଧାନ ଉପସ୍ଥିତ ଥିଲେ । ପରେ ମହାରାଜ କଂସ ନଗର ଭ୍ରମଣରେ ବାହାରି ଥାନାକୁ ଯାଇ ଥାନା ଅଧିକାରୀ ବାରିଣୀ ଦାସଙ୍କୁ ନାବାଳକମାନଙ୍କୁ ବାଇକ ଚଳାଇବାରୁ ବିରତ ହେବା ଏବଂ ବିନା ହେଲମେଟରେ ଗାଡ଼ି ଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଥାନା ଅଧିକାରୀ ଦାସ ମହାରାଜାଙ୍କ ଆଦେଶକୁ ପାଳନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ନଗର ଭ୍ରମଣ ସମୟରେ ରାସ୍ତାରେ ଯାଉଥିବା ବିଭିନ୍ନ ଗାଡ଼ି ମୋଟର ଚାଳକଙ୍କୁ ମହାରାଜ କଂସ ସିଲ ବେଲ୍ଟ ପିନ୍ଧିବା ତଥା ହେଲମେଟ ପିନ୍ଧି ଗାଡ଼ି ଚାଳନା କରିବାକୁ ନିର୍ଦ୍ଦେଶ ଦେବା ସହ ଜରିମାନା ମଧ୍ୟ କରିଥିଲେ ।



ଥାନା ପରିସରରେ ମହାରାଜ କଂସ ଏବଂ ଥାନା ଅଧିକାରୀ ।

### ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଅମରପାଲି, ବହଲପଦର ବିଜୟୀ

**ଅମରପାଲି, ୯।୧ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀଠାରେ ଚାଲିଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ଦୁଇଟି ମ୍ୟାଚ ଖେଳା ହୋଇଥିଲା । ପ୍ରଥମ ମ୍ୟାଚ ଅମରପାଲି ଓ ଭାଲୁଡୁଙ୍ଗୁରି ମଧ୍ୟରେ ହୋଇଥିଲା। ଭାଲୁଡୁଙ୍ଗୁରି ପ୍ରଥମେ ବ୍ୟାଟି କରି ସମସ୍ତ ଉଇକେଟ ହରାଇ ୬୪ ରନ କରିଥିଲା। ଦଳ ପକ୍ଷରୁ ଭିକି ସର୍ବାଧିକ ୨୪ ରନ କରିଥିଲେ। ବିପକ୍ଷ ଅମରପାଲିର ବନମାଳୀ ୩ଟି ଉଇକେଟ ନେଇଥିଲେ। ଜବାବରେ ଅମରପାଲି ଦଳ ୭.୩ ଓଭରରେ ୨ଉଇକେଟ ହରାଇ ୬୪ ରନ କରି ବିଜୟୀ ହୋଇଥିଲା। ଦଳର ଶ୍ରୀତମ ପଧାନ ୨୪ ରନ ଓ ବବଲୁ ମାଝୀ ୧୪ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ବହଲପଦର ଓ ଖଣ୍ଡହତା ମଧ୍ୟରେ ହୋଇଥିଲା। ବହଲପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ଉଇକେଟ ହରାଇ ୮୯ ରନ କରିଥିଲେ। ଦଳର ଚନ୍ଦନ ୪୨ ରନ କରିଥିଲେ। ଜବାବରେ ଖଣ୍ଡହତା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ କରି ପରାସ୍ତ ହୋଇଥିଲା। ଦଳର ପ୍ରକାଶ ୪୨ ରନ କରିଥିଲେ।




ଦୁଇ ଦଳର ଖେଳାଳିଙ୍କ ସହ ଅତିଥିଗଣ ।

# ସମରାବୁଢ଼ା କପ ଫୁଟବଲ ଜିତିଲା ହାତୀସରା

**ସଇଁତଲା, ୯।୧ (ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ପିତାମହୁଲ ଖେଳ ପଡ଼ିଆରେ ଚାଲିଥିବା ୧୭ତମ ସମରାବୁଢ଼ା କପ ଫୁଟବଲ ଫାଇନାଲ ଖେଳରେ ହାତୀସରା ଦଳ ୨–୧ ଗୋଲରେ ବିଜୟୀ ହୋଇଛି। ଗତ ୩ତାରିଖରରୁ ୮ଟି ଟିମକୁ ନେଇ ଚାଲିଥିବା ଏହି ଫୁଟବଲ ଖେଳରେ ସେମିଫାଇନାଲରେ ହାତୀସରା ବନାମ ନାଇକେନସିରା ଓ କରେଲଧୁଆ ବନାମ ପିତାମହୁଲ ମଧ୍ୟରେ ହୋଇଥିଲା। ହାତୀସରା ଓ କରେଲଧୂଆ ଟିମ ସେମିଫାଇନାଲରେ ବିଜୟୀ ହୋଇ ଗୁରୁବାର ଫାଇନାଲ ମ୍ୟାଚ ଖେଳିଥିଲେ। ପ୍ରଥମାର୍ଦ୍ଧରୁ ହାତୀସରା ନିଜର ଆଧିପତ୍ୟ ଜାହିର କରି କରେଲଧୂଆକୁ ୨ଟି ଗୋଲ ଦେଇଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ କରେଲଧୂଆ ଦଳ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ମାନୀତ ଅତିଥିଭାବେ ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁ, ଶିକ୍ଷକ ନାରାୟଣ ଜାଲ, ବରିଷ୍ଠ ଓକିଲ ସତ୍ୟନାରାୟଣ ସାହୁ, ଶେଷଦେବ ଜାନୀ, ବେନିଆବିନ ତାଣ୍ଡି, ଝସକେତନ ମନହୀରା, ବୈକୁଣ୍ଠ ଭୋଇ ଯୋଗଦେଇଥିଲେ । କ୍ଷେତ୍ରପତି ଜାଲ ଧାରା ବିବରଣୀ ପ୍ରଦାନ କରିଥିଲେ। ରେଫରୀ ଭାବେ ସୁବାଷ ଭୋଇ ଓ ଗଣେଷ ଭୋଇଙ୍କୁ ସହଯୋଗ କରିଥିଲେ ଲାଇନ୍ସମ୍ୟାନ ରାଧାକାନ୍ତ ବାଗ, ବିଶ୍ୱାଧର ନାଗ, ଗଣେଷ ଭୋଇ । ମୁଖ୍ୟ ଅତିଥି ସିଂଭୋଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳରେ ସମରାବୁଢ଼ା କମିଟିର ସଭାପତି ଡମନ ଭୋଇ, ଆନନ୍ଦ ଜାଲ, ଉଗ୍ରସେନ ଭୋଇ, ଚମାର କୁମ୍ଭାର, ବିଜୟ ଜାଲ, ରେବତ ଜାଲ, ଅଶୋକ ପାଣିଗିରି, ରିଙ୍କୁ ଜାଲ ପ୍ରମୁଖ ସହଯୋଗ କରିଥିଲେ ।

# ପୋଲିସ କବ୍‌ଜାରେ କଫ୍ ସିରପ ଚାଲାଣର ମୁଖ୍ୟ ସାନ ନେଗୀ

## ଅଜଣା ସ୍ଥାନରେ ପୋଲିସ କରୁଛି ପଚରାଉଚରା

**ବଲାଙ୍ଗୀର ଅଫିସ, ୯।୧**

ପୋଲିସ ଆଖିରେ ଧୂଳିଦେଇ ଫେରାର ହୋଇଯାଇଥିବା କଫ୍ ସିରପ ଚୋରାଚାଲାଣର ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ସାନ ନେଗୀ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ବଲାଙ୍ଗୀର ପୋଲିସ ଭୁବନେଶ୍ୱରରେ କାବୁ କରିଥିବା ଜଣାପଡିଛି। ଏ ନେଇ ପୋଲିସ ପକ୍ଷରୁ ବିଧିବଦ୍ଧ ଭାବେ ସୂଚନା ଦିଆଯାଇ ନ ଥିଲେ ମଧ ବିଶ୍ୱସ୍ତ ସୂତ୍ରରୁ ଏହି ଖବର ମିଳିଛି । ଭୁବନେଶ୍ୱରରେ ସାନ ନେଗୀ ଓ ତାଙ୍କର ଦୁଇ ସହଯୋଗୀ ଅଜିତ ନନ୍ଦ ଓ ଫାରୁକ ଖାନ୍‌କୁ ଧରିବା ପରେ ବଲାଙ୍ଗୀର ପୋଲିସ ତିନି ଅଭିଯୁକ୍ତଙ୍କୁ ଏକ ଗୋପନୀୟ ସ୍ଥାନକୁ ଆଣି ପଚରାଉଚରା କରୁଛି । ଏନେଇ ପୋଲିସ ଅଧିକାରୀମାନେ ତଦନ୍ତରେ ବାଧା ଉପୁଜିବ କହି କୌଣସି ତଥ୍ୟ ଦେବାକୁ ମନା କରିଦେଇଛନ୍ତି । ବଲାଙ୍ଗୀର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ କଫ୍ ସିରପ କାରବାର କରି ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟି ଥିବା ନେଗୀଙ୍କୁ ପୋଲିସ ଦୀର୍ଘଦିନରୁ ଖୋଜୁଥିଲା। ଗତ ନଭେମ୍ବରରେ ବଲାଙ୍ଗୀର ଏସପି ସନ୍ଦୀପ ମାଡକରଙ୍କୁ ମିଳିଥିବା ଗୁପ୍ତ ସୂଚନାକୁ ଭିତ୍ତିକରି ଏସଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ନଭେମ୍ବର ୨୭ତାରିଖ ରାତିରେ ବଲାଙ୍ଗୀର–ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଘେରାବନ୍ଦୀ କରିଥିଲେ। ଏହି ଘେରାବନ୍ଦୀରେ କଫ୍ ସିରପ ବୋଝେଇ ମ୍ୟାକ୍ସ ପିକ୍‌ଅପ ପଡିଥିଲା । ପୋଲିସ ଘେରାବନ୍ଦୀକୁ ଦେଖି କଫ୍ ସିରପ ମାଫିଆମାନେ ଉକ୍ତ ଗାଡିକୁ ପୋଲିସ ଉପରକୁ ମଡାଇ ଦେବାକୁ ଉଦ୍ୟମ କରିଥିଲେ । ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ପୋଲିସ ଟିମ୍ । ଏହି ଛକାପଞ୍ଝା ବେଳେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରଥିଲେ ମଧ ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ ସାନ ଓରଫ୍ ଗୋବିନ୍ଦ ନେଗୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଫେରାର ଅଭିଯୁକ୍ତ ସାନ ନେଗୀଙ୍କୁ ଖୋଜିବା ପାଇଁ ପୋଲିସ ସ୍ୱତନ୍ତ୍ର ଟିମ୍ ସେହିଦିନରୁ ତନାଘନା ଚଳାଇଥିଲା । ବୁଧବାର ରାତିରେ ଭୁବନେଶ୍ୱରଠାରେ ସାନ ନେଗୀ ଓ ତାର ଦୁଇ ସହଯୋଗୀଙ୍କୁ ପୋଲିସ କାବୁ କରିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ୨୭ ତାରିଖ ରାତିରେ ବଲାଙ୍ଗୀର ପୋଲିସ ଧରିଥିବା କଫ୍ ସିରପ ଭର୍ତ୍ତି ଗାଡି (ନଂଓଡି୧୭ଆର ୨୦୯୭) ଜବତ କରିଥିଲା। ସେଥିରେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କଫ୍ ସିରଫ ଥିଲା । ସେତେବେଳେ ସାନ ନେଗୀ ଫେରାର ହୋଇଯାଇଥିଲେ ମଧ୍ୟ ତାର ତିନି ସହଯୋଗୀ ବଲାଙ୍ଗୀର ମାଳପଡାର ପ୍ରଶାନ୍ତ କ୍ଷେତୀ (୩୨), ବରପାଲିପଡାର ରାଜୁ ପ୍ରଧାନ (୨୯) ଓ ଭୁବନେଶ୍ୱର ଖଣ୍ଡଗିରି ଥାନା ଡେଲ୍‌ଟା ଛକ ଅଞ୍ଚଳର ସୁଶୀଳ ବାରିକ (୨୯)ଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା।



କଫ୍ ସିରପ ମାଷ୍ଟରମାଇଣ୍ଡ ସାନ ନେଗୀର ଫାଇଲ ଫଟୋ ।

ବଲାଙ୍ଗୀର ବହିହାଟ ଉଦ୍‌ଘାଟିତ

# ‘ସ୍କୁଲ ପିଲାଙ୍କୁ ଯୋଡ଼ିଲେ ବହିହାଟ ସଫଳ ହେବ’

**ବଲାଙ୍ଗୀର ଅଫିସ, ୯।୧**

୧୫ତମ ବଲାଙ୍ଗୀର ବହିହାଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ବହିହାଟର ଶୁଭ ଉଦ୍‌ଘାଟନ କରିଛନ୍ତି। ଜିଲା ଲେଖକ ପରିଷଦ ପକ୍ଷରୁ ଆୟୋଜିତ ଏହି ବହିହାଟରେ ପରିଷଦ ସଭାପତି ମଳୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଅତିଥିଭାବେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା, ପ୍ରଫେସର ମଧୁସୂଦନ ପତି, ସମ୍ମାନିତ ବକ୍ତାଭାବେ ନାଟ୍ୟଭୂଷଣ ଗଜଦାନନ୍ଦ ଛୁରିଆ, ବହିହାଟ ସଂଯୋଜକ ଲଳିତ କୁମାର ନାୟକ, ସମ୍ପାଦକ କପିଳେଶ୍ୱର ଖମାରୀ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ପରିଷଦ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଧୀରେନ୍ଦ୍ର ନାରାୟଣ ସିଂଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଖମାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ସମ୍ମାନିତ ବକ୍ତା ଛୁରିଆ ତାଙ୍କ ବକ୍ତବ୍ୟରେ ବହି ସବୁ ସମୟରେ ଭଲ ବନ୍ଧୁଟିଏ ବୋଲି କହିଥିଲେ। ଅତିଥି ପଦ୍ମଶ୍ରୀ ଉଦ୍‌ଗାତା ତାଙ୍କ ବକ୍ତବ୍ୟରେ ବହିର ଉପାଦେୟତା ଉପରେ କହିଥିଲେ । ଅତିଥି ପଫେସର ମଧୁସୂଦନ ପତି ତାଙ୍କ ବକ୍ତବ୍ୟରେ ବହିହାଟ ସହ ସ୍କୁଲ ପିଲାଙ୍କୁ ଯୋଡିବାକୁ ପରାମର୍ଶ ଦେଇ ଏଠାକୁ ପାଖ ସ୍କୁଲରୁ ପିଲାଙ୍କୁ ଶିକ୍ଷକମାନେ ଗାଇଡ ଭାବେ ଆଣି ବହି ସହ ପରିଚିତ କରିବାକୁ କହିଥିଲେ । ଏହା କରିପାରିଲେ ଆମେ ସମାଜର ବିଶେଷକରି ଆଗାମୀ ପିଢ଼ିର ଛାତ୍ରୀଛାତ୍ରଙ୍କ ପାଇଁ କିଛି କରିପୋରିବା ବୋଲି ସେ କହିଥିଲେ। ସଂଯୋଜକ ନାୟକ ତାଙ୍କ ବକ୍ତବ୍ୟରେ ବହିହାଟକୁ କିଭଳି ଆହୁରି ଉପାଦେୟ କରାଯାଇପାରିବ ସେହି ପ୍ରୟାସ ଜାରି ରହିଛି ବୋଲି କହିଥିଲେ । ଜିଲାପାଳ ଡାକୁଆ ତାଙ୍କ ବକ୍ତବ୍ୟରେ ଏଭଳି ଏକ ବହିହାଟର ପରିକଳ୍ପନାକୁ ସ୍ୱାଗତ କରିବା ସହ ଏହାଦ୍ୱାରା ସବୁ ବର୍ଗର ଲୋକେ ଉପକୃତ ହେବେ ବୋଲି ଆଶାପୋଷଣ କରିଥିଲେ । ସଭା ଶେଷରେ ରଘୁନନ୍ଦନ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।



ବହିହାଟ ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

ଉଦ୍‌ଘାଟନୀ ସଭା ପରେ ଦ୍ୱିତୀୟ ସଭା ଆୟୋଜନ ହୋଇଥିଲା । ଏଥିରେ ସାହିତ୍ୟିକ ମନୋଜ ପଣ୍ଡା ସଭାପତିତ୍ୱ କରିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର ଯୋଗଦେଇ ପର୍ଯ୍ୟଟନର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ । ପରେ ନିଜସ୍ୱ ଗଳ୍ପଭୂମିରେ କଥାକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଗାଳ୍ପିକ ଡ ଅଶୋକ କୁମାର ମହାପାତ୍ର, ସୋନପୁରର କ୍ଷୀରୋଦ୍ର କୁମାର ବିଶ୍ୱାଳ, ବଲାଙ୍ଗୀରର ପ୍ରଦୀପ କୁମାର ମିଶ୍ର, ବରପାଲିର ବିଶ୍ୱନାଥ ସାହୁ ଯୋଗଦାନ କରି ଆଲୋଚନା କରିଥିଲେ । ବିଶ୍ୱନାଥ ସାହୁ ଏହାର ସମୀକ୍ଷା କରିଥିଲେ । ଶେଷରେ ଧୀରେନ୍ଦ୍ର ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିବର୍ଷ ଭଳି ଏଥବର ମଧ ୮ ତାରିଖରୁ ବହିହାଟ ଆରମ୍ଭ ଯୋଜନା କରାଯାଇଥିଲା। ତେବେ ବୁଧବାର ସର୍ବଭାରତୀୟ ବନ୍ଦ ପାଳନ ଯୋଗୁଁ କୌଣସି ପ୍ରକାଶକ ଓ ବହି ବିକ୍ରେତା ଠିକଣା ସମୟରେ ପହଞ୍ଚିପାରି ନ ଥିବାରୁ ବୁଧବାର ବହି ହାଟ ଆରମ୍ଭ ହୋଇ ନ ଥିଲା। ଗୁରୁବାର ବହିହାଟ ଆରମ୍ଭ କରାଯାଇଥିଲେ ମଧ ମେଘୁଆ ପାଗ ଓ ଅସରାଏ ବର୍ଷା ହୋଇଯିବାରୁ ପ୍ରକାଶକମାନେ ବହିହାଟ ଷ୍ଟଲରେ ବହି ପସରା ଖୋଲିବାକୁ ଡରିଥିଲେ। ଫଳରେ ପୁରୁଣା ବହି ଷ୍ଟଲ ଛାଡି ବାକିସମସ୍ତ ବିକ୍ରେତା ଓ ପ୍ରକାଶକ ଷ୍ଟଲରେ ବହି ଖୋଲି ନ ଥିବା ଦେଖାଯାଇଛି । ବହିବିକ୍ରି ଆରମ୍ଭ ହୋଇ ନ ଥିବାରୁ ଲୋକଙ୍କ ଭିଡ ମଧ ଦେଖାଯାଇନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ହାତୀବନ୍ଧା କଲେଜରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ସିନାପାଲି,୯।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ହାତୀବନ୍ଧାସ୍ଥିତ ଜିଏମ କଲେଜ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ତଥା ଗାୟତ୍ରୀ ପ୍ରଜ୍ଞାପୀଠ ହାତୀବନ୍ଧା ସଖା ଏବଂ କଲେଜର ମିଳିତ ଉଦ୍ୟମରେ ଗୁରୁବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଟିକେଲାଲ ମେହେର ଓ ଅଧ୍ୟାପକ ତୁଳାରାମ ମେହେରଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀଛାତ୍ର ଏବଂ ଗାୟତ୍ରୀ ପ୍ରଜ୍ଞା ପୀଠର ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। କଲେଜ ପରିସର ସଫେଇ କରିବା ସହିତ ସ୍ୱଚ୍ଛତାକୁ ନେଇ ଛାତ୍ରୀଛାତ୍ର ମଧ୍ୟରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ କଲେଜ ପରିସରକୁ ସ୍ୱଚ୍ଛ ସୁନ୍ଦର ରଖିବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଗାୟତ୍ରୀ ପରିବାରର କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



### ଭବାନୀପାଟଣାରେ ୫୦ ଶଯ୍ୟା ଆଶ୍ରୟସ୍ଥଳୀ ଉଦ୍‌ଘାଟିତ

ଭବାନୀପାଟଣା,୯।୧(ଡି.ଏନ.ଏ.) ଭବାନୀପାଟଣା ସହର ପୁରୁଣାପଡା ପୋଖରୀ ପାଖରେ ଏକ ୫୦ ଶଯ୍ୟା ବିଶିଷ୍ଟ ଏକ ଆଶ୍ରୟସ୍ଥଳି ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଲୋକ ସଭା ସଦସ୍ୟ ବସନ୍ତ କୁମାର ପଣ୍ଡା, ଧର୍ମଗଡ ବିଧାୟକ ମୌସୁଧି ବାଗ, ପୂର୍ବତନ ବିଧାୟକ ଅନାମ ନାଏକ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଡିଆରଡିଏ ପିଡି ପ୍ରଭାତ କୁମାର ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ମ୍ୟୁନିସିପାଲ ଇଂ. ସମିର କୁମାର ଠାକୁରଙ୍କ ସମେତ ବହୁ ବକ୍ତି ଯୋଗଦେଇଥିଲେ। ଏହି ୫୦ ଶଯ୍ୟା ବିଶିଷ୍ଟ ଆଶ୍ରୟସ୍ଥଳି ହେବା ଫଳରେ ବହୁ ନିରାଶ୍ରୟ ଉପକୃତ ହେବେ ବୋଲି ଅତିଥିମାନେ କହିଛନ୍ତି । ଏହି ଆଶ୍ରୟସ୍ଥଳି ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଏହି ଅବସରରେ ମନ୍ତ୍ରୀ ଜେନା ୧୦ ଜଣ ହିତାଧିକାରୀଙ୍କୁ ଜମିପଟା ବଣ୍ଟନ କରିଥିଲେ।

# ପ୍ରାଥମିକ ସ୍କୁଲ ସ୍ଥିତି ପରଖିଲେ ଜିଲା ଶିକ୍ଷାଧିକାରୀ

**ନୂଆପଡା ଅଫିସ,୯।୧**



ଅଧିକାରୀମାନେ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝୁଛନ୍ତି ।

- ଗୋଟିଏ କୋଠରିରେ ୫ଟି ଶ୍ରେଣୀ
- ତରବୋଡ କଲୋନୀ ସ୍କୁଲ ଦେଖିଲେ
- ସ୍କୁଲ ବିଲଡିଂ ତିଆରି ଗୁରୁତ୍ୱ

ନୂଆପଡା ଜିଲାରେ ଆଜକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାଥମିକ ବିଦ୍ୟାଳୟଗୁଡିକର ଶ୍ରେଣୀ କୋଠରି ନିର୍ମାଣ, ମରାମତି ଏବଂ ଆନୁଷଙ୍ଗିକ ବିକାଶ ସକାଶେ ସରକାର କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଅଧିକାରୀ ଏବଂ ସ୍କୁଲ ପରିଚାଳନା କମିଟିର ଲାଭଖୋର ମନୋବୃତି ଯୋଗୁ ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇଛି । ଜିଲାବ୍ୟାପି ବହୁ ବିଦ୍ୟାଳୟ ଏମିତି ଅଛି ଯେଉଁଥିରେ ବିପଦସଙ୍କୁଳ ଅବସ୍ଥାରେ ପିଲା ପାଠ ପଢୁଛନ୍ତି। ଶ୍ରେଣୀ କୋଠରିଗୁଡିକରେ ପାଣି ଗଳୁଛି । ଶିକ୍ଷକ, ପିଲା ଅଛନ୍ତି, ହେଲେ ବିଦ୍ୟାଳୟ ଶ୍ରେଣୀ କୋଠରି ନାହିଁ। ଗୋଟିଏ କୋଠରିରେ ସବୁ ଶ୍ରେଣୀର ପିଲା ପାଠ ପଢୁଛନ୍ତି । ଏହାକୁ ଗୁରୁତ୍ୱ ଦେଇ ବର୍ତ୍ତମାନ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ଅଭିଯାନ ଚଳାଇଛନ୍ତି । ତାଙ୍କର ଜିଲା ଗସ୍ତ ସମୟରେ ପ୍ରାଥମିକ ବିଦ୍ୟାଳୟଗୁଡିକ ସ୍ଥିତି ବୁଲି ଦେଖୁଛନ୍ତି। ଗୁରୁବାର କୋମନା ବ୍ଲକ ଗସ୍ତ ସମୟରେ ତରବୋଡସ୍ଥିତ ବଙ୍ଗଳା ପଡା କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସ୍ଥିତି ଦେଖିଛନ୍ତି । ବିଦ୍ୟାଳୟସ୍ଥିତି ଦେଖି ଉନ୍ନତିକରଣ ସହ ଶ୍ରେଣୀ କୋଠରି ନିର୍ମାଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

କୋମନା ବ୍ଲକ ଗସ୍ତ ଅବସରରେ ଅପରାହ୍ନ ୩ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ବିଦ୍ୟାଳୟ ଦୂରାବସ୍ଥା ଉପରେ ଗାଁର ସାମାଜିକ କର୍ମୀ ଅର୍ଜୁନ ଜଗତଙ୍କ ନେତୃତ୍ୱରେ ଏକ ଟିମ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହି ଅନୁଯାୟୀ ଜିଲା ଶିକ୍ଷାଧିକାରୀ ପହଞ୍ଚିବାକ୍ଷଣି ଗ୍ରାମବାସୀ ମଧ୍ୟ ସେଠାରେ ପହଞ୍ଚି ଅଧିକାରୀଙ୍କୁ ସବୁ ସମସ୍ୟା ଜଣାଇଥିଲେ। ଗୋଟିଏ କୋଠରିରେ ୫ଟି ଶ୍ରେଣୀର ୪୭ଜଣ ପିଲା ଏକାଠି ବସି ପାଠ ପଢୁଥିବା ଦେଖିବାକୁ ପାଇଥିଲେ। ଏଭଳି ଦୟନୀୟସ୍ଥିତିକୁ ସେ ଉପଲବ୍ଧି କରି ତୁରନ୍ତ ପଦକ୍ଷେପ ନେବେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ମୋଟ ୩ଜଣ ଶିକ୍ଷକ ଅଛନ୍ତି । ୫ଟି କୋଠରି ମଧ୍ୟରୁ ମାତ୍ର ଗୋଟିକର ଅବସ୍ଥା ଠିକ ଥିବା ଜଣାପଡିଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ବଘେଲଙ୍କୁ ବିଦ୍ୟାଳୟ ଅନ୍ୟ ସମସ୍ୟା ଉପରେ ପଚାରି ବୁଝିଥିଲେ। ସ୍କୁଲ ପିଲାଙ୍କ ସହ ମଧ୍ୟ କିଛି ମୁହୂର୍ତ୍ତ ବିତାଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ସହ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଗ୍ରାମବାସୀ ସ୍ଥାନୀୟ ହାଇସ୍କୁଲର ମଧ୍ୟ ବିପର୍ଯ୍ୟସ୍ତ ଅବସ୍ଥା ଉପରେ କହିଥିଲେ। ଏହା ଯେହେତୁ ତାଙ୍କ ପରିସରଭୁକ୍ତ ନ ଥିବାରୁ ଏଥିରେ ପାଣ୍ଠି ଦେବା ସମ୍ଭବ ନୁହେଁ ବୋଲି ଅଧିକାରୀ ଭୋଇ କହିଥିଲେ । ତଥାପି ଏଠିକାର ଉନ୍ନତି ସକାଶେ ଧ୍ୟାନ ଦେବେ ବୋଲି କହିଥିଲେ। ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ନ ଥିବାବେଳେ କୋଠରୀ ଗୁଡିକର ଛାତରୁ ପାଣି ଗଳୁଛି । ସେଠାରେ ମଧ୍ୟ ୨ଟି କୋଠରିରେ ମୋଟ ୨୭୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ।



ବାର୍ଷିକ ଉତ୍ସବ ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି ।

## ବେହେରା ଲଖିରାମ ଅଗ୍ରୱାଲ କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ପର୍ଲା,୯।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ କଲେଜର ୧୯ତମ ବାର୍ଷିକ ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌସୁଧି ବାଗ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ, ସମ୍ମାନିତ ଅତିଥି ଓମ ପ୍ରକାଶ ଅଗ୍ରୱାଲ, ତୁଳାସୀରାମ ବାରିକ, ତ୍ରିଲୋଚନ ନାଏକ, ଜେଏମ ପବ୍ଲିକ ପ୍ରଧାନଶିକ୍ଷକ ସଞ୍ଜୀବ ଅବବୁ ଓ ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପକ ମୋହନଚରଣ ବିଶି ଅତିଥି ପରିଚୟ ଦେଇଥିବା ବେଳେ ଇତିହାସ ଅଧ୍ୟାପକ ନିକୁଞ୍ଜ କୁମାର ସାହୁ ବିପରଣି ପାଠ କରିଥିଲେ। ସ୍ୱାଗତ ସଙ୍ଗୀତ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ମୁଖ୍ୟଅତିଥି ଅଭିଭାଷଣ ମାଧ୍ୟମରେ ପ୍ରଶ୍ନ ପଚାରି ଠିକ ଉତ୍ତର ଦେଇଥିବା ପିଲାଙ୍କୁ ପୁରସ୍କାର ଦେଇଥିବା ବେଳେ ନିଜ ଫଣ୍ଡରୁ ବିଦ୍ୟାଳୟକୁ ୫ଲକ୍ଷ ଟଙ୍କା ସହାୟକ ଦେଇଥିବା ସେ ଘୋଷଣା କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁରେନ୍ଦ୍ର ସାହୁ, ଫକିର ଚଣ୍ଡି, ଗଣେଷ ରାମ ନିଆଲ, ଅଶୋକ ଚଣ୍ଡୀ, ଗୋରାଚାନ୍ଦ ଗୋପାଳ, ସୁରେନ୍ଦ୍ର ନାଏକ ଓ ଚୌବନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଭାଜପାର ଉଦନ୍ତୀ, ସ୍ୱପ୍ନେଶ୍ୱର ମଣ୍ଡଳର କାର୍ଯ୍ୟକର୍ତ୍ତା କର୍ମଶାଳା

**ସିନାପାଲି,୯।୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସରଧାପୁରଠାରେ ଭାଜପାର ଉଦନ୍ତୀ ମଣ୍ଡଳର ନାଗରିକତା ସଂଶୋଧନ ଆଇନ ସମ୍ବନ୍ଧୀୟ କାର୍ଯ୍ୟକର୍ତ୍ତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ମଣ୍ଡଳ ସଭାପତି ମାର୍କଣ୍ଡ ଗହୀର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁର, ସମ୍ମାନିତ ଅତିଥି ପୂର୍ବତନ ଭାଜପା ଜିଲା ସଭାପତି ଶିବପ୍ରସାଦ ମୁଣ୍ଡ, ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରେମସିନ୍ଧୁ ହେର୍ଣ୍ଣା, ସହ ସଂଯୋଜକ ରାତ୍ରାନନ୍ଦ ମନହୀରା, ପୂର୍ବତନ ମଣ୍ଡଳ ସଭାପତି ଅରିଗଞ୍ଜନ ଯୋଷୀ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ବେଲମତୀ ମାଝି, ଜିଲା ପ୍ରତିନିଧି ଧର୍ମେନ୍ଦ୍ର ପୁରୋହିତ, ପୂର୍ବତନ ଗୋଡାଲ ସରପଞ୍ଚ ନରେନ୍ଦ୍ର ସିଂ ମାଝି, ମହାବୀର ଯୋଷୀ, ଚିନ୍ତାମଣି ହଂସ, ମଣ୍ଡଳ ସଂପର୍କ ଅଭିଯାନ ପ୍ରମୁଖ ପୁସ୍ତମ ମଶ୍ରା, ହେମନ୍ତ ମାଝି, ହୀରା ମେହେର, ନେପାଲ ବଛା ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବୋଡେନ ବ୍ଲକ୍ ବାବେବରୀ ହାଟପଦାଠାରେ ଅନୁଷ୍ଠିତ ସ୍ୱପ୍ନେଶ୍ୱର ମଣ୍ଡଳର ବୈଠକରେ ମଣ୍ଡଳ ସଭାପତି ରୁଦ୍ରମାଧବ ପଟେଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁର ଓ ବିଶିଷ୍ଟ ଅତିଥି ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ରଜିତ ସିଂ, ଅନ୍ତ ଚିନ୍ଦା, ହେମନ୍ତ ଯୋଷୀ, କିଶୋର ନାଗଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଭୟ ସଭାରେ ଗତ ସଂସଦର ଶୀତକାଳିନ ଅଧିବେଶନରେ ଏକ ଐତିହାସିକ ଭୁଲ୍‌ର ଐତିହାସିକ ସଂଶୋଧନ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଧନ୍ୟବାଦ ପୂର୍ବକ ଗୃହିତ ହୋଇଥିବା ନାଗରିକତା ସଂଶୋଧନ ଅଧିନିୟମ ସମ୍ପର୍କରେ ସମର୍ଥନ ପାଇଁ ପ୍ରତ୍ୟେକ ବୁଥ୍‌ସ୍ତରରେ ଭାଜପା ଅଭିଯାନ ଆରମ୍ଭ କରିବା । ଏଥିସହିତ ବହୁମାତ୍ରା ସମର୍ଥନ ପୂର୍ବକ ପ୍ରଚାର ପତ୍ର ପ୍ରତ୍ୟେକ ପରିବାରକୁ ଯାଇ ମିସ୍‌କଲ୍ ଜରିଆରେ ସମର୍ଥନ ଜଣାଇବା ପାଇଁ ଜନଜାଗରଣ ସୃଷ୍ଟି କରାଯିବ ବୋଲି ଜିଲା ଭାଜପା ସଭାପତି ପ୍ରକାଶ କରିଥିଲେ ।



ଭାଜପାର ଉଦନ୍ତୀ ମଣ୍ଡଳର ନାଗରିକତା ସଂଶୋଧନ ଆଇନ ସମ୍ବନ୍ଧୀୟ କାର୍ଯ୍ୟକର୍ତ୍ତା କର୍ମଶାଳାକୁ ଉଦ୍‌ଘାଟନ କରାଯାଉଛି।

## ୧୨ରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**କେସିଙ୍ଗା,୯।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ୨୪ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ଜଗନ୍ନାଥ ମନ୍ଦିର ପଡିଆଠାରେ ଆସନ୍ତା ୧୨ ତାରିଖ (ରବିବାର) ପାଳନ କରାଯିବ। ଏ ନେଇ କେସିଙ୍ଗା ବିଡିଓ ଭୀମସେନ ଶବର ଗୁରୁବାର ସୂଚନା ଦେଇଛନ୍ତି। କେସିଙ୍ଗା ବ୍ଲକ ବେଲଖଣ୍ଡି ଶିବ ମନ୍ଦିରଠାରୁ ଏକ ବିରାଟ ପଟୁଆରରେ ମଶାଲ ଶୋଭାଯାତ୍ରା ବାହାରିବ। ବଲାଙ୍ଗୀର ଛକଠାରୁ ମଶାଲ ଯାତ୍ରାକୁ ସ୍ୱାଗତ କରି ସହର ପରିକ୍ରମା କରାଯିବା ବୋଲି ବିଡିଓ କହିଥିଲେ। କେସିଙ୍ଗା ବ୍ଲକ ଅଧ୍ୟକ୍ଷା ସୁକାନ୍ତ ବେହେରା ମଞ୍ଚ ଉଦ୍‌ଘାଟନ କରିବେ । ଏହି ୨୪ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଛାତ୍ରୀଛାତ୍ର, ଯୁବତୀ, ଯୁବକ, ମହିଳା ଓ ପୁରୁଷଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗୀତା କାର୍ଯ୍ୟକ୍ରମ ରଖାଯାଇଛି। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଶିଷ୍ଟ ଅତିଥି ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ସମେତ ବ୍ଲକ ଚେୟାରମ୍ୟାନ ସୁକାନ୍ତି ବେହେରା, ଉପାଧ୍ୟକ୍ଷ ରଜନୀକାନ୍ତ ପୋଢ଼ ପ୍ରମୁଖ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ଉଦଯାପନୀ ଦିବସର ସନ୍ଧ୍ୟା ଅଧିବେଶନରେ ଘୁମୁରା, ବଜାଶାଳ, ଗ୍ରୁପ ଡ୍ୟାନ୍ସ, ବିଭିନ୍ନ ସମ୍ବଲପୁରୀ ନାଚଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କେସିଙ୍ଗା ବିଡିଓ ଶବର ସୂଚନା ଦେଇଛନ୍ତି ।

## ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରକ୍ ଜବତ

**ନୂଆପଡା ଅଫିସ,୯।୧**

**ଚୋରର ସନ୍ଧାନ ପାଉନି ବନବିଭାଗ**



ଜବତ କରାଯାଇଥିବା ଟ୍ରକ ସହ ବନବିଭାଗ କର୍ମଚାରୀମାନେ।

ଗୁରୁବାର ଭୋର ୪ଟାରେ ନୂଆପଡା ରେଞ୍ଜ ଅନ୍ତର୍ଗତ ସଲଙ୍ଗିପଡା ଛକ ନିକଟରୁ ଏକ କାଠ ବୋଝେଇ ଟ୍ରକ (ନଂ. ଚେଆର୬୩ଏ୯୫୮୮) ଜବତ କରାଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଖଇର କାଠ ବୋଝେଇ କରି ଚୋରା ଚାଲାଣ କରାଯାଉଥିଲା । ଚଢାଉ ବେଳେ ଡ୍ରାଇଭର ଚମ୍ପଟ ମାରିଥିବାବେଳେ ଟ୍ରକ୍ କେଉଁଠୁ କୁଆଡେ ଯାଉଥିଲା ତାହା ଜଣାପଡିନାହିଁ । ଏହାର ଆନୁମାନିକ ମୂଲ୍ୟ ୩/୪ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

ବୁଧବାର ବିଳମ୍ବିତ ରାତିରେ କୋମନା ଏବଂ ନୂଆପଡା ରେଞ୍ଜର ସୀମାନ୍ତ ଅଞ୍ଚଳସ୍ଥିତ ସୁକୁଲିମୁଣ୍ଡିରୁ ସଲଙ୍ଗିପଡା ମଧ୍ୟରେ ଏକ ଟ୍ରକ କାଠ ବୋଝେଇ କରି ଯାଉଥିବା ବନବିଭାଗ ଖବର ପାଇଥିଲା। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ରେଞ୍ଜର ବିନିତା ଭୋଇ ଏବଂ ଫରେଷ୍ଟର କନ୍ଦର୍ପ ସୁନାନୀଙ୍କ ନେତୃତ୍ୱରେ ଏକ ଟିମ ନୂଆପଡାଠାରୁ ୨୨ କି.ମି. ଦୂର ସଲଙ୍ଗୀପଡା ଛକ ନିକଟରେ ଟ୍ରକକୁ ପିଛା କରିଥିଲେ । ତତକ୍ଷଣାତ ଟ୍ରକ ଡ୍ରାଇଭର ଟ୍ରକ୍ ଛାଡ଼ି କୁଆଡେ ଚମ୍ପଟ ମାରିଥିଲେ। ବନବିଭାଗ ଗାଡି ଜବତ କରି ନୂଆପଡା କାର୍ଯ୍ୟାଳୟକୁ ଆଣିଥିଲେ। ଅପରାହ୍ନରେ ଏସଏଫ ଜୟରାମ ଶବର ମଧ୍ୟ ଅଧିକାରୀମାନଙ୍କୁ ନେଇ ଘଟଣାସ୍ଥଳକୁ ପରିଦର୍ଶନ କରିଥିଲେ। ହରିୟାଣାରୁ ଏକ ମାଲିକ ଆସି ଗ୍ରାମାଞ୍ଚଳରୁ ଏହି କାଠ ସଂଗ୍ରହ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏହାକୁ ନେଇ ଦଫା ୫୬ରେ ଏକ ମାମଲା ରୁଜୁ ହୋଇଛି । ଗାଡିଟି ହରିୟାଣାର ଥିବାବେଳେ ମାଲିକଙ୍କ ପତ୍ତା ଜଣାପଡ଼ିନି । ଏହା ଉପରେ ତଦନ୍ତ ଚାଲିଛି ବୋଲି ଏସିଏଫ ଜୟରାମ ଶବର ସୂଚନା ଦେଇଛନ୍ତି ।

## କାଠ ଚୋରଙ୍କୁ ଘଣ୍ଟଘୋଡାଇବା ଅଭିଯୋଗ

**ନୂଆପଡା ଅଫିସ, ୯।୧**

**ଖବରଦାତା- ରେଞ୍ଜର ବଚସା**

ନୂଆପଡା ଫରେଷ୍ଟ ରେଞ୍ଜ ପକ୍ଷରୁ ଲକ୍ଷାଧିକ ଟଙ୍କାର ଖଇର କାଠ ବୋଝେଇ ଟ୍ରକକୁ ଜବତ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ଏହା ଉପରେ ଗଣମାଧ୍ୟମ ପ୍ରତିନିଧିମାନେ ପିଛା କରିବାରେ ବାକ ବିତଣ୍ଡା ହୋଇଥିଲା । ଶେଷରେ ରେଞ୍ଜର ଦୁଃଖ ପ୍ରକାଶ କରି ସଫେଇ ଦେଇଥିଲେ। ସୂଚନା ଯେ, ଗୁରୁବାର ଭୋରରୁ ରେଞ୍ଜର ବିନିତା ଭୋଇଙ୍କ ନେତୃତ୍ୱରେ ଟିମ ସଲଙ୍ଗିପଡା ନିକଟରୁ ଖଇରକାଠ ଭର୍ତ୍ତି ଟ୍ରକକୁ ଜବତ କରିଥିଲା । ସେଠାରୁ ଟ୍ରକକୁ ନୂଆପଡା କାର୍ଯ୍ୟାଳୟକୁ ଅଣାଇଥିଲା। ଏହାକୁ ତୁରନ୍ତ କୁଆଡେ ଟ୍ରକ ମାଲିକଙ୍କ ସହ ସଲାସୁତୁରା କରି ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରୁଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଅଫିସରେ ପହଞ୍ଚିଥିଲେ। ଏମାନଙ୍କୁ ଦେଖି ରେଞ୍ଜର ରାଗିଯାଇ ଇତସ୍ତତ ହୋଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏଥିରୁ ବାରଣ କରିଥିଲେ। ଦୀର୍ଘ ସମୟରେ ପରେ ସ୍ଥାନୀୟ ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ହସ୍ତକ୍ଷେପ ପରେ ରେଞ୍ଜର ଭୋଇ ଦୁଃଖ ପ୍ରକାଶ କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କେବେବି ଦୁର୍ବ୍ୟବହାର କରିବେ ନାହିଁ ବୋଲି କହିଥିଲେ। ଏହା ଉପରେ ସବିଶେଷ ତଦନ୍ତ ପରେ ବିବରଣୀ ଦେବେ ବୋଲି ବିଚାର କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ତଦନ୍ତ କରୁଛନ୍ତି। ଏହା ନିରପେକ୍ଷ ତଦନ୍ତ ହେବ ବୋଲି କହିଥିଲେ।

# ରୟାଲ କପ୍ କ୍ରିକେଟ: କୁମୁଟିମୁଣ୍ଡା ଚାମ୍ପିୟନ

**କୋମନା, ୯।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଗନିଆରି କଳିଙ୍ଗ ଷ୍ଟାଡିୟମରେ ରୟାଲ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୧୩ତମ ରୟାଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଛି । ଏଥିରେ କୁମୁଟିମୁଣ୍ଡା ଦଳ ରଜନା ଦଳକୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରଜନା ଓ କୁମୁଟିମୁଣ୍ଡା ଦଳ ମୁହାମୁହିଁ ହୋଇଥିଲେ। ରଜନା ଦଳ ଟସ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। କୁମୁଟିମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ୯୬ ରନର ବିଜୟ ଲକ୍ଷ ନେଇ ରଜନା ଦଳ ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ କେବଳ ୯୦ ରନ କରି ପାରିଥିଲା। ଫଳରେ କୁମୁଟିମୁଣ୍ଡା ଦଳ ୬ ରନରେ ରଜନା ଦଳଠାରୁ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଲୋକନାଥ ମିଶ୍ର ଓ ରୁଦ୍ରା ହଂସ ପରିଚାଳନା କରିଥିବା ବେଳେ କୁନା ହୋତା ଓ ରୁଦ୍ର ହଂସ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ପ୍ରସନ୍ନ ପାଢୀ, ସମ୍ମାନିତ ଅତିଥି ଭାବେ ଡିଓସି ଆଶିଷ କୁମାର ଠାକୁର, ଯୁବନେତା କାର୍ତ୍ତିକ ଦୀପ, ଜୋଗେନ୍ଦ୍ର ବାଗ, ସାମାଜିକ କର୍ମୀ ସୋମନାଥ ଶବର ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଜେତା କୁମୁଟିମୁଣ୍ଡା ଦଳକୁ ଅତିଥିମାନେ ଟ୍ରଫି ସହ ୧୦ ହଜାର ରାଶି ପୁରସ୍କାର ଦେଇଥିବା ବେଳେ ରନର୍ସ ଦଳକୁ ଟ୍ରଫି ସହ ୭ ହଜାର ରାଶି ପ୍ରଦାନ କରିଥିଲେ। ରମେଶ ନାଗ ସ୍କୋରର ଓ ଟିକେଶ୍ୱର ହଂସ ଧାରାବିବରଣୀ ପ୍ରଦାନ କରିଥିଲେ। ହେମନ୍ତ କର ଉଦଯାପନୀ ସମାରୋହର ମଞ୍ଚ ପରିଚାଳନା କରିଥିଲେ। ରୟାଲ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟଅତିଥିଙ୍କଠାରୁ ବିଜୟୀ ଦଳ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ଗୁଣାତ୍ମକ ମାନବୃଦ୍ଧି ପାଇଁ ଛାତ୍ରୀଛାତ୍ରଙ୍କୁ ତାଲିମ

**ନୂଆପଡା ଅଫିସ,୯।୧**

- ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା

ଗତ ବର୍ଷରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପାସ ହାର ବୃଦ୍ଧି ହେଉଥିଲେ ମଧ୍ୟ ଗୁଣାତ୍ମକ ମାନରେ ବୃଦ୍ଧି ହେଉ ନ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଯେଉଁ ଛାତ୍ରୀଛାତ୍ରମାନେ ନବେ ପ୍ରତିଶତ ମାର୍କ ଉପରେ ରଖୁଛନ୍ତି (ହାଇ ଏଚିଭର) ସେମାନଙ୍କୁ ପରୀକ୍ଷାରେ କିପରି ଆହୁରି ଉନ୍ନତମାନ ଫଳାଫଳ ଦେଇ ପାରିବେ ସେଥିପାଇଁ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଖରିଆରରୋଡ ସରକାରୀ ନୋଡାଲ ହାଇସ୍କୁଲରେ ୩ ଦିନିଆ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିନରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ଶୁଭାରମ୍ଭ କରିଥିଲେ । ଗୁରୁବାର ଉଦ୍‌ଯାପନୀରେ ଜିଲାର ବିଭିନ୍ନ ବିଦ୍ୟାଳୟ ଯଥା ଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୪୭ ଜଣ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ୩୪ ଜଣ ସାଧନ କର୍ମୀ, ବିଷୟଗତ ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ମାର୍ଗଦର୍ଶନ କରିଥିଲେ । ଉଦ୍‌ଯାପନୀରେ ଜିଲା ଶିକ୍ଷାଧିକାରୀ ଭୋଇ ସଭାପତିତ୍ୱ କରିଥିଲେ । ଏଥିରେ ସହର ସାମାଜିକ କର୍ମୀ ରମେଶ କୁମାର ଅଗ୍ରୱାଲ, ମନୋଜ ଡାଗା, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜିତ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ। ସମସ୍ତଙ୍କୁ ଉତ୍କର୍ଷତା ପ୍ରତିପାଦନ କରିବାକୁ ବେଳହୁଁ ଅଣ୍ଟା ଭିଡିବାକୁ କହିଥିଲେ । କଠିନ ପରିଶ୍ରମ, ଅଧ୍ୟବସାୟ ଦ୍ୱାରା ସବୁକିଛି ସମ୍ଭବ ବୋଲି କହିଥିଲେ। ସୁଶାନ୍ତ କୁମାର ଯୋଷୀ ଧନ୍ୟବାଦ ଦେଇଥିଲେ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଛୁଟି ତାଲିକାରେ ପୌଷ ପୂର୍ଣ୍ଣିମା ନ ଥିବାରୁ ଅସନ୍ତୋଷ

**ଖପ୍ରାଖୋଲ, ୯।୧(ଡି.ଏନ.ଏ.):** ପଶ୍ଚିମ ଓଡିଶାର ଅନ୍ୟତମ କୃଷିଭିତ୍ତିକ ଗଣ ପର୍ବ ହେଉଛି ପୌଷ ପୂର୍ଣ୍ଣିମା(ପୁଷପୁନି)। ହେଲେ ସରକାରଙ୍କ ଛୁଟି ତାଲିକାରେ ଚଳିତ ବର୍ଷ ପୌଷ ପୂର୍ଣ୍ଣିମା ପାଇଁ ଛୁଟି ନାହିଁ। ଏପରିକି ବିଦ୍ୟାଳୟମାନଙ୍କରେ ମଧ୍ୟ ଛୁଟି ନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନୂଆଁଖାଇକୁ ଛାଡି ପଶ୍ଚିମ ଓଡିଶାର ଅନ୍ୟତମ ପ୍ରମୁଖ କୃଷିଭିତ୍ତିକ ଗଣପର୍ବ ହେଉଛି ପୌଷ ପୂର୍ଣ୍ଣିମା। ଏହିଦିନ ଘରେ ଘରେ ପିଠାପଣା ଓ ଅମିଷ ହୋଇଥାଏ। ଚାଷୀ ଚାଷ କାମ ଶେଷ ପରେ କାହିଁ କେତେ ଦିନରୁ ପୌଷ ପୂର୍ଣ୍ଣିମାକୁ ଗଣ ପର୍ବ ଭାବେ ମାନି ଆସୁଛି। ଏହିଦିନ ଗାଁଗାଁରେ ଛେରଛେରା, ବିଭିନ୍ନ ନାଚଗୀତ ଆୟୋଜିତ ହୋଇଥାଏ। ଏହି ସବୁ ମଜା ସାଧାରଣତଃ ଘରର ବୟସ୍କ ଠୁ ଛୋଟ ପିଲାମାନେ ବି ନେଇଥାନ୍ତି। ହେଲେ ଚଳିତ ବର୍ଷ ଛୁଟି ନ ଥିବାରୁ ସ୍କୁଲ ଓ ବିଭିନ୍ନ କାର୍ଯ୍ୟାଳୟ ଖୋଲା ରହିବ। ଏହା ରାଜ୍ୟ ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବ ବୋଲି ଗୁପ୍ତେଶ୍ୱର କୁଅଁର, ବିପ୍ର ବିଶି, ଶଶିରେଖା ଧରୁଆ, ଗଜରାଜ ନାଗ ପ୍ରମୁଖ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠିପ୍ରସାଦ ଝାଙ୍କରଙ୍କୁ ପଚାରିବାରୁ ଛୁଟି ତାଲିକାରେ ପୌଷ ପୂର୍ଣ୍ଣିମା ଛୁଟି ନାହିଁ। ତେବେ ବିଦ୍ୟାଳୟଗୁଡିକ ଆଗରୁ ଜଣାଇଥିଲେ ଲୋକାଲ ହୋଲିଡେ ଛୁଟି ନେଇପାରିଥାନ୍ତେ ବୋଲି କହିଛନ୍ତି।



### ଭାଲୁଡୁଙ୍ଗୁରି ଗୌନ୍ତିଆଙ୍କ ପରଲୋକ

**ଖପ୍ରାଖୋଲ, ୯।୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗାଁର ଗୌନ୍ତିଆ ଉଗ୍ରସେନ ବିଶ୍ୱାଲ(୯୫)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ମୃତ୍ୟୁ ସମୟରେ ବଡପୁଅ ଧ୍ରୁବ ପ୍ରସାଦ ବିଶ୍ୱାଳ, ବିଷ୍ଣୁ, ଚିନ୍ତା, ଡୋଳାମଣି, ପଞ୍ଚାନନଙ୍କ ସମେତ ନାତୀନାତୁଣୀ , ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବୁଢ଼ୀ ସମଲେଇ ଫୁଟବଲ ପ୍ରତିଯୋଗିତା ୧୧ରୁ

**ସୋନପୁର,୯।୧(ନି.ପ୍ର.):** ବିଏସଏଫ କ୍ଲବ ଏବଂ ଏସଏସ ସ୍ପୋର୍ଟିଂ ସୋନପୁର ଘୋଡାଘାଟପଡା ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ବୁଢ଼ି ସମଲେଇ ଫୁଟବଲ ପ୍ରତିଯୋଗିତା ଆସନ୍ତା ୧୧ତାରିଖରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ସୋନପୁର କଲେଜ ପଡିଆରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

ମନ୍‌ବଲ ଥିଲେ ସବୁ ସମ୍ଭବ

# ପରମାନ କରି ଦେଖେଇଛନ୍ ଦିବ୍ୟାଙ୍ଗ ଦମ୍ପତି

**ଗୁରୁଦୟାଲ ହଂସ**
**କଣ୍ଟାବାଞ୍ଜି, ୯।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚଟୁଅନକା ପଚେଁତ୍ ସଦର ଗାଁର ପବିତ୍ର ପୁଟେଲ(୨୫)ଜନ୍‌ମୁ ଦିବ୍ୟାଙ୍ଗ ଆନ୍। ଜନମ୍ ବେଲେ ସେ ପୋଲିଓ ରୋଗ୍‌ରେ ଆକ୍ରାଁତ ହେଲାରୁ ତାକର ଦୁଇଗୋଡ଼ ଅଚଲ ହେଇଯାଇଛେ। ହେଲେ ସେ ଜୀବନ୍‌ରେ ହାର ନାଇଁ ମାନି। ଦୁଖେ କଷ୍‌ଟେ ପାଠ୍ ଦୁଇଅଖର ପଢ଼ବାର ସଂଗେ ସେ ଝନେ ଦିବ୍ୟାଙ୍ଗ ମହିଲାକୁଁ ବିହା ହେଇଛନ୍। ଏହେଦେ ଇ ଦିବ୍ୟାଙ୍ଗ ଦମ୍ପତି କାହାର ଉପରେ ଆଶ୍ରା ନାଇଁକରି କରି ଗୁରସ୍ ବିକି ନିଜର ତେଲ୍‌ନୁନ୍ ସଁସାର ଚଲଉଛନ୍।

ସୂଚନା ଅନ୍‌ସାରେ ଚଟୁଅନକା ପଚେଁତ୍ ସଦର ଗାଁର ଚତ୍ରୁ ପୁଟେଲ ଆର ଉମେ ପୁଟେଲକଁର ୪ ପୁଓ ଆର ୫ ଝିଁ। ବପିତ୍ର ସବୁନୁ ସାନ ଆଏ। ପବିତ୍ର ଜନ୍‌ମୁ ଦିବ୍ୟାଙ୍ଗ ହେବାର ଲାଗି ମା'ବାପ୍, ଭାଇଭହେନ୍ ତାହାକୁ କେଭେ ଅନ୍‌ଦେଖା ନାଇଁକରି। ସେ ମାଟ୍ରିକ ତକ୍ ପାଠ୍ ବି ପଢ଼ିଛନ୍। ବଏସ୍ ହେଲାରୁ ନିଜର ବୁଧି ବିବେକ ଖଟେଇ ନିଜର ଦିବ୍ୟାଙ୍ଗ ଭତାକେ ସଁଚି ଭଏଁଷ୍ ପଟେ ଘିନ୍‌ଲେ। ସେ ଭଏଁଷ୍‌ର ଗୁରସ୍ ବିକି ଭଲ ଦୁଇପଏସା ରୁଜଗାର କଲେ। ଏହେଦେ ସେ ପଏସାରୁ ଆରଗୁଟେ ଭଏଁଷ୍ ଘିନି ବେପାର ବଢ଼େଇଛନ୍। ଦୁଇ ଭଏଁଷ୍ ଫିଦିନ୍ ୮ରୁ ୧୦ ଲିଟର ଗୁରସ୍ ଦେଉଛନ୍। ପବିତ୍ର ଫିଦିନ ସଖାଲୁ ନିଜର ଟ୍ରାଇସାଇକେଲରେ ଗୁରସ୍ ଆନି କଣ୍ଟାବାଞ୍ଜି ସହରର ଭିନେ ଭିନେ ହୋଟେଲ ଆର ଲଗାନି କରିଥିବାର ଲୁକ୍‌କୁ ଦେଉଛନ୍। ସବୁ ଖରଚ୍ ଯାଇ ଫିଦିନ୍ ୧୫୦ରୁ ୩୦୦ ଟଁକା ତକ୍ ରୁଜ୍‌ଗାର କରୁଥିବାର ସେ



ପବିତ୍ର ନିଜର ଟ୍ରାଇସାଇକେଲରେ କଣ୍ଟାବାଞ୍ଜି ସହରକେ ଗୁରସ୍ ବିକୁଛନ୍।

କହିଛନ୍। ସେ ପାସର ଗାଁ ମହଖଣ୍ଡର ଝନେ ଦିବ୍ୟାଙ୍ଗ ଟୁକେଲ ପରମାବତୀକୁଁ ବିହା ହେଇଛନ୍। ଏହେଦେ ଇ ଦିବ୍ୟାଙ୍ଗ ଦମ୍ପତିକଁର ଗୁଟେ ଝିଁ ଲଭଲି(୭) ଆର ପୁଓ ଅମିତ(୩) ରହିଛନ୍। ଗୁରସ୍ ବିକି ପବିତ୍ର ୪ ପରାନୀ କୁଟୁମକେ ହଁସ୍‌ଖୁସିରେ ଚଲେଇ ନେଉଛନ୍। ଇ କାମ୍‌ରେ ମାଏକିନା ପରମାବତୀ ବି ପବିତ୍ରକୁଁ ସାହାଯ୍ କରୁଛନ୍। ପରମାବତୀ ଫିଦିନ୍ ପହଁଟିଆରୁ ଉଠି ଭଏଁଷ୍‌କୁ ଦାନାପାନୀ ଦେବାର ସଂଗେ ଗୁରସ୍ ଦୁହୁଛନ୍। ସେଟାକେ ବୁତଲମାନକେ ଭରି ପବିତ୍ରକଁର ଟ୍ରାଇସାଇକେଲରେ ଲଦି ଦେଉଛନ୍। ଇ ଗୁରସ୍ ବିକା ପଏସାରୁ ପରିବାର ଚଲାବାର ସଂଗେ ଦୁଇ ଝିଁପୁଓକେ ପାଠ୍‌ପଢ଼େଇ ଭଲ ମୁନୁଷ୍ କରବାର ଲକ୍ଷ ରଖିଛନ୍ ଦିବ୍ୟାଙ୍ଗ ଦମ୍ପତି। ପରିବାରଟା ନିହାତି ଗରିବ୍ ଘରଡିହ ଖଁଡ଼କ ଛାଡ଼ିଦେଲେ ସଁପତି ବଲି କିଛି ନାଇଁ। ପବିତ୍ରକୁଁ ସରକାରୀ ଯୋଜନାରେ ଗୁଟେ ଇନ୍ଦିରା ଆବାସ ମିଲିଛେ। ମାସିକ ୭ଶହ ଟଁକା ଦିବ୍ୟାଙ୍ଗ ଭାତା ପାଉଛନ୍। ହେଲେ ମାଏକିନା ପରମାବତୀ ଦିବ୍ୟାଙ୍ଗ ହେଇଥିଲେ ବି ଭତାରୁ ବଁଚିତ୍ ହେଇ ରହିଥିବାର ପବିତ୍ର କହିଛନ୍। ସେନ୍‌ତା ଉନିଆଁମାନେ ଯେନ୍‌ତା କୁଟୁମ ପୁଷୁଛନ୍ ମୁଇଁ ବି ମୋର କୁଟୁମ୍ ପୁଷୁଛେଁ। ଉନିଆଁମାନେ ସବୁ କାମ୍ କରିପାରୁଛନ୍, ହେଲେ ମୁଇଁ ନାଇଁ କରିପାରେଁ। ଫରକ୍ କହେଲେ ଏତ୍‌କି। ହେଲେ ମୋର କାହାରି ଉପରେ କିଛି ଅଭିଯୋଗ ନାଁଇଁ। ପରଶାସନ ମୋର ପରିବାର ଉପରେ ଦୁରୁଷ୍‌ଟି ଦେଇ ମୋତେ କେହେନ୍‌ସି ଗୁଟେ ଲୋନ ଦେଲେ ମୋର ବେପାରଟାକେ ବଢ଼େଇ ପାରତି ଆର ମୋର ଦୁଇଛୁଆକୁ ଭଲ ପାଠ୍ ଦୁଇଅଖର ପଢ଼େଇ ମୁନୁଷ୍ କରିପାରତି ବଲି ସେ କହିଛନ୍।

### ରମାଇ ମହୋତ୍ସବ କମିଟି ବୈଠକ

**ଲୋଇସିଂହା,୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲୁପାଲିଠାରେ ଆସନ୍ତା ଏପ୍ରିଲରେ ରମାଇ ପାହାଡ ମହୋତ୍ସବ ପାଇଁ ପ୍ରସ୍ତାବ ଚୂଡାନ୍ତ ହୋଇଛି। ଆୟୋଜକ କମିଟି ତରଫରୁ ଭାଲୁପାଲି ଗ୍ରାମବାସୀଙ୍କୁ ନେଇ ବୁଧବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୂରଲୀଦର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ ଉଦ୍ୟୋକ୍ତା ସରୋଜ କୁମାର ତ୍ରିପାଠୀ ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଆୟୋଜକଙ୍କ ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିଥିଲେ। ମହୋତ୍ସବର ପ୍ରସାର ଓ ପ୍ରଚାର ହେଲେ ପାହଡାର ଐତିହ ଲୋକଲୋଚନକୁ ଆସିପାରିବ ବୋଲି ଗ୍ରାମବାସୀ ମତ ଦେଇଥିଲେ। ପ୍ରଶାନ୍ତ ପଧାନ, ବୀରବର ଧରୁଆ, ତୁମେଶ୍ୱର ସାହୁ, ହିମାଂଶୁ ପଧାନ, କୈଳାସ ନାୟକଙ୍କ ସମେତ ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ।

# ହରଗୌରୀ ମନ୍ଦିରରୁ ଚୋରି ମୂର୍ତ୍ତି ଉଦ୍ଧାର

**ଲୋଇସିଂହା,୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭରସୁଜା ଗ୍ରାମ ହରଗୌରୀ ମନ୍ଦିରରୁ ଚୋରି ହୋଇଥିବା ଧାତୁରେ ନିର୍ମିତ ମୂର୍ତ୍ତିକୁ ଲୋଇସିଂହା ପୋଲିସ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ ଚୋରି ବାଇକ ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ବରଗଡ ଜିଲା ଗାଇସିଲାଟ ଥାନା ବଜାର ପଡାର ସୁଧୀର ବାଗ(୨୫)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଦଫା ୪୫୭, ୩୮୦ ଆଇପିସିରେ ଏକ ମାମଲା(ନଂ.୭.୨୦)ରେ ରୁଜୁ ହୋଇଛି।

ପୋଲିସ ସୂଚନାମତେ, ଗତ ମଙ୍ଗଳବାର ଗାଇସିଲାଟ ବଜାରପଡାର ସୁଧୀର ଆଗଲପୁର ବ୍ଲକ ବିନ୍ଧାପାଲି ଧନୁଯାତ୍ରା ଦେଖିବାକୁ ଆସିଥିଲେ। ବୁଧବାର ସକାଳେ ସେ ଯାତ୍ରା ଦେଖି ଫେରୁଥିବାବେଳେ ଭରସୁଜା ହରଗୌରୀ ମନ୍ଦିର ଉପରେ ତାଙ୍କ ନଜର ପଡିଥିଲା। ତାଲା ଭାଙ୍ଗି ମନ୍ଦିରରେ ପଶି ପୂଜା ପାଉଥିବା ଧାତୁରେ ନିର୍ମିତ ଶିବ, ପାର୍ବତୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ଚୋରି କରି ନେଇଥିଲେ। ମୂର୍ତ୍ତି ଚୋରି କରିବା ପରେ ମନ୍ଦିର ନିକଟରେ ଥିବା ଏକ ବାଇକକୁ ଧରି ସୁଧୀର ସେଠାରୁ ଫେରାର ହୋଇଯାଇଥିଲେ। ପୂଜା ପାଇଁ ଆସିଲା ବେଳେ ପୂଜକ ମନ୍ଦିର ଫାଟକ ତାଲା ଭଙ୍ଗା ହୋଇଥିବା ଓ



ଉଦ୍ଧାର ମୂର୍ତ୍ତି ଓ ଗିରଫ ଅଭିଯୁକ୍ତ।

- ଗାଇସିଲାଟରୁ ଚୋର ଗିରଫ
- ଚୋରକୁ ଧରା ପକାଇଲା ସିସି ଟିଭି ଫୁଟେଜ

ଅସ୍ଥାନରେ ମୂର୍ତ୍ତି ନଥିବା ଦେଖିଥିଲେ। ଏନେଇ ପୂଜକ ଘଟଣା ସଂକ୍ରାନ୍ତରେ ଗାଁରେ ଜଣାଇବା ସହ ଆଗଲପୁର ଫାଣ୍ଡିକୁ ଯାଇ ଅଭିଯୋଗ କରିଥିଲେ। ଆଗଲପୁର ଓ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ମନ୍ଦିର ନିକଟରେ ଥିବା ଏକ ସିସି କ୍ୟାମେରାରେ ଚୋରିର ରେକର୍ଡ ହୋଇଥିବା ଦେଖିବାକୁ ପାଇଥିଲେ। ଏହାକୁ ଆଧାର କରି ବରଗଡ ଜିଲା ଗାଇସିଲାର ବଜାର ପଡାରୁ ସୁଧୀରୁ ଗିରଫ କରି ମୂର୍ତ୍ତି ଓ ବାଇକକୁ ଉଦ୍ଧାର କରିଥିବା ଆଇଆଇସି ଲାକ୍ରା କହିଛନ୍ତି।

### ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

**ପାଟଣାଗଡ, ୯।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଘାସିଏନ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଘସିଏନ୍‌ର ଦୁଇଦିନିଆ ବାର୍ଷିକ କ୍ରୀଡା ଅନିଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଣବ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଅଧ୍ୟାପକ ଗୋପାଳ ଚନ୍ଦ୍ର କ୍ଷେତି ସଂଯୋଜନା କରିଥିଲେ। ଘସିଏନ୍ ସରପଞ୍ଚ ବିତିସ୍ମିତା ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଖୁଟୁଲା ବାରିକ, ଅବସରପ୍ରାପ୍ତ ଶିକ୍ଷକ ତେଜରାଜ ଦଣ୍ଡସେନା ଯୋଗ ଦେଇଥିଲେ। ଅଧ୍ୟାପକ କାର୍ତିକେଶ୍ୱର ଷଡଙ୍ଗୀ ଏବଂ କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ପ୍ରହଲ୍ଲାଦ ସାହୁ ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସବିତା ସରାଫ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ସୁଜାତା ଭୋଇ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ କ୍ରୀଡାବିତଭାବେ ବାଳକ ବିଭାଗରେ ଅଶୋକ ବିଶ୍ୱାଳ ଓ ବାଳିକା ବିଭାଗରେ ମମତା ଶବର ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ସୁବଳ କିଶୋର ପାଣିଗ୍ରାହୀ ଓ ବରିଷ୍ଠ ଖେଳ ଶିକ୍ଷକ ରାମଚନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା।

ସର୍ବଭାରତୀୟ ପାଟଣା କପ୍

# ନାଗପୁର କରିମ ସ୍ପୋର୍ଟିଂ ସେମିରେ

**ପାଟଣାଗଡ, ୯।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୧୯ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ବି ପୁଲର ପ୍ରଥମ ଲିଗ ମ୍ୟାଚ ଗୁରୁବାର ନାଗପୁର କରିମ ସ୍ପୋର୍ଟିଂ ଏବଂ ପାଟଣାଗଡ କ୍ରିକେ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ନାଗପୁର ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୌରଭ ପ୍ରାପଡେ ୩୬ ରନ କରିଥିଲେ। ଏହାର ଜବାବରେ ପାଟଣାଗଡ କ୍ରିକେଟ କ୍ଲବ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ନାଗପୁର ଦଳର ମହମ୍ମଦ କରିମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଲାୟନ୍ସ କ୍ଲବ ପାଟଣାଗଡ ତରଫରୁ ଲାୟନ ଦଶରଥ ମେହେର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ତପନ ବେହେରା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାମଚନ୍ଦ୍ର ମେହେର ଏବଂ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ଆଜିର ମ୍ୟାଚରେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ପୃଥ୍ୱୀରାଜ ମିଶ୍ର ଏବଂ ପ୍ରତାପ ପାତ୍ର ପରିଚାଳନା କରିଥିଲେ। କୁବେର ରଣା ଓ କିଶୋର ବାଗ ସ୍କୋରର ଏବଂ ପୂର୍ଣ୍ଣଚନ୍ଦ୍ର ମେହେର ଓ ସାହିଲ ଖାଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ପୁଲ 'ବି'ର ଦ୍ୱିତୀୟ ଲିଗ ମ୍ୟାଚ ରାଞ୍ଚି ଏବଂ କଟକ ସୋଲାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ନାଗପୁର ଦଳର ମହମ୍ମଦ କରିମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

### ଫଟୋରେ ଖବର




ବଲାଙ୍ଗୀର ଷ୍ଟେଟ୍ ଇଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପରିଦର୍ଶନ ସମୟରେ ଛାତ୍ରୀଛାତ୍ର ଓ ଷ୍ଟାଫ୍‌ଙ୍କ ସହ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର। (ଫଟୋ-ସୁନୀଲ)

ଜରାସିଂହା କଲେଜର ବାର୍ଷିକ କ୍ରୀଡ଼ା

# ରୋଜି ବାଳିକା, ଝସକେତନ ବାଳକ ଚାମ୍ପିୟନ

**ଦେଓଗାଁ, ୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମରେ ଗୁରୁବାର ଯୁକ୍ତଦୁଇ କଲେଜର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତା ତଥା ଦୁର୍ବାଦଳ ଘିଭେଲାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଉମା ଶଙ୍କର ସିଂ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପାଣି ଉପସ୍ଥିତ ଥିଲେ। ଅତିଥିମାନେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ଥନାପତି, ନଳିନୀକାନ୍ତ ପଧାନ ଓ ପୁଷ୍ପାଞ୍ଜଳି କିଷାନଙ୍କ ପରିଚାଳନାରେ ଅନୁଷ୍ଠିତ ବାର୍ଷି କ୍ରୀଡାରେ ୧୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୯୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗରେ ରୋଜୀ ଭୋଇ ଓ ବାଳକ ବିଭାଗରେ ଝସକେତନ ନାଏକ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଶେଷରେ ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ମେହେର, ଅଚ୍ୟୁତରାମ ମେହେର, ବିମଳ କିଶୋର ସାହୁ, ଧୋବାଇ ଚରଣ ପଟେଲ, ବସୁଦେବ ମେହେର, ଅଧ୍ୟାପିକା ଶୁଭଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଜରାସିଂହା କଲେଜ ବାର୍ଷିକ କ୍ରୀଡାରେ ଚାମ୍ପିୟନ ଝସକେତନଙ୍କୁ ପୁରସ୍କୃତ କରାଯାଉଛି।

ଆଇଆମ୍ କଲାମ କପ୍ ଫୁଟବଲ

# ବରଗଡ଼ ୟୁନାଇଟେଡ଼କୁ ଟାଇଟଲ




ମୁଖ୍ୟ ଅତିଥି ଓ ଆୟୋଜକଙ୍କ ସହ ଚାମ୍ପିୟନ ବରଗଡ ଦଳର ଖେଳାଳିମାନେ।

### '୩ ପେନାଲ୍ଟି ଶୁଟ୍‌ଆଉଟ ଅଟକାଇବା ମୋ ପାଇଁ ସ୍ମରଣୀୟ'

ଟୁର୍ନାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚରେ ୩ଟି ପେନାଲଟି ସୁଟ୍‌କୁ ଅଟକାଇ ଦଳକୁ ବିଜୟୀ କରିଥିବାରୁ ମୁଁ ବହୁତ ଖୁସି। ଏହାପୂର୍ବରୁ ଅନେକ ଟୁର୍ନାମେଣ୍ଟରେ ଏଭଳି ପରିସ୍ଥିତିର ସାମ୍ନା କରିଛି। କିନ୍ତୁ ଏହି ଟୁର୍ନାମେଣ୍ଟ ସବୁବେଳେ ମୋ ସ୍ମୃତିରେ ରହିବ। ବରଗଡ ଜିଲା କଦଳିପାଲି ଗାଁର ଶ୍ରୀତମ ପଧାନ କଟକ ଫାଓ ଦଳରୁ ଖେଳନ୍ତି। ଅଣ୍ଡର ୧୮ ବର୍ଷ ଓଡିଶା ଦଳରୁ ସେ ପ୍ରତିନିଧିତ୍ୱ କରୁଥିବା କହିଥିଲେ। ଏଠାରେ ଟୁର୍ନାମେଣ୍ଟ ଏତେ ସୁନ୍ଦରଭାବେ ଆୟୋଜିତ ହେଉଥିବ କେବେ ଭାବି ନ ଥିଲି। ଖେଳାଳିଙ୍କୁ ଦର୍ଶକଙ୍କ ଭରପୁର ସମର୍ଥନ ମିଳୁଛି। ହେଲେ ଷ୍ଟାଡିୟମ ପଡିଆର ଆହୁରି ଉନ୍ନତୀକରଣର ଆବଶ୍ୟକତା ରହିଛି ବୋଲି କହିଥିଲେ।



ଶ୍ରୀତମ ପ୍ରଧାନ।

**ଲୋଇସିଂହା,୯।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଆଇଆମ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟାଇବ୍ରେକର ୩-୦ ଗୋଲରେ ବରଗଡ ୟୁନାଇଟେଡ ବିଜୟୀ ହୋଇ ଆଇ ଆମ୍ କଲାମ କପ୍ - ୨୦୨୦ ଚାମ୍ପିୟନ ହୋଇଛି। ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ଏ ଗ୍ରୁପରୁ ବରଗଡ ୟୁନାଇଟେଡ ଓ ବି ଗ୍ରୁପରୁ କଟକ ନିପନ କ୍ଲବ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଗୁରୁବାର ଫାଇନାଲରେ ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ବରଗଡ ଗୋଲକିପର ଶ୍ରୀତମ ପଧାନ ୩ଟି ଯାକ ପେନାଲଟି ସୁଟ୍‌କୁ ଅଟକାଇ ଦଳକୁ ବିଜୟୀ କରିବା ସହ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଦଳର ଭରତ ମୁଣ୍ଡା ଟୁର୍ନାମେଣ୍ଟ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବକୁ ନୀତେଶ କୁମାର ଅଗ୍ରୱାଲ ସଂଯୋଜନା କରିଥିବା ବେଳେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ବିଧାୟକ ତଥା ଷ୍ଟାଡିୟମ ପ୍ରତିଷ୍ଠାତା ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ନନ୍ଦୁ ଖାଁ, ରଞ୍ଜନବେହେରା, ମୋହିତ ମିଶ୍ର, ବାସୁ ମେହେର, ବିଲୁ ମନହିରା, ସୁରେନ ମେହେର, ସରୋଜ ପଟେଲ, କୁନା ଭୋଇ, ପ୍ରକାଶ ମହାରଣା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚାଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଡିଗ୍ରୀ କଲେଜରେ ନାରୀବାଦ ଶୀର୍ଷକ ଆଲୋଚନା

ତୁଣ୍ଡଲା,୯।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ନାରୀବାଦ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ଅଧାପକ ଘନଶ୍ୟାମ ସାହୁ ଯୋଗଦେଇ ସାମ୍ପ୍ରତିକ ନାରୀ ସମସ୍ୟା ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଅଧାପକ ଦୁର୍ଯ୍ୟୋଧନ ବିଶୋଇ ମଞ୍ଚ ପରିଚାଳନା କରିଥିବା ବେଳେ ନିରଞ୍ଜନ ମାଝି ଅତିଥି ପରିଚୟ କରିଥିଲେ। ଛାତ୍ରୀ ତୃପ୍ତିମୟୀ ଭୋଇ ଓ ଛାତ୍ର କାର୍ତ୍ତିକ ରେଡ୍ଡି, ନାରୀବନ୍ଦ ଶୀର୍ଷକଟି ଉପସ୍ଥାପନା କରିଥିବା ବେଳେ ଅଧାପକ ଡ. ମଦନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### କଳାହାଣ୍ଡି ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

ଜୁନାଗଡ଼,୯।୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପୁରୁଷ ସାଇକେଲ ଚାଳନାରେ ଖଲିଆପାଲିର କୃପାସିନ୍ଧୁ ଖର୍ସେଲ ପ୍ରଥମ, ଜୁନାଗଡ ହିଙ୍ଗିଳିବାହିଲିର ଅମନଉଲ୍ଲା ଖାଁ ଓ ହାସିମ ଖାଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ମହିଳା ସାଇକେଲ ପ୍ରତିଯୋଗିତାରେ ମାଟିଗାଁର ଲବଣୀ ପାଣି, ଆଦର୍ଶ ବିଦ୍ୟାଳୟର ଇତିଶ୍ରୀ ପ୍ରିୟଦର୍ଶିନୀ ଓ ଜୁନାଗଡର ଲକ୍ଷ୍ମୀ ପୋଢ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ୧୯ ବର୍ଷରୁ ଉର୍ଦ୍ଧ୍ୱ ମାରାଥନରେ ଧର୍ମଗଡ ରାଜମୋଟରର ନିରାନ୍ଦ୍ର ଗହିର ପ୍ରଥମ, ରାଜ ଖରିଆରର କ୍ଷମାସାଗର ପଟେଲ ଦ୍ୱିତୀୟ, ତୁଳାପଡା ହେମସାଗର ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ୧୯ ବର୍ଷରୁ କମରେ ତଲମଲାର ଛବିଲାଲ ନାଗ ପ୍ରଥମ, ଭଇଁରୀଗୁଡା ଡୋରାନନ୍ଦ ମାଝି ଦ୍ୱିତୀୟ ଓ ତଲମଲାର ରଜନୀକାନ୍ତ ମଙ୍ଗରାଜ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ୟାଡମିଣ୍ଟନ ମହିଳାରେ ଚୁମକି ଭଞ୍ଜ ଚାମ୍ପିୟନ, ରଶ୍ମୀତା ଶବର ରନର୍ସଅପ, ୧୪ ବର୍ଷରୁ କମ ବ୍ୟାଡମିଣ୍ଟନରେ ଦମୟନ୍ତି ଶବର ଚାମ୍ପିୟନ, ତୁଲେନ୍ଦ୍ରି ମାଝି ରନର୍ସଅପ ହୋଇଛନ୍ତି । ୧୪ ବର୍ଷରୁ କମ୍ ପୁରୁଷରେ ଅଂଶୁମାନ ମୁନି ଚାମ୍ପିୟନ ଓ ସ୍ମରଣ ଖମାରୀ ରନର୍ସଅପ, ଡବଲ୍ସରେ ଅର୍ପିତ ଓ ସୌମ୍ୟ ପଣ୍ଡା ଚାମ୍ପିୟନ, ମହମ୍ମଦ ଇମରୋଜ ଓ ଶୁଭଙ୍କର ମଲ୍ଲିକ ରନର୍ସଅପ, ୧୭ବର୍ଷରୁ କମ ପୁରୁଷରେ ସୌମିନ ଅଭିଶେଖ ଚାମ୍ପିୟନ, ଅର୍ପିତ ପଣ୍ଡା ରନର୍ସଅପ, ଡବଲରେ ସୌମିନ ଓ ପିୟୁଷ ମିଶ୍ର ଚାମ୍ପିୟନ, ଦେବଦତ୍ତ ବାଣୁଆ ଓ ଶୁଭାଶିଷ ପଟ୍ଟନାୟକ ରନର୍ସଅପ ହୋଇଛନ୍ତି। ମେନ ଡବଲରେ ନରେଶ ସୁନାନୀ ଓ ରଜନୀକାନ୍ତ ଦାଶ ଚାମ୍ପିୟନ, ରାକେଶ ବେମାଲ ଓ ବିବେକ ନାୟକ ରନର୍ସଅପ, ବରିଷ୍ଠରେ ନରେଶ୍ୱର ସୁନାନୀ ଓ ମହମ୍ମଦ ଜାଫର ଚାମ୍ପିୟନ, ସମିର ସାହୁ ଓ ଉମେଶ ଜୈନ ରନର୍ସ ଅପ୍ ହୋଇଥିଲେ।

ଓବିସି ଜନ ଗଣନା ନିମନ୍ତେ ତଥା ଏନ୍ଆର୍‌ସି, ସିଏଏକୁ ବିରୋଧ

# ଜିଲାପାଳଙ୍କ ଅଫିସ ଆଗରେ ଜନ ଆନ୍ଦୋଳନ

## ଆମ୍ବେଦକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି

ଭବାନୀପାଟଣା,୯।୧(ଡି.ଏନ.ଏ.)

୨୦୨୧ରେ ଜନଗଣନାରେ ଓବିସିମାନଙ୍କ ଜନଗଣନା କରିବା ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ସିଟିଜେନ୍ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ) ଓ ଏନ୍ଆର୍‌ସିକୁ ବିରୋଧ କରି ଆମ୍ବେଦକ ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି ପକ୍ଷରୁ ଗୁରୁବାର କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜନଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ଏପିଆଇର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଗାମୀ ୨୦୨୧ରେ ହେବାକୁ ଥିବା ଜନଗଣନାରେ ଓବିସିମାନଙ୍କ ଜନଗଣନା କରିବା ସହ ସେମାନଙ୍କ ସାମାଜିକ-ଆର୍ଥିକ-ଶିକ୍ଷା-ମାଲିକାନା-ସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରିବା ସହିତ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରି ଓବିସିମାନଙ୍କ ଠିକ୍ ବିକାଶ କରିବା ନିମନ୍ତେ ମତପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ସିଏଏ ଦ୍ୱାରା ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୬, ୧୯ ଓ ୨୧ର ଉଲ୍ଲଂଘନ ହେଉଥିବା ଦର୍ଶାଇ ତାହାକୁ ତୁରନ୍ତ ପ୍ରତ୍ୟାହାର କରିବା ନିମନ୍ତେ ଦାବି କରାଯାଇଛି । ସରକାର ଏନ୍ଆର୍‌ସି ଓ ଏନ୍‌ପିଆର୍ ଲାଗୁ କରିବା ଫଳରେ ଅନେକ ଗରିବ, ବାସହୀନ, ଖଟିଖିଆମାନେ ଅସୁବିଧାରେ ପଡିବେ ଏବଂ ପ୍ରାକୃତିକ ଦୁର୍ବିପାକର ଶିକାର ହୋଇଥିବା ଦେଶର ଅନେକ ନାଗରିକ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବେ ବୋଲି ମତପ୍ରକାଶ ପାଇଥିଲା । ଏନ୍‌ପିଆଇ ତଥ୍ୟକୁ ଏନ୍ଆର୍‌ସିରେ ବ୍ୟବହାର ହେବ ନାହିଁ ବୋଲି ସରକାର ବିଧିବଦ୍ଧ ଘୋଷଣା ନ କରି ଏନ୍‌ପିଆର୍ ବା ନେସ୍‌ନାଲ ପୋପୁଲେସନ ରେଜିଷ୍ଟର ଲାଗୁ କରିବା ଅଣସାମ୍ବିଧାନିକ ଓ ମାନବ ଅଧିକାରର ବିରୋଧି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବେଲଗାମ୍ ଘରୋଇକରଣ, ଭୁଲ୍ ଜିଏସ୍‌ଟି ଓ ନୋଟବନ୍ଦି ଦ୍ୱାରା ଦେଶର ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ହେଉଛି ବୋଲି ମତପ୍ରକାଶ ପାଇଥିଲା। ଦେଶର ସମ୍ବିଧାନିକ ନୀତି, ନୀୟମର ଶାସନ ଓ ମାନବ ଅଧିକାର ଅନ୍ତର୍ଜାତୀୟ ଚୁକ୍ତିନାମା ଆଧାରରେ ଦେଶ ନ ଚାଲି ରାଜନୈତିକ ଅଭିସନ୍ଧି ଓ ଏକ ନିର୍ଦ୍ଦିଷ୍ଟ ବିଚାର ଧାରାକୁ ଭାରତୀୟମାନଙ୍କ ଉପରେ ଚାପ ପକାଯାଉଛି, ଯାହାକି ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ମତପ୍ରକାଶ ପାଇଥିଲା। ଏପିଆଇର ରାଷ୍ଟ୍ରିୟ ସମ୍ପାଦକ ଜତିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରଭାରୀ ଛବିଲାଲ ନିଆଲ, ଜିଲା ସଭାପତି ଚନ୍ଦ୍ରମଣି ମହାନନ୍ଦ, କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ଜାଲ, ରାଜ୍ୟ ସମ୍ପାଦକ ଦିଗାମ୍ବର ଲୁହା, କୋଷାଧ୍ୟକ୍ଷ ବୈଦ୍ୟନାଥ ବେହେରା, ଜିଲା କୋଷାଧ୍ୟକ୍ଷ ପ୍ରମୋଦ ବାଗ, ଜିଲା କାର୍ଯ୍ୟକାରୀଣିର ରମେଶ ମେହେର, ଅଭିଜିତ କର, ନରେଶ କର, ସନ୍ତୋଷ ନାଏକ, ସୁରେନ୍ଦ୍ର କରନ, ନରସିଂହ ତାଣ୍ଡି, ରଘୁନାଥ ତାଣ୍ଡି, ଯୋଗିନ୍ଦ୍ର କୁମାର, ଅହଲ୍ୟା ନିଆଲ, ଝରଣା ସେନାପତି, ମଙ୍ଗଳା ଦୁର୍ଗା, ତୁଲମଣି ନାଗ, ନିଲଧର ନାଏକ, ମୁନୁକାଣ୍ଡ, ବଂଶି ନାଏକ, ଅଗଷ୍ଟ ନାଏକ, ବିଏସ୍‌ପିର ସୁରେଶ ମାଝି, ଜିଲା ଡମ୍ବ ସମାଜ ସଭାପତି ସୁଗ୍ରିବ ଦୀପ, ସୁମିତ୍ରା ନାଏକ ପ୍ରମୁଖ ଯୋଗଦେଇ ନିଜ ମତ ବ୍ୟକ୍ତ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଦାବିପତ୍ର ଜିଲାପାଳ ଅନୁପସ୍ଥିତ ଥିବାରୁ ଆସିଷ୍ଟେଣ୍ଟ କଲେକ୍ଟର ସୁରେନ୍ଦ୍ର ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଜନଆନ୍ଦୋଳନ ।


ଓଡ଼ିଶା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଭବାନୀପାଟଣା କାର୍ଯ୍ୟାଳୟ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଓ ଗୋଦାମ ପରିଦର୍ଶନ କରୁଛନ୍ତି।

# ଓଡ଼ିଶା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,୯।୧ (ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ବିହନ ନିଗମ ଲିଃ. ଅଧ୍ୟକ୍ଷ ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ କଳାହାଣ୍ଡି ଗସ୍ତ କରିଛନ୍ତି । ସେ ଓଡିଶା ରାଜ୍ୟ ବିହନ ନିଗମର ମଣ୍ଡଳ ପରିଚାଳକଙ୍କ ଭବାନୀପାଟଣା କାର୍ଯ୍ୟାଳୟ ବିହନ ପ୍ରକ୍ରିୟା କରଣ କେନ୍ଦ୍ର ଓ ଗୋଦାମ ପରିଦର୍ଶନ କରିଥିଲେ । ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ଧାନ ବିହନ ପ୍ରକ୍ରିୟା କରଣ କାର୍ଯ୍ୟ ତଦାରଖ କରି ଚାଷୀ ଡିଲର ଓ କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ତାର ନିରାକରଣ ନିମନ୍ତେ ବିହନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ। ଆଲୋଚନା ସମୟରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯଥା ବିହନ ଉତ୍ପାଦନ ଓ ବିପଣନ ଅଧିକାରୀ ଲାଦୁରାମ ଝାଙ୍କର, ହିସାବ ରକ୍ଷକ ଦୁର୍ଗା ପ୍ରସାଦ ଦାସ ଓ ବସନ୍ତ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ନିଗମର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ଆଦ୍ୟାବଧି କଳାହାଣ୍ଡି ଜିଲାର ୪ ହଜାର କୁଇଣ୍ଟାଲ ଧାନ ପ୍ରକିୟାକରଣ ଏବଂ ୨୨୪୫.୨୦ ର ଧାନ ନମୁନା ସଂଗ୍ରହ କରି ବିହନ ପରୀକ୍ଷାଗାରକୁ ପଠାଯାଇଥିବାରୁ ଅଧ୍ୟକ୍ଷ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପ୍ରକ୍ରିୟା କରଣ ପାଇଁ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିବା ବିହନ ନିଗମର କାର୍ଯ୍ୟ ସମୟରେ ତ୍ୱରାନ୍ୱିତ କରି ଥିବାରୁ ଅଧ୍ୟକ୍ଷ୍ୟ ଖୁସି ବ୍ୟକ୍ତ କରିଥିଲେ।


ବିଶ୍ୱନାଥପୁର ଧନୁଯାତ୍ରାର ଷଷ୍ଠ ଦିନରେ ମଞ୍ଚାସୀନ ଅତିଥି ।

# ଷଷ୍ଠ ଦିନରେ ବିଶ୍ୱନାଥପୁର ଧନୁଯାତ୍ରା

ଲାଞ୍ଜିଗଡ଼,୯।୧ (ଡି.ଏନ.ଏ.)

କଳାହାଣ୍ଡିଜିଲା ଲାଞ୍ଜିଗଡ଼ ବ୍ଲକମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଚାଲିଥିବା ଧନୁଯାତ୍ରା ମହୋତ୍ସବ ଗୁରୁବାର ସପ୍ତମ ଦିନରେ ପହଞ୍ଚିଛି । ସପ୍ତମ ଦିନରେ ପୁତନା ନିହତ, ଷଡମଲ୍ଲଙ୍କ ନିଧନ ସହିତ, ବକା, ଅଘା ଓ ଶକଟାଙ୍କ ନିଧନ ପରେ ମହାରାଜ କଂସଙ୍କ ଦରବାରରେ ଭାଳେଣି ପଡିଛି। ମହାରାଜ କଂସ ମନ୍ତ୍ରୀ ଶକ୍ରାଜିତଙ୍କ ସହ ପରାମର୍ଶ କରି କାଳୀୟ ନାଗଙ୍କୁ ଗୋପପୁରକୁ ପ୍ରେରଣ କରିଛନ୍ତି। ଗୋପପୁରରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ଦ୍ୱାରା କାଳୀୟ ଦଳନ ଦୃଶ୍ୟ ଅଭିନିତ ହୋଇଛି। ମହାରାଜ କଂସଙ୍କ ଦରବାରରେ ରାଜଅତିଥି ଭାବେ ପୂର୍ବତନ ବିଧାୟକ ବଳଭଦ୍ର ମାଝି, ମୁଖ୍ୟବକ୍ତା ଭାବେ ବେଦାନ୍ତର ଆଇନ ବିଭାଗ ମୁଖ୍ୟ ନୱଲ କିଶୋର ଶର୍ମା, ସମ୍ମାନିତ ଅତିଥି ଭାବେ ବେଦାନ୍ତର ମୁଖ୍ୟ ସୁରକ୍ଷା ଅଧିକାରୀ ପରମଜିତ୍ ସିଂହ ବାଜୱା, କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ମଲ୍ଲିକ, ସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରା ଆୟୋଜନ କମିଟି ସଭାପତି ପ୍ରଦୀପ ଘଡେଇ, ସମ୍ପାଦକ ଗୋବିନ୍ଦ ପ୍ରଧାନୀ, ଉପଦେଷ୍ଟା ଜଗଦୀଶ ବେନିଆଁ, ରଘୁବୀର ନାଗଙ୍କ ସମେତ ଜୟ ଜଗନ୍ନାଥ ଧନୁଯାତ୍ରା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଗୋପାଳଦାସ ମହାନନ୍ଦ କଂସ ଦରବାର ସଭା ପରିଚାଳନା କରିଥିଲେ। ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ମୀନାବଜାର ଓ ଅପେରା ରାଜମହଲ ମୁଖ୍ୟ ଆକର୍ଷଣ ସାଜିଥିଲା।

# ଜୋନାଲସ୍ତରୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୨୦ ଉଦ୍‌ଘାଟିତ

ଭବାନୀପାଟଣା,୯।୧ (ଡି.ଏନ.ଏ.)

ଗୁରୁବାର ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ଜୋନାଲସ୍ତରୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୨୦ ଉଦ୍‌ଘାଟିତ ହୋଇଛି। ପୂର୍ବାହ୍ନରେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଶୋଭାଯାତ୍ରାରେ ବାହାରି ରିଜର୍ଭ ପଡିଆରେ ପହଞ୍ଚିଥିଲେ। ଜୋନାଲସ୍ତରୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟକୁ ଜିଲା ଦୌରା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବରେ ଆଞ୍ଚଳିକ ମୁଖ୍ୟବନ ସଂରକ୍ଷକ ଅଭିରାମ ନାଏକ, ସମ୍ମାନିତ ଅତିଥି ଭାବେ ଡିଏଫ୍ଓ ଖରିଆର ଖୁସବନ୍ ସିଂ, ଡିଏଫ୍ଓ ମାଲକାନଗିରି ଦେବୀ ଦାସ ମିରାସେ, ଡିଏଫ୍ଓ କେନ୍ଦୁପତ୍ର ଭବାନୀପାଟଣା ମଳୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଜୋନାଲସ୍ତରୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍‌କୁ କଳାହାଣ୍ଡି ଦକ୍ଷୀଣ ବନଖଣ୍ଡ ଡିଏଫ୍ଓ ଟି. ଅଶୋକ କୁମାର ଆୟୋଜନ କରିଛନ୍ତି। ଉଦ୍‌ଘାଟନୀ ସଭାରେ କଳାହାଣ୍ଡି ଦକ୍ଷୀଣ ବନଖଣ୍ଡର ସଂରକ୍ଷକ ଅନିଲ ରାୟ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସମସ୍ତ ଖେଳାଳିମାନଙ୍କୁ ସୁଧିର ତ୍ରୀପାଠି ସପଥ ଗ୍ରହଣ କରିଥିଲେ। ଏହି କ୍ରୀଡା ଉତ୍ସବରେ ଜିଲା କ୍ରିଡାଧିକାରୀ ସୁବାଶିଷ ନାୟକ ଜିଲାର ବିଭିନ୍ନସ୍ଥାନରୁ କ୍ରୀଡା ଶିକ୍ଷକମାନଙ୍କୁ ନେଇ ୧୦୦ ମିଟର ପୁରୁଷ ଦୌଡ, ୧୦୦ ମିଟର ମହିଳା ଦୌଡ, ଜେଭେଲିନ, ସଟ୍‌ପୁଟ, ଲଙ୍ଗଜମ୍ପ, ୮୦୦ ମିଟର ଚାଲିବା, ଡିସ୍‌କସ୍ ଥ୍ରୋ, ୪୦୦ ମିଟର ଦୌଡ, ୧୫୦୦ ମିଟର ଚାଲିବା (ଉଭୟ ପୁରୁଷ ଓ ମହିଳା) ଏବଂ ସେହିଭଳି ଇଣ୍ଡୋର ଗେମ୍ ମଧ୍ୟରେ ଚେସ୍, କ୍ୟାରମ୍, ବ୍ୟାଡମିଣ୍ଟନ ଆଦି ଖେଳର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାରେ କଳାହାଣ୍ଡି ଉତ୍ତର ଓ ଦକ୍ଷୀଣ ବନଖଣ୍ଡ, ସୁବର୍ଣ୍ଣପୁର ବନଖଣ୍ଡ, ବଲାଙ୍ଗୀର ବନଖଣ୍ଡ, ଖରିଆର ବନଖଣ୍ଡ, ନୂଆପଡା ବନ୍ୟପ୍ରାଣୀ ବନଖଣ୍ଡ, ପଦ୍ମପୁର କେନ୍ଦୁପତ୍ର ବନଖଣ୍ଡ, ରାୟଗଡା ବନଖଣ୍ଡ, କୋରାପୁଟ ବନଖଣ୍ଡ, ଜୟପୁର ବନଖଣ୍ଡ, ମାଲକାନଗିରି ବନଖଣ୍ଡ ଓ ନବରଙ୍ଗପୁର ବନଖଣ୍ଡରୁ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିମାନେ ଅଂଶଗ୍ରହଣ କରିଛନ୍ତି। ଏହି ସ୍ପୋର୍ଟ୍ସ ମିଟ୍ ୧୦ ତାରିଖରେ ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତା ପରିଚାଳନାରେ ପଦ୍ମନାଭ କୁମ୍ଭାର, ପ୍ରସାନ୍ତ ପଣ୍ଡା, ଗୌରୀଶଙ୍କର ସାହୁ, ଭବାନୀଶଙ୍କର ପରିଛା, ଭାଗବତ ଭୂଷଣ ବେହେରା, ଲକ୍ଷ୍ୟପତୀ ମାଝି, ଖଗେଶ୍ୱର ମାଝିଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।


ଜୋନାଲସ୍ତରୀୟ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୨୦ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ।

ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

କୋକସରା,୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରାସ୍ଥିତ ଗୁଡହାଣ୍ଡି ମଞ୍ଚରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଗୁଡହାଣ୍ଡି-୨୦୨୦ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆମପାଣି ସରପଞ୍ଚ ଟିକେନ୍ଦ୍ର ଧଙ୍ଗଡାମାଝି, ତିଲୋତମା ନାଏକ, ବିଘ୍ନେଶ୍ୱର ନାଏକ, ପ୍ରଶାନ୍ତ ମୁନୀ, ଜିତେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆମପାଣି ମଶାଲ ଶୋଭାଯାତ୍ର ଅଣାଯାଇଥିଲା। କୋକସରା ପହଞ୍ଚିବା ପରେ ଧର୍ମଗଡ ବିଧାୟକ ମୌଷଧି ବାଗ, ବ୍ଲକ ଅଧ୍ୟାକ୍ଷା ସବ୍ୟାରଣି ବାଗ, କୋକସରା ବିଡିଓ ବସନ୍ତ କୁମାର ସେଠୀ, ସମିତି ସଭ୍ୟା ଅଶୋକା ନାଏକ ମଶାଲକୁ ସ୍ୱାଗତ କରି ଉତ୍ସବ ପାଳନ ପଡିଆକୁ ଅଣାଯାଇଥିଲା। ଗୁଡହାଣ୍ଡି ମଞ୍ଚରେ ଧର୍ମଗଡ ବିଧାୟକ ବାଗ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କୋକସରା ବିଡିଓ ବସନ୍ତ କୁମାର ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ଧର୍ମଗଡ ବିଧାୟକ ବାଗ ମୁଖ୍ୟଅତିଥି, ବ୍ଲକ ଅଧ୍ୟାକ୍ଷା ସବ୍ୟାରଣି ବାଗ, ସମିତି ସଭ୍ୟା ଅଶୋକା ନାଏକ, ଜବାହାର ଉଚ୍ଚବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, କୋକସରା ତହସିଲଦାର ମୌସୁମୀ ନାଏକ, ଟେମରା ସମିତିସଭ୍ୟ ରାଜେନ୍ଦ୍ର ନାଏକ, କନ୍ଦାବୁଡ଼ା ସମିତିସଭ୍ୟା ଅଶୋକା ନାଏକ, ଭାଜପା ନାରିନେତ୍ରୀ ତିଲୋତ୍ତମା ନାଏକ, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ଟେମରା ସରପଞ୍ଚ ଗୌରୀ ଦଳପତି, ସମିତିସଭ୍ୟା ଭୁମିସୁତା ଛାତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ କଲେଜର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟଅତିଥି, କୋକସରା ସମିତିସଭ୍ୟ ତ୍ରିଭୁବନ ନାଏକ ମୁଖ୍ୟବକ୍ତା, ବିଜେଡି ବରିଷ୍ଠନେତା ପର୍ଶୁରାମ ପ୍ରଧାନୀ, ସାମାଜିକ କର୍ମୀ ପୁରୁଷୋତମ ଗୁପ୍ତା, ଏମ୍‌ପି ପ୍ରତିନିଧି କିଶୋର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ବାଗ ସଭାପତିତ୍ୱ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋଇସିଂହାର ବଜାଶାଲ, ଭୁବନେଶ୍ୱରରୁ ଶିଳ୍ପିକା, ବଲାଙ୍ଗୀରର ଘୁଡକା, ଟିଟିଲାଗଡର ଉତ୍କଳ ଡ୍ୟାନ୍ସ ଗ୍ରୁପ, ଭବାନୀପାଟଣାର ମୃଣାଳିନୀ ଓ ନୃତ୍ୟାଙ୍ଗନା ଓ କୋକସରାର ବ୍ଲକ ସମସ୍ତ ଆଞ୍ଚଳିକ ଦଳ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦେବାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ। ପ୍ରବଳ ଶୀତରେ ବି ଶତାଧିକ ଲୋକେ ସାଂସ୍କୃତି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଉତ୍ସବ ପ୍ରସ୍ତୁତ କରିଥିବାବେଳେ ଡବ୍ଲୁଇଓ ଦାମୋଦର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କୋକସରା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଏନ.ସି.ସି ଓ ସ୍କାଉଟ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।


କୋକସରାସ୍ଥିତ ଗୁଡହାଣ୍ଡି ମଞ୍ଚରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ବିଶ୍ୱନାଥପୁରଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

# କଳା ଓ ସଂସ୍କୃତି ଯୋଗୁ କଳାହାଣ୍ଡିର ସୁନାମ ବୃଦ୍ଧି

ଲାଞ୍ଜିଗଡ଼, ୯।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଗୁରୁବାର ଘୁମୁରା ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲ ପଡିଆସ୍ଥିତ କାର୍ଜୀ ମାଝି ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଖୋଳ, କୀର୍ତ୍ତନ, ବଜାଶାଲ ଓ ଘୁମୁରାର ବାଦ୍ୟନାଦ ମଧ୍ୟରେ ବିଶ୍ୱନାଥପୁର ଭୈରବ ପାଟଖଣ୍ଡା ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରା ସହ ମଶାଲ ବାହାରି ଉତ୍ସବସ୍ଥଳରେ ପହଞ୍ଚିଥିଲା। ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ. ଫକୀରମୋହନ ମାଝି, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଓ ଜିଲା ପରିଷଦ ସଭ୍ୟ ଉପେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ପୂର୍ବତନ ସରପଞ୍ଚ ଅନନ୍ତ ପ୍ରଧାନୀ, ଛତ୍ରପୁର ସରପଞ୍ଚ ରାଜୀବ ମାଝି, ପୋଖରୀବନ୍ଧ ସରପଞ୍ଚ କାମେଶ୍ୱର ଜେନା, ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି କୌଳାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କଳାହାଣ୍ଡିର କଳା ଓ ସଂସ୍କୃତି ଯୋଗୁ କଳାହାଣ୍ଡିର ମାଟି ଆଜି ସୁନାମ ବୃଦ୍ଧି ହେବାରେ ସହାୟକ ହୋଇଛି ବୋଲି ଅତିଥିମାନେ କହିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭା କାର୍ଯ୍ୟକୁ ସୁଶୀଲ କୁମାର ବାଗ, ଗୋପାଳଦାସ ମହାନନ୍ଦ ପରିଚାଳନା କରିଥିଲେ। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବରେ କିଛିଟା ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖିବାକୁ ମିଳିଥିଲା।



ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବରେ ଆୟୋଜିତ ମଶାଲ ଶୋଭାଯାତ୍ରା।

## ସଂକ୍ଷେପରେ

### ହାଇୱାକୁ ଧକ୍କା ଦେଲା ବାଇକ: ଚାଳକ ମୃତ

ବଡ଼ଗାଁ, ୯।୧ (ଡି.ଏନ.ଏ): ବଡ଼ଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁରେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସି ହାଇୱା ଓଡି ୧୬ ବି- ୬୬୬୫କୁ ବାଇକ ଓଡି ୧୫ କେ- ୯୯୧୦ ଧକ୍କା ଦେବାରୁ ବାଇକ ଚାଳକ ବାମରା ବ୍ଲକ ସର୍ଗାଡିହୀ ଗ୍ରାମର ଉତ୍କଳ ନାଏକ (୨୩)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଉତ୍କଳ ୩ ଦିନ ପୂର୍ବେ ମାମୁଁ ମୁଣ୍ଡାଗାଁର ନେତ୍ରାନନ୍ଦ ନାଏକଙ୍କ ଘରକୁ ଆସିଥିଲେ। ଗୁରୁବାର କୌଣସି କାମରେ ଜରଙ୍ଗଲୋଇକୁ ଆସି ମୁଣ୍ଡାଗାଁ ଫେରୁଥିଲା ବେଳେ ମୁଣ୍ଡାଗାଁ ଦଲଦଲିପଡାଠାରେ ହାଇୱାକୁ ଧକ୍କା ଦେଇଥିଲେ। ପୋଲିସ ବାଇକ୍ ଓ ହାଇୱାକୁ ଜବତ କରିଛି।

### ୧୩ରେ ଲହୁଣୀପଡ଼ାଠାରେ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

ଲହୁଣୀପଡା, ୯।୧ (ଡି.ଏନ.ଏ)- ଲହୁଣୀପଡା ବ୍ଲକଠାରେ ଜାନୁୟାରୀ ୧୩ ତାରିଖ ସୋମବାର ପୂର୍ବାହ୍ନ ୧୧ଟାରେ ସୁନ୍ଦରଗଡ ଜିଲାପାଳ ନିଖିଳ ପୱନ କଲ୍ୟାଣ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଜନଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ସେମାନେ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ପହଞ୍ଚି ଜିଲାପାଳଙ୍କ ନିକଟରେ ନିଜ ଆପତ୍ତି ଅଭିଯୋଗ କରିପାରିବେ ବୋଲି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।

# ମୋବାଇଲ ଅଛି, ନେଟୱର୍କ ନାହିଁ

ଲେଫ୍ରିପଡା,୯।୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ରାଜବାହାଲ ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ। ଏହା ଦୁର୍ଗମ ପାହାଡି ଅଞ୍ଚଳରେ ରହିଥିବା ବେଳେ ଅଞ୍ଚଳବାସୀ ମୋବାଇଲ ଫୋନ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ରାଜବାହାଲ ପଞ୍ଚାୟତରେ କୁଆଘରା, ବାନିକଛାର, ଠିଠେଇଟାଙ୍ଗର, କହତୁଆଁ, ବଲଦବନ୍ଧା, ହଲଦୀଖୋଲ, ବିଲେଇବାହାଲ, ଜୁନିଆନି, ବନଡେଗା, ତାରାଗଡ, ରାଜବାହାଲ, ତେଲେନପାଲି, ବୁଡ୍ରାକଛାର, ଆମଟପାନି, ଲଛମନପାଁ ରାଜସ୍ୱଗ୍ରାମ ଭାବେ ରହିଛି। ଐତିହାସିକ ସ୍ଥଳୀ ଉଷାକୋଠୀ ମଧ୍ୟ ରହିଛି। ବର୍ତ୍ତମାନ ଦେଶରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର

- ଅପହଞ୍ଚ ଇଲାକାରେ ମୋବାଇଲ ଫୋନ ସେବା ବିଚ୍ଛିନ୍ନ
- ଅସନ୍ତୋଷର ବାତାବରଣରେ ରାଜବାହଲ ପଞ୍ଚାୟତବାସୀ

ଜନସାଧାରଣଙ୍କ ପାଇଁ ମେକ୍ ଇନ୍ ଇଣ୍ଡିଆ ଏବଂ ମେକ୍ ଇନ୍ ଓଡିଶା ଗଠନ ସକାଶେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରିଚାଲିଛନ୍ତି। ଯାହା ଦ୍ୱାରା ଜନସାଧାରଣ ମୋବାଇଲ ଦ୍ୱାରା ବ୍ୟବହାର କରି ବିଭିନ୍ନ ସେବା ପାଇପାରୁଥିବା ବେଳେ ରାଜବାହାଲ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ହୋଇଛି। ବର୍ତ୍ତମାନ ଦେଶରେ ହ୍ୱାଟ୍ସଅପ୍ ଏବଂ ସୋସିଆଲ ମିଡିଆର ବ୍ୟବହାର ଦ୍ରୁତଗତିରେ ବଢି ଚାଲିଥିବା ବେଳେ ଏଠାରେ ଆଦିବାସୀ


ବିଏସ୍‌ଏନ୍‌ଏଲ୍ ଟାୱାର ବସିଛି, ହେଲେ କାର୍ଯ୍ୟକ୍ଷମ ହୋଇନି।

ଅଧ୍ୟୁଷିତ ଜନସାଧାରଣଙ୍କ ପାଇଁ ସାତସପନ ହୋଇ ରହିଛି ସୋସିଆଲ ମିଡିଆ ଏବଂ ମୋବାଇଲର ବ୍ୟବହାର। ପ୍ରାୟ ଦୁଇ ବର୍ଷ ପୂର୍ବରୁ ଅଞ୍ଚଳବାସୀଙ୍କ ପାଇଁ ମୋବାଇଲ ସେବା ପ୍ରଦାନ କରିବା କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ବଲଦବନ୍ଧା ଗୀର୍ଜା ପଡାଠାରେ ବିଏସ୍‌ଏନ୍‌ଏଲ୍‌ର ଏକ ଟାୱାର ନିର୍ମାଣ କରାଯାଇ ଅଧାପନ୍ତରିଆ ହୋଇ ପଡିରହିଛି। ଟାୱାର ନିର୍ମାଣ ସମୟରେ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ମୋବାଇଲ ସେବା ପାଇବା ଲାଗି ପ୍ରବଳ ଆଶା ଓ ଉତ୍କଣ୍ଠା ପ୍ରକାଶ ପାଇଥିଲା। ପ୍ରତ୍ୟେକ ପରିବାରରେ ମୋବାଇଲ ଫୋନ୍ କିଣି ରଖି ଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଏସ୍‌ଏନ୍‌ଏଲ୍ କମ୍ପାନୀ ପକ୍ଷରୁ କୌଣସି ସେବା ବର୍ତ୍ତମାନ ପର୍ଯ୍ୟନ୍ତ ଦିଆଯାଇ ନାହିଁ। ଅଞ୍ଚଳର ଜନସାଧାରଣ ବର୍ତ୍ତମାନ କୌଣସି ସ୍ଥାନକୁ ଯୋଗାଯୋଗ କରିବା ପାଇଁ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନକୁ ଯାଇ ପାହାଡ ଉପରେ ପଥରରେ ବସି କିମ୍ବା ଗଛ ଉପରେ ରହି ମୋବାଇଲ ବ୍ୟବହାର କରିଥାନ୍ତି। ମୋବାଇଲ ସେବା ପାଇବା ପାଇଁ ବହୁତ ଥର ବିଏସ୍‌ଏନ୍‌ଏଲ୍ କମ୍ପାନୀର ଅଧିକାରୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜଣାଇଥିଲେ ମଧ୍ୟ କୌଣସି ସୁବିଧା ହୋଇ ପାରୁନାହିଁ ବୋଲି ଅଞ୍ଚଳର ଜନସାଧାରଣ ପ୍ରକାଶ କରିଛନ୍ତି। ଏ ଦିଗରେ ବିଏସ୍‌ଏନ୍‌ଏଲ୍ କମ୍ପାନୀର ବିଭିନ୍ନ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ରାଜବାହଲ ପଞ୍ଚାୟତର ଜନସାଧାରଣଙ୍କ ସକାଶେ ମୋବାଇଲ ସେବା ପ୍ରଦାନ ଦିଗରେ ସ୍ଥାନୀୟ ଜିଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ମୋବାଇଲ ସେବା ଦିଗରେ ସେମାନେ ଯାହା କୁହନ୍ତି


"ପ୍ରାୟ ଦୁଇ ବର୍ଷ ହେବ ମୋବାଇଲ ଟାୱାର ବସାଇବା ପାଇଁ ବିଏସ୍‌ଏନ୍‌ଏଲ୍ କମ୍ପାନୀକୁ ଯାଗା ଦେଇଛୁ। କମ୍ପାନୀର ବିଭିନ୍ନ ଯନ୍ତ୍ରପାତି ରହିବା ପାଇଁ ମଧ୍ୟ ଆମେ ଘର କରିଦେଇଛୁ। ଆଜି ପର୍ଯ୍ୟନ୍ତ ଆମକୁ ପଇସା ଦେଇ ନାହାନ୍ତି କି ଏହା କୌଣସି କାର୍ଯ୍ୟକାରୀ କରିନାହାନ୍ତି।
**ବେର୍ନାଦେତ୍ ଲାକଡା,ବଲଦବନ୍ଧା,ଗୀର୍ଜାପଡା**


"ବହୁତ ଦିନରୁ ଆମେ ମୋବାଇଲ ସେବା ପାଇବା ଆଶା କରିଛୁ। କିନ୍ତୁ କିଛି ହୋଇ ପାରୁ ନାହିଁ। ଟାୱାରକୁ ନିର୍ମାଣ କରି ଅଧା ଛାଡି କମ୍ପାନୀ ପଳାଇଛି। ଅତିଶୀଘ୍ର ଚାଲୁ କରିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଲେ ଅଞ୍ଚଳବାସୀ ସୁବିଧା ପାଇ ପାରିବୁ।
**ଜୟରାମ ମାଝି, ବଳଦବନ୍ଧା**


"ଯୋଗାଯୋଗ ପାଇଁ ଅଞ୍ଚଳବାସୀ ବହୁତ ହଇରାଣ ହେଉଛୁ। ଏହାରି ଦିଗରେ ସ୍ଥାନୀୟ ଜିଲା ପ୍ରଶାସନ ହସ୍ତକ୍ଷେପ କରି ମୋବାଇଲ ସେବା ଅତିଶୀଘ୍ର ପ୍ରଦାନ କରାଗଲେ ସୁବିଧା ପାଇ ପାରିବୁ। ବର୍ତ୍ତମାନ ମୋବାଇଲ ନ ଥିବାରୁ ସରକାରୀ ସୂଚନା ପାଇବାରେ ଅସୁବିଧା ହେଉଛି।
**ଦୁଃଶାସନ କାଲୋ, ବଳଦବନ୍ଧା**


"ବର୍ତ୍ତମାନ ଦେଶରେ ମୋବାଇଲ ବ୍ୟବହାର ଜରୁରୀ ରହିଥିଲେ ବି ଆମେ ଅଞ୍ଚଳବାସୀ ପଛରେ ପଡିରହିଛୁ। ଆଗାମୀ ଦିନରେ ସ୍ଥାନୀୟ ଜିଲାପାଳ ଏହି ଦିଗରେ ପଦକ୍ଷେପ ନେବାପାଇଁ ଦାବି କରୁଛୁ।
**ଭଗବାନ ଚୌଧୁରୀ, କହତୁଆଁ**

### ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନ୍ଦରଗଡ଼, ୯।୧ (ଡି.ଏନ୍.ଏ)



ସୁନ୍ଦରଗଡର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଖଣ୍ଡା ଗତ ଡିସେମ୍ବର ୩୧ରେ ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଅଭିଭାବକମାନଙ୍କ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ସାରଙ୍ଗ ଧର ବରିହା, ଉପଶିକ୍ଷା ଅଧିକାରୀ ବେଣୁମାଧବ ବିଶି, ମହେଶ୍ୱର ମଲ୍ଲିକ, ଅଗଷ୍ଟିନ ଲୁଗୁନ୍ ତଥା ଜରଙ୍ଗଲୋଇ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ବିଶ୍ୱନାଥ ପଟେଲ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସିଆରସିସି କୃଷ୍ଣଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଖଣ୍ଡା ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ୨୦୦୬ରେ ସୁନ୍ଦରଗଡ ଜିଲାରେ ପୁରସ୍କୃତ ହୋଇଥିବା ବେଳେ ୨୦୦୭ରେ ରାଜ୍ୟପାଳ ଓ ୨୦୧୪ରେ ରାଷ୍ଟ୍ରପତି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ସେ ଜଣେ ସୁଲେଖିକା ଓ ଗାଳ୍ପିକା ଭାବେ ସାହିତ୍ୟିକ ମହଲରେ ସୁପରିଚିତା। ଅବସର ଗ୍ରହଣ ପରେ ସେ ତାଙ୍କର ସମୟ ସାହିତ୍ୟ ସେବାରେ ନିୟୋଜିତ କରିବେ ବୋଲି ତାଙ୍କ ବିଦାୟୀ ବକ୍ତବ୍ୟରେ ପ୍ରକାଶ କରିଥିଲେ।

- ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ୧୯୯୨ ମ୍ୟାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

## ଛାତ୍ରୀ ଜୀବନର ସ୍ମୃତି ସାଉଁଟିଲେ ବିଧାୟିକା

ସୁନ୍ଦରଗଡ, ୯।୧ (ଡି.ଏନ୍.ଏ)

ବନ୍ଧପାଲିସ୍ଥିତ ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ୧୯୯୨ ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ରାଣୀ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟିତ୍ରୀ, ଶିକ୍ଷକ ଈଶ୍ୱର ଚନ୍ଦ୍ର ପଟେଲ, ସୋମନାଥ ପଟେଲ, କିଶୋର ପଟେଲ, ଗିରିଜା ଶଙ୍କର ପଟେଲ, ପ୍ରବୋଧ କୁମାର ପଟ୍ଟନାୟକ, ଅଭିନ୍ନ ଚନ୍ଦ୍ର ପଟେଲ, ଅମ୍ବିକା ପଟେଲ ପ୍ରମୁଖ ଯୋଗଦେଇ ଜୀବନରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ନେଇ ଆନନ୍ଦ ପ୍ରକାଶ କରିଥିଲେ। ସଫଳ ବ୍ୟକ୍ତିତ୍ୱ ଭାବେ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ ୧୦ମ ଶ୍ରେଣୀରେ ପାଠପଢୁଥିବା ୩୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବର୍ତ୍ତମାନ ସୁନ୍ଦରଗଡର ବିଧାୟିକା କୁସୁମ ଟେଟେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁମାନଙ୍କର ଆଦର୍ଶ ଓ ଛାତ୍ରୀଜୀବନର ସ୍ମୃତିଚାରଣ କରି ଦୀର୍ଘ ୨୭ ବର୍ଷ ପରେ ନିଜର ସହପାଠୀଙ୍କ ସହିତ ମିଶି ଖୁସୀ ବ୍ୟକ୍ତ କରି ବିଦ୍ୟାଳୟର ଛାତ୍ରୀ ଭାବେ ନିଜକୁ ଗର୍ବିତ ମନେ କରୁଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରୀଛାତ୍ର ସନ୍ତୋଷ ସେଠ, ପ୍ରହଲ୍ଲାଦ କଣ୍ଟା, ଅକ୍ଷୟ ନାଏକ, ତରଣୀସେନ ମହାନନ୍ଦିଆ, ଇନ୍ଦ୍ରମଣି ଧୃଆ, ଗୋକୁଳାନନ୍ଦ ପଟେଲ, ପ୍ରଭୂଦତ୍ତ ପଟ୍ଟନାୟକ, ଗୁପ୍ତେଶ୍ୱରୀ ପଟେଲ, ମମତା ନାଏକ, ସବିତା ପାଣ୍ଡେ, ପ୍ରତିମା ପଟେଲ, କାମିନୀ ପଟେଲ, ଖତି ମହାକୁଳ, ସୁନୀତା ଶଙ୍କରିଆ, ପାର୍ବତୀ ପଟେଲ, ଗଜପତି ପଶାୟତ, ମନଭାଙ୍ଗି ଭୋଇ, ବିରଞ୍ଚି ଶଙ୍କରିଆ, ପାର୍ବତୀ ପଟେଲ, କୃଷ୍ଣ ଦଣ୍ଡସେନା, ମୁନୁମ କେରକେଟା ପ୍ରମୁଖ ଯୋଗଦେଇ ଛାତ୍ରଜୀବନର ସ୍ମୃତି ସାଉଁଟିଥିଲେ।


ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ।

## ଯୁକ୍ତ ୨ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବଡ଼ଗାଁ, ୯।୧ (ଡି.ଏନ.ଏ)

ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ କ୍ରୀଡାର ମହତ୍ୱ ଓ ଛାତ୍ରୀଛାତ୍ରଙ୍କ ଜୀବନରେ ଶୃଙ୍ଖଳାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ଯୋଗଦେଇ ସୁନ୍ଦରଗଡ ଜିଲା କ୍ରୀଡାର ଐତିହ୍ୟଶାଳ ଏବଂ ଛାତ୍ରୀଛାତ୍ରଙ୍କ କ୍ରୀଡା କ୍ଷେତ୍ରରେ ରୁଚି ଓ ଆଗ୍ରହ ସେମାନଙ୍କୁ ଆଗକୁ ନେବାରେ ସହାୟକ ହେବ ବୋଲି ମତ ଉପସ୍ଥାପନ କରିଥିଲେ। କଲେଜର କ୍ରୀଡା ସଂସଦ ତରଫରୁ ରସାୟନ ବିଜ୍ଞାନ ଅଧାପକ ନିରୋଧ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥି ବିଡିଓ କ୍ଷମାନିଧି ଭୋଇ ଉଦ୍‌ବୋଧନ ଦେଉଛନ୍ତି।

## ଓସିଏ ଘରୋଇ କ୍ରିକେଟ ପ୍ରତିଯୋଗିତା ଭିଜନ -୨୦୨୪ ପାଇଁ ଖେଳାଳି ଚୟନ

ସୁନ୍ଦରଗଡ, ୯।୧ (ଡି.ଏନ୍.ଏ.)

ଓଡିଶା କ୍ରିକେଟ ଆସୋସିଏଶନର ନୂତନ ପରିକଳ୍ପନା ଭିଜନ -୨୦୨୪ ଅନ୍ତର୍ଗତ କନିଷ୍ଠ ବର୍ଗର ଖେଳାଳି ଓ କ୍ଲବ ପଞ୍ଜିକରଣ ପାଇଁ ତାରିଖ ପରିବର୍ତ୍ତନ କରାଯାଇଛି। ଆସନ୍ତା ଜାନୁୟାରୀ ୧୨ ତାରିଖ ଖେଳାଳି ପଞ୍ଜିକରଣ ଶେଷ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଓ କ୍ରିକେଟ କ୍ଲବ ପଞ୍ଜିକରଣ ୧୬ରୁ ଆରମ୍ଭ ହେବ ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି। ପୂର୍ବରୁ ଖେଳାଳି ପଞ୍ଜିକରଣ ଜାନୁୟାରୀ ୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ସୁନ୍ଦରଗଡ ଷ୍ଟାଡିୟମରେ ଜିଲା ସ୍ତରୀୟ ଜନରାଜ୍ୟ ଦିବସ ପାଳନ ପାଇଁ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ବ୍ୟବହାର କରାଯିବାର କାର୍ଯ୍ୟକ୍ରମ ଥିବାରୁ ଏହି ଚୟନ ଶିବିର ତାରିଖକୁ ପରିବର୍ତ୍ତନ କରାଯାଇଛି।

## ଏକମା ହାଇସ୍କୁଲର ବାର୍ଷିକ ଉତ୍ସବ: ପିଙ୍କି ଓ ଅଭୟ ଚାମ୍ପିୟନ

ବଡ଼ଗାଁ, ୯।୧ (ଡି.ଏନ.ଏ)

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି, ଡବ୍ଲୁଇଓ ଦିଲୀପ କୁମାର ମାଝି, ସ୍କୁଲର ପ୍ରତିଷ୍ଠାତା ସନ୍ତୋଷ କୁମାର ପୁରୋହିତ,ସରପଞ୍ଚ ଚିତ୍ରସେନ ମାଝି, ଗଣେଷରାମ ସିଂ ଠାକୁର, ଲକ୍ଷ୍ମଣ ପୁରୋହିତ, ନୀଳମାଧବ ପୁରୋହିତ, ବୀରବର ମହାକୁଡ, ପ୍ରଫୁଲ୍ଲ କୁମାର ବାରିକ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର କେତେକ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲ ପରିସରରେ ନଳକୂଅ, ପରିତ୍ୟକ୍ତ ଅବସ୍ଥାରେ ୪ ଶ୍ରେଣୀ ଗୃହ ଥିବାରୁ ମରାମତି କିମ୍ବା ନୂତନ ଶ୍ରେଣୀ କୋଠରୀ ନିର୍ମାଣ, ପ୍ରାର୍ଥନା ଗୃହର ଆବଶ୍ୟକତା ଥିବା ଜଣାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ର ଅଭୟ କୁମାର କିଷାନ, ୧୦୦, ୨୦୦, ୪୦୦, ୮୦୦, ୩୦୦୦ମିଟର ଦୌଡ଼, ଲମ୍ଫଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିଲେ। ବାଳିକା ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ପିଙ୍କି ମାଝି ୬ଶହ ମିଟର ଦୌଡରେ ପ୍ରଥମ, ଲମ୍ଫଡିଆଁରେ ତୃତୀୟ, ଡିସକସ ଥ୍ରୋ, ସଟପୁଟ ଥ୍ରୋରେ ପ୍ରଥମ ସ୍ଥାନ ପାଇ ଚାମ୍ପିୟନ ହୋଇଛନ୍ତି। ବେଷ୍ଟ ସ୍କାଉଟ କେଡେଟ ସୋହନଶୀଳ ଡୁଙ୍ଗଡୁଙ୍ଗ, ବେଷ୍ଟ ଜେଆରସି ମାନିନୀ ମହାକୁଡ, ଉତ୍ତମ ଉପସ୍ଥାନରେ ଗିଲିନ ମିଞ୍ଜ, ସୁବ୍ରତ କେର୍କେଟା ଓ ବେଷ୍ଟ କେବିନେଟ ଭାବେ ସାମନ୍ତ ଭିତ୍ରିଆଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଗଣେଶ ବାରିକ ମଞ୍ଚ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ଦୀପ ପ୍ରଜ୍ଜଳନ କରି ଉତ୍ସବ ଆରମ୍ଭ କରୁଛନ୍ତି।

## ବନ୍ଧପାଲି-କିଞ୍ଜିରିକେଲା ରାସ୍ତା ମରଣଯନ୍ତା

- କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କାମ ନିମ୍ନମାନର

ସୁନ୍ଦରଗଡ଼, ୯।୧ (ଡି.ଏନ୍.ଏ.)

କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବନ୍ଧପାଲି -କିଞ୍ଜିରିକେଲା ପୂର୍ତ୍ତବିଭାଗ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହ ସରସ୍ୱତୀ ନାଳା ଉପରେ ନିର୍ମିତ ପୋଲ ପିଚୁ ଓ କଂକ୍ରିଟ ଫାଟି ଗର୍ତ୍ତ ସୃଷ୍ଟି ହୋଇଛି। ରାଜ୍ୟ ପାଣ୍ଠିରୁ ୩୧୯କୋଟି ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତା ନିର୍ମାଣର ୪ବର୍ଷ ନ ଯାଉଣୁ ଏଭଳି ଅବସ୍ଥା ନେଇ ନିମ୍ନମାନର କାର୍ଯ୍ୟ ଓ ବିଭାଗର ଠିକାଦାର ପ୍ରୀତି ପଦାରେ ପଡିଛି। ଏହି ରାସ୍ତା ଉପରେ ବାଲିଯୋରି, କିଆକଛାର, ଆଠକୋଶିଆ ରାସ୍ତା ଦେଇ ଅଲାପକା, ଟାଙ୍ଗରମୁଣ୍ଡା, ତେଲେନଡିହି, ସାନପତ୍ରାପାଲି, ରତନପୁର, ଖୁଣ୍ଟ ଗାଁ, ଅଲେଇକେରା, ପାତକୀଯୋର, କୁଲବା, ବାଙ୍କୀବାହାଲ, ଟେଡଙ୍ଗାମୁହାଣ, ଲେମଲେମା, ବିରକାଲଡିହି, ବେହେରାଡିହି, ଦାଣ୍ଡପାଣି, କିଞ୍ଜିରିକେଲା ଆଦି ୩୦ଖଣ୍ଡ ଗ୍ରାମର ଲୋକଙ୍କ ସମେତ ପଡୋଶୀ ଛତିଶଗଡ ରାଜ୍ୟର ଜନସାଧାରଣ ନିର୍ଭର କରିଥାଆନ୍ତି। ହେଲେ ବର୍ତ୍ତମାନ ଏହି ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା, ଦବିଯିବା ଓ ପୋଲ ଉପରେ ଫାଟ ସୃଷ୍ଟି ହେବାରୁ ଯାନବାହନ ଯାତାୟତରେ ବାଧା ସୃଷ୍ଟି ହେଉଛି। ପୂର୍ବରୁ ଏହି ପୋଲ ଉପରେ ଫାଟ ହେବା କାରଣରୁ ରାତାରାତି ଏହା ଉପରେ ପିଚୁ କରାଯାଇ ସମ୍ପୃକ୍ତ ଠିକାସଂସ୍ଥାର ନିମ୍ନମାନର କାର୍ଯ୍ୟକୁ ସେତେବେଳେ ଲୁଚାଇବାକୁ ଚେଷ୍ଟା କରାଯାଇଥିଲା। ବର୍ତ୍ତମାନ ପୁଣି ଏହି ପୋଲ ଉପରେ ଫାଟ ସୃଷ୍ଟି ହୋଇଛି। ଏଣୁ ଏ ଦିଗରେ ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।


ରାସ୍ତା ଉପରେ ଫାଟ ସୃଷ୍ଟି ହୋଇଛି।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।

- ଗୁରୁ ନାନକ



## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବ୍ରଜରାଜନଗର,୯।୧(ଡି.ଏନ.ଏ.): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅଧକ୍ଷ ରଘୁନାଥ ପାତ୍ରଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ସାମାଜିକ କର୍ମୀ ଉପନ ସାହୁ ଓ ସୁଶୀଲ ପୁରୋହିତ ଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷାର ଉପକାରିତା ଉପରେ କହିଥିଲେ। ଏହି ଅବସରରେ ଅତିଥିମାନେ ତାଲିମ ନେଇଥିବା ୧୨୮ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସୁଫଳ ଦାଶ ଶିବିର ଆୟୋଜନର ନେତୃତ୍ୱ ନେଇଥିବା ବେଳେ ସମସ୍ତ ଅଧାପକ ଏବଂ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଚୋରି ଅଭିଯୋଗରେ ୩ ଗିରଫ

ବ୍ରଜରାଜନଗର,୯।୧(ଡି.ଏନ.ଏ.): ଚୋରି ଅଭିଯୋଗରେ ବ୍ରଜରାଜନଗର ଥାନା ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଙ୍ଗାନଗର ଅଞ୍ଚଳର ମହମ୍ମଦ ବାବୁ(୨୮), ମହମ୍ମଦ ମଞ୍ଜୁର ଆଲମ(୨୬), ମହମ୍ମଦ ଇରିବାଜ୍(୨୫)। ମିଳିଥିବା ସୂଚନା ମୁତାବକ, ବ୍ରଜରାଜନଗର ଥାନା ଅଞ୍ଚଳରେ ବନ୍ଦ ହୋଇପଡିଥିବା ଓରିଏଣ୍ଟ ପେପର ମିଲରୁ ଗତ ୭ ତାରିଖରେ କପର ତାର ଚୋରି ହୋଇଯାଇଥିଲା। ଏନେଇ ମିଲ୍ କର୍ତ୍ତୃପକ୍ଷ ୮ ତାରିଖରେ ବ୍ରଜରାଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ପରେ ୩ଜଣ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ତାଙ୍କଠାରୁ ଚୋରି ତାର ଜବତ କରିଥିବା ଜଣାପଡିଛି।

### ବ୍ରଜରାଜନଗର କଲେଜର ବାର୍ଷିକ କ୍ରୀଡ଼ା

ବ୍ରଜରାଜନଗର,୯।୧(ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ସଚ୍ଚିଦାନନ୍ଦ ବକ୍ସି ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଟହଲୁ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ୪୦ଟି ପ୍ରତିଯୋଗିତାରେ ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଯୁକ୍ତ ୨ ବାଳିକା ବର୍ଗରେ ଅଞ୍ଜଳୀ ରାୟ, ବାଳକ ବର୍ଗରେ ଅଣ୍ଟୁ ମୁଣ୍ଡା, ଯୁକ୍ତ ୩ ବାଳିକା ବର୍ଗରେ ଶିଲ୍ପା ଭାଇନା, ବାଳକ ବର୍ଗରେ ଲେନିନ ବଡ଼ାଇ ଚାମ୍ପିୟନ ହୋଇଥିଲେ। ଅଧାପକ ସୁପ୍ରକାଶ ଚୌଧୁରୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଦେଇଥିବା ବେଳେ ଡ. ରତ୍ନପୂର୍ଣ୍ଣା ମହାନ୍ତି, ମୋନାଲିସା ଦାଶ, ଅଖିଳ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ବିରୋଧ, ଜେଏନ୍‌ୟୁ ଘଟଣାର ପ୍ରତିବାଦ

# ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ରାଉରକେଲା ଅଫିସ,୯। ୧**

କେନ୍ଦ୍ର ନେତୃତ୍ୱାଧିନ ମୋଦି ସରକାରଙ୍କ ଜନମାରଣ ନୀତି ବିରୋଧରେ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଉଦିତନଗର ଆମ୍ବେଦକର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଏଥିସହ କୁଶ ପୁତ୍ତଳିକା ଦାହ କରିଥିଲେ ସଙ୍ଗଠନ କର୍ମକର୍ତ୍ତା। ଯୁବ ନେତା ପ୍ରବୋଧ ଦାସ ଓ ଛାତ୍ର ନେତା ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ ଯେ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଯେଉଁଭଳି ଭାବେ ଯୋଜନାବଦ୍ଧ ଭାବେ ଛାତ୍ରୀଛାତ୍ରଙ୍କ ଉପରେ ସଙ୍ଗଠିତ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଂଶ୍ଳିଷ୍ଟ ଥିବା ସ୍ପଷ୍ଟ ଅନୁମାନ କରାଯାଇଛି। ବାରମ୍ବାର ଏହି ଶିକ୍ଷାନୁଷ୍ଠାନରେ ଗଣ୍ଡଗୋଳ ଘଟିବା ଓ ନିରୀହଙ୍କ ଉପରେ ଆକ୍ରମଣ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଥିଲେ ଛାତ୍ର କଂଗ୍ରେସ ନେତୃମଣ୍ଡଳୀ। ଏଭଳି ଅମାନୁଷିକ ଅକ୍ରମଣ ଓ ଅରାଜକତାକୁ କେବେ ବରଦାସ୍ତ କରାଯିବନି ବୋଲି କୁହାଯାଇ ଥିଲା। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ଶିବୁ ଦୀପ, ପ୍ରସନ୍ନ ବଳିଆର ସିଂ, ଛାତ୍ର ନେତା ସଦାନନ୍ଦ ଅହମ୍ମଦ, କଲ୍ୟାଣୀ ପୂର୍ତ୍ତୀ, ମଧୁସୂଦନ ଭୂଇନା, ଶେଖର ଦାସ, ଜ୍ଞାନେନ୍ଦ୍ର ଦାସ, ବିଶ୍ୱରଞ୍ଜନ ରାଉତ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତିର ତୀବ୍ର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନ, ସନ୍ତୋଷ ବିଶ୍ୱାଳ, କୈଳାସ ସାହୁ, କୀର୍ତ୍ତନ ଦାସ, ନାରୀ ନେତ୍ରୀ ବ୍ରିନ୍ଦା ପ୍ରସାଦ, ବୁଲୁ ଦାସ, ରାଜା ନାୟକ ଓ ସୁଶୀଲ ରଣାଙ୍କ ସମେତ ଶତାଧିକ ଯୁବ ଛାତ୍ର ଏଥିରେ ଉପସ୍ଥିତ ଥିଲେ।




ଉଦିତନଗର ଆମ୍ବେଦକର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ବେକରେ ଫାଶି ଲଗାଇ ଆତ୍ମହତ୍ୟା

**ରାଉରକେଲା ଅଫିସ, ୯। ୧**

ଜଲଦା ଫାଣ୍ଡି ଅନ୍ତର୍ଗତ ଉପର ବାଲିଯୋଡି ଅଞ୍ଚଳ ବାସିନ୍ଦା ଅନୁପ କୁଲୁ(୨୨) ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଖବର ମିଳିଛି। ଗତ ମଙ୍ଗଳବାରଠୁ ଅନୁପ ଘରୁ ନିଖୋଜ ଥିଲେ। ତାଙ୍କ ମୃତ ଶରୀର କଂସର ଅଞ୍ଚଳରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ଉଦ୍ଧାର କରାଯାଇଛି।ଏ ନେଇ ଜଲଦା ପୋଲିସ ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ଡିଗ୍ରୀ କଲେଜରେ ନାରୀବାଦ ଶୀର୍ଷକ ଆଲୋଚନା

**ତୁଣ୍ଡଲା,୯।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ନାରୀବାଦ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ଅଧାପକ ଘନଶ୍ୟାମ ସାହୁ ଯୋଗଦେଇ ସାମ୍ପ୍ରତିକ ନାରୀ ସମସ୍ୟା ଓ ନିରାକରଣ ଉପରେ ଆଲୋକପାତ କରିଥିଲେ।

## ଜିଲା ଆଇନ ସେବା ପ୍ରାଧିକରଣ ହସ୍ତକ୍ଷେପ

### ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ସହ ପୁନଃମିଳନ ହୋଇଥିବା ପତି ପତ୍ନୀ।

ସୁନ୍ଦରଗଡ, ୯।୧ (ଡି.ଏନ୍.ଏ.) –ଦୀର୍ଘ ୨ବର୍ଷ ଧରି ପରସ୍ପର ଠାରୁ ଅଲଗା ହୋଇ ରହୁଥିବା ଦମ୍ପତିଙ୍କୁ ଜିଲା ଆଇନ୍ ସେବା ପ୍ରାଧିକରଣ ଆପୋଷ ମିଳାମିଶା ମାଧ୍ୟମରେ ଉଭୟ ପତି ପତ୍ନୀଙ୍କ ପୁନଃମିଳନ ଘଟିଛି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ମସ୍ନିକାନୀ ତିଲିଙ୍ଗାପାଲି ଗ୍ରାମର ଜ୍ୟୋତ୍ସ୍ନା ରୋହିଦାସ ଓ ସ୍ୱାମୀ କରୁଣାକର ରୋହିଦାସଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିଲା। ତାଙ୍କର ୨ଟି ସନ୍ତାନ ଥିବାବେଳେ ଉଭୟ ଗତ ୨ବର୍ଷ ଧରି ପରସ୍ପରଠାରୁ ଅଲଗା ରହିଆସୁଥିଲେ। ଏହି ଘଟଣା ସମ୍ପର୍କରେ ସୁନ୍ଦରଗଡ଼ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କ ନିକଟରେ ଅଭିଯୋଗ ହେବା ପରେ ସଚିବ ବିମଲ ରାଉଳ ଉଭୟଙ୍କୁ ଡକାଇ ଏହାର ଆପୋଷ ସମାଧାନ କରିଥିଲେ। ଉଭୟ ସ୍ୱାମୀ ସ୍ତ୍ରୀ ଅଲଗା ନ ରହି ଏକାଠି ରହି ସ୍ୱାମୀ ପଇସାରେ ସୁରୁଖୁରୁରେ ଚଳି ପିଲାମାନଙ୍କ ଭବିଷ୍ୟତ ଗଢିବାକୁ ପରାମର୍ଶ ଦେଇଥିଲେ। ଆଇନ ସେବା ପ୍ରାଧିକରଣ ନଜରକୁ ଏହି ପରି ଭାଙ୍ଗି ଯାଉଥିବା ପରିବାର ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଗଲେ ଏଭଳି ମାମଲା ଗୁଡିକ ମାଗଣାରେ ଆପୋଷ ସମାଧାନ ହୋଇପାରିବ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।



ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ସହ ପୁନଃମିଳନ ହୋଇଥିବା ପତି ପତ୍ନୀ।

## ଗିଲିଦଣ୍ଡାକୁ ନୂଆ ପରିଚୟ ଦିଆଯିବ

**ରାଉରକେଲା ଅଫିସ,୯। ୧**

ପୌରାଣିକ ସମୟରୁ ଗୁଲି ଦଣ୍ଡା ଖେଳକୁ ରାଜ୍ୟରେ ପରିଚିତ କରାଇବା ନେଇ ପ୍ରୟାସ ଆରମ୍ଭ କରାଯାଇଛି। ବହୁ ପ୍ରାଚୀନ ଏହି ଖେଳର ପୁନରୁଦ୍ଧାର ନେଇ ଜାତୀୟ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଓଡିଶାରେ ଏହାର ସ୍ଥିତି ରକ୍ଷା ନେଇ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ବରିଷ୍ଠ କାର୍ଯ୍ୟକର୍ତ୍ତା ଦାୟିତ୍ୱ ନେଇଥିବା ବିଭୂତି ଗୁପ୍ତା ପ୍ରକାଶ କରିଛନ୍ତି। ଭାରତୀୟ ଗିଲି ଦଣ୍ଡା ମହାସଂଘ ସଭାପତି ସୋନି ଭାରତଙ୍କ କହିବାନୁସାରେ ଓଡିଶାରେ ଏକଦା ଏହି ଖେଳର ଚାହିଦା ଦେଶବାସୀଙ୍କୁ ଆକର୍ଷଣ କରିଥିଲା। ଏଣୁ ଏହାର ପୁନରୁଦ୍ଧାର ନେଇ ଓଡ଼ିଶା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏହାର ପ୍ରଚାର ପ୍ରସାର ନେଇ ଉପେନ୍ଦ୍ର ସିଂଙ୍କୁ ରାଜ୍ୟ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଓଡ଼ିଶାର କୋଣ ଅନୁକୋଣରେ ଗୁଲି ଦଣ୍ଡା ଖେଳକୁ କିପରି ଲୋକ ପ୍ରିୟ କରାଯାଇ ପାରିବ ସେ ଦିଗରେ ସମସ୍ତ ପଦକ୍ଷେପ ନିଆଯିବ। ଆଜିର ଯୁବ ପିଢି ମୋବାଇଲ ମାୟାରେ ଛନ୍ଦି ହୋଇ ହୋଇ ପାରମ୍ପରିକ ଖେଳକୁ ଭୁଲିଥିବା ବେଳେ ଏନେଇ ସଚେତନତା ସୃଷ୍ଟି କରାଯିବ। ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ମଧ୍ୟ ଏକଦା ଗିଲି ଦଣ୍ଡା ଖେଳା ଯାଇଥିବା ନଜିର ରହିଛି। ତାଙ୍କର ଏହି ପ୍ରିୟ ଖେଳକୁ ଉଜ୍ଜିବୀତ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ସିଂ ପ୍ରକାଶ କରିଛନ୍ତି। ଖୁବଶୀଘ୍ର ଏନେଇ ରାଜ୍ୟ ସ୍ତରରେ ଅଭିଯାନ ଆରମ୍ଭ କରାଯିବ। ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ସିଂ।




ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଉନାମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକରେ ବୁଧବାର ବିଭିନ୍ନ ବିଭାଗର ଅଧିକାରୀ, ବିଡ଼ିଓ ଏବଂ ଅନ୍ୟମାନେ ଉପସ୍ଥିତ।

## ଜେବିସିଏ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା

**ବ୍ରଜରାଜନଗର,୯।୧ (ଡି.ଏନ.ଏ.)**

ସ୍ଥାନୀୟ ସାନଯୋବ କ୍ରିକେଟ ପଡ଼ିଆରେ ଜୟ ବଜରଙ୍ଗ କ୍ରିକେଟ ଆସୋସିଏଶନ ପକ୍ଷରୁ ଚତୁର୍ଥ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ୮ଟି ଦଳର ଖେଳ ପରେ ଖଲିଆକାନୀ ଦଳ ଓ ହିମହିରି ଦଳ ସେମି ଫାଇନାଲ ଖେଳିକୁ ଉନ୍ନୀତ ହୋଇଛି। ବିଜୟ ସାହୁ, ଅନିରୁଦ୍ଧ କେୱଟ, ଜିତେନ ପଟେଲ ଓ ବବଲୁ ବେହେରା ଖେଳ ପରିଚାଳନା କରିଥିଲେ ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ଦୁଇ ଦିନିଆ ସପ୍ତମ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ୧୧ରୁ

**ରାଉରକେଲା ଅଫିସ, ୯।୧**

ଆସନ୍ତା ୧୧ରୁ ଦୁଇ ଦିନିଆ ସପ୍ତମ ମଣ୍ଡଳ ସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ସେକ୍ଟର– ୫ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏଥିରେ କର୍କଟ ଓ ସଂକଟ ଶ୍ରୀର୍ଷକ ସଚେତନତା କର୍ମଶାଳାରେ ବହୁ ଉଦୀୟମାନ ଡାକ୍ତର ଓ ସାମାଜିକ କାର୍ଯ୍ୟକର୍ତ୍ତା ଭାଗ ନେଇ ସମ୍ବୋଧିତ କରିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ କର୍କଟ ଓ ଏହାର ସଂକଟ ନେଇ ଯେଉଁ ଆଲୋଚନା କରାଯିବ ତାର ଉପାଦେୟତା ଖୁବ ବେଶି ବୋଲି ଏଥିରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ପ୍ରକାଶ କରିଥିଲେ। ବିଜ୍ଞାନ ଓ ଆଧାତ୍ମିକତାର ସମନ୍ୱୟରେ ଏଭଳି ମାରାତ୍ମକ ରୋଗକୁ ଆମେ କିପରି ମୁକାବିଲା କରି ପାରିବା ସେ ନେଇ ଏହାର ସହଜ ସାଧ ଉପାୟ ଅବଲମ୍ବନ ଦିଗରେ ଆଲୋଚନା କରାଯିବ। ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳାରେ ଦେଶ ବିଦେଶରୁ ବହୁ ଲବ୍ଧ ପ୍ରତିଷ୍ଠିତ ଡାକ୍ତର ଯୋଗଦାନ କରିବେ। ସହରବାସୀ ଏହି ଆଲୋଚନା ସଭାରେ ଯୋଗ ଦେଇ କର୍କଟ ରୋଗ ଭଳି ଦୁରାରୋଗ୍ୟ କିପରି ମୁକାବିଲା କରିବେ ସେ ଦିଗରେ ସବିଶେଷ ଆଲୋଚନା କରାଯିବ ବୋଲି କୁହାଯାଇଛି।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ବାରିକ ସମିତି ଶାଖା ବୈଠକ

**ରାଉରକେଲା ଅଫିସ,୯। ୧**

ହନୁମାନ ବାଟିକା ପରିସରରେ ନିଖିଳ ଉତ୍କଳ ବାରିକ ସମିତି ରାଉରକେଲା ଶାଖା ବୈଠକ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ସଭାପତି କୁମାର ଗୌତମ ବାରିକ, ସମ୍ମାନିତ ଅତିଥି ଜିଲା ସମ୍ପାଦକ ବାସୁଦେବ ବାରିକ ଯୋଗ ଦେଇଥିଲେ। ରାଉରକେଲା ସଭାପତି ରାଜେନ୍ଦ୍ର ବାରିକ ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ସୁକାନ୍ତ ବାରିକ ପରିଚୟ ପ୍ରଦାନ କରି ବୈଠକର ଅଭିମୂଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ବାରିକ ସମାଜର ବହୁବିଧ ସମସ୍ୟା ଓ ଏହାର ନିରାକରଣ ନେଇ ସବିଶେଷ ଆଲୋଚନା କରିଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ସଙ୍ଗଠନ ଶାଖା ବିସ୍ତାରିତ କରାଯାଇ ଲୋକାଭିମୂଖୀ କାର୍ଯ୍ୟରେ ସାମିଲ ହେବାକୁ ନିସ୍ପତି ନିଆଯାଇ ଥିଲା। ପର୍ଯ୍ୟକ୍ରମରେ ରାଉରକେଲା ଓ ସୁନ୍ଦରଗଡରେ ଜିଲା ସମାବେଶ ଆୟୋଜନ କରାଯାଇ ସମାଜର ନିସ୍ପେସିତ ଲୋକଙ୍କୁ ସହଯୋଗ କରିବାକୁ ନିସ୍ପତି ନିଆଯାଇ ଥିଲା। ସମାଜରେ ସେବକ ଭାବେ ନିଜ ସ୍ଥିତି ସୁଦୃଢ ରଖିଥିବା ବାରିକ ସମ୍ପ୍ରଦାୟ କିପରି ଆଗାମୀ ଦିନରେ କୌଳିକ ବୃତ୍ତିକୁ ବଜାୟ ରଖିବ ସେନେଇ ଆଲୋଚନା କରାଯାଇ ଥିଲା। ସମାଜର ସବୁ ବର୍ଗର ଲୋକେ ଗୋଟିଏ ପତାକା ତଳେ ଏକତ୍ରିତ ହେବାକୁ ଆହ୍ୱାନ ଦିଆଯାଇ ଥିଲା। କାର୍ଯ୍ୟକ୍ରମ ଶେଷରେ ରବିନ୍ଦ୍ର ଠାକୁର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଭାସ୍କର ବାରିକ, ସଞ୍ଜୟ ଠାକୁର, ବେଣୁଧର ଦାସ, ବିଷ୍ଣୁ ବାରିକ, ମନୋଜ ବାରିକ, ରଞ୍ଜିତ ଶର୍ମା, ରାମାବିଳାଶ ଶର୍ମା, ପୂର୍ଣ୍ଣଚନ୍ଦ୍ର ବାରିକ, ରାଜେନ୍ଦ୍ର ଶର୍ମା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।




ନିଖିଳ ଉତ୍କଳ ବାରିକ ସମିତି ରାଉରକେଲା ଶାଖା ବୈଠକରେ ଉପସ୍ଥିତ କର୍ମକର୍ତ୍ତା।